ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ଏପ୍ରିଲ ୨୫/୨୦୨୨ (୧୪ ପୃଷ୍ଠା) | Sambalpur, Monday, April 25/2022 | Page 14 | ₹ 7.00 | ★★
୧୮ଶ ଭାଗ ୧୨୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-


# ସ୍ତ୍ରୀ, ଶାଳୀଙ୍କୁ ହତ୍ୟା

*ପାରିବାରିକ କଳହକୁ ନେଇ ଆଉ ଏକ ବୀଭତ୍ସ କାଣ୍ଡ ଘଟିଛି ରାଜଧାନୀ ଭୁବନେଶ୍ୱରରେ। ନିକଟରେ କଟକ ଜିଲା ମାହାଙ୍ଗା ବ୍ଲକ କୁସୁପୁରରେ ଜଣେ ବ୍ୟକ୍ତି ଜମି ବିବାଦରୁ ବଡ଼ଭାଇ, ଭାଉଜ, ଝିଆରୀ ଓ ଦୁଇ ପୁତୁରା ଆଦି ୫ଜଣଙ୍କୁ ହତ୍ୟା କରିବା ଘଟଣା ମନରୁ ନ ଲିଭିଣୁ ଭୁବନେଶ୍ୱରରେ ଘଟିଛି ଡବଲ ମର୍ଡର। ଜଣେ ଏସି ମେକାନିକ ତାଙ୍କ ସ୍ତ୍ରୀ ସମେତ ଶାଳୀଙ୍କୁ ହାଣି ହତ୍ୟା କରିବା ପରେ ୩ ଦିନ ଧରି ମୃତଦେହ ଲୁଚାଇ ରଖିଥିଲେ। ରବିବାର ସକାଳେ ଅଭିଯୁକ୍ତଙ୍କୁ ଧରାଯିବା ପରେ ଏହି ଜଘନ୍ୟ ଘଟଣା ପଦାକୁ ଆସିଛି। କୌଣସି ସନ୍ତାନ ଜନ୍ମ ହେଉ ନ ଥିବାରୁ ନପୁଂସକ କହି ସ୍ତ୍ରୀ ଓ ଶାଳୀ ତାଙ୍କୁ ନିର୍ଯାତନା ଦେଉଥିଲେ। ତେଣୁ ସେମାନଙ୍କୁ ଅଭିଯୁକ୍ତ ମାରି ଦେଇଥିବା ତାଙ୍କ ହାତଲେଖା ଚିଠିରୁ ଜଣାପଡ଼ିଛି।*

## ତିନି ଦିନ ଧରି ଲୁଚାଇ ରଖିଥିଲେ

- ପାରିବାରିକ କଳହର ଜଘନ୍ୟ ପରିଣତି
- ଚିଠିରେ ନିର୍ଯାତନାର କାହାଣୀ
- ଅଭିଯୁକ୍ତ ସ୍ୱାମୀ ଗିରଫ, ସୋମବାର ହେବେ କୋର୍ଟ ଚାଲାଣ

**ଭୁବନେଶ୍ୱର,୨୪।୪(ବ୍ୟୁରୋ)**

ଭୁବନେଶ୍ୱରର ଚନ୍ଦ୍ରଶେଖରପୁର ଥାନା ହାଉସିଂବୋର୍ଡ ଇଡବ୍ଲ୍ୟୁଏସ୍ ୨୩/୨ କ୍ୱାର୍ଟର୍ସରେ ଗତ ଗୁରୁବାର ଘଟିଛି ଡବଲ୍ ମର୍ଡର। ସେଠାରେ ଭଡ଼ାରେ ରହିଆସୁଥିବା କେନ୍ଦ୍ରାପଡ଼ା ଜିଲା ପାଟକୁରା ଅଞ୍ଚଳର ବିଜୟକେତନ ସେଠୀ ତାଙ୍କ ସ୍ତ୍ରୀ ଗାୟତ୍ରୀ ସେଠୀ ଏବଂ ଶାଳୀ ସରସ୍ୱତୀ ସେଠୀଙ୍କୁ କୌଣସି ଧାରୁଆ ଅସ୍ତ୍ରରେ ହାଣି ହତ୍ୟା କରିବା ପରେ ତାହାକୁ ଲୁଚାଇବାକୁ ଚେଷ୍ଟା କରିଛନ୍ତି। କିନ୍ତୁ ଗାୟତ୍ରୀ ଓ ସରସ୍ୱତୀଙ୍କ ମୋବାଇଲ ଫୋନ ସୁଇଚ୍ ଅଫ୍ ହେବା ଏବଂ ସେମାନଙ୍କ ସମ୍ପର୍କରେ ବାପଘର ଲୋକଙ୍କୁ ଭଲଭାବେ ସୂଚନା ନ ଦେଇ ବିଜୟ ନାଟକୀୟ ଢଙ୍ଗରେ ଧରାପଡ଼ିଛନ୍ତି। ରବିବାର ତାଙ୍କର ସବୁ କାରନାମା ଧରାପଡ଼ିବା ସହ ଚନ୍ଦ୍ରଶେଖରପୁର ଥାନା ପୋଲିସ ତାଙ୍କୁ ଗିରଫ କରିଛି। ଏହାସହ ଉକ୍ତ ଭଡ଼ାଘରୁ ଗାୟତ୍ରୀ ଓ ସରସ୍ୱତୀଙ୍କ ମୃତଦେହକୁ ଜବତ କରିଛି। ମୃତ୍ୟୁକୁ ୩ ଦିନ ବିତିଯାଇଥିବାରୁ ଶରୀରରେ ଫୋଟକା ହୋଇ ପଚାଗନ୍ଧ ବାହାରୁଛି। ଘଟଣାସ୍ଥଳରୁ ପୋଲିସ କୌଣସି ମାରଣାସ୍ତ୍ର ଜବତ କରିନାହିଁ। ହତ୍ୟାକାଣ୍ଡରେ ଟାଙ୍ଗିଆ ଭଳି କୌଣସି ମାରଣାସ୍ତ୍ର ବ୍ୟବହାର କରାଯାଇଥିବା ପୋଲିସ କହିଛି। ସାଇଣ୍ଟିଫିକ୍ ଟିମ୍ ବିଭିନ୍ନ ନମୁନା ଓ ଫିଙ୍ଗର୍ ପ୍ରିଣ୍ଟ ସଂଗ୍ରହ କରିଛି। ଏଥିସହ ସାଇଣ୍ଟିଫିକ୍ ଟିମ୍ ଉକ୍ତ ଭଡ଼ାଘରୁ ବିଜୟଙ୍କ ଏକ ହାତଲେଖା ଚିଠି ଜବତ କରିଛି। ସେଥିରେ ସ୍ତ୍ରୀ ଓ ଶାଳୀ ନିର୍ଯାତନା ଦେଉଥିବାରୁ ତାଙ୍କୁ ହତ୍ୟା କରିଥିବା ବିଜୟ ଲେଖିଛନ୍ତି। ଥାନା ହାଜତରେ ବିଜୟଙ୍କୁ ବିଭିନ୍ନ ଦିଗକୁ ନେଇ ପୋଲିସ ପଚରାଉଚରା କରିବା ସହ ଏକ ହତ୍ୟା ମାମଲା (ନଂ. ୧୪୪/୨୦୨୨) ରୁଜୁ କରିଛି। ଜୋନ୍-୬ ଏସିପି ରମେଶ ଚନ୍ଦ୍ର ବିଶୋଇ କହିଛନ୍ତି, ଘରୋଇ ଝଗଡ଼ାରେ ବଡ଼ ଭଉଣୀଙ୍କୁ ସାନ ଭଉଣୀ ସହଯୋଗ କରୁଥିଲେ। ବିଭିନ୍ନ କାରଣକୁ ନେଇ ଉଭୟେ ବିଜୟଙ୍କୁ ମାନସିକ ନିର୍ଯାତନା ଦେଉଥିଲେ। ଏଥିପାଇଁ ହିଁ ହତ୍ୟାକାଣ୍ଡ ଘଟିଛି। ଏହି ମାମଲାରେ ବିଭିନ୍ନ ଦିଗକୁ ନେଇ ତଦନ୍ତ କରାଯାଉଥିବା ଏସିପି କହିଛନ୍ତି।



ଅଭିଯୁକ୍ତ ବିଜୟକେତନ ସେଠୀ

ମିଳିଥିବା ସୂଚନା ଅନୁଯାୟୀ, ବିଜୟ ଭୁବନେଶ୍ୱରରେ ଦୀର୍ଘଦିନରୁ ଏସି ମେକାନିକ୍ ଭାବେ କାମ କରନ୍ତି। ସେ ୨୦୧୧ରେ କଟକ ଜିଲା ନିଶ୍ଚିନ୍ତକୋଇଲି ଅଞ୍ଚଳର ସୁଦାମ ସେଠୀଙ୍କ ବଡ଼ ଝିଅ ଗାୟତ୍ରୀଙ୍କୁ ବିବାହ କରିଥିଲେ। ☞ପୃଷ୍ଠା-୨

# ଲାଲ୍‌ଚାନ୍ଦ୍‌ର ନୂଆ ସୋରୁମ୍ ଖୋଲିଲା ବ୍ରହ୍ମପୁରରେ



ଓଡ଼ିଶାର ପ୍ରିୟ ଅଳଙ୍କାର ପ୍ରତିଷ୍ଠାନ ଲାଲ୍‌ଚାନ୍ଦ୍ ଜୁଏଲର୍ସ ଅକ୍ଷୟ ତୃତୀୟାର ଶୁଭ ଅବସର ପୂର୍ବରୁ ବ୍ରହ୍ମପୁରରେ ଏକ ବିଶାଳ ସୋରୁମ୍‌ର ଉଦ୍‌ଘାଟନ କରିଛନ୍ତି । ଓଡ଼ିଆ ଚଳଚ୍ଚିତ୍ର ଅଭିନେତ୍ରୀ ତଥା ଲାଲ୍‌ଚାନ୍ଦ୍‌ର ବ୍ରାଣ୍ଡ ଆମ୍ବାସଡର ଭୂମିକା ଦାସ ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେଇଛନ୍ତି ।

ଧର୍ମନଗର, ମୌଜା- ଅଳକାପୁରର ସିଦ୍ଧି ବିନାୟକ ଟାୱାରରେ ଅବସ୍ଥିତ ଏହି ବିଳାସପୂର୍ଣ୍ଣ ସୋରୁମ୍ ସିଲ୍କ ସହର ବ୍ରହ୍ମପୁରର ଅଳଙ୍କାର ଦୃଶ୍ୟପଟରେ ଅନେକ ପରିବର୍ତ୍ତନ ଆଣିବ ବୋଲି ଆଶା । କାରଣ ବିଗତ ବହୁ ଦଶନ୍ଧି ଧରି ଭୁବନେଶ୍ୱର ଓ କଟକ ସ୍ଥିତ ଲାଲ୍‌ଚାନ୍ଦ୍ ଷ୍ଟୋର୍‌ସବୁ ଯେପରି ଗ୍ରାହକମାନଙ୍କୁ ବିଶ୍ୱସ୍ତରୀୟ ଅନୁଭୂତି ପ୍ରଦାନ କରୁଛି, ଏଠାରେ ମଧ୍ୟ ଗ୍ରାହକମାନେ ସେଭଳି ଅନୁଭୂତି ପାଇପାରିବେ । ଏଠାରେ ଗୋଟିଏ ଛାତ ତଳେ ଗ୍ରାହକମାନେ ସ୍ୱର୍ଣ୍ଣ ଅଳଙ୍କାର, ହୀରା ଅଳଙ୍କାର, ପ୍ଲାଟିନମ୍ ଅଳଙ୍କାର, ରୌପ୍ୟ ଅଳଙ୍କାର, ରୂପା ତାରକସୀ କାରିଗରୀ, ରୂପା ବାସନ, ଲକ୍‌ଜରୀ ଆଇଟମ୍ ଯେପରିକି, ବ୍ରାଣ୍ଡେଡ୍ ହାତଘଣ୍ଟା, ପେନ୍, ଅନ୍ୟାନ୍ୟ ଉପହାର ସାମଗ୍ରୀ ଇତ୍ୟାଦି ପାଇପାରିବେ । ଶତାଧିକ ଲୋକଙ୍କ ପାଇଁ ଏହି ଷ୍ଟୋର୍ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୃଷ୍ଟି କରିବ । ଷ୍ଟୋର୍‌ର ଉଦ୍‌ଘାଟନ ଅବସରରେ ଲାଲ୍‌ଚାନ୍ଦ୍ ପରିବାର ତରଫରୁ କୁହାଯାଇଛି ଯେ, "ଗତ ୩୦ ବର୍ଷ ଧରି ଆମେ ଜାଣିଛୁ ଯେ, ବ୍ରହ୍ମପୁରର ଲୋକମାନେ ଆମପାଇଁ କେତେ ଗୁରୁତ୍ୱପୂର୍ଣ୍ଣ । ଆପଣମାନଙ୍କ ପାଖରେ ପହଞ୍ଚିପାରିଥିବାରୁ ଆମେ ଖୁବ୍ ଆନନ୍ଦ ଅନୁଭବ କରୁଛୁ ।"

ବ୍ରହ୍ମପୁର ଅଞ୍ଚଳର ଗ୍ରାହକବନ୍ଧୁମାନେ ଲାଲ୍‌ଚାନ୍ଦର ନୂଆ ସୋରୁମ୍ ପାଇଁ ଅନେକଦିନୁ ଇଚ୍ଛା ପ୍ରକାଶ କରିଆସୁଥିଲେ ।





ଏହି ଅବସରରେ ଲାଲ୍‌ଚାନ୍ଦ୍ ଜୁଏଲର୍ସ ବ୍ରହ୍ମପୁର ଷ୍ଟୋର୍‌ରେ ଗ୍ରାହକମାନଙ୍କ ପାଇଁ ବିଶେଷ ରିହାତି ଓ ଉପହାର ଯୋଜନା ମଧ୍ୟ ଆଣିଛନ୍ତି ।

ଉଦ୍‌ଘାଟନୀ ଉତ୍ସବ ଅବସରରେ ବରହମପୁର ସହର ଓ ଆଖପାଖ ଅଞ୍ଚଳର ଅନେକ ବ୍ୟକ୍ତିବିଶେଷ ଉପସ୍ଥିତ ହୋଇ ଲାଲ୍‌ଚାନ୍ଦ୍‌ର ନୂଆ ସୋରୁମ୍ ପରିଦର୍ଶନ କରିବା ସହିତ ସପିଂ କରିଥିଲେ । ନିଜ ମତାମତ ରଖି ଟି. ଶକୁନ୍ତଳା କହିଲେ, ଆମେ ଅନେକ ଦିନୁ ଆଶା କରୁଥିଲୁ ଆମ ସହରରେ ଏଭଳି ଏକ ବୃହତ ଅଳଙ୍କାର ସୋରୁମ୍ ଖୋଲୁ । ଆଜି ଲାଲ୍‌ଚାନ୍ଦ୍ ଆମ ସହରରେ ପହଞ୍ଚିଥିବାରୁ ଆମେ ଖୁବ୍ ଖୁସି । ଲାଗୁଛି ଯେମିତି ଆମର ସ୍ୱପ୍ନ ସାକାର ହୋଇଛି ।

ପ୍ରକାଶ ରଥ କହିଲେ- ଆମେ ଅଳଙ୍କାର କିଣିବା ପାଇଁ ପ୍ରାୟତଃ ଭୁବନେଶ୍ୱରସ୍ଥିତ ଲାଲ୍‌ଚାନ୍ଦ୍ ସୋରୁମ୍‌କୁ ଯାଇଥାଉ । କିନ୍ତୁ, ଏବେ ଆମକୁ ଆଉ ଏତେ ଦୂର ଯିବାକୁ ପଡ଼ିବ ନାହିଁ । ଲାଲ୍‌ଚାନ୍ଦ୍‌ର ଅଦ୍ୱିତୀୟ ଅଳଙ୍କାର ସମ୍ଭାର ଆମେ ନିଜ ସହରରେ ପାଇପାରିବୁ । ଲାଲ୍‌ଚାନ୍ଦ୍‌ରେ ଯେଭଳି ଅଳଙ୍କାର ଡିଜାଇନ୍ ମିଳିଥାଏ, ସେଭଳି ସାରା ଓଡ଼ିଶାରେ ଆଉ କେଉଁଠି ମିଳେ ନାହିଁ । ଦୀର୍ଘ ବର୍ଷ ଧରି ଆମେ ଲାଲ୍‌ଚାନ୍ଦ୍‌ରୁ ଅଳଙ୍କାର କିଣି ଆସୁଛୁ ।

ତାଙ୍କ ସହ ଆସିଥିବା ଚନ୍ଦ୍ର ଶେଖର ସାହୁ କହିଲେ ସୋରୁମ୍‌ର ସାଜସଜ୍ଜା ଖୁବ୍ ଚମତ୍କାର । ଜଣାପଡୁଛି ଯେମିତି ଆମେ କୌଣସି ମେଟ୍ରୋ ସହରରେ ସପିଂ କରିବାକୁ ଆସିଛୁ । ସୁନାର ଶୁଦ୍ଧତା ଓ ଡିଜାଇନ୍ ପାଇଁ ଲାଲ୍‌ଚାନ୍ଦ୍ ଜୁଏଲର୍ସ ଆମର ଖୁବ୍ ପସନ୍ଦ ।

ରାଜଶ୍ରୀ ପାଣିଗ୍ରାହୀ କହିଲେ, ମୁଁ ଝିଅ ବାହାଘର ପାଇଁ ହାର କିଣିବାକୁ ଆସିଥିଲି । ଅନେକ ସୋରୁମ୍ ବୁଲିବା ପରେ ଝିଅ ପାଇଁ ମନପସନ୍ଦର ଡିଜାଇନ୍ ଲାଲ୍‌ଚାନ୍ଦ୍‌ରେ ହିଁ ମିଳିଲା । ଲାଲ୍‌ଚାନ୍ଦ୍‌ର ଅଳଙ୍କାର ଡିଜାଇନ୍ ଦେଖି ଆମ ପରିବାର ଲାଲ୍‌ଚାନ୍ଦ୍‌ର ଫ୍ୟାନ୍ ହୋଇଯାଇଛୁ ।

ସେହିପରି ଲାଲ୍‌ଚାନ୍ଦ୍‌ର ଡିସ୍‌କାଉଣ୍ଟ ଅଫରକୁ ଖୁବ୍ ପ୍ରଶଂସା କରିଥିଲେ କେ. ରଘୁନାଥ । ସେ କହିଲେ, ଲାଲ୍‌ଚାନ୍ଦ୍‌ର ଗଢ଼ା ମଜୁରୀ ଅନ୍ୟ ସୋରୁମ୍ ତୁଳନାରେ କମ୍ । ତା' ଉପରେ ଲାଲ୍‌ଚାନ୍ଦ୍ ଯେଉଁ ଉଦଘାଟନୀ ରିହାତି ଅଫର ଦେଉଛନ୍ତି, ତାହା ମନକୁ ଖୁବ୍ ଛୁଇଁପାରିଛି ।

ମନୋରମା ପାତ୍ର କହିଲେ, ଆମର କଟକୀ ତାରକସୀ ରୂପା କାରିଗରୀ ଖୁବ୍ ପସନ୍ଦ । ଲାଲ୍‌ଚାନ୍ଦ୍‌ରେ କଟକୀ ତାରକସୀ କାରିଗରୀର ବିଶାଳ ସମ୍ଭାର ବେଶ୍ ମନମୁଗ୍ଧକର ।

LALCHND
Odisha's Most Trusted Jeweller


DSPL-11

ଓଡ଼ିଶା ସରକାର

ମେୟର ଓ ପୌରାଧ୍ୟକ୍ଷମାନଙ୍କ ପାଇଁ "ପୌର ଶାସନ ପ୍ରଣାଳୀ ଏବଂ ଉନ୍ନୟନ ପଦ୍ଧତି" କର୍ମଶାଳା

୨୫ ଓ ୨୬ ଏପ୍ରିଲ ୨୦୨୨
କନ୍‌ଭେନ୍‌ସନ୍ ସେଣ୍ଟର, ଲୋକସେବା ଭବନ



ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ
ଦ୍ୱାରା
ଶୁଭାରମ୍ଭ
୨୫ ଏପ୍ରିଲ ୨୦୨୨

ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗ

OIPR-13001/13/0004/2223

# ୧୪୪ ଧାରା ସତ୍ତ୍ୱେ ବିଜେଡି-ଭାଜପା ମୁହାଁମୁହିଁ

## ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ରୋଷେୟା ମୃତ୍ୟୁ ଘଟଣା

## ୫୦ରୁ ଊର୍ଦ୍ଧ୍ୱ ଗିରଫ

ଝାରସୁଗୁଡ଼ା ଅଫିସ,୨୪।୪


ଝାରସୁଗୁଡ଼ା ସହର ଝଣ୍ଡା ଛକରେ ୨ଗୋଷ୍ଠୀ ମୁହାଁମୁହିଁ।

ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ରୋଷେୟା ଲଳିତ କୁମାର ସାହୁ(୨୨)ଙ୍କ ମୃତ୍ୟୁକୁ ନେଇ ରବିବାର ଝାରସୁଗୁଡ଼ାରେ ବିଜେଡି-ଭାଜପା ମୁହାଁମୁହିଁ ହୋଇଛନ୍ତି। ପୋଲିସ ଉଭୟ ଗୋଷ୍ଠୀର ୫୦ରୁ ଉର୍ଦ୍ଧ୍ୱ ନେତୃବୃନ୍ଦଙ୍କୁ ଗିରଫ କରି ବ୍ୟକ୍ତିଗତ ମୁଚାଲିକାରେ ଛାଡ଼ିଦେଇଛି। ପୋଲିସ ପକ୍ଷରୁ ୧୪୪ ଧାରା ଜାରି ସତ୍ତ୍ୱେ ଦୁଇ ରାଜନୈତିକ ଦଳ ମୁହାଁମୁହିଁ ହୋଇଥିଲେ। ଅପ୍ରୀତିକର ପରିସ୍ଥିତି ଏଡ଼ାଇବା ପାଇଁ ସହରରେ ୨ ପ୍ଲାଟୁନ ଫୋର୍ସ ମୁତୟନ ହୋଇଛନ୍ତି। ପରିସ୍ଥିତି ଶାନ୍ତ ରହିଥିବାବେଳେ ପୋଲିସ ଏହା ଉପରେ ତୀକ୍ଷ୍ଣ ନଜର ରଖିଛି।

ସୂଚନା ଅନୁସାରେ, ମନ୍ତ୍ରୀଙ୍କ ରୋଷେୟା ଲଳିତ ଆତ୍ମହତ୍ୟା କରିଥିବା କୁହାଯାଉଥିବାବେଳେ ଏହା ସୁଚିନ୍ତିତ ହତ୍ୟାକାଣ୍ଡ ଓ ଏଥିରେ ମନ୍ତ୍ରୀଙ୍କ ସମ୍ପୃକ୍ତି ଥିବା ଜିଲା ଭାଜପା ଦାବି କରିଆସୁଛି। ଏ ନେଇ ଜିଲା ଭାଜପା ତରଫରୁ ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ ସହ ତାଙ୍କ ଇସ୍ତଫା ଦାବି କରାଯାଇଛି। ଏହାସହିତ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଏସ୍‌ପି ଅଫିସ ଘେରାଉ କରାଯିବା ସହ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ରୋଷେୟାଙ୍କ ମୃତ୍ୟୁକୁ ୧ସପ୍ତାହ ବିତିଯାଇଥିଲେ ମଧ୍ୟ ମନ୍ତ୍ରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରି ଘଟଣାକୁ ଚାପିଦେବା ପାଇଁ ଉଦ୍ୟମ ହେଉଥିବା ଭାଜପା ଅଭିଯୋଗ କରି ରବିବାର ଝାରସୁଗୁଡା ଟାଉନ ଥାନା ସମ୍ମୁଖରେ ଧାରଣା ଦେବା ପାଇଁ ପୋଲିସ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲା। ଅନ୍ୟପକ୍ଷରେ ମୃତ ରୋଷେୟାଙ୍କ ବାପା ବିରୋଧୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ଥାନାରେ ଦେଇଥିବା ଏତଲା କାର୍ଯ୍ୟକାରୀ କରିବାକୁ ଝାରସୁଗୁଡ଼ା ସଚେତନ ନାଗରିକ ମଞ୍ଚ ମଧ୍ୟ ସମାନ୍ତରାଳ ଭାବେ ଧାରଣା ଦେବା ପାଇଁ ପୋଲିସ ପ୍ରଶାସନକୁ ଜଣାଇଥିଲା। ଏଭଳି ସ୍ଥିତିରେ ଜିଲା ପ୍ରଶାସନ ତରଫରୁ କାହାରିକୁ ଅନୁମତି ଦିଆ ନ ଯାଇ ରବିବାର ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୧୪୪ ଧାରା ଜାରି କରାଯାଇଥିଲା। ଏଥିମଧ୍ୟରେ ଧର୍ମଶାଳା ଛକରୁ ଝଣ୍ଡା ଛକ ପର୍ଯ୍ୟନ୍ତ ନିଷିଦ୍ଧାଞ୍ଚଳ ଘୋଷଣା କରାଯାଇଥିଲା। ପୋଲିସ ତରଫରୁ ଏ ନେଇ ଡାକବାଜି ଯନ୍ତ୍ର ଯୋଗେ ପ୍ରଚାର କରାଯାଇଥିଲା। ଜିଲା ପ୍ରଶାସନର ବାରଣ ସତ୍ତ୍ୱେ ୨ଗୋଷ୍ଠୀ ନିଷିଦ୍ଧାଞ୍ଚଳରେ ପ୍ରବେଶ କରି ମୁହାଁମୁହିଁ ହୋଇଥିଲେ। ଏପରି କି ପରସ୍ପର ମଧ୍ୟରେ ଲାଠି ଓ ଟମାଟୋ ମାଡ଼ ହୋଇଥିଲା। ଏଥିରେ କେତେଜଣ ଭାଜପା କର୍ମୀ ଆହତ ହୋଇଥିବା ଅଭିଯୋଗ ହୋଇଛି। ଘଟଣାସ୍ଥଳରେ ପୋଲିସ୍ ପହଞ୍ଚି ଆନ୍ଦୋଳନକାରୀଙ୍କୁ ଭ୍ୟାନ୍‌ରେ ଉଠାଇନେଇ ଝାରସୁଗୁଡା ଟାଉନ ଥାନା ଓ ଓଏମ୍‌ପି ବାରାକ୍‌ରେ ପୃଥକ୍ ଭାବେ ରଖିଥିଲା। ଆନ୍ଦୋଳନ ସ୍ଥଳରେ ମାଜିଷ୍ଟ୍ରେଟ୍ ଭାବେ ଝାରସୁଗୁଡା ବିଡିଓ ପ୍ରସନ୍ନ ପଟେଲ, ଅତିରିକ୍ତ ଏସ୍‌ପି ଲମ୍ବୋଦର ବୁଡା, ଆଇଆଇସି ଅମିତାଭ ପଣ୍ଡା, ସାରଙ୍ଗଧର ପାଣିଗ୍ରାହୀ ପ୍ରମୁଖଙ୍କ ସମେତ ୨ ପ୍ଲାଟୁନ୍ ଫୋର୍ସ ମୁତୟନ ହୋଇଥିଲେ।

ଏହି ପରିପ୍ରେକ୍ଷୀରେ ଜିଲା ଭାଜପା ପକ୍ଷରୁ ସନ୍ଧ୍ୟାରେ ଏକ ଖବରଦାତା ସମ୍ମିଳନୀ କରାଯାଇ ସ୍ୱାସ୍ଥ୍ୟମନ୍ତ୍ରୀ ଦାସ ଜିଲା ପ୍ରଶାସନ ଓ ପୋଲିସକୁ ଧରି ଘଟଣା ଚାପିଦେବା ପାଇଁ ପ୍ରୟାସ ଚଳାଇଥିବା କୁହାଯାଇଥିଲା। କର୍ମକର୍ତ୍ତାମାନେ ଦର୍ଶାଇଥିଲେ, ଯଦି ଏଥିରେ ମନ୍ତ୍ରୀଙ୍କ ସମ୍ପୃକ୍ତି ନାହିଁ ତା'ହେଲେ ସେ କାହିଁକି ତଦନ୍ତକୁ ଡରୁଛନ୍ତି। ବିରୋଧ ସତ୍ତ୍ୱେ ଜିଲା ଭାଜପା ମୃତ ରୋଷେୟାଙ୍କୁ ନ୍ୟାୟ ଦେବାପାଇଁ ଲଢେଇ ଜାରି ରଖିବ। ଏଥିରେ ଭାଜପା ନେତା ଦୀନେଶ ଜୈନ, ତ୍ରିନାଥ ଗୁଆଲ, ମହେନ୍ଦ୍ର କେଡିଆ, ଗୋପାଳ ପଟେଲ, ମମତା ସାହୁ, ଯମୁନା ସୁନାନୀ ଓ ମମତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# କେସିଆର୍‌ଙ୍କ ଦଳ ପାଇଁ କାମ କରିବ ଆଇପିଏସି

## ପ୍ରଶାନ୍ତ କିଶୋରଙ୍କ ଟିମ୍ ସହ ଟିଆର୍‌ଏସ୍‌ର ଚୁକ୍ତି

ଗୁଆହାଟୀ,୨୪।୪



ନିର୍ବାଚନୀ ରଣନୀତିକାର ପ୍ରଶାନ୍ତ କିଶୋର କଂଗ୍ରେସରେ ଯୋଗଦେବା ଲାଗି କଥାବାର୍ତ୍ତା ଚାଲିଥିବାବେଳେ ସେପଟେ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ (କେସିଆର୍)ଙ୍କ ଦଳ ତେଲଙ୍ଗାନା ରାଷ୍ଟ୍ର ସମିତି (ଟିଆର୍‌ଏସ୍) ସହ ତାଙ୍କ ରାଜନୈତିକ ପରାମର୍ଶଦାତା ଟିମ୍ ଆଇପିଏସି (ଇଣ୍ଡିଆନ ପଲିଟିକାଲ ଆକ୍ସନ କମିଟି) ଚୁକ୍ତି ସ୍ୱାକ୍ଷର କରିଛି। ୨୦୨୩ ତେଲଙ୍ଗାନା ବିଧାନସଭା ନିର୍ବାଚନରେ ଟିଆର୍‌ଏସ୍‌କୁ ଜିତାଇବା ଲାଗି ଆଇପିଏସି କାର୍ଯ୍ୟ କରିବ। ତେବେ ପ୍ରଶାନ୍ତ କିଶୋର ରଣନୀତି ପ୍ରସ୍ତୁତିରେ ସାମିଲ ହୋଇ ନ ପାରନ୍ତି। ସେ ନିର୍ବାଚନୀ ରଣନୀତିକାର ଭାବେ ଆଉ କାର୍ଯ୍ୟ କରିବେ ନାହିଁ ବୋଲି କିଛିଦିନ ପୂର୍ବରୁ ଘୋଷଣା କରିଥିଲେ।

ଦେଶର ସର୍ବପୁରାତନ ଦଳ କଂଗ୍ରେସକୁ ସୁଦୃଢ଼ କରାଇବା ଲାଗି ପ୍ରଶାନ୍ତ କିଶୋର କାର୍ଯ୍ୟଯୋଜନା ପ୍ରଦାନ କରିଛନ୍ତି। ସେ ଖୁବ୍‌ଶୀଘ୍ର ଦଳରେ ସାମିଲ ହେବା ନେଇ ସୂଚନା ମିଳିଛି। କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଏନେଇ ଦଳର ବରିଷ୍ଠ ନେତାମାନଙ୍କ ସହ ଆଲୋଚନା ଚଳାଇଛନ୍ତି। ମେ' ୨ ସୁଦ୍ଧା ନିଷ୍ପତ୍ତି ଜଣାଇବା ଲାଗି ପ୍ରଶାନ୍ତ କିଶୋର କଂଗ୍ରେସକୁ ସମୟ ଦେଇଥିବା ଜଣାପଡ଼ିଛି। ବିଭିନ୍ନ ରାଜ୍ୟରେ କଂଗ୍ରେସ ସହ ସିଧାସଳଖ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଦଳଗୁଡ଼ିକୁ ପ୍ରଶାନ୍ତ କିଶୋର ରାଜନୈତିକ ପରାମର୍ଶ ଦେଉଥିଲେ। ସେଥିପାଇଁ କଂଗ୍ରେସରେ ତାଙ୍କର ଯୋଗଦାନକୁ କେତେଜଣ ବରିଷ୍ଠ ନେତା ବିରୋଧ କରୁଥିବା ଜଣାପଡ଼ିଛି।

# ସରକାରୀ କାର୍ଯ୍ୟକ୍ରମରେ ଭାଜପା ଏମ୍‌ପିଙ୍କୁ ଉପେକ୍ଷା


ଖବରଦାତା ସମ୍ମିଳନୀରେ ଉପସ୍ଥିତ ଭାଜପା କର୍ମକର୍ତ୍ତା।

ଜଳେଶ୍ୱର,୨୪।୪(ଡି.ଏନ.ଏ.)

ବାଲେଶ୍ୱର ଭାଜପା ଏମ୍‌ପି ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀଙ୍କୁ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମରେ ଉପେକ୍ଷା କରାଯାଉଥିବା ଜଳେଶ୍ୱର ଭାଜପା କର୍ମକର୍ତ୍ତା ଅଭିଯୋଗ କରିଛନ୍ତି। ନିକଟରେ ଜିଲାସ୍ତରୀୟ ଦୁଇ ଦିନିଆ ବିଜ୍ଞାନ-ଗଣିତ-ପରିବେଶ ପ୍ରଦର୍ଶନୀ ଜଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ନେତୃବୃନ୍ଦଙ୍କୁ ଅତିଥିଭାବେ ନିମନ୍ତ୍ରଣ କରାଯାଇଥିବା ବେଳେ ଏମ୍‌ପିଙ୍କୁ ଏଥିରୁ ବାଦ୍ ଦିଆଯାଇଥିବା ଭାଜପା ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ କୁହାଯାଇଛି। ରବିବାର ଦଳୀୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ଖବରଦାତା ସମ୍ମିଳନୀରେ ବରିଷ୍ଠ ଭାଜପା ନେତା ଅରୁଣ ବେଜ, ଜିଲା ଭାଜପା ଉପ-ସଭାନେତ୍ରୀ ସାବିତ୍ରୀ ଜେନା, ଏମ୍‌ପିଙ୍କ ନଗର ପ୍ରତିନିଧି ଫାଲଗୁନୀ ପାଣିଗ୍ରାହୀ, ବ୍ଲକ ଏମ୍‌ପି ପ୍ରତିନିଧି ଶାନ୍ତନୁ ପଟ୍ଟନାୟକ, କାଉନ୍‌ସିଲର ଚନ୍ଦନ ଦାସ, ଶିବନାରାୟଣ ଦାସ, ଆଦିତ୍ୟ ନାରାୟଣ ପାତ୍ର, ରବିନ୍ଦ୍ର କୁମାର ପାତ୍ର, ଜଗନ୍ନାଥ ଗୋଚ୍ଛାୟତ ପ୍ରମୁଖ ଉପସ୍ଥିତ ଥିଲେ।

# ଗୁଆହାଟୀ ପୌର ନିର୍ବାଚନରେ ଭାଜପାର ବିପୁଳ ବିଜୟ

ଗୁଆହାଟୀ,୨୪।୪

ଆସାମର ଗୁଆହାଟୀ ପୌର ନିର୍ବାଚନରେ ଭାଜପାକୁ ବଡ଼ ସଫଳତା ମିଳିଛି। ୬୦ ୱାର୍ଡ ବିଶିଷ୍ଟ ଏହି ପୌର ନିଗମର ୫୮ ୱାର୍ଡରେ ଭାଜପା ଓ ଏହାର ସହଯୋଗୀ ଦଳର ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ପୂର୍ବରୁ ୩ ଆସନରେ ଭାଜପା ନିର୍ଦ୍ୱନ୍ଦ୍ୱରେ ବିଜୟୀ ଘୋଷିତ ହୋଇଥିବାବେଳେ ଅବଶିଷ୍ଟ ୫୭ ଆସନ ଲାଗି ଶୁକ୍ରବାର ନିର୍ବାଚନ ଅନୁଷ୍ଠିତ ହୋଇଥିଲା। କଂଗ୍ରେସ ଏହି ନିର୍ବାଚନରେ ଖାତା ଖୋଲିପାରି ନ ଥିବାବେଳେ ଆମ୍ ଆଦ୍‌ମୀ ପାର୍ଟିର ମସୁମା ବେଗମ୍ ୪୨ ନମ୍ବର ୱାର୍ଡରୁ ବିଜୟୀ ହୋଇଛନ୍ତି। ଆଞ୍ଚଳିକ ଦଳ ଆସାମ ଜାତିୟ ପରିଷଦକୁ ଗୋଟିଏ ୱାର୍ଡ ମିଳିଛି। ଐତିହାସିକ ବିଜୟ ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁଆହାଟୀବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।


ବିଜୁ ଯୁବ ଜନତା ଦଳ କାର୍ଯ୍ୟାଳୟଠାରେ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଜରିଆରେ ରବିବାର ଛାତ୍ର ଜନତା ଦଳ ପକ୍ଷରୁ ରକ୍ତଦାନ ଶିବିର ଉଦ୍‌ଘାଟିତ ହୋଇଯାଇଛି।

# ପୁଣି ମିଶନ ୧୨୦ କଥା ଉଠାଇଲା ଭାଜପା

ଭୁବନେଶ୍ୱର,୨୪।୪(ବ୍ୟୁରୋ)

- ଆଜି ବାକି ୧୦ ଜିଲାର ପର୍ଯ୍ୟବେକ୍ଷକଙ୍କ ସହ ହେବ ଆଲୋଚନା
- ସାଙ୍ଗଠନିକ ରିପୋର୍ଟ ମିଳିବା ପରେ ବିଜେଡିରେ ହୋଇପାରେ ଅଦଳବଦଳ

୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ଭାଜପା ଓଡ଼ିଶାରେ ମିଶନ୍ ୧୨୦ ପ୍ଲସ୍‌ର ସ୍ୱପ୍ନ ଦେଖିଥିଲା। ସେତେବେଳେ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହାଙ୍କଠାରୁ ଆରମ୍ଭ କରି କେନ୍ଦ୍ରୀୟ ଶୀର୍ଷ ନେତୃତ୍ୱ ଓଡ଼ିଶା ଆସି ମିଶନ୍ ୧୨୦ ଲକ୍ଷ୍ୟ ପୂରଣ ପାଇଁ ଜୋରଦାର୍ ଉଦ୍ୟମ କରିଥିଲେ। ହେଲେ ଭାଜପାର ସେହି ମିଶନ୍ ଫେଲ୍ ହେଲା। ଏବେ ୨୦୨୪ ପାଇଁ ଭାଜପା ମିଶନ୍ ୧୨୦ ସ୍ୱପ୍ନ ଦେଖିବା ଆରମ୍ଭ କରିଛି। ଅନ୍ୟପଟେ ବିଜେଡି ପଞ୍ଚାୟତ ଓ ପୌର ନିର୍ବାଚନରେ ଭଲ ପ୍ରଦର୍ଶନ କରିଥିଲେ ସୁଦ୍ଧା ଏବେଠାରୁ ଆସନ୍ତା ସାଧାରଣ ନିର୍ବାଚନ ଲାଗି ସଜବାଜ ଆରମ୍ଭ କରିଥିବା ଆଲୋଚନା ଜୋର୍ ଧରିଛି। ତେବେ ଦଳର ସାଙ୍ଗଠନିକ ସ୍ତରରେ ମଧ୍ୟ ପରିବର୍ତ୍ତନ କରାଯାଇପାରେ ବୋଲି ବିଭିନ୍ନ ମହଲରୁ ଶୁଣିବାକୁ ମିଳୁଛି।

ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୮୮ତମ 'ମନ୍ କୀ ବାତ୍' କାର୍ଯ୍ୟକ୍ରମ ହୋଇଥିଲା। ସ୍ଥାନୀୟ ନହରକଣ୍ଟାସ୍ଥିତ କଲ୍ୟାଣ ମଣ୍ଡପଠାରେ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସେଠାରେ ଗଣମାଧ୍ୟମର ପ୍ରଶ୍ନର ଉତ୍ତରରେ ମହାନ୍ତି ୨୦୨୪ ନିର୍ବାଚନରେ ଦଳର ମିଶନ ୧୨୦ ସଫଳ ହେବ ବୋଲି ଯୁକ୍ତି ରଖିଛନ୍ତି। ସମୀର ଗଣମାଧ୍ୟମ ପ୍ରଶ୍ନର ଉତ୍ତରରେ କହିଛନ୍ତି, ଭାଜପା ପକ୍ଷରୁ ବିଭିନ୍ନ ଅଞ୍ଚଳରେ ସମୀକ୍ଷା ବୈଠକ କରୁଛୁ, କାର୍ଯ୍ୟକର୍ତ୍ତାଙ୍କ ପାଖକୁ ଯାଉଛୁ, ସେମାନଙ୍କ କଥା ଶୁଣୁଛୁ। କେଉଁଠି କ'ଣ ଅଭାବ ରହିଛି, କେଉଁଠି ଆଗକୁ କ'ଣ କରାଯିବାର ଆବଶ୍ୟକତା ରହିଛି ସେନେଇ ରିପୋର୍ଟ ଦଳ ପାଖକୁ ଆସି ପହଞ୍ଚୁଛି। ଆଗକୁ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଓଡ଼ିଶା ଆସିବାର କାର୍ଯ୍ୟକ୍ରମ ରହିଛି। ମିଶନ୍ ୧୨୦ ଲକ୍ଷ୍ୟ ରହିଛି। ଏହାକୁ ହାସଲ କରିବା ପାଇଁ ଆମେ ବିଭିନ୍ନ ଯୋଜନା କରୁଛୁ। ଓଡ଼ିଶାର ଜନସାଧାରଣ ଆମକୁ ବିରୋଧୀ ଦଳର ଦାୟିତ୍ୱ ଦେଇଛନ୍ତି। ଆଗାମୀ ଦିନରେ ସରକାରଙ୍କ କପି-ପେଷ୍ଟ ନୀତିକୁ ଲୋକଙ୍କ ପାଖରେ ଉଜାଗର କରିବା ପାଇଁ ରଣନୀତି ପ୍ରସ୍ତୁତ କରିବୁ ବୋଲି ସେ କହିଛନ୍ତି।

ଅନ୍ୟପଟେ ଦୀର୍ଘ ୨୨ ବର୍ଷ ଧରି ଓଡ଼ିଶାରେ କ୍ଷମତାସୀନ ବିଜେଡି ଏବେଠାରୁ ପ୍ରସ୍ତୁତି ଆରମ୍ଭ କରିଛି। ପଞ୍ଚାୟତ ଓ ପୌର ନିର୍ବାଚନରେ ବିପୁଳ ସଫଳତା ସତ୍ତ୍ୱେ ଦଳର ସଙ୍ଗଠନକୁ ଆହୁରି ସଶକ୍ତ କରିବା ପାଇଁ ଶାସକ ଦଳର ପ୍ରୟାସ ଆରମ୍ଭ ହୋଇଛି। ବିଜେଡି ପୌର ଏବଂ ପଞ୍ଚାୟତ ନିର୍ବାଚନ ଫଳାଫଳ ପରେ ଦଳର କେଉଁଠି କିଭଳି ସ୍ଥିତି ରହିଛି ତା'ର ତର୍ଜମା କରିବା ଆରମ୍ଭ କରିଛି। ଶନିବାର ପ୍ରଥମ ପର୍ଯ୍ୟାୟରେ ବିଳମ୍ବିତ ରାତି ଯାଏ ୨୦ ଜିଲାର ୧୬ ପର୍ଯ୍ୟବେକ୍ଷକଙ୍କୁ ନବୀନ ନିବାସ ଡକାଯାଇ ଆଲୋଚନା କରାଯାଇଛି। ଦ୍ୱିତୀୟ ଦିନରେ କୌଣସି ଆଲୋଚନା ହୋଇ ନ ଥିବାବେଳେ ସୋମବାର ବାକି ୧୦ ଜିଲାର ପର୍ଯ୍ୟବେକ୍ଷକଙ୍କୁ ଡାକି ଆଲୋଚନା ହେବ ବୋଲି ଜଣାପଡ଼ିଛି। ଭାଜପାର ସମସ୍ତ ବିଧାୟକ ଦିଲ୍ଲୀ ଯାଇ ଫେରିବା ସହ ରାଜ୍ୟକୁ ୨୦ ଜଣ କେନ୍ଦ୍ରମନ୍ତ୍ରୀ ଆସି ଯିବାପରେ ବିଜେଡି ମଧ୍ୟ ନିଜ ସାଙ୍ଗଠନିକ ପ୍ରକ୍ରିୟା ନେଇ କାମ ବଢାଇଥିବା ଆଲୋଚନା ହୋଇଛି। ଜିଲାସ୍ତରରେ ଥିବା ବାସ୍ତବ ସମସ୍ୟା ଏବଂ ଫଳାଫଳ ସମ୍ପର୍କିତ ବାସ୍ତବ ରିପୋର୍ଟ ଆସନ୍ତା ୧୦ ଦିନରେ ଦାଖଲ ଲାଗି କୁହାଯାଇଥିବା ଜଣାପଡିଛି।






**ବଲିଉଡ୍‌ରେ ଏଣ୍ଟ୍ରି କରିବେ ଅଭିକା**
'ବାଳିକା ବଧୂ'ର ଆନନ୍ଦୀ ଚରିତ୍ର କରିଥିବା ଅଭିକା ଗୋର୍ '୧୯୨୦ ହରର୍ସ ଅଫ୍ ଦି ହାର୍ଟ' ମାଧମରେ ବଲିଉଡ୍‌ରେ ଏଣ୍ଟ୍ରି କରିବେ। ୦୯

୧୨ **ଲୋକେଶ ରାହୁଲଙ୍କ ଅପରାଜିତ ଶତକ**
ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ଆଇପିଏଲ୍ ମ୍ୟାଚରେ ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ ଅଧିନାୟକ ଲୋକେଶ ରାହୁଲ ଅପରାଜିତ ଶତକ ହାସଲ କରିଛନ୍ତି।




# ମହଙ୍ଗା ହେବ ଖାଦ୍ୟ

## ବର୍ଷକରେ ଦୁଇଗୁଣ ବଢ଼ିଛି ମୂଲ୍ୟ



**ନୂଆଦିଲ୍ଲୀ,୨୪।୪**

ଗତ କିଛିମାସ ହେଲା ଭାରତରେ ଖାଦ୍ୟ ସାମଗ୍ରୀଗୁଡ଼ିକର ଦରଦାମ ହୁ ହୁ ହୋଇ ବଢ଼ିବାରେ ଲାଗିଛି। ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଏନ୍‌ଏସ୍‌ଓ) ପକ୍ଷରୁ ଜାରି କରାଯାଇଥିବା ସାରା ଦେଶର କଞ୍ଜ୍ୟୁମର ପ୍ରାଇସ୍ ଇଣ୍ଡେକ୍ସ (ସିପିଆଇ) ଅନୁସାରେ ୨୦୨୧ ମାର୍ଚ୍ଚରୁ ୨୦୨୨ ମାର୍ଚ୍ଚ ମଧ୍ୟରେ ଖାଉଟି ଖାଦ୍ୟ ମୂଲ୍ୟ ପ୍ରାୟ ୧୦୦% ବୃଦ୍ଧି ପାଇଛି। ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଏହା ୪.୮୭%ରୁ ୭.୬୮%କୁ ବଢ଼ିବା ଦେଶ ପାଇଁ ଚିନ୍ତାର କାରଣ ହୋଇଛି। ଏଭଳି ସ୍ଥିତି ଲାଗି ରହିଲେ ଆଗକୁ ଖାଦ୍ୟ ସଙ୍କଟ ଦେଖାଦେଇପାରେ ବୋଲି ଅର୍ଥନୈତିଜ୍ଞମାନେ ମତ ଦେଇଛନ୍ତି। ପେଟ୍ରୋଲ, ଡିଜେଲର ଆକାଶଛୁଆଁ ଦର, ଭୂ ରାଜନୈତିକ ପ୍ରଭାବ ଓ ମୁଦ୍ରାସ୍ଫୀତି ନିୟନ୍ତ୍ରଣରେ କେନ୍ଦ୍ର ସରକାରଙ୍କ ବିଫଳତାକୁ ଏଥିପାଇଁ ଦାୟୀ କରାଯାଉଛି।

ବିଶ୍ୱ ବାଣିଜ୍ୟ ସଙ୍ଗଠନ (ଡବ୍ଲ୍ୟୁଟିଓ) ଅନୁମତି ଦେଲେ ବିଶ୍ୱକୁ ଭାରତ ଖାଦ୍ୟ ଯୋଗାଇବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ସହ ଗତ ୧୧ ତାରିଖରେ ଆଲୋଚନା ବେଳେ କହିଥିଲେ। ଭାରତ ହେଉଛି ବିଶ୍ୱର ଦ୍ୱିତୀୟ ବୃହତ୍ ଗହମ ଓ ଧାନ ଉତ୍ପାଦନକାରୀ ରାଷ୍ଟ୍ର। ଦେଶରେ ବର୍ତ୍ତମାନ ୮୫୦ ଲକ୍ଷ ଟନ୍ ଖାଦ୍ୟଶସ୍ୟ ମହଜୁଦ ରହିଛି। ସାଧାରଣ ବଣ୍ଟନ ବ୍ୟବସ୍ଥାରେ ହିତାଧିକାରୀମାନଙ୍କୁ ୨୧ ନିୟୁତ ଟନ୍ ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯାଉଛି। କୋଭିଡ୍ ମହାମାରୀ ସମୟରେ ପ୍ରାୟ ୮୦ କୋଟି ଲୋକ ଏଥିରୁ ଲାଭାନ୍ୱିତ ହୋଇଥିବା ସରକାର ଦାବି କରୁଛନ୍ତି। କିନ୍ତୁ ସାମ୍ପ୍ରତିକ ସ୍ଥିତିରେ ରୁଷିଆର ୟୁକ୍ରେନ୍ ଆକ୍ରମଣ ପରିପ୍ରେକ୍ଷୀରେ ତେଲ ଦର ବୃଦ୍ଧିଜନିତ ପ୍ରଭାବ ଭାରତୀୟ ଅର୍ଥନୀତିକୁ ବହୁଳ ପ୍ରଭାବିତ କରିଛି। ତେଣୁ ଡବ୍ଲ୍ୟୁଟିଓର ଅନୁମତି ମିଳିଲେ ସୁଦ୍ଧା ବାଇଡେନ୍‌ଙ୍କୁ ମୋଦି ଦେଇଥିବା ପ୍ରତିଶ୍ରୁତି କେତେ ଦୂର ପାଳନ କରିପାରିବେ ତାହା ସନ୍ଦେହରେ। ପରିସଂଖ୍ୟାନ ଦୃଷ୍ଟିରୁ ବିଚାର କଲେ ଭାରତର ଗ୍ରାମାଞ୍ଚଳରେ ୨୦୨୧ ମାର୍ଚ୍ଚରେ ଖାଦ୍ୟ ମୂଲ୍ୟର ମୁଦ୍ରାସ୍ଫୀତି ୩.୯୪% ଥିବାବେଳେ ଗତ ଫେବୃୟାରୀରେ ଏହା ୫.୮୧ ପ୍ରତିଶତକୁ ବୃଦ୍ଧି ପାଇ ୨୦୨୨ ମାର୍ଚ୍ଚ ବେଳକୁ ୮.୦୪%ରେ ପହଞ୍ଚିଥିଲା। ଏହି ଅବଧି ମଧ୍ୟରେ ଗ୍ରାମାଞ୍ଚଳରେ ସିପିଆଇ ମଧ ୪.୬୧%ରୁ ୭.୬୬%କୁ ବୃଦ୍ଧି ପାଇଛି। ଦେଶର ଖୁଚୁରା ମୁଦ୍ରାସ୍ଫୀତିକୁ ଦର୍ଶାଉଥିବା ସିପିଆଇ ଗତ ଫେବୃୟାରୀରେ ୫.୮୫% ଥିବାବେଳେ ମାର୍ଚ୍ଚରେ ଏହା ୬.୯୫%ରେ ପହଞ୍ଚିଥିଲା। ଆସନ୍ତା ୧୬ ମାସ ମଧ୍ୟରେ ଏହା ସର୍ବୋଚ୍ଚ ସ୍ତରକୁ ଉଠିପାରେ ବୋଲି କୁହାଯାଉଛି। ଖାଇବା ତେଲ, ପନିପରିବା, ମାଛମାଂସ ଆଦିରେ ଅହେତୁକ ମୂଲ୍ୟବୃଦ୍ଧି ଦେଖିବାକୁ ମିଳିଛି। ୨୦୨୧ ମାର୍ଚ୍ଚରୁ ୨୦୨୨ ମାର୍ଚ୍ଚ ମଧ୍ୟରେ ଏହିସବୁ ଖାଦ୍ୟ ସାମଗ୍ରୀରେ ୧୮.୭୯% ବୃଦ୍ଧି ଘଟିଛି। ମୂଲ୍ୟ ବୃଦ୍ଧି ଘଟିଥିବା ସବୁ ଖାଦ୍ୟ ସାମଗ୍ରୀ ମଧ୍ୟରୁ ଏହି ମୂଲ୍ୟବୃଦ୍ଧି ହେଉଛି ସର୍ବାଧିକ। ସେହିପରି ପରିବା ଦର ୧୧.୬୪% ଓ ମାଛମାଂସ ୯.୬୩% ବୃଦ୍ଧି ପାଇଛି। ପେଟ୍ରୋଲ ଓ ଡିଜେଲ ମୂଲ୍ୟରେ ମଧ ୭.୫୨% ବୃଦ୍ଧି ପରିଲକ୍ଷିତ ହୋଇଛି। କପଡ଼ା ଓ ଫୁଟ୍‌ୱେରରେ ୯.୪୦%, ଗୃହନିର୍ମାଣରେ ୩.୩୮% ଏବଂ ତମାଖୁ ଜାତୀୟ ସାମଗ୍ରୀରେ ୨.୯୮% ମୂଲ୍ୟ ବୃଦ୍ଧି ଖାଉଟିଙ୍କ ବଜେଟକୁ ସଙ୍କୁଚିତ କରିଦେଇଛି। ଦେଶରେ ନିଯୁକ୍ତି ସୁଯୋଗ ହ୍ରାସ ପାଇବାରେ ଲାଗିଥିବାରୁ ଲୋକଙ୍କ ଆୟ ମଧ କମୁଛି। ଏଭଳି ସମୟରେ ସାରା ଦେଶରେ ମୁଦ୍ରାସ୍ଫୀତି ଯୋଗୁ ଖାଦ୍ୟ ନିରାପତ୍ତା ପ୍ରତି ବିପଦ ସୃଷ୍ଟି ହୋଇପାରେ। ତେବେ କେବଳ ଭାରତ ନୁହେଁ, ଆଗକୁ ସାରା ପୃଥିବୀରେ ଖାଦ୍ୟ ୩୭% ଅଧିକ ମହଙ୍ଗା ହୋଇପାରେ ବୋଲି ବିଶ୍ୱବ୍ୟାଙ୍କ ଆକଳନ କରିଛି। ଖାଦ୍ୟ ସାମଗ୍ରୀର ମୂଲ୍ୟବୃଦ୍ଧି ଘଟିଲେ ଅଭାବୀ ଓ ଗରିବ ଲୋକଙ୍କୁ ଖାଇବା ପରିମାଣ କମାଇବାକୁ ପଡ଼ିବ। ସେମାନଙ୍କ ପାଖରେ ପିଲାଙ୍କ ଶିକ୍ଷା ଓ ଅନ୍ୟ କାର୍ଯ୍ୟ ପାଇଁ ଅର୍ଥାଭାବ ଦେଖାଦେବ। ବିଶ୍ୱବ୍ୟାଙ୍କ ଅଧ୍ୟକ୍ଷ ଡେଭିଡ୍ ମାଲପାସ୍‌ଙ୍କ ମତରେ ଖାଦ୍ୟ ମୂଲ୍ୟରେ ପ୍ରତି ୧% ବୃଦ୍ଧି ଘଟିଲେ ୧ କୋଟି ଲୋକ ଅତି ଦାରିଦ୍ର୍ୟ ଭିତରକୁ ଠେଲିହୋଇଯିବେ। ଏଥିଯୋଗୁ କୁପୋଷଣ ବୃଦ୍ଧି ପାଇବ, ଯାହାର ସର୍ବାଧିକ ନକାରାତ୍ମକ ପ୍ରଭାବ ଶିଶୁଙ୍କ ଉପରେ ପଡ଼ିବ।

# ସାରା ଓଡ଼ିଶାରେ ତାତି

## ୪୩.୮ ଡିଗ୍ରୀ ସହ ସୋନପୁର ଉତ୍ତପ୍ତ ସହର

- ଭୁବନେଶ୍ୱରରେ ୪୩ ଡିଗ୍ରୀ ଟପିଲା
- ୪୦ ଡିଗ୍ରୀ ଉପରେ ୨୮ ସହର
- ଆଜିଠୁ ଗ୍ରୀଷ୍ମ ପ୍ରବାହ, ସତର୍କ ରହିବାକୁ ଜିଲାପାଳଙ୍କୁ ଚିଠି

**ଭୁବନେଶ୍ୱର, ୨୪।୪(ବ୍ୟୁରୋ)**

ସାରା ଓଡ଼ିଶାରେ ଡହ ଡହ ଖରା ସାଙ୍ଗକୁ ଗରମ ପବନ ଦେହକୁ ସିଝାଇ ଦେଉଛି। ପାରଦ ଏବେ ୪୩ ଡିଗ୍ରୀ ଟପିଥିବାବେଳେ ସହରଠୁ ଗାଁ, ରାସ୍ତାରୁ କୋଠା ସବୁକିଛି ତାତି ଯାଉଛି। ଜୀବନଯାତ୍ରା ଗୁରୁତର ପ୍ରଭାବିତ ହୋଇଥିବାବେଳେ ସକାଳ ୧୦ରୁ ରାସ୍ତାଘାଟ ଖାଁଖାଁ ହୋଇଯାଉଛି। ରବିବାର ୨୮ଟି ସହରରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଥିବାବେଳେ ୮ ସହରରେ ୪୨ ଡିଗ୍ରୀ ଟପିଥିଲା। ୪୩.୮ ଡିଗ୍ରୀ ସହ ସୋନପୁର ରାଜ୍ୟର ଉତ୍ତପ୍ତ ସହର ପାଲଟିଥିଲା। ଅପରପକ୍ଷରେ କଂକ୍ରିଟ ସହର ରାଜଧାନୀ ଭୁବନେଶ୍ୱରରେ ମଧ ଅଗ୍ନିବର୍ଷା ହୋଇଥିଲା। ଏଠାରେ ଦୁଇଦିନ ଧରି ପାରଦ ଉପରମୁହାଁ ଥିବାବେଳେ ରବିବାର ମଧ ସହରର ସର୍ବାଧିକ ତାପମାତ୍ରା ରେକର୍ଡ ଭାଙ୍ଗି ୪୩.୩ ଡିଗ୍ରୀ ଛୁଇଁଥିଲା। ୨୦୧୧ ପରଠାରୁ ଏପ୍ରିଲରେ ଏହା ତୃତୀୟ ସର୍ବାଧିକ ତାପମାତ୍ରା ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ସୂଚନା ଦେଇଛି। ୨୦୧୬ ଏପ୍ରିଲ ୧୧ରେ ଭୁବନେଶ୍ୱରର ତାପମାତ୍ରା ୪୫.୮ ଡିଗ୍ରୀ ହୋଇଥିବାବେଳେ ୨୦୧୯ ଏପ୍ରିଲ ୧୬ରେ ୪୩.୭, ୨୦୨୨ ଏପ୍ରିଲ ୨୪ରେ ୪୩.୩ ଏବଂ ୨୦୨୧ ଏପ୍ରିଲ ୨୫ରେ ୪୩.୨ ଡିଗ୍ରୀ ରେକର୍ଡ କରାଯାଇଥିଲା।

ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ରବିବାର ସୋନପୁର ପରେ ଭୁବନେଶ୍ୱର ଦ୍ୱିତୀୟ ଏବଂ ୪୩.୧ଡିଗ୍ରୀ ସହ ଅନୁଗୋଳ ତୃତୀୟ ☞ପୃଷ୍ଠା-୨



## ପ୍ରଭାବିତ ହେବ ପରୀକ୍ଷା

**ଭୁବନେଶ୍ୱର, ୨୪।୪(ବ୍ୟୁରୋ)**

**ସମୟ ପରିବର୍ତ୍ତନ ଦାବି**

ଏପ୍ରିଲରୁ ରାଜ୍ୟରେ ଅସହ୍ୟ ହୋଇଛି ଖରାତାତି। ସକାଳ ୯ଟା ପରେ ଘରୁ ବାହାରିବା ବି କଷ୍ଟ ହୋଇପଡୁଛି। ଏଭଳି ସ୍ଥିତିରେ ପିଲାମାନେ କିପରି ସ୍କୁଲ ଯିବା ଆସିବା କରିବେ ତାହାକୁ ନେଇ ଚିନ୍ତା ବଢ଼ିଛି। ପୁଣି ଆଗକୁ ପରୀକ୍ଷା ରହିଛି। ତାପମାତ୍ରା ବୃଦ୍ଧି ପାଠପଢ଼ା ସହ ପରୀକ୍ଷାକୁ ପ୍ରଭାବିତ କରିପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି। ଆସନ୍ତା ୨୯ ତାରିଖରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହେବ। ଏହା ମେ' ୭ ପର୍ଯ୍ୟନ୍ତ ଚାଲିବ। ସେହିପରି ଯୁକ୍ତ୨ ପରୀକ୍ଷା ଆସନ୍ତା ୨୮ ତାରିଖରୁ ଆରମ୍ଭ ହୋଇ ମେ' ୩୧ରେ ସରିବ। ମାଟ୍ରିକ ପରୀକ୍ଷା ସକାଳ ୮ଟାରୁ ୧୦ଟା ଓ ଯୁକ୍ତ୨ ପରୀକ୍ଷା ସକାଳ ୯ଟାରୁ ୧୨ଟା ପର୍ଯ୍ୟନ୍ତ ☞ପୃଷ୍ଠା-୨

# ଆତ୍ମସମର୍ପଣ ପରେ ଜେଲକୁ ଫେରିଲେ ଆଶିଷ ମିଶ୍ର



**ଲକ୍ଷ୍ନୌ,୨୪।୪**

ଉତ୍ତରପ୍ରଦେଶର ଲଖିମପୁର ଖେରିରେ ଆନ୍ଦୋଳନରତ ଚାଷୀଙ୍କ ଉପରେ ଗାଡ଼ି ମଡ଼ାଇ ହତ୍ୟା କରିବା ମାମଲାର ମୁଖ୍ୟ ଅଭିଯୁକ୍ତ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ଅଜୟ ମିଶ୍ରାଙ୍କ ପୁଅ ଆଶିଷ ମିଶ୍ରା ରବିବାର ଉତ୍ତରପ୍ରଦେଶର ଏକ ଅଦାଲତରେ ଆତ୍ମସମର୍ପଣ କରିବା ପରେ ତାଙ୍କୁ ପୁଣିଥରେ ଲଖିମପୁର ଜେଲକୁ ପଠାଇ ଦିଆଯାଇଛି। ଆଲ୍ଲାହାବାଦ ହାଇକୋର୍ଟ ଗତ ଫେବୃୟାରୀରେ ତାଙ୍କୁ ଜାମିନ ମଞ୍ଜୁର କରିଥିଲେ। ☞ପୃଷ୍ଠା-୨


**ଆଜିର ସମ୍ପାଦକୀୟ**
**ଅନ୍ଧାର କୋଣ**


# ସାହିତ୍ୟିକା ପଦ୍ମଶ୍ରୀ ବୀଣାପାଣି ମହାନ୍ତିଙ୍କ ପରଲୋକ



**ଭୁବନେଶ୍ୱର, ୨୪।୪ (ବ୍ୟୁରୋ)**

ବିଶିଷ୍ଟ ସାହିତ୍ୟିକା ତଥା ଗାଳ୍ପିକା ପଦ୍ମଶ୍ରୀ ବୀଣାପାଣି ମହାନ୍ତିଙ୍କ ରବିବାର ପରଲୋକ ହୋଇଯାଇଛି। ରାତି ପ୍ରାୟ ୯ଟାରେ କଟକ ବାଦାମବାଡ଼ିସ୍ଥିତ ବାସଭବନରେ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ଘଟିଛି। ତାଙ୍କୁ ୮୫ ବର୍ଷ ବୟସ ହୋଇଥିଲା। ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥିଲେ। ବୀଣାପାଣି ୧୯୩୬ ନଭେମ୍ବର ୧୧ରେ ବ୍ରହ୍ମପୁରରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପୈତୃକ ଘର କେନ୍ଦ୍ରାପଡ଼ା ଜିଲା ଚାନ୍ଦୋଳରେ। ବୀଣାପାଣି ଗାଳ୍ପିକା ହୋଇଥିଲେ ବି ବୃତ୍ତିରେ ଜଣେ ଅର୍ଥନୀତି ଅଧ୍ୟାପିକା ଥିଲେ। ୨୦୨୦ରେ ତାଙ୍କ ସାହିତ୍ୟିକ କୃତି ନିମନ୍ତେ 'ପଦ୍ମଶ୍ରୀ' ସମ୍ମାନ ମିଳିଥିଲା। ଏଥିସହ ସାହିତ୍ୟର ସର୍ବୋଚ୍ଚ ପୁରସ୍କାର 'ଅତିବଡୀ ଜଗନ୍ନାଥ ଦାସ ପୁରସ୍କାର' ଲାଭ କରିଥିଲେ। ଏହା ପୂର୍ବରୁ ସେ କେନ୍ଦ୍ର ସାହିତ୍ୟ ଏକାଡେମୀ ଓ ଶାରଳା ପୁରସ୍କାରରେ ମଧ ସମ୍ମାନିତ ☞ପୃଷ୍ଠା-୨

# ଦର୍ଲିପାଲିରେ ବିଦ୍ୟୁତ୍ ଉତ୍ପାଦନ ବାଧା

- ଆଜି ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଜରୁରୀ ବୈଠକ

**ଭୁବନେଶ୍ୱର,୨୪।୪(ବ୍ୟୁରୋ)**

ସୁନ୍ଦରଗଡ଼ ଜିଲା ଦର୍ଲିପାଲିସ୍ଥିତ ଏନ୍‌ଟିପିସିର ପାୱାର ଷ୍ଟେଶନରେ ସମସ୍ୟା ଦେଖାଦେବାରୁ ବିଦ୍ୟୁତ୍ ଉତ୍ପାଦନ ବାଧାପ୍ରାପ୍ତ ହୋଇଛି। ଫଳରେ ବିଦ୍ୟୁତ୍ ଯୋଗାଣରେ ମଧ ଅସୁବିଧା ହେଉଛି। ଏହି ପାୱାର ଷ୍ଟେଶନରେ ୨ଟି ୟୁନିଟ୍ ମଧ୍ୟରୁ ଗୋଟିଏ କାର୍ଯ୍ୟକ୍ଷମ ଥିବାବେଳେ ୮ ଶହ ମେଗାୱାଟ ବିଦ୍ୟୁତ୍ ଉତ୍ପାଦନ ହୋଇଥାଏ। ଏଥିରୁ ଓଡ଼ିଶାକୁ ୪ ଶହ ମେଗାୱାଟ୍ ବିଦ୍ୟୁତ୍ ମିଳିଥାଏ। ହେଲେ ପାୱାର ଷ୍ଟେଶନରେ ହଠାତ୍ ସମସ୍ୟା ସୃଷ୍ଟି ହେବା ଯୋଗୁ ଆବଶ୍ୟକ ବିଜୁଳି ଉପଲବ୍ଧ ହେଉନାହିଁ। ତେବେ କୋଇଲା ଅଭାବରୁ ଏଭଳି ହୋଇ ନ ଥିବା କୁହାଯାଉଛି। ☞ପୃଷ୍ଠା-୨

# 'ପାଲି' ଭାରତର ପ୍ରଥମ କାର୍ବନମୁକ୍ତ ପଞ୍ଚାୟତ

## ୫୦୦ କିଲୋୱାଟ ସୋଲାର ପ୍ଲାଣ୍ଟ ଉତ୍ସର୍ଗ କଲେ ମୋଦି





**ପାଲି (ସାମ୍ବା),୨୪।୪(ପି.ଟି.)**

ଜମ୍ମୁ-କଶ୍ମୀରର ସୀମାନ୍ତବର୍ତ୍ତୀ ସାମ୍ବା ଜିଲାର ପାଲି ପଞ୍ଚାୟତ ରବିବାର ଦେଶର ପ୍ରଥମ କାର୍ବନମୁକ୍ତ ପଞ୍ଚାୟତର ପରିଚୟ ହାସଲ କରିଛି। ସେଠାରେ ମାତ୍ର ୩ ସପ୍ତାହ ମଧ୍ୟରେ ନିର୍ମାଣ ହୋଇଥିବା ୫୦୦ କିଲୋୱାଟ କ୍ଷମତା ବିଶିଷ୍ଟ ଏକ ସୌରଶକ୍ତି ପ୍ରକଳ୍ପକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି। ପାଲି ସାରା ଦେଶକୁ କାର୍ବନ ନ୍ୟୁଟ୍ରାଲ ହେବାର ମାର୍ଗ ଦେଖାଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ସବ୍ କା ପ୍ରୟାସ କ'ଣ ତାହା ସେଠାର ଲୋକେ କରି ଦେଖାଇଛନ୍ତି। ନିର୍ମାଣ କାର୍ଯ୍ୟରେ ନିୟୋଜିତ ଲୋକମାନଙ୍କୁ ସେମାନେ ଖାଦ୍ୟ ଯୋଗାଇଥିଲେ। ଗ୍ରାମ ଉର୍ଜା ସ୍ୱରାଜ କାର୍ଯ୍ୟକ୍ରମରେ ସେଠାର ୬,୪୦୮ ବର୍ଗମିଟରରେ ନିର୍ମାଣ ହୋଇଥିବା ୧,୫୦୦ ସୋଲାର ପ୍ୟାନେଲ୍ ପଞ୍ଚାୟତର ୩୪୦ ଘରକୁ ସ୍ୱଚ୍ଛ ବିଦ୍ୟୁତ୍ ଯୋଗାଇଦେବ। ପଞ୍ଚାୟତର ସମସ୍ତଙ୍କ ଘରେ ଏଲ୍‌ଇଡି ବଲ୍‌ବ, ସୋଲାର କୁକର୍, ସୋଲାର ଷ୍ଟୋଭ୍ ରହିଛି ବୋଲି ସରପଞ୍ଚ ରବୀନ୍ଦ୍ର ଶର୍ମା ପ୍ରଧାନମନ୍ତ୍ରୀଙ୍କୁ ଜଣାଇଥିଲେ। ଗ୍ରାମରେ ୧୦ଟି ସୋଲାର ପମ୍ପ ଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟରେ ଆଉ ୪୦ଟି ସ୍ଥାପନ କରାଯିବ ବୋଲି ସେ କହିଥିଲେ। ଏହା ଆମ ପାଇଁ ଐତିହାସିକ ଦିନ ବୋଲି ଗ୍ରାମର ଗୁରଦୀପ୍ ସିଂ କହିବା ସହ ଏଥିପାଇଁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

୨୦୧୯ ଅଗଷ୍ଟରେ ଜମ୍ମୁ-କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ☞ପୃଷ୍ଠା-୨




**ଆଜିର ମନ୍ତବ୍ୟ**

"ଭାରତ ଏକ ଭୂ-ସାଂସ୍କୃତିକ ଦେଶ। ଆମ ସଂସ୍କୃତି କଶ୍ମୀରରୁ କନ୍ୟାକୁମାରୀ, ଦ୍ୱାରକାରୁ ବେଙ୍ଗଲ ପର୍ଯ୍ୟନ୍ତ ଦେଶର ନାଗରିକଙ୍କୁ ଏକତାର ସୂତ୍ରରେ ବାନ୍ଧି ରଖିଛି। **-ଅମିତ ଶାହା, ସ୍ୱରାଷ୍ଟ୍ର ମନ୍ତ୍ରୀ**

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ପ୍ରଥମ
ପରିବାରବର୍ଗ


ଗୁଡ୍ଡୁ
ପରିବାରବର୍ଗ


ରିନି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଏ ହାତକୁ ସେ ହାତ,**
**ଖଣ୍ଡିଆ ହାତକୁ ଜଗନ୍ନାଥ।**

ଜଗନ୍ନାଥ ହେଉଛନ୍ତି ଜଗତର ନାଥ। ତାଙ୍କ ଉପରେ ସମସ୍ତଙ୍କର ଅସୀମ ଭରସା ରହିଥାଏ। ସାଧାରଣତଃ କେହି କାହାକୁ କିଛି ଦେଲେ ଦେଲା ଲୋକକୁ ନେଲା ଲୋକ କିଛି ଦେଇଥାଏ। ପରନ୍ତୁ ଯାହାର କେହି ନାହାନ୍ତି, ସମ୍ପୂର୍ଣ୍ଣ ନିଃସ୍ୱ ତଥା ଯାହାର କାହାକୁ କିଛି ଦେବାକୁ ସମ୍ବଳ ନାହିଁ; ତାକୁ କେହି ଦେବାକୁ ଉଚିତ ମଣି ନ ଥାନ୍ତି। ଅରକ୍ଷିତକୁ ଦଇବ ସାହା ଭଳି ଉକ୍ତ ବ୍ୟକ୍ତି ପାଇଁ କେବଳ ଜଗନ୍ନାଥ ବା ଭଗବାନ ସାହା ହୋଇଥାନ୍ତି। ସେ ହିଁ ଏକମାତ୍ର ଦେବା ଲୋକ ତଥା ସେ ହିଁ ଭରସା ହୋଇଥାନ୍ତି ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଏ ଘର ମାଉସୀ,**
**ସେ ଘର ପିଉସୀ।**

କିଛି ବ୍ୟକ୍ତି ଦୁଇ ପଟରେ ରହି ନିଜ ଫାଇଦା ଉଠାଇଥାନ୍ତି। ଦୁଇ ସ୍ଥାନରେ ଦୁଇ ପ୍ରକାର ମାମଲତ କରିବାରେ ଏବଂ ଷଡ଼ଯନ୍ତ୍ର ଭିଆଇବାରେ ଜଣେ ବ୍ୟକ୍ତି କିଭଳି ଧୁରନ୍ଧର ତା'ର ଚିତ୍ର ଏଠାରେ ପ୍ରଦାନ କରାଯାଇଛି।

**ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ**
**- ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ**

### ଯୋଗୀ ଆଦିତ୍ୟନାଥଙ୍କ ଦସ୍ତଖତକୁ ଜାଲ୍ କରି ବିଜ୍ଞାପନ ସଂଗ୍ରହ ମାମଲା

# ଲାଞ୍ଚ ନେବାବେଳେ ଦିଲ୍ଲୀ ଇଓଡବ୍ଲ୍ୟୁ କନ୍‌ଷ୍ଟେବଲ ଗିରଫ

ଭୁବନେଶ୍ୱର,୨୪।୪(ବ୍ୟୁରୋ): ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ଦସ୍ତଖତକୁ ଜାଲ୍ କରି ବିଜ୍ଞାପନ ସଂଗ୍ରହ ମାମଲାରେ ଭୁବନେଶ୍ୱରର ଜଣେ ସାକ୍ଷୀଙ୍କୁ ଅଭିଯୁକ୍ତ ଦର୍ଶାଇବାର ଧମକ ଦେଇ ୨ଲକ୍ଷ ଟଙ୍କା ଲାଞ୍ଚ ନେଉଥିବାବେଳେ ଦିଲ୍ଲୀ ଇଓଡବ୍ଲ୍ୟୁର କନ୍‌ଷ୍ଟେବଲ ସିବିଆଇ ହାତରେ ଧରାପଡିଛନ୍ତି। ସେ ହେଲେ ଅମିତ ଲାହୁଟା। ମାଷ୍ଟରକ୍ୟାଣ୍ଟିନ ଛକସ୍ଥିତ ୟୁକୋ ବ୍ୟାଙ୍କ ନିକଟରୁ ତାଙ୍କୁ ସିବିଆଇ ଟିମ୍ ଗିରଫ କରିବା ପରେ ଏସ୍‌ଡିଜେଏମ୍ କୋର୍ଟରେ ହାଜର କରାଯାଇଛି। ଏଥିସହ ଅମିତଙ୍କ ସହ ଆସିଥିବା ଜଣେ ସାମ୍ବାଦିକଙ୍କୁ ମଧ୍ୟ ସିବିଆଇ ଅଟକ ରଖି ପଚରାଉଚରା କରୁଛି। ଅନ୍ୟପକ୍ଷରେ ଉକ୍ତ ଲାଞ୍ଚ ଟଙ୍କା ନେବାକୁ ଅମିତଙ୍କୁ ପଠାଇଥିବା ତଦନ୍ତକାରୀ ଅଧିକାରୀ ତଥା ଦିଲ୍ଲୀ ଇଓଡବ୍ଲ୍ୟୁର ଇନ୍ସପେକ୍ଟର ସଜ୍ଜନ ସିଂ ଯାଦବଙ୍କ ଦିଲ୍ଲୀସ୍ଥିତ ବାସଭବନରେ ସିବିଆଇ ପକ୍ଷରୁ ଚଢ଼ାଉ ଜାରି ରହିଛି। ସିବିଆଇ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ଦସ୍ତଖତକୁ ଜାଲ୍ କରି ତାହା ମାଧ୍ୟମରେ ବିଜ୍ଞାପନ ସଂଗ୍ରହ ଅଭିଯୋଗରେ ଭୁବନେଶ୍ୱରରୁ ପ୍ରକାଶିତ 'ସମାଜ ଆଇନା' ଖବରକାଗଜର ସମ୍ପାଦକ ମନୋଜ ସେଠ୍‌ଙ୍କୁ ଗତ ଜାନୁୟାରୀ ୨୮ରେ ଦିଲ୍ଲୀ ଇଓଡବ୍ଲ୍ୟୁ ଗିରଫ କରି ଜେଲ ପଠାଇଛି। ଏହି ମାମଲା (ନଂ.୭୪/୨୦୧୬)ରେ ସାମ୍ବାଦିକ ଉଦୟ କୁମାର ସାହୁ ମନୋଜଙ୍କ ସମ୍ପର୍କୀୟ ହୋଇଥିବାରୁ ଇଓଡବ୍ଲ୍ୟୁ ତାଙ୍କୁ ଚାର୍ଜଶିଟ୍‌ରେ ସାକ୍ଷୀ ଭାବେ ଦର୍ଶାଇଛି। ଇଓଡବ୍ଲ୍ୟୁର ତଦନ୍ତକାରୀ ଅଧିକାରୀ ସଜ୍ଜନ ସିଂ ଯାଦବ ସପ୍ଲିମେଣ୍ଟାରି ଚାର୍ଜଶିଟ୍‌ରେ ଉଦୟଙ୍କୁ ଅଭିଯୁକ୍ତ ଦର୍ଶାଇ ଦେବେ ବୋଲି ଧମକ ଦେଇଥିଲେ। ଏଥିପାଇଁ ସେ ଉଦୟଙ୍କୁ ୪ ଲକ୍ଷ ୫୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଶେଷରେ ୪ ଲକ୍ଷ ଟଙ୍କା ନେବା ପାଇଁ କଥା ଛିଡ଼ିଥିଲା। ରବିବାର ଇନ୍ସପେକ୍ଟର ସଜ୍ଜନ ସିଂ ନିଜେ ଆସି ଭୁବନେଶ୍ୱର ଏୟାରପୋର୍ଟରେ ଲାଞ୍ଚ ଟଙ୍କା ନେବେ ବୋଲି କହିଥିଲେ। କିନ୍ତୁ ପରେ ତାଙ୍କ କନଷ୍ଟେବଲ ଅମିତ୍ ଭୁବନେଶ୍ୱର ଆସି ଟଙ୍କା ନେବେ ବୋଲି ଜଣାଇଥିଲେ। ଏ ସମ୍ପର୍କରେ ଉଦୟନାଥ ସିବିଆଇରେ ଅଭିଯୋଗ କରିଥିଲେ। କନ୍‌ଷ୍ଟେବଲ ଅମିତ ରବିବାର ସକାଳେ ଭୁବନେଶ୍ୱର ଆସି ପହଞ୍ଚିବା ପରେ ଉଦୟଙ୍କଠାରୁ ଲାଞ୍ଚ ଟଙ୍କା ଗ୍ରହଣ କରିବା ସମୟରେ ସିବିଆଇ ଟିମ୍ ତାଙ୍କୁ କାବୁ କରିଥିଲେ।

# ନାଗାବଳୀରେ ବୁଡ଼ି ୨ ସାଙ୍ଗଙ୍କ ମୃତ୍ୟୁ

**ରାୟଗଡ଼ା ଅଫିସ,୨୪।୪**

ପ୍ରବଳ ଗରମରୁ ସାମାନ୍ୟ ନିସ୍ତାର ପାଇବା ପାଇଁ ସାଙ୍ଗମାନଙ୍କ ସହ ସନ୍ଧ୍ୟାରେ ନାଗାବଳୀ ନଦୀକୁ ଗାଧୋଇବାକୁ ଯାଇଥିଲେ। ହେଲେ ଗଭୀର ଜଳରେ ବୁଡ଼ିଯାଇ ୨ ନାବାଳକଙ୍କ ଜୀବନ ଚାଲିଯାଇଛି। ରାୟଗଡ଼ା ଜିଲା ତୁମ୍ବିଗୁଡ଼ାରେ ଏଭଳି ଘଟଣା ଘଟିଛି। ଦୁଇ ମୃତକ ହେଲେ ତୁମ୍ବିଗୁଡ଼ାର ଆକାଶ ଚୌଧୁରୀ ଏବଂ ଆଦିତ୍ୟ ନାୟକ। ସୂଚନା ଅନୁଯାୟୀ, ତୁମ୍ବିଗୁଡ଼ା କଲୋନୀରୁ ୧୦ ସାଙ୍ଗ ମିଶି ନିକଟସ୍ଥ ତୁଠକୁ ଗାଧୋଇବାକୁ ଯାଇଥିଲେ। ହେଲେ ଆକାଶ ଏବଂ ଆଦିତ୍ୟ ବୁଡ଼ିଯାଇଥିଲେ। ଏହା ଦେଖି ଅନ୍ୟ ସାଙ୍ଗମାନେ ପରିବାର ଲୋକଙ୍କୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚିଥିଲେ ମଧ୍ୟ ଏହାପୂର୍ବରୁ ଗ୍ରାମବାସୀ ଉଭୟଙ୍କ ମୃତଦେହ ନଦୀରୁ ଉଦ୍ଧାର କରିଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଘଟଣାର ତଦନ୍ତ ଚଳାଇଥିବା ରାୟଗଡ଼ା ଟାଉନ ଥାନା ଅଧିକାରୀ ରଶ୍ମିରଞ୍ଜନ ନାୟକ କହିଛନ୍ତି। ମୃତ ଆଦିତ୍ୟଙ୍କ ଘର କାଶୀପୁର ବ୍ଲକ ଘରକପୁର ଗ୍ରାମରେ। ସେ ତୁମ୍ବିଗୁଡ଼ାରେ ରହି ରାୟଗଡ଼ାର ଏନ୍‌ଭିଆର୍ ସ୍କୁଲରେ ୧୦ମ ଶ୍ରେଣୀରେ ପଢୁଥିଲେ।

## ପ୍ରଥମ ପୃଷ୍ଠାରୁ...

### ସ୍ତ୍ରୀ, ଶାଳୀଙ୍କୁ ...

ଏହାପରେ ହାଉସିଂବୋର୍ଡରେ ଉଭୟେ ରହି ଆସୁଥିଲେ। ସେମାନଙ୍କର କୌଣସି ସନ୍ତାନ ଜନ୍ମ ହୋଇ ନ ଥିଲା। ଏନେଇ ପରସ୍ପରକୁ ଦୋଷାରୋପ କରି ଝଗଡ଼ା ଲାଗି ରହୁଥିଲା। ଏଥିରେ ଗାୟତ୍ରୀଙ୍କ ପକ୍ଷ ନେଇଆସୁଥିଲେ ତାଙ୍କ ସାନ ଭଉଣୀ ସରସ୍ୱତୀ, ଯିଏ କି ଭୁବନେଶ୍ୱର ଇନ୍‌ଫୋସିଟି ଥାନା ଅନ୍ତର୍ଗତ ଏକ ଘରୋଇ ହସ୍ପିଟାଲରେ ଷ୍ଟାଫ୍ ନର୍ସ ଭାବେ କାମ କରନ୍ତି। ୨ ମାସ ତଳେ ସରସ୍ୱତୀ କଟକରେ ବିବାହ କରିଥିଲେ ମଧ୍ୟ ସେ ହସ୍ପିଟାଲର ହଷ୍ଟେଲରେ ରହନ୍ତି। ଗାୟତ୍ରୀ ପ୍ରାୟ ୨ ବର୍ଷ ହେଲା ଶାଶୁଘରେ ଥିବାବେଳେ ପ୍ରାୟ ୮ ଦିନ ତଳେ ଭୁବନେଶ୍ୱର ଭଡ଼ାଘରକୁ ଫେରିଥିଲେ। ଗୁରୁବାର ଅପରାହ୍ନରେ ମା' କୁନି ସେଠୀ ସାନ ଝିଅ ସରସ୍ୱତୀଙ୍କ ସହ କଥା ହୋଇଥିଲେ। ହେଲେ ସନ୍ଧ୍ୟା ସମୟରେ ସରସ୍ୱତୀଙ୍କ ଫୋନ୍ ସୁଇଚ୍ ଅଫ୍ ଦେଖାଇଥିଲା। ସରସ୍ୱତୀଙ୍କ ସ୍ୱାମୀ ପପୁ ସେଠୀ ମଧ୍ୟ ଫୋନ୍ କରି ନିରାଶ ହୋଇଥିଲେ। ବାପା ସୁଦାମ ସେଠୀ ଶୁକ୍ରବାର ବଡ଼ ଝିଅ ଗାୟତ୍ରୀଙ୍କୁ ଫୋନ୍ କରିବାରୁ ତାହା ମଧ୍ୟ ସୁଇଚ୍ ଅଫ୍ ଦେଖାଇଥିଲା। ଫଳରେ ସେ ବିଜୟଙ୍କୁ ଫୋନ୍ କରିଥିଲେ ମଧ୍ୟ ଉଠାଉ ନ ଥିଲେ। ଏଣୁ ସୁଦାମ ଓ ମା କୁନି ଶୁକ୍ରବାର ଭୁବନେଶ୍ୱର ଆସି ଝିଅ ରହୁଥିବା ଭଡ଼ା ଘରକୁ ଯାଇଥିଲେ। ସେଠାରେ ତାଲା ପଡ଼ିଥିବାରୁ ସେମାନେ ସରସ୍ୱତୀ ରହୁଥିବା ହସ୍ପିଟାଲ ହଷ୍ଟେଲକୁ ଯାଇଥିଲେ। ହଷ୍ଟେଲ କର୍ତ୍ତୃପକ୍ଷ ତାଙ୍କ ଭିଣୋଇ(ବିଜୟ) ଆସି ଗୁରୁବାର ଅପରାହ୍ନ ୩ଟା ବେଳେ ସରସ୍ୱତୀଙ୍କୁ ନେଇଯାଇଥିବା କହିଥିଲେ। ଖୋଜାଖୋଜି କରି ଦୁଇ ଝିଅଙ୍କ ସନ୍ଧାନ ନ ମିଳିବାରୁ ସେମାନେ ଇନ୍‌ଫୋସିଟି ଥାନାରେ ଅଭିଯୋଗ କରିଥିଲେ। ଇନ୍‌ଫୋସିଟି ଥାନା ପୋଲିସ ଏକ ନିଖୋଜ ମାମଲା (୧୭/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅନ୍ୟପକ୍ଷରେ ଭଡ଼ାଘର ପାଖରେ ରହୁଥିବା ଜଣେ ବ୍ୟକ୍ତିଙ୍କୁ ସୁଦାମ ପଚାରିବାରୁ ତାଙ୍କ ଜ୍ୱାଇଁ ବିଜୟ ସକାଳେ, ମଧ୍ୟାହ୍ନରେ ଓ ସନ୍ଧ୍ୟାରେ ଆସି ଗୋଟିଏ ଗୋଟିଏ ଜିନିଷ ନେଇ ପଳାଇ ଯାଉଥିବା କହିଥିଲେ। ଶନିବାରଠୁ ବିଜୟଙ୍କ ମୋବାଇଲ ଫୋନ ମଧ୍ୟ ସୁଇଚ୍ ଅଫ୍ ଦେଖାଇଥିଲା। ତେଣୁ ସୁଦାମ ରବିବାର ସକାଳ ପ୍ରାୟ ୫ଟା ବେଳେ ଭଡ଼ାଘର ପାଖରେ ଆସି ଛକି ରହିଥିଲେ। ବିଜୟ ସକାଳ ପ୍ରାୟ ୬ଟା ବେଳେ ଘରକୁ ଆସି ତାଲା ଖୋଲି ପଶିଥିଲେ। ସେ ବାହାରକୁ ବାହାରିବା ବେଳେ ସୁଦାମ ତାଙ୍କୁ ମାଡ଼ି ବସି ସ୍ଥାନୀୟ ଲୋକଙ୍କୁ ଡାକ ପକାଇଥିଲେ। ପରିବାରର ଅନ୍ୟ ଲୋକ ଓ ସ୍ଥାନୀୟ ଲୋକମାନେ ଗଦା ହୋଇଯାଇଥିଲେ। ପୋଲିସକୁ ଖବର ଦିଆଯାଇଥିଲା। ବିଜୟଙ୍କୁ ଶାଳୀ ଓ ସ୍ତ୍ରୀଙ୍କ ବିଷୟରେ ପଚାରିବାରୁ ସେ ପ୍ରଥମେ କିଛି କହି ନ ଥିଲେ। କିଛି ସମୟ ପରେ ଉଭୟଙ୍କୁ ହତ୍ୟା କରିଥିବା ମାନିଥିଲେ। ସୋମବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଜଣାପଡ଼ିଛି।

### ସାହିତ୍ୟିକା ପଦ୍ମଶ୍ରୀ ...

ହୋଇଥିଲେ। ସେ ଲେଖିକା ସଂସଦର ସଭାପତି ଭାବରେ ମଧ୍ୟ କାର୍ଯ୍ୟ କରିଛନ୍ତି। ବୀଣାପାଣି ବିୟୋଗରେ ସାହିତ୍ୟିକ ତଥା ପ୍ରଶଂସକଙ୍କ ମହଲରେ ଶୋକର ଛାୟା ଖେଳି ଯାଇଛି। ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ, ସମ୍ପାଦକ ପ୍ରବୋଧ କୁମାର ରାଉତ, କାର୍ଯ୍ୟକାରୀ ପରିଷଦ ସଦସ୍ୟ ଚନ୍ଦ୍ରଶେଖର ହୋତା, କେନ୍ଦ୍ର ସାହିତ୍ୟ ଏକାଡେମୀର ଓଡ଼ିଆ ଉପଦେଷ୍ଟା ମଣ୍ଡଳୀ ଆବାହକ ଡ. ବିଜୟାନନ୍ଦ ସିଂ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

### ସାରା ଓଡ଼ିଶାରେ ...

ଉତ୍ତପ୍ତ ସହର ରହିଥିଲା। ସେହିପରି ତାଳଚେର ୪୩, ବଲାଙ୍ଗୀର ୪୨.୩, ଝାରସୁଗୁଡ଼ା ୪୨.୨, ବାରିପଦା ଓ ବୌଦ୍ଧ ୪୨, ସମ୍ବଲପୁର ୪୧.୭, ଟିଟିଲାଗଡ଼ ଓ ଢେଙ୍କାନାଳ ୪୧.୬, ସୁନ୍ଦରଗଡ଼, ବରଗଡ଼ ଓ ନୟାଗଡ଼ ୪୧.୫, ଜଗତସିଂହପୁର ୪୧.୪, ଚାନ୍ଦବାଲି ଓ ଯାଜପୁର ୪୧.୨, ହୀରାକୁଦ ୪୧.୧, ଭବାନୀପାଟଣା, ଖୋର୍ଦ୍ଧା ଓ ଦେବଗଡ଼ ୪୧, ଭଦ୍ରକ ୪୦.୫, ପାରଳାଖେମୁଣ୍ଡିରେ ୪୦.୫, କେନ୍ଦୁଝର ୪୦.୪, କେନ୍ଦ୍ରାପଡ଼ା ୪୦.୨, ମାଲକାନଗିରି ଓ ଛତ୍ରପୁର ୪୦ ଡିଗ୍ରୀ ତାପମାତ୍ରା ରହିଥିଲା।

ଅନ୍ୟପକ୍ଷରେ ସୋମବାରଠାରୁ ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଆରମ୍ଭ ହେବ। ଏହା ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ଏଥିପାଇଁ ତାପମାତ୍ରା ଆହୁରି ବୃଦ୍ଧି ପାଇବାର ସମ୍ଭାବନା ରହିଥିବାରୁ ବିଭିନ୍ନ ଜିଲାକୁ ୟେଲୋ ୱାର୍ନିଂ ଜାରି କରିଛି ପାଣିପାଗ ବିଭାଗ। ୨୫ରେ ସୋନପୁର, ବୌଦ୍ଧ ଓ ବଲାଙ୍ଗୀର, ୨୬ରେ ସୋନପୁର, ବୌଦ୍ଧ, ବଲାଙ୍ଗୀର ଓ ମୟୂରଭଞ୍ଜ ଏବଂ ୨୭ ଓ ୨୮ରେ ସୋନପୁର, ବୌଦ୍ଧ, ବଲାଙ୍ଗୀର, କଳାହାଣ୍ଡି ଓ ମୟୂରଭଞ୍ଜରେ ଗ୍ରୀଷ୍ମ ପ୍ରବାହ ଲାଗି ରହିବ ବୋଲି ସୂଚନା ଦିଆଯାଇଛି। ତେବେ ଏହି ସମୟରେ କୋରାପୁଟ, ରାୟଗଡ଼ା, ମାଲକାନଗିରି, ଗଜପତି, ମୟୂରଭଞ୍ଜ, ନବରଙ୍ଗପୁର, ବାଲେଶ୍ୱର ଜିଲାର କିଛି ସ୍ଥାନରେ କାଳବୈଶାଖୀ ମଧ୍ୟ ହେବାର ସମ୍ଭାବନା ରହିଛି। ତେଣୁ ୨୮ ତାରିଖ ପର୍ଯ୍ୟନ୍ତ ସତର୍କ ରହିବା ପାଇଁ ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍‌ଆର୍‌ସି) ସମସ୍ତ ଜିଲାକୁ ପରାମର୍ଶ ଦେଇଛନ୍ତି। ପ୍ରଚାର ମାଧ୍ୟମରେ ଗ୍ରୀଷ୍ମ ପ୍ରବାହ ନେଇ ସତର୍କ ଓ ସଚେତନ କରିବା ସହ ବୟସ୍କ, ରୋଗାକ୍ରାନ୍ତ ଭଳି ଲୋକଙ୍କ ପ୍ରତି ଅଧିକ ଧ୍ୟାନ ଦେବାକୁ କୁହାଯାଇଛି। ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ସାଢ଼େ ୩ଟା ମଧ୍ୟରେ ବାହାରକୁ ବାହାରିଲେ ପ୍ରାକ୍ ସଚେତନତା ଅବଲମ୍ବନ କରିବା ପାଇଁ ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଛି।

### ପ୍ରଭାବିତ ହେବ ...

ହେବ। ଠିକ୍ ଏହି ସମୟରେ ହିଁ ତାପମାତ୍ରା ବଢ଼ିଥାଏ। ଏବେ ରାଜ୍ୟର ଅଧିକାଂଶ ସହରରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହୁଥିବାରୁ ଅଭିଭାବକ, ଛାତ୍ରୀଛାତ୍ର ଓ ଶିକ୍ଷକମାନେ ଚିନ୍ତାପ୍ରକଟ କରିଛନ୍ତି। ତେଣୁ ବର୍ତ୍ତମାନ ସ୍କୁଲ ସମୟ ସହିତ ଖରାଛୁଟି ଓ ପରୀକ୍ଷା ସମୟକୁ ମଧ୍ୟ ପରିବର୍ତ୍ତନ ପାଇଁ ଦାବି ହେଉଛି।

ଏ ନେଇ ଓଷ୍ଟାର ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାନ୍ତି କହିଛନ୍ତି, ଦୁଇବର୍ଷ ହେବ ପିଲାଙ୍କ ପାଠପଢ଼ାରେ ଯେଉଁ କ୍ଷତି ହୋଇଛି, ତାହାକୁ ଭରଣା କରିବା ପାଇଁ ସରକାର ଖରାଛୁଟିକୁ କମାଇ ଦେବା ପଦକ୍ଷେପ ସ୍ୱାଗତଯୋଗ୍ୟ। କିନ୍ତୁ ସେହି ସମୟରେ ଡହ ଡହ ଖରାରେ କ୍ଲାସ୍ କରିବା ମଧ୍ୟ ଅସମ୍ଭବ। ତେଣୁ ସରକାର ଆଉଥରେ ଏ ଦିଗରେ ଚିନ୍ତା କରନ୍ତୁ। ଆଗାମୀ ଦୁର୍ଗାପୂଜା ଛୁଟି ହେଉ କିମ୍ବା ଅନ୍ୟାନ୍ୟ ଛୁଟିକୁ କାଣ୍ଟଛାଣ୍ଟ କରାଯାଉ। ସେହିଭଳି ଆଗକୁ ଆରମ୍ଭ ହେବାକୁ ଥିବା ପରୀକ୍ଷା ସମୟ ମଧ୍ୟ ପରିବର୍ତ୍ତନ କରାଯାଉ। ୮ଟା ପରିବର୍ତ୍ତେ ୭ଟାରୁ ଆରମ୍ଭ କରିବା ପାଇଁ ସରକାର ଯୋଜନା କରନ୍ତୁ ବୋଲି ପ୍ରକାଶ ମହାନ୍ତି ପରାମର୍ଶ ଦେଇଛନ୍ତି। ଓଡ଼ିଶା ଅଭିଭାବକ ମହାସଂଘ ଅଧ୍ୟକ୍ଷ ବାସୁଦେବ ଭଟ୍ଟ କହିଛନ୍ତି, ବର୍ତ୍ତମାନ ଖରା ସହି ହେଉନି। ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ଗ୍ରୀଷ୍ମ ପ୍ରବାହ ହେବ ଓ ତାପମାତ୍ରା ଆହୁରି ବଢ଼ିବ। ତେଣୁ ସ୍କୁଲରେ ସକାଳ ସାଢ଼େ ୬ଟାରୁ ୯ଟା ପର୍ଯ୍ୟନ୍ତ କ୍ଲାସ୍ ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ଅନୁରୋଧ କରିଛୁ। ସେହିଭଳି ପରୀକ୍ଷା ସମୟ ମଧ୍ୟ ୭ଟାରୁ ଆରମ୍ଭ କରାଯାଉ ବୋଲି ଭଟ୍ଟ କହିଛନ୍ତି। ସୂଚନାଯୋଗ୍ୟ, ବର୍ତ୍ତମାନ ସ୍କୁଲ ସାଢ଼େ ୧୦ଟାରେ ଛୁଟି ହେଉଥିବାବେଳେ ମେ' ୨ରୁ ଜୁନ୍ ୫ ପର୍ଯ୍ୟନ୍ତ ସକାଳ ୬ଟାରୁ ୯ଟା ଯାଏ ପାଠପଢ଼ା ହେବ। ସେହିଭଳି ଜୁନ୍ ୬ରୁ ୧୬ ତାରିଖ ଖରାଛୁଟି ଘୋଷଣା କରାଯାଇଛି। ଖରାଛୁଟି ଅବଧି ଓ ସ୍କୁଲ ପାଠପଢ଼ା ସମୟକୁ ନେଇ ଅସନ୍ତୋଷ ଦେଖାଦେଇଛି। ଜୁନ୍ ବଦଳରେ ମେ'ରେ ଖରାଛୁଟି କରିବାକୁ ମଧ୍ୟ ଦାବି ହେଉଛି। ତେଣୁ ନିକଟରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏପରି ପ୍ରସ୍ତାବ ସମ୍ପର୍କରେ ସୂଚନା ଦେବା ସହ ସେମିତି ପରିସ୍ଥିତି ଆସିଲେ ବିଭାଗ ବିଚାର କରିବ ବୋଲି କହିଥିଲେ। ଏବେ ତାପମାତ୍ରା ୪୩ ଡିଗ୍ରୀ ଟପିଥିବାରୁ ତୁରନ୍ତ ଏହା ଉପରେ ପଦକ୍ଷେପ ନେବାକୁ ଦାବି ହେଉଛି।

### ଦର୍ଲିପାଲିରେ ବିଦ୍ୟୁତ୍ ...

ଶନିବାର ଟର୍ବାଇନ ଅଚଳ ହୋଇଯାଇଥିବା ନେଇ ରାଜ୍ୟ ଶକ୍ତି ବିଭାଗ ପକ୍ଷରୁ ଟୁଇଟ୍ ଯୋଗେ ସୂଚନା ଦିଆଯାଇଛି। ବର୍ତ୍ତମାନ ସମୟରେ ଖାଉଟିଙ୍କ ଅସୁବିଧାକୁ କମାଇବା ଲାଗି ପଦକ୍ଷେପ ନିଆଯାଉଛି। ତୁରନ୍ତ ଏହାର ମରାମତି କରିବା ଲାଗି ଉଦ୍ୟମ ଆରମ୍ଭ ହୋଇଥିବା ଜଣାପଡିଛି। ଅନ୍ୟପଟେ ରାଜ୍ୟ ସରକାର ଏନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସୋମବାର କରିବେ ବୋଲି ସୂଚନା ମିଳିଛି। ମିଳିଥିବା ସୂଚନା ମୁତାବକ, ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ୧୧ଟା ସମୟରେ ଲୋକସେବା ଭବନରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ। ବୈଠକରେ ଶକ୍ତି ସଚିବ ନିକୁଞ୍ଜ ଧଳ, ଗ୍ରୀଡ୍‌କୋ ଓ ଓପିଟିସିଏଲର ଅଧିକାରୀମାନେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ରାଜ୍ୟରେ ବର୍ତ୍ତମାନ ଖରା ଆରମ୍ଭ ହୋଇଯାଇଛି। ଖରାର ମାତ୍ରା ଏତେ ବଢିଯାଇଛି ଯେ, ଲୋକେ ଏବେ ଯିବା ଆସିବା କରିବାକୁ ଡରିଲେଣି। ଏଭଳି ସ୍ଥିତିରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ବିଦ୍ୟୁତ୍ କାଟ ଜନିତ ସମସ୍ୟା ସୃଷ୍ଟି ହୋଇଛି। ତେଣୁ ରାଜ୍ୟରେ ଏହି ଖରାଦିନ ସମୟରେ ଯେପରି ବିଦ୍ୟୁତ୍ କାଟ ନ ହେବ ସେଥିପ୍ରତି ଧ୍ୟାନ ଦେବାକୁ ମୁଖ୍ୟ ଶାସନ ସଚିବ କହିପାରନ୍ତି। ଅନ୍ୟପଟେ ବିଦ୍ୟୁତ୍ ସମସ୍ୟା ନେଇ ରହିଥିବା ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ମଧ୍ୟ ଆଲୋଚନା ହୋଇପାରେ। ରାଜଧାନୀର ବିଭିନ୍ନ ଅଞ୍ଚଳରେ ଏବେ ବିଦ୍ୟୁତ୍ ବିଲ୍‌ରେ ସମସ୍ୟା ସୃଷ୍ଟି ହେଉଥିବା ଶୁଣିବାକୁ ମିଳୁଛି। ତେଣୁ ଏହା ଉପରେ ମଧ୍ୟ ମୁଖ୍ୟ ଶାସନ ସଚିବ ଗୁରୁତ୍ୱ ଦେଇପାରନ୍ତି।

### 'ପାଲି' ଭାରତର ପ୍ରଥମ ...

ଉଚ୍ଛେଦ ପରେ ପ୍ରଥମ ଥର ପାଇଁ ପ୍ରଧାନମନ୍ତ୍ରୀ ରବିବାର ସେଠାକୁ ଗସ୍ତ କରିଥିଲେ। ସେଠାରେ ସେ ୨୦,୦୦୦ କୋଟି ଟଙ୍କାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବା ସହ ଜାତୀୟ ପଞ୍ଚାୟତିରାଜ ଦିବସ ଅବସରରେ ସେଠାରୁ ସାରା ଦେଶର ଗ୍ରାମସଭାକୁ ଉଦ୍‌ବୋଧନ ଦେଇଥିଲେ। ଜମ୍ମୁ-କଶ୍ମୀରର ଯୁବପିଢ଼ିଙ୍କୁ ସେମାନଙ୍କ ପୂର୍ବପୁରୁଷମାନଙ୍କ ଭଳି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ ବୋଲି ମୋଦି ପ୍ରତିଶ୍ରୁତି ଦେଇଛନ୍ତି। ପ୍ରଧାନମନ୍ତ୍ରୀ ଶିଳାନ୍ୟାସ କରିଥିବା ପ୍ରକଳ୍ପ ମଧ୍ୟରେ ୮୫୦ ମେଗାୱାଟ ରାଟଲ୍ ଜଳବିଦ୍ୟୁତ୍ ପ୍ରକଳ୍ପ, ୫୪୦ ମେଗାୱାଟ କ୍ୱାର୍ ଜଳବିଦ୍ୟୁତ୍ ପ୍ରକଳ୍ପ ଏବଂ ଦିଲ୍ଲୀ-ଅମୃତସର-କଟ୍ରା ଏକ୍ସପ୍ରେସ୍‌ୱେ ରହିଛି। ୩,୧୦୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ବନିହାଲ-କାଜିଗଣ୍ଡ ରୋଡ୍ ଟନେଲକୁ ପ୍ରଧାନମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି। ୮.୪୫ କିଲୋମିଟର ଦୀର୍ଘ ସୁଡ଼ଙ୍ଗ ବନିହାଲ ଏବଂ କାଜିଗଣ୍ଡ ମଧ୍ୟରେ ଦୂରତା ୧୬ କିଲୋମିଟର କମାଇବା ସହ ଯାତ୍ରା ସମୟକୁ ୧.୫ ଘଣ୍ଟା ହ୍ରାସ କରିବ।

### ଆତ୍ମସମର୍ପଣ ପରେ ...

ହେଲେ ଗତ ୧୭ ତାରିଖରେ ସୁପ୍ରିମକୋର୍ଟ ଜାମିନକୁ ଖାରଜ କରିଦେବା ସହ ସପ୍ତାହକ ମଧ୍ୟରେ ଆତ୍ମସମର୍ପଣ କରିବାକୁ ଆଶିଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଧାର୍ଯ୍ୟ ସମୟର ଦିନକ ପୂର୍ବରୁ ସେ କୋର୍ଟରେ ଆତ୍ମସମର୍ପଣ କରିଥିବା ତାଙ୍କ ଓକିଲ ଅଓ୍ୱଦେଶ ସିଂ କହିଛନ୍ତି। ସୁରକ୍ଷା କାରଣରୁ ତାଙ୍କୁ ଏକ ସ୍ୱତନ୍ତ୍ର ବାରାକରେ ରଖାଯିବ ବୋଲି ଜେଲ ସୁପରିଣ୍ଟେଣ୍ଡେଣ୍ଟ ପି.ପି. ସିଂ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ରାଶ୍ୟାଧିପ ନକ୍ଷତ୍ରସ୍ଥ ଚନ୍ଦ୍ର ହେତୁ ବାକ୍‌ଯୁଦ୍ଧ, ମତାନ୍ତରର ଆଶଙ୍କା ରହିଛି। ପରକ୍ଷଣରେ ଅନ୍ୟାନ୍ୟ ସହକର୍ମୀଙ୍କ ହସ୍ତକ୍ଷେପ ଫଳରେ ସମାଧାନ ହୋଇପାରେ। ଯାତ୍ରା, ନୂତନ କର୍ମାରମ୍ଭ ଓ ଆନୁଷ୍ଠାନିକ କ୍ଷେତ୍ର ପାଇଁ କୌଣସି ପ୍ରତିକୂଳ ପ୍ରଭାବ ପଡିବ ନାହିଁ। ସାମାଜିକ ସ୍ତରରେ ପଡୋଶୀମାନେ ଆପଣଙ୍କ ପରାମର୍ଶ ଲୋଡ଼ିପାରନ୍ତି।

**ବୃଷ**
ଆନୁଷ୍ଠାନିକ କାର୍ଯ୍ୟରେ ବ୍ୟସ୍ତ ରହିବେ ଏବଂ ଚେଷ୍ଟା କରୁଥିବା କାମରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। କିନ୍ତୁ କୌଣସି ମହିଳା କିମ୍ବା ବିଜାତୀୟ ବ୍ୟକ୍ତିଙ୍କ ସହ କଳହ ଘଟିପାରେ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟରେ ଆଂଶିକ ସଫଳତା ପାଇବେ। କୌଣସି ମୂଲ୍ୟବାନ ଜିନିଷ କିଣିବା ସକାଶେ ମନ ବଳାଇ ପାରନ୍ତି।

**ମିଥୁନ**
ମାନସିକ ସ୍ତରରେ ବ୍ୟଗ୍ରତା ଓ ଅସ୍ଥିରତା ଆଜିର ମୁଖ୍ୟ ସମସ୍ୟା ରୂପେ ଦେଖାଦେବ। କର୍ମକ୍ଷେତ୍ରରେ ପରୋକ୍ଷ ଶତ୍ରୁତା, ରପ୍ତାନି କାରବାରରେ କଳହ କିମ୍ବା ବନ୍ଧୁଙ୍କ ସହ ମତାନ୍ତର ଘଟିପାରେ। ଅସୁବିଧାରେ ପଡିଥିବା ଲୋକଟିକୁ ସାହାଯ୍ୟ କରି ସମାଲୋଚିତ ହୋଇପାରନ୍ତି। ଉଚ୍ଚବର୍ଗର ଲୋକଙ୍କ ସଂସ୍ପର୍ଶରେ ଆସି ପାରନ୍ତି।

**କର୍କଟ**
ବନ୍ଧୁଙ୍କ ନିନ୍ଦାଗାନ ଶୁଣି ନୀରବ ରହିବେ। ଅଶ୍ଳେଷା ନକ୍ଷତ୍ର ସକାଶେ ଯେତେଟା ପରିସ୍ଥିତିକୁ ଜଟିଳ ମନେ କରୁଛନ୍ତି ସେପରି କିଛି ହେବନି। ମାନସିକ ଚାପ ବୃଦ୍ଧି ହେତୁ ରକ୍ତଚାପ ବୃଦ୍ଧି ପାଇବା କାରଣରୁ ଚିଡି ଚିଡି ହୋଇ ପାରନ୍ତି। ବ୍ୟବସାୟ, ନିର୍ମାଣ ଓ ପ୍ରଶାସନିକ ସ୍ତରରେ ଚେଷ୍ଟା କରୁଥିବା କାମରେ ସଫଳତା ହାସଲ କରି ପ୍ରଶଂସିତ ହେବେ।

**ସିଂହ**
ଆଜି ସକାଳୁ କାର୍ଯ୍ୟକ୍ଷେତ୍ରକୁ ଶୀଘ୍ର ଯିବାକୁ ଆହ୍ୱାନ ଆସିପାରେ। ଜଞ୍ଜାଳ ଏତେ ମାତ୍ରାରେ ବଢିଯିବ ଯେ ସାମାନ୍ୟ ଫୁର୍‌ସତ୍ ମଧ୍ୟ ପାଇବେ ନାହିଁ। ଏହା ସାଙ୍ଗକୁ ବିଭିନ୍ନ ପ୍ରକାର ପାରିବାରିକ ସମସ୍ୟାକୁ କେନ୍ଦ୍ର କରି ମାନସିକ ସ୍ଥିତି ଠିକ୍ ରହିବ ନାହିଁ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ, ଯାନ୍ତ୍ରିକ ଶିଳ୍ପ ଓ ପରିବହନରେ ସଫଳତା ମିଳିବ।

**କନ୍ୟା**
ଆଜିର ଅଶାନ୍ତ ପରିସ୍ଥିତି, ଗୃହଛିଦ୍ର, ବନ୍ଧୁଙ୍କ ଅନୁଚିତ କାର୍ଯ୍ୟକଳାପ ଦୁଶ୍ଚିନ୍ତାର କାରଣ ହୋଇପାରେ। ଆଲୋଚନା ପରିସରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହେବେ। ବ୍ୟବସାୟିକ କ୍ଷେତ୍ର, ନିର୍ମାଣ, କଚେରି ମାମଲା ଦିଗରୁ ଆଶ୍ୱସ୍ତି ପାଇବେ। ଅନ୍ୟମନସ୍କତା କେତେକ ବ୍ୟତିକ୍ରମର କାରଣ ପାଲଟି ଯାଇପାରେ।

**ତୁଳା**
ଯାହା ଚାହୁଁଛନ୍ତି ତାହା କରିପାରିବେ, ପ୍ରତ୍ୟେକ କାର୍ଯ୍ୟରେ ସଫଳତା ପାଇବେ। ଜମିଜମା କିମ୍ବା ନିର୍ମାଣ ଓ ସାଂଗଠନିକ କ୍ଷେତ୍ରରେ ବିତର୍କର ସମ୍ଭାବନା ରହିଛି। ଯାନବାହନ ଚାଳନାରେ ସତର୍କ ରହନ୍ତୁ,ଅନ୍ୟଥା ଅସୁବିଧାର ସମ୍ମୁଖୀନ ହେବାକୁ ପଡିବ। ଆଲୋଚନା ପରିସରରେ ବ୍ୟବହାରିକ ବ୍ୟତିକ୍ରମ ସାମୟିକ ବାଧା ସୃଷ୍ଟି କରିପାରେ।

**ବିଛା**
ନିର୍ଦ୍ଦିଷ୍ଟ ସମୟରେ ଆପଣଙ୍କ ଅନୁପସ୍ଥିତି ପାଇଁ କୈଫିୟତ ଦେବାକୁ ପଡିପାରେ। ଆପଣଙ୍କ ବାଟକୁ ଚାହିଁ ବସିଥିବା ବନ୍ଧୁଟି ମନେ ମନେ ବିରକ୍ତି ପ୍ରକାଶ କରିବ। ପୂର୍ବର ଅସୁବିଧାଜନକ ସମୟ ବଦଳି ଯିବ ଓ ବନ୍ଧୁମାନେ ସହଯୋଗର ହାତ ବଢାଇବେ। ଆଜିର ଯାତ୍ରା, ପ୍ରକାଶନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ।

**ଧନୁ**
ବୁଝାମଣାର ଅଭାବଜନିତ ସମସ୍ୟା ଭିତରେ ଅଧିକାଂଶ ସମୟ ଅନ୍ୟମନସ୍କ ରହିବେ। ଅବଶ୍ୟ ଆର୍ଥିକ ସ୍ଥିତି ବହୁତ ଭଲ ରହିବ ଏବଂ କୌଣସି ମୂଲ୍ୟବାନ ଜିନିଷ ଖରିଦ କରିପାରନ୍ତି। ଆତ୍ମୀୟମାନେ ଆପଣଙ୍କ କାର୍ଯ୍ୟକୁ ପସନ୍ଦ ନ କଲେ ମଧ୍ୟ ମୁହଁ ଆଗରେ କିଛି କହିବେ ନାହିଁ। ନୂତନ ସମ୍ପର୍କ ସ୍ଥାପନ ପାଇଁ ମନ ବଳାଇ ପାରନ୍ତି।

**ମକର**
କର୍ମକ୍ଷେତ୍ରରେ ଘଟି ଯାଇଥିବା ଯେଉଁ ବ୍ୟତିକ୍ରମ ପାଇଁ ଝମେଲାର ଆଶଙ୍କା କରୁଛନ୍ତି ସେମିତି କିଛି ହେବ ନାହିଁ। ପିଲାମାନଙ୍କ ପଢା ସମସ୍ୟା ନେଇ ମନ ଭାରାକାନ୍ତ ରହିପାରେ। ଆନୁଷ୍ଠାନିକ କ୍ଷେତ୍ରରେ କିମ୍ବା ସଭାସମିତିରେ ପ୍ରଶଂସା ଓ ପ୍ରୋତ୍ସାହନ ପାଇବେ। ଶୀଘ୍ର ଆସିବାକୁ କହି ଆସି ନ ଥିବା ବନ୍ଧୁଙ୍କ ସକାଶେ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ।

**କୁମ୍ଭ**
ପ୍ରତ୍ୟେକ କ୍ଷେତ୍ରରେ ବୁଝାମଣା ଠିକ୍ ରହିବା ହେତୁ କାମ ସନ୍ତୋଷଜନକ ରହିବ। ତଥାପି ପିଲାମାନଙ୍କ ସକାଶେ କୌଣସି ବ୍ୟକ୍ତିଙ୍କ ସହ ତର୍କର ସମ୍ମୁଖୀନ ହୋଇପାରନ୍ତି। ବ୍ୟବସାୟ,ବାଣିଜ୍ୟ ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ। ପାରିବାରିକ କ୍ଷେତ୍ରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ।

**ମୀନ**
ଅନ୍ୟର କଥାକୁ ନେଇ ମାନସିକ ସୁସ୍ଥତା ବାଧାପ୍ରାପ୍ତ ହେବ। ପାରିବାରିକ ସଦ୍‌ଭାବ ମନକୁ ବୁଝାଇବାରେ ସାହାଯ୍ୟ କରିବ। ବନ୍ଧୁ ଗହଣରେ ନିଜର ପ୍ରତିକ୍ରିୟା ହଠାତ୍ ପ୍ରକାଶ କରନ୍ତୁ ନାହିଁ କାରଣ ଅଯଥା ମନାନ୍ତର ସୃଷ୍ଟି ହୋଇପାରେ। କର୍ମକ୍ଷେତ୍ରରେ ମଧ୍ୟ ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାଇବା ଠିକ୍ ହେବ ନାହିଁ।


# classifieds Everyday
0674-2580101, 2549302







**SALE**

Plot for sale at Chhatabar Per Sqft @299/-. 9583295832, 9937816565. D-201

ଭୁବନେଶ୍ୱର ପିତାପଲ୍ଲୀ ଛକରୁ 50mtr ଦୂରରେ **BDA yellowzone ପ୍ଲଟ୍ ମିଳୁଛି। 9556368377.** D-73238

ଜଟଣୀଗେଟ୍ NHରୁ କିଛି ଦୂରତାରେ sqft.-1200କୁ 3,60,000/- outrateରେ ମିଳୁଛି। 9439660381, 9556055607. D-176

Commercial Cum residential gharabari plot just 2 k.m. distance from Khurdha Collectorate Office for sale. Contact: 9800700664, 9439101373. D-106

**ଭୁବନେଶ୍ୱର-ପୁରୀ ଯିବା ରାସ୍ତାରେ ମଙ୍ଗଳପୁର NHରୁ 1 Km. Distance 30 Ft. Road, ଘରବାରି, Boundary, ଇଲେକ୍ଟ୍ରିସିଟି ଥାଇ Shreekhetra Vihar Colony, Gated Society ରେ sqft. 399/- ପ୍ଲଟ୍ ବିକ୍ରିହେବ । 8117084862.** D-73231

Plot for sale at Pitapalli NH-16 Side @900/-. 9583295832, 9937816565. D-200

**Duplex sale at Bhubaneswar @45lakhs and apartment@42lakhs. 9439206202.** D-73235

Morningsun Villa Balianta (4k.m. from Hanspal) duplex price- 55,00,000/- to 65,00,000/-. 9938137503. D-73228

Single room with Toilet for Office or residence in Third Floor on main road side near Jharpada Over Bridge. Contact: 9438081042. D-221

Singleroom furnished- 4000/-, Singleroom attached Toilet, Kitchen- 5000/- plot-5 Kharvelnagar near Kesharitalkies, Bhubaneswar. 9238647661. D-71029

2BHK flat with parking at Lingipur rent family. Contact: 7894381416. D-71496




**Relax, Refresh your body, mind at Saikrupa Spa with best therapies. 8984068077.** D-129

Take one hour any therapy @888 only, Jaydev Vihar. Call: 7852986810. D-71490

Newly open full body massage expert male/ female therapist. 7008713526. D-71497

Newly open full body massage ladies and gents. 8327740003. D-71890

Newly open SPA positively health benifit with expert. Contact: 7749976301. D-71980

Ayurvedic full body massage by experienced male/ female therapist. 7381172169. D-71493

**LEGAL NOTICE**

ଏତଦ୍ୱାରା ସର୍ବସାଧାରଣ ଏବଂ ରାଜେଶ କୁମାର ଅଗ୍ରୱାଲ, ପିତା- ସ୍ୱର୍ଗତ ବାଲକିଶନ ଅଗ୍ରୱାଲ, ନି- କ୍ଷେତ୍ରରାଜପୁର, ଜିଲ୍ଲା- ସମ୍ବଲପୁରଙ୍କ ଅବଗତି ନିମନ୍ତେ ମୁଁ ନମଲା ବିଜୟଲକ୍ଷ୍ମୀ, ସ୍ୱାମୀ- ନମଲା ଶ୍ରୀନିବାସ, ନି- କଟାପାଲି, ଥାନା- ଶାସନ, ଜିଲ୍ଲା- ସମ୍ବଲପୁର ଜଣାଇଦେଉଅଛି ଯେ, ମୋର ମାଝିପାଲି ମୌଜାରେ ଥିବା ଚକ ଖାତା ନଂ.- ୮୮/୨୦୫, ଏରିଆ ୨.୪୫ଡିର ରେକର୍ଡଧାରୀ ପ୍ରଜା ଅଟେ। ରାଜେଶ କୁମାର ଅଗ୍ରୱାଲଙ୍କ ସହିତ ହୋଇଥିବା ବିକ୍ରୟ ଚୁକ୍ତି Regd ID No.- 1651800426 and Doc. No.- 11651800393, ତାରିଖ ୧୫।୦୫।୨୦୧୮। ଏହି ଚୁକ୍ତିକୁ ୩ବର୍ଷ ବିତିଗଲାଣି। ବିଜ୍ଞାପନ ପ୍ରକାଶନର ୧୫ଦିନ ମଧ୍ୟରେ ଆସି ଏହି ଚୁକ୍ତିକୁ ବାତିଲ କରନ୍ତୁ। ଏହି ଜମିକୁ ମୁଁ ବିକ୍ରି କରିବାକୁ ଚାହୁଁଛି। ସେଥିରେ କାହାରି କିଛି ଆପତ୍ତି ଅଭିଯୋଗ ରହିବା ଉଚିତ ନୁହେଁ। ଧ-୨୩୭

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-**
classifieddharitri@gmail.com

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୦,୯୩,୬୨,୮୫୪ | ୬୨,୪୨,୬୯୦ | ୪୬,୧୮,୯୪,୦୪୯ |
| ଭାରତ | ୪,୩୦,୫୭,୫୪୫ | ୫,୨୨,୧୯୩ | ୪,୨୫,୧୯,୪୭୯ |
| ଓଡ଼ିଶା | ୧୨,୮୭,୯୮୯ | ୯୧୨୪(+୫୩) | ୧୨,୭୮,୭୩୭ |

ରବିବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ଉରୁଗୁଏ ରାଷ୍ଟ୍ରଦୂତଙ୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ



କୋଣାର୍କ, ୨୪।୪(ଡି.ଏନ.ଏ.): ଭାରତରେ ଅବସ୍ଥାପିତ ଉରୁଗୁଏ ରାଷ୍ଟ୍ରଦୂତ ଆଲବର୍ଟ ଏ ଗୁଆନି ରବିବାର ବିଶ୍ୱ ଐତିହ୍ୟ କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ କରିଛନ୍ତି। ଖବର ଅନୁଯାୟୀ, ଅପରାହ୍ନ ସମୟରେ ଉରୁଗୁଏ ରାଷ୍ଟ୍ରଦୂତ ଆଲବର୍ଟ ଏ ଗୁଆନି ସୂର୍ଯ୍ୟମନ୍ଦିର ମୁଖ୍ୟ ଫାଟକ ସମ୍ମୁଖରେ ପହଞ୍ଚିଥିଲେ। ଏହି ସମୟରେ କୋଣାର୍କ ପର୍ଯ୍ୟଟନ କାର୍ଯ୍ୟାଳୟ ପକ୍ଷରୁ ଅଧିକାରୀମାନେ ପହଞ୍ଚି ରାଷ୍ଟ୍ରଦୂତଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ରାଷ୍ଟ୍ରଦୂତ ଗୁଆନି ସୂର୍ଯ୍ୟମନ୍ଦିର ପରିଦର୍ଶନ କରିବା ସହ ଏହାର ପ୍ରାଚୀନ କଳାକୃତି, ସ୍ଥାପତ୍ୟ ଓ ଭାସ୍କର୍ଯ୍ୟ ବୁଲି ଦେଖିଥିଲେ। ଏହି ଅବସରରେ ଗାଇଡ୍ ଗଗନ କୁମାର ବେଉରା ମନ୍ଦିରର ଐତିହ୍ୟ, ସଂସ୍କୃତି ଓ ଇତିହାସ ସମ୍ପର୍କରେ ଉରୁଗୁଏ ରାଷ୍ଟ୍ରଦୂତ ଗୁଆନିଙ୍କୁ ବିଶଦ ଭାବରେ ଅବଗତ କରାଇଥିଲେ। ସୂର୍ଯ୍ୟମନ୍ଦିରର ଐତିହ୍ୟ ସମ୍ପର୍କରେ ଜାଣି ଉରୁଗୁଏ ରାଷ୍ଟ୍ରଦୂତ ବିସ୍ମୟ ପ୍ରକାଶ କରିଥିଲେ। ଏହି ଗସ୍ତ ସମୟରେ କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମିୟ ରଞ୍ଜନ ସେଠୀ ଓ ଅତିରିକ୍ତ ତହସିଲଦାର ଶରତ ଚନ୍ଦ୍ର ପରିଡା ପ୍ରମୁଖ ଉପସ୍ଥିତ ଥିଲେ। କୋଣାର୍କ ଥାନା ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା।

### ପ୍ରତାରଣା: ଟେଲି ଅଭିନେତା ଗିରଫ



ବାଲିଅନ୍ତା/ଫୁଲନଖରା, ୨୪।୪(ଡି.ଏନ.ଏ.): ଜଣେ ଯୁବତୀଙ୍କୁ ଭଲ ପାଇ ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖି ପରେ ପ୍ରତାରଣା କରିବା ଅଭିଯୋଗରେ ପାହାଳ ଥାନା ପୋଲିସ ଜଣେ ଟେଲି ଅଭିନେତା ଏମ୍.ସୁମନ କୁମାରଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଏ ନେଇ ପୋଲିସ ଏକ ମାମଲା(ନଂ. ୫୭/୨୨) ରୁଜୁ କରି ତଦନ୍ତ ଚଳାଇଛି। ପାହାଳ ଥାନା ଅଧିକାରୀ ଷ୍ଟାଲିନ ବିଶ୍ୱାଳଙ୍କ ସୂଚନା ଅନୁସାରେ, ଯାଜପୁର ଜିଲା ବ୍ୟାସନଗର ଅଞ୍ଚଳର ଏହି ଅଭିନେତା ପାହାଳ ଥାନା ଅଞ୍ଚଳରେ ଏକ ଫ୍ଲାଟ ନେଇ ରହୁଥିଲେ। ତେବେ ବିଭିନ୍ନ ସିରିଏଲରେ ଅଭିନୟ କରୁଥିବାବେଳେ କେନ୍ଦ୍ରାପଡ଼ା ଅଞ୍ଚଳର ଜଣେ ୨୨ବର୍ଷୀୟା ଯୁବତୀଙ୍କ ସହିତ ସୁମନଙ୍କ ପ୍ରେମ ସମ୍ପର୍କ ରହିଥିଲା। ଉଭୟ ଗତ ୨ ବର୍ଷ ହେଲା ଲିଭ୍-ଇନ୍-ରିଲେଶନଶିପରେ ରହୁଥିଲେ। ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲେ। ତେବେ ବିବାହକୁ ନେଇ ଉଭୟଙ୍କ ମଧ୍ୟରେ ବାରମ୍ବାର ପାଟିତୁଣ୍ଡ ହୋଇଥିଲା। ଯୁବତୀଙ୍କୁ ସୁମନ ମାରଧର କରିଥିଲେ। ଏପରିକି ଗାଡ଼ି କିଣିବା ପାଇଁ ଯୁବତୀଙ୍କଠାରୁ ସୁମନ ୨ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ନେଇଥିଲେ ମଧ୍ୟ ଫେରାଇ ନ ଥିଲେ। ପରେ ବିବାହ ପାଇଁ ସୁମନ ରାଜି ନ ହେବାରୁ ଯୁବତୀ ରବିବାର ଥାନାର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗକ୍ରମେ ପୋଲିସ ସୁମନଙ୍କୁ ସେ ରହୁଥିବା ଫ୍ଲାଟରୁ ଗିରଫ କରିଥିଲା।

# ରାଜନୈତିକ ଶତ୍ରୁତାରୁ ୨ ବିଜେଡି ନେତାଙ୍କୁ ହତ୍ୟା



ସୁଦର୍ଶନ ସୁଆର

ସୁଧୀର କାନ୍ତ ପାତ୍ର

- ସୁନା ଅଳଙ୍କାର ଲୁଟିନେଲେ
- ସନ୍ଧାନୀ କୁକୁର ଏବଂ ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ
- ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୪ରୁ ଊର୍ଦ୍ଧ୍ୱ ଫେରାର, ଜଣେ ଅଟକ

ଦିଗପହଣ୍ଡି,୨୪।୪(ଡି.ଏନ.ଏ.)

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଚଷାନିମଖଣ୍ଡି ପଞ୍ଚାୟତ ପାଲଝାଡି ଗାଁରେ ଶନିବାର ରାତିରେ ରାଜନୈତିକ ଶତ୍ରୁତାରୁ ୨ ବିଜେଡି ନେତାଙ୍କ ଜୀବନ ଯାଇଛି। ସେମାନେ ହେଲେ ପାଲଝାଡି ଗ୍ରାମ୍ୟ କମିଟି ସଭାପତି ସୁଦର୍ଶନ ସୁଆର ଏବଂ ତାଙ୍କ ପ୍ରମୁଖ ସହଯୋଗୀ ଗ୍ରାମ୍ୟ କମିଟି ଉପଦେଷ୍ଟା ସୁଧୀର କାନ୍ତ ପାତ୍ର। ରାଜନୈତିକ ଶତ୍ରୁତାରୁ ଉଭୟଙ୍କୁ ତାଙ୍କ ପ୍ରତିପକ୍ଷ ଗୋଷ୍ଠୀର ୪ରୁ ଊର୍ଦ୍ଧ୍ୱ ବ୍ୟକ୍ତି ପୂର୍ବ ଯୋଜନା ପ୍ରକାରେ ନୃଶଂସ ଭାବେ ହତ୍ୟା କରି ଫେରାର ହୋଇଯାଇଥିବା ପୋଲିସର ପ୍ରାଥମିକ ତଦନ୍ତରୁ ସୂଚନା ମିଳିଛି। ଉଭୟେ ନିମଖଣ୍ଡିପେଣ୍ଠ ପଞ୍ଚାୟତ ପନାଡ଼ ଗ୍ରାମର ଏକ ବିବାହ ଭୋଜିରେ ଯୋଗ ଦେଇ ଗାଁକୁ ବାଇକ୍‌ରେ ଫେରୁଥିବା ବେଳେ ଚଷାନିମଖଣ୍ଡି – ସଉରା ପାହାଡ଼ ଗାଁ ମଝି ରାସ୍ତା ମଙ୍ଗଳବାରିଆ ବୁଲାଣି ନିକଟ ନିକାଞ୍ଚନ ରାସ୍ତାରେ ହତ୍ୟାକାରୀମାନେ ସଂଘବଦ୍ଧ ହୋଇ ଉଭୟଙ୍କୁ ପ୍ରଥମେ ଠେଙ୍ଗା ଓ ଲୁହାଛଡ଼ରେ ଅତର୍କିତ ଆକ୍ରମଣ କରିଥିଲେ।

ବାଇକ୍‌ରୁ ଉଭୟେ ପଡିଯିବାରୁ ଦୁର୍ବୃତ୍ତମାନେ ସେମାନଙ୍କୁ ଚାରିପଟୁ ଘେରିଯାଇ ନିସ୍ତୁକ ମାଡ଼ ମାରିଥିଲେ। ପ୍ରାଣ ବିକଳରେ ଉଭୟେ ରାସ୍ତାରେ ଦୌଡ଼ିଥିଲେ ମଧ୍ୟ ଆକ୍ରମଣକାରୀମାନେ ସେମାନଙ୍କୁ ରାସ୍ତାରେ ଗୋଡ଼ାଇ ଗୋଡ଼ାଇ ପିଟିଥିଲେ। ଉଭୟେ ଚେତାଶୂନ୍ୟ ହୋଇ ରାସ୍ତାରେ ଟଳିପଡ଼ିବା ପରେ ସେମାନଙ୍କ ମୁଣ୍ଡ ଓ ଛାତିରେ ପଥର ଖଣ୍ଡ ଛେଚିଦେବା ସହ ଦୁହେଁ ପିନ୍ଧିଥିବା ସୁନା ଚେନ୍, ମୁଦି ଏବଂ ମୋବାଇଲ ଫୋନ୍‌କୁ ନେଇ ଫେରାର ହୋଇ ଯାଇଥିଲେ। କିଛି ସମୟ ପରେ ଉକ୍ତ ରାସ୍ତା ଦେଇ ଏକ ଟ୍ରାକ୍ଟର ଆସୁଥିଲା। ଚାଳକ ୨ ଜଣଙ୍କୁ ରକ୍ତାକ୍ତ ଅବସ୍ଥାରେ ରାସ୍ତାରେ ପଡିଥିବା ଦେଖି ପାଲଝାଡି ଗାଁ ଲୋକଙ୍କୁ ଖବର ଦେଇଥିଲେ। ଗ୍ରାମବାସୀ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ପ୍ରଥମେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ସୁଦର୍ଶନଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

ପ୍ରାଥମିକ ଚିକିତ୍ସା ପରେ ସୁଧୀରଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ରାସ୍ତାରେ ସୁଧୀରଙ୍କର ମୃତ୍ୟୁ ଘଟିଥିଲା। ରବିବାର ପୂର୍ବାହ୍ନରେ ଚିକିଟି ଏସ୍‌ଡିପିଓ କୃଷ୍ଣଚନ୍ଦ୍ର ଭତ୍ରା, କେ.ନୂଆଗାଁ ଥାନା ଆଇଆଇସି ମୃତ୍ୟୁଞ୍ଜୟ ସ୍ୱାଇଁ, ବ୍ରହ୍ମପୁର ସାଇବର ଥାନା ଇନ୍ସପେକ୍ଟର ଅକ୍ଷୟ ନାୟକଙ୍କ ସମେତ ଦିଗପହଣ୍ଡି ଥାନା କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ପୋଲିସ ସନ୍ଧାନୀ କୁକୁର ସହାୟତାରେ ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରିବା ସହ ଘଟଣାସ୍ଥଳରୁ ରକ୍ତଭିଜା ମାଟି, ହତ୍ୟାରେ ବ୍ୟବହୃତ ସିମେଣ୍ଟ କଂକ୍ରିଟ ଖଣ୍ଡ, ପଥର ଖଣ୍ଡ, ୨ ହଳ ଚପଲ, ବାଇକ୍ ଏବଂ ଏକ ଭଙ୍ଗା ଚଷମା ଜବତ କରିଛି। ଅପରାହ୍ନରେ ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର ଘଟଣାସ୍ଥଳରେ ପହଞ୍ଚି ସବିଶେଷ ତଥ୍ୟ ସଂଗ୍ରହ କରି ଫେରିଛନ୍ତି। ଦିଗପହଣ୍ଡି ଥାନା ମାମଲା ନଂ.୧୪୫/୨୨ରେ ପ୍ରଶାନ୍ତ ଗୌଡ଼ ଓ ତାଙ୍କ ସହଯୋଗୀଙ୍କ ନାଁରେ ହତ୍ୟା ମାମଲା ରୁଜୁ ହୋଇଛି। ସୁଦର୍ଶନ, ସୁଧୀରଙ୍କ ମୃତଦେହ ବ୍ରହ୍ମପୁର ବଡ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଯିବା ପରେ ରବିବାର ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

ସୂଚନାଯୋଗ୍ୟ, ଗତ ପଞ୍ଚାୟତ ନିର୍ବାଚନ ପରଠାରୁ ପାଲଝାଡି ଗାଁରେ ରାଜନୈତିକ ଶତ୍ରୁତାକୁ କେନ୍ଦ୍ର କରି ୨ ଗୋଷ୍ଠୀ ମଧ୍ୟରେ ଛକାପଞ୍ଝା ଲାଗି ରହିଥିଲା। ପଞ୍ଚାୟତ ସରପଞ୍ଚ ପଦବୀ ପାଇଁ ନିର୍ବାଚନ ଲଢୁଥିବା ମିନତି ଜାନୀଙ୍କୁ ସୁଦର୍ଶନ ଏବଂ ସୁଧୀର ସମର୍ଥନ କରିଥିଲେ। ମିନତି ତାଙ୍କ ବିପକ୍ଷ ପ୍ରାର୍ଥୀ କୁକୁନି ଗୌଡଙ୍କୁ ମାତ୍ର ୪ ଖଣ୍ଡ ଭୋଟ ବ୍ୟବଧାନରେ ପରାଜିତ କରି ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ। ଏଥିରେ ବିପକ୍ଷ ଗୋଷ୍ଠୀ ହତାଶ ହୋଇ ସୁଦର୍ଶନ ଏବଂ ସୁଧୀରଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରିବା ପାଇଁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିବା ସହ ସୁଯୋଗ ଖୋଜୁଥିଲେ। ଏପରିକି ପୂର୍ବରୁ ବିପକ୍ଷ ଗୋଷ୍ଠୀର କେତେକ ବ୍ୟକ୍ତି ଦୁଇ ଥର ସୁଦର୍ଶନଙ୍କ ଘର ସମ୍ମୁଖରେ ପହଞ୍ଚି ତାଙ୍କୁ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଥିଲେ ବୋଲି ସୁଦର୍ଶନଙ୍କ ସ୍ତ୍ରୀ ମୀନାକ୍ଷୀ ପୋଲିସକୁ କହିଛନ୍ତି। ପୋଲିସ ଏହି ମାମଲାରେ ଜଣେ ଯୁବକଙ୍କୁ ଅଟକ ରଖି ଜେରା ଚଳାଇଛି। ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ପୂର୍ବତନ ସରପଞ୍ଚ ରବି ଚନ୍ଦ୍ର ଗୌଡ ଦାବି କରିଛନ୍ତି। ସେହିପରି ଏହି ଘଟଣାର ମାଷ୍ଟରମାଇଣ୍ଡ ଥିବା ବ୍ୟକ୍ତିଙ୍କୁ ପୋଲିସ ଚିହ୍ନଟ କଲେ ଅନେକ ରହସ୍ୟ ଉନ୍ମୋଚନ ହେବ ବୋଲି ଗ୍ରାମବାସୀ କହିଛନ୍ତି। ରବିବାର ଅପରାହ୍ନ ସାଢ଼େ ୫ଟାରେ ବାଚସ୍ପତି ଡ.ସୂର୍ଯ୍ୟନାରାୟଣ ପାତ୍ର ପାଲଝାଡି ଗାଁ ଶ୍ମଶାନରେ ପହଞ୍ଚି ମୃତ ବିଜେଡି ନେତା ଦ୍ୱୟଙ୍କ ଶେଷ ଦର୍ଶନ କରିବା ସହ ଉଭୟଙ୍କ ବାସଭବନକୁ ଯାଇ ପରିବାର ଲୋକଙ୍କୁ ସମବେଦନା ଜଣାଇ ଫେରିଛନ୍ତି।

# ୭ ଦିନରେ ଧରାହେଲାଣି ୧୦୯୬ ସ୍କୁଲ ଗାଡ଼ି

ଭୁବନେଶ୍ୱର,୨୪।୪(ବ୍ୟୁରୋ)

ସ୍କୁଲପିଲାଙ୍କୁ ନେଉଥିବା ବସ୍ ଏବଂ ଅନ୍ୟ ଗାଡିଗୁଡ଼ିକର ଫିଟ୍‌ନେସ୍ ଉପରେ ରାଜ୍ୟ ପରିବହନ ପ୍ରାଧିକରଣ(ଏସ୍‌ଟିଏ) ଅଧିକ ଗୁରୁତ୍ୱ ଦେବା ଆରମ୍ଭ କରିଛି। ସେଥିଲାଗି କିଛିଦିନ ହେଲା ରାଜ୍ୟର ବିଭିନ୍ନ ଜିଲାରେ ସ୍କୁଲ ବସ୍‌ଗୁଡ଼ିକ ଉପରେ ଜୋର୍‌ଦାର ଚଢ଼ାଉ କରାଯାଉଛି। ଗତ ୭ ଦିନ ମଧ୍ୟରେ ୧୦୯୬ ସ୍କୁଲ ଗାଡ଼ି ନିୟମ ଉଲ୍ଲଂଘନ କରି ଦଣ୍ଡିତ ହୋଇଛନ୍ତି ବୋଲି ପରିବହନ ଓ ସଡ଼କ ସୁରକ୍ଷା ଯୁଗ୍ମ କମିଶନର ସଞ୍ଜୟ ବିଶ୍ୱାଳ ସୂଚନା ଦେଇଛନ୍ତି।

ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ସଞ୍ଜୟ କହିଛନ୍ତି, ଦଣ୍ଡିତ ହୋଇଥିବା ୧୦୯୬ ଗାଡ଼ି ମଧ୍ୟରୁ ଫିଟ୍‌ନେସ ସାର୍ଟିଫିକେଟ ବିନା ୮୨୦ଟି ଗାଡ଼ି ଚାଲୁଥିଲା। ସେହିପରି ୩୮୭ ଗାଡ଼ିର ବୈଧ ଅନୁମତି ନାହିଁ। ଏହାସହ ୩୧୧ ଡ୍ରାଇଭରଙ୍କ ବୈଧ ଡ୍ରାଇଭିଂ ଲାଇସେନ୍ସ ନାହିଁ। ସେ ଆହୁରି କହିଛନ୍ତି, ସ୍କୁଲ ପିଲାଙ୍କ ପରିବହନ ପ୍ରସଙ୍ଗକୁ ହାଲୁକା ଭାବେ ଗ୍ରହଣ କରାଯାଇପାରିବ ନାହିଁ। ଛାତ୍ରୀଛାତ୍ରଙ୍କ ଅସୁବିଧା ପାଇଁ ସମ୍ପୃକ୍ତ ସ୍କୁଲ ବସ୍ ଚାଳକ ଏବଂ ସ୍କୁଲ ମ୍ୟାନେଜମେଣ୍ଟ ଦାୟୀ ହେବେ। ସେହିପରି ବିଦ୍ୟାଳୟଗୁଡ଼ିକୁ ଏସ୍‌ଟିଏ ପକ୍ଷରୁ ସ୍କୁଲ ବସ୍‌ଗୁଡ଼ିକର ଫିଟ୍‌ନେସ ଉପରେ ଗୁରୁତ୍ୱ ଦେବା ସହ ସମସ୍ତ ମୋଟର ଯାନ ନିୟମ ପାଳନ କରିବା ପାଇଁ ନିବେଦନ କରାଯାଇଛି। ଗାଡ଼ି ଚଳାଇବା ପାଇଁ ଡ୍ରାଇଭରମାନଙ୍କ ବୈଧ ଲାଇସେନ୍ସ ଅଛି ନା ନାହିଁ ତାହା ଉପରେ ନଜର ରଖିବାକୁ ମଧ୍ୟ କୁହାଯାଇଛି।

ଏହିସବୁ ଯାଞ୍ଚ ପ୍ରକ୍ରିୟା ୨୭ରେ ଶେଷ ହେବା ପରେ ୨୮ ତାରିଖ ସୁଦ୍ଧା ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପିଲାଙ୍କୁ ନେଇ ଯାଉଥିବା ଗାଡ଼ିର ଫିଟ୍‌ନେସ, ପରମିଟ୍, ବୀମା ଆଦିର ଯାଞ୍ଚ କରାଯାଉଛି। ଧାର୍ଯ୍ୟ ନିୟମଠାରୁ ଅଧିକ ପିଲାଙ୍କୁ ନେଇ ଯାଉଥିଲେ ଜରିମାନା ହେବ। ବିଶେଷକରି ସ୍କୁଲ ପିଲାଙ୍କ ସୁରକ୍ଷିତ ଯାତାୟାତକୁ ଏସ୍‌ଟିଏ ଗୁରୁତ୍ୱ ଦେଇଛି। ରାଜ୍ୟର ଅନେକ ସ୍କୁଲରେ କାଗଜପତ୍ର ଠିକ୍ ନ ଥିବା ଗାଡ଼ି ଛୋଟ ପିଲାମାନଙ୍କୁ ବିପଦସଙ୍କୁଳ ଅବସ୍ଥାରେ ପରିବହନ କରୁଥିବା ଅଭିଯୋଗ ହୋଇଛି, ଯେଉଁଥିଲାଗି ଅନେକ ସମୟରେ ବହୁ ଗାଡ଼ି ଦୁର୍ଘଟଣାର ଶିକାର ହେଉଛନ୍ତି। ଏହା ଉପରେ ରୋକ ଲଗାଇବା ପାଇଁ ରାଜ୍ୟ ପରିବହନ କର୍ତ୍ତୃପକ୍ଷ ସ୍କୁଲ ଗାଡ଼ିର କାଗଜପତ୍ର ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ଉଲିବୁରୁରେ ଗୋଷ୍ଠୀ ସଂଘର୍ଷ: ୩ ଗୁରୁତର

ବଡ଼ବିଲ, ୨୪।୪(ସ୍ୱ.ପ୍ର.)

କେନ୍ଦୁଝର ଜିଲା ବଡ଼ବିଲ ଥାନା ଉଲିବୁରୁରେ ଗତ ପଞ୍ଚାୟତ ନିର୍ବାଚନ ପରଠାରୁ ଲାଗିରହିଥିବା ଅସନ୍ତୋଷ ରବିବାର ଗୋଷ୍ଠୀ ସଂଘର୍ଷର ରୂପ ନେଇଛି। ଗୁଲିମାଡ଼, ହଣାକଟାରେ ଉଭୟ ପକ୍ଷର ୩ ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା ପାଇଁ ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଆହତ ମାନେ ହେଲେ ଚନ୍ଦନ ମୁଣ୍ଡା, ଗଣେଶ ମୁଣ୍ଡା ଓ ଡାଙ୍ଗେ ମୁଣ୍ଡା। ରବିବାର ରାତିରେ ରାଜନୈତିକ ଶତ୍ରୁତାରୁ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ଅଞ୍ଚଳରେ ଉତ୍ତେଜନା ଲାଗିରହିଥିବାରୁ ପୋଲିସ ଫୋର୍ସ ମୁତୟନ କରାଯାଇଛି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ କହିଛି।



ଗଜପତି ଜିଲା ଆର.ଉଦୟଗିରି ବ୍ଲକ ଆର୍ ଉଦୟଗିରି ଗ୍ରାମରେ ଜନଜାତି ସୁରକ୍ଷା ମଞ୍ଚ ପକ୍ଷରୁ ରବିବାର ଆଦିବାସୀଙ୍କ ସୁରକ୍ଷା ନେଇ ହୋଇଥିବା ରାଲି।

# ଦନ୍ତା ମୁହଁରୁ ବଞ୍ଚାଇଲା ପିନ୍ଧା ଶାଢ଼ି



ଗୁରୁତର ପାନ ସର୍ଦ୍ଦାରଙ୍କୁ ଚିକିତ୍ସା ପାଇଁ ନିଆଯାଉଛି।

ବିଶୋଇ,୨୪।୪(ଡି.ଏନ.ଏ)

କଥାରେ ଅଛି ରଖେ ହରି ମାରେ କିଏ। ଏମିତି ଏକ ଘଟଣାକ୍ରମେ ଜଣେ ବିଧବା ମହିଳା ନିଜ ପିନ୍ଧା ଶାଢ଼ି ପାଇଁ ଦନ୍ତା ମୁହଁରୁ ବର୍ତ୍ତି ଯାଇଛନ୍ତି। ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ବନଖଣ୍ଡ ବିଶୋଇ ବନ୍ୟପ୍ରାଣୀ ବନାଞ୍ଚଳ ଅଧୀନ ସରଗଡ଼ା ବନାଞ୍ଚଳର କଁଳାପାଟ ସଂରକ୍ଷିତ ଜଙ୍ଗଲରେ ରବିବାର ଏଭଳି ଏକ ଘଟଣା ଦେଖିବାକୁ ମିଳିଛି। ମହିଳା ଜଣକ ହେଲେ ସରଗଡ଼ା ପଞ୍ଚାୟତ ଅନ୍ତର୍ଗତ ଦଳେଇଡ଼ିହି ଗ୍ରାମର ପାନ ସର୍ଦ୍ଦାର (୪୮)। ଏବେ ସେ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି।

ପୂର୍ବାହ୍ନ ୧୦ଟାରେ ଘରଠାରୁ ୨ କି.ମି. ଦୂର ଜଙ୍ଗଲକୁ ପତ୍ର ଗୋଟାଇବାକୁ ଯାଇଥିବା ବେଳେ ଦନ୍ତା ହାବୁଡ଼ରେ ପଡ଼ି ଯାଇଥିଲେ ପାନ। ହିଂସ୍ର ପାଲଟି ଯାଇଥିବା ଦନ୍ତାଟି ତାଙ୍କୁ ଶୁଣ୍ଢରେ ଉଠାଇ କଚାଡ଼ି ଦେବା ସହ ଘୋଷାରି ନେଇଥିଲା। ଏହି ସମୟରେ ସେ ପିନ୍ଧିଥିବା ଶାଢ଼ିଟି ହାତୀ ଶୁଣ୍ଢରେ ଗୁଡ଼ାଇ ହୋଇ ଯାଇଥିଲା। କିଛି ମୁହୂର୍ତ୍ତ ପାଇଁ ଦନ୍ତା ଇତସ୍ତତଃ ହୋଇ ପଡ଼ିଥିଲା। ଏହି ସୁଯୋଗରେ ଶାଢ଼ିକୁ ସେଠାରେ ଛାଡ଼ି ପାନ କୌଶଳ କ୍ରମେ ଖସି ପଳାଇ ଆସି ଜୀବନ ରକ୍ଷା କରିଥିଲେ। ପାନଙ୍କ ଚିତ୍କାର ଶୁଣି ପାଖରେ ଥିବା ଗୋରୁ ଚରାଳିମାନେ ସେଠାରେ ପହଞ୍ଚି ଯିବାରୁ ହାତୀଟି ଜଙ୍ଗଲ ମଧ୍ୟକୁ ପଳାଇ ଯାଇଥିଲା।

ହାତୀ ଆକ୍ରମଣରେ ପାନଙ୍କ ମୁଣ୍ଡ,କାନ,ଆଖି ଓ ଛାତିରେ ଆଘାତ ଲାଗିଛି। ଖବରପାଇ ସରଗଡ଼ା ବନପାଳ ଜୀବନ ବଲ୍ଲଭ ପାତ୍ରଙ୍କ ନେତୃତ୍ୱରେ ଫାୟାର ସ୍କ୍ୱାଡ୍ ଓ ସବୁଜ ବାହିନୀ ସଦସ୍ୟ ସନ୍ତୋଷ ଦାସ, ଗୋବିନ୍ଦ ମୁଣ୍ଡା,ଜିତୁ ମାଝି,ବିଦା ମୁଣ୍ଡା ଓ ଦୁଲୁ ସର୍ଦ୍ଦାର ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ପାନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବନବିଭାଗ ଗାଡ଼ିରେ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ବନପାଳ ପାତ୍ର ଘଟଣାର ତଦନ୍ତ କରିବା ସହିତ ପାନଙ୍କ ଚିକିତ୍ସା ନିମନ୍ତେ ତାଙ୍କ ପରିବାରକୁ ଆର୍ଥିକ ସହାୟତା ଯୋଗାଇ ଦେଇଥିବା ସୂଚନା ମିଳିଛି।

ଉଲ୍ଲେଖଯୋଗ୍ୟ, ଗତ କିଛିଦିନ ହେଲା ସରଗଡ଼ା ବନାଞ୍ଚଳର କଁଳାପାଟ ଓ ସରାଳି ସଂରକ୍ଷିତ ଜଙ୍ଗଲରେ ୨ ଦନ୍ତା,୨ ମାଈ ଓ ଗୋଟିଏ ହାତୀ ଛୁଆ ବୁଲୁଛନ୍ତି। ଏହି ହାତୀମାନଙ୍କୁ ଘଉଡ଼ାଇବା ନିମନ୍ତେ ବନ ବିଭାଗ ପକ୍ଷରୁ ପ୍ରୟାସ ଜାରି ରହିଛି। ତେବେ ବର୍ତ୍ତମାନ ଜଙ୍ଗଲ ନିକଟକୁ ନ ଯିବା ପାଇଁ ବନବିଭାଗ ପକ୍ଷରୁ ସ୍ଥାନୀୟ ଲୋକଙ୍କୁ ସତର୍କ କରାଇ ଦିଆଯାଇଛି।

## କୁଡ଼ିଆ ଭାଙ୍ଗି ବୃଦ୍ଧାଙ୍କୁ ଦଳିଦେଲା ହାତୀ

ତାଳଚେର, ୨୪।୪(ନି.ପ୍ର.)

କୁଡ଼ିଆରେ ଶୋଇଥିବାବେଳେ ଦଳିଦେଲା ହାତୀ। ଏଥିରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ଅନୁଗୋଳ ଜିଲା ତାଳଚେର ବନାଞ୍ଚଳ ଅଧୀନ ହିଲୋଇ ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଘଟିଛି ଏହି ଦୁଃଖଦ ଘଟଣା। ମୃତା ହେଲେ ବଚନ ବେହେରା (୬୨)। ଗ୍ରାମବାସୀଙ୍କ କହିବା କଥା, ବିଳମ୍ବିତ ରାତିରେ ଏକ ଦନ୍ତା ହାତୀ ଜନବସତିରେ ପ୍ରବେଶ କରି ବୃଦ୍ଧାଙ୍କ କୁଡ଼ିଆ ଭାଙ୍ଗି ଆକ୍ରମଣ କରିଥିଲା। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କ ଉଦ୍ଧାର କରି ତାଳଚେର ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ବନ କର୍ମଚାରୀ ତଦନ୍ତ କରିଛନ୍ତି। ବିଧାୟକ ବ୍ରଜକିଶୋର ପ୍ରଧାନ ଡାକ୍ତରଖାନାରେ ପହଞ୍ଚି ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ସରକାରୀ ନିୟମ ଅନୁଯାୟୀ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ଟ୍ରେନ୍ ବଗି ଉପରେ ଜଳିଗଲେ ଯୁବକ

ରାୟଗଡ଼ା ଅଫିସ,୨୪।୪

ଚଳନ୍ତା ଟ୍ରେନ୍‌ର ବଗି ଉପରେ ହଠାତ ଚଢ଼ିଗଲେ ଯୁବକ। ଏହା ଦେଖି ତାଙ୍କୁ ବଞ୍ଚାଇବାକୁ ଉଦ୍ୟମ କରିବାରୁ ଉପର ଦେଇ ଯାଇଥିବା ଉଚ୍ଚ କ୍ଷମତା ସମ୍ପନ୍ନ ବିଦ୍ୟୁତ୍ ତାରକୁ ଧରି ଜଳିଗଲେ ଯୁବକ। ରାୟଗଡ଼ା ଜିଲା ଜେମାଦେଇପେଣ୍ଠ ଷ୍ଟେଶନ ନିକଟରେ ରବିବାର ଏଭଳି ଅଭାବନୀୟ ଘଟଣା ଘଟିଛି।

ସୂଚନା ଅନୁଯାୟୀ, ସକାଳେ ତାମ୍ବରମ–ଜସିଡିହ ସାପ୍ତାହିକ ସୁପରଫାଷ୍ଟ ଟ୍ରେନ୍ ଜେମାଦେଇପେଣ୍ଠ ଷ୍ଟେଶନ ଅଭିମୁଖେ ହେଉଥିବାବେଳେ ଜଣେ ଯୁବକ ଟ୍ରେନ୍ ବଗି ଉପରେ ଚଢ଼ିଥିବା ଷ୍ଟେଶନରେ ଥିବା ରେଲ୍‌ୱେ କର୍ମଚାରୀ ଦେଖିଥିଲେ। ତୁରନ୍ତ ଲୋକୋ ପାଇଲଟଙ୍କୁ ଯୋଗାଯୋଗ କରି ଟ୍ରେନ୍ ଅଟକାଇବାକୁ କହିଥିଲେ। ଟ୍ରେନ୍ ଅଟକାଇ ଲୋକୋ ପାଇଲଟ ଏବଂ ରେଲ୍‌ୱେ କର୍ମଚାରୀମାନେ ଯୁବକଙ୍କୁ ଓହ୍ଲାଇଯିବାକୁ ଅନୁରୋଧ କରିଥିଲେ। ହେଲେ ଯୁବକ ଜଣକ ଓହ୍ଲାଇବା ବଦଳରେ ଉପର ଦେଇ ଯାଇଥିବା ବିଦ୍ୟୁତ୍ ତାରକୁ ଧରିଦେଇଥିଲେ। ଘଟଣାସ୍ଥଳରେ ସେ ଜଳିଯିବା ସହ ରେଲଲାଇନ୍‌ରେ ପଡ଼ିଯାଇଥିଲେ। ଜିଆର୍‌ପି ଏବଂ ଆର୍‌ପିଏଫ୍ ଟିମ୍ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଦେଇଛି। ଖବର ଲେଖାଯିବା ସୁଦ୍ଧା ଯୁବକଙ୍କ ଠିକଣା ଏବଂ ପରିଚୟ ମିଳିପାରିନାହିଁ। ସେ ଏଭଳି ଚରମ ନିଷ୍ପତ୍ତି କାହିଁକି ନେଲେ ତାହା ମଧ୍ୟ ସ୍ପଷ୍ଟ ହୋଇନାହିଁ। ଯୁବକ ଜଣକ ପୂର୍ବ ଷ୍ଟେଶନ ପାର୍ବତୀପୁରମ୍ କିମ୍ବା ବୋବ୍ବିଲିରେ ଟ୍ରେନ୍ ଉପରେ ଚଢ଼ିଯାଇଥିବା ଅନୁମାନ କରାଯାଉଛି ବୋଲି ରାୟଗଡ଼ା ଆର୍‌ପିଏଫ୍ ଆଇଆଇସି ପଙ୍କଜ କୁମାର କହିଛନ୍ତି। ଘଟଣାର ଅଧିକ ତଦନ୍ତ ଚାଲିଥିବା ସେ କହିଛନ୍ତି।

# କୋମାରେ ବାତ୍ୟା ନିରୋଧୀ ବିଦ୍ୟୁତ୍ ଭିତ୍ତିଭୂମି

ଭୁବନେଶ୍ୱର,୨୪।୪(ବ୍ୟୁରୋ)

- କେନ୍ଦ୍ର ସହାୟତାକୁ ଅପେକ୍ଷା
- ୧୦ ବର୍ଷରେ ମାଡ଼ହେଲାଣି ୭ ବାତ୍ୟା
- ୩୫ ହଜାର କୋଟି ବରବାଦ

ବିଭିନ୍ନ ସମୟରେ ଦେଖାଦେଉଥିବା ପ୍ରାକୃତିକ ବିପର୍ଯ୍ୟୟ ରାଜ୍ୟ ଆର୍ଥିକ ମେରୁଦଣ୍ଡକୁ ଦୋହଲାଇ ଦେଉଛି। ଗତ ୧୦ ବର୍ଷ ମଧ୍ୟରେ ରାଜ୍ୟକୁ ୭ଟି ଭୟଙ୍କର ବାତ୍ୟାର ସମ୍ମୁଖୀନ ହେବାକୁ ପଡ଼ିଛି। ଏଥିରେ ପ୍ରାୟ ୩୫ ହଜାର କୋଟି ଟଙ୍କାର କ୍ଷୟକ୍ଷତି ହୋଇଥିବା ରାଜ ସରକାରଙ୍କ ଆକଳନରୁ ଜଣାପଡ଼ିଛି। ମୁଖ୍ୟତଃ ଉପକୂଳବର୍ତ୍ତୀ ଅଞ୍ଚଳରେ କୃଷିକ୍ଷେତ୍ର ସମେତ ଘରଦ୍ୱାର, ବିଦ୍ୟୁତ୍ ଭିତ୍ତିଭୂମି ଛାରଖାର ହୋଇଯାଉଛି। ଏହାକୁ ଭରଣା କରିବାକୁ ଦୀର୍ଘ ସମୟ ଲାଗି ଯାଉଛି। ରାଜ୍ୟ ସରକାର ଏହି ଅଞ୍ଚଳରେ ବାତ୍ୟା ନିରୋଧୀ ବିଦ୍ୟୁତ୍ ଭିତ୍ତିଭୂମି ପାଇଁ କେନ୍ଦ୍ରକୁ ଦେଇଥିବା ପ୍ରସ୍ତାବ ୨ ବର୍ଷ ପରେ ମଧ୍ୟ କୋମା ଅବସ୍ଥାରେ ପଡ଼ିଛି। ଏଥିପାଇଁ କେନ୍ଦ୍ରରୁ ସହାୟତା ମିଳିନାହିଁ।

ରାଜ୍ୟ ସରକାର ୨୦୨୦ ଜୁନ୍ ୨୨ରେ ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ବାତ୍ୟା ନିରୋଧୀ ବିଦ୍ୟୁତ୍ ଭିତ୍ତିଭୂମି ନିର୍ମାଣ କରିବାକୁ କେନ୍ଦ୍ର ସରକାରଙ୍କୁ ୧୧,୧୧୪ କୋଟି ଟଙ୍କାର ପ୍ରସ୍ତାବ ଦେଇଥିଲେ। କେନ୍ଦ୍ର ସରକାର ଏଥିପାଇଁ ଟଙ୍କାଟିଏ ଦେଇ ନ ଥିବା ବେଳେ ରାଜ୍ୟ ସରକାର ମଧ୍ୟ ଏ ଦିଗରେ କୌଣସି କାମ ଆରମ୍ଭ କରି ନାହାନ୍ତି।

୧୯୯୯ ମହାବାତ୍ୟା ପରେ ୨୦୧୩ ଅକ୍ଟୋବର ୧୨ରେ ଫାଇଲିନ ବାତ୍ୟାକୁ ଦକ୍ଷିଣ ଓଡ଼ିଶା ସମ୍ମୁଖୀନ ହୋଇଥିଲା। ଏଥିରେ ୧୩ ଜିଲାର ୮ ନିୟୁତ ଲୋକ ପ୍ରଭାବିତ ହୋଇଥିଲେ। ୨୩୦୦ କୋଟି ଟଙ୍କାର କ୍ଷୟକ୍ଷତି ହୋଇଥିଲା। ସେହିପରି ୨୦୧୪ ଅକ୍ଟୋବର ୧୩ରେ ବାତ୍ୟା ହୁଦ୍‌ହୁଦ୍ ଦକ୍ଷିଣ ଓଡ଼ିଶାକୁ ଧକ୍କା ଦେଇଥିଲା। ଏଥିଯୋଗୁ ପ୍ରାୟ ୧ ହଜାର କୋଟି ଟଙ୍କାର କ୍ଷୟକ୍ଷତି ହୋଇଥିଲା। ଏହାର ୪ ବର୍ଷ ପରେ ଅର୍ଥାତ ୨୦୧୮ ଅକ୍ଟୋବରରେ ବାତ୍ୟା ତିତ୍‌ଲି ପୁଣି ଦକ୍ଷିଣ ଉପକୂଳ ଓଡ଼ିଶାକୁ ଛାରଖାର କରି ଦେଇଥିଲା। ଏଥିରେ ଗଞ୍ଜାମ, ଗଜପତି ସମେତ ୧୭ଟି ଜିଲାର ୧୨୮ଟି ବ୍ଲକର ୮,୧୨୫ଟି ଗ୍ରାମର ୬୦.୧୧ ଲକ୍ଷ ଲୋକ ପ୍ରଭାବିତ ହୋଇଥିଲେ। ଏହାର କ୍ଷୟକ୍ଷତି ୨,୭୬୫ କୋଟି ଟଙ୍କା ଆକଳନ କରାଯାଇଥିଲା। ତେବେ ଏହି ବାତ୍ୟା ବିଭୀଷିକାକୁ ବର୍ଷେ ପୂରଣ ହୋଇ ନ ଥିବା ବେଳେ ଅଦିନିଆ ସାମୁଦ୍ରିକ ଝଡ଼ 'ଫନୀ' ୨୦୧୯ ମେ' ୩ରେ ରାଜ୍ୟର ୧୪ଟି ଜିଲାରେ ବ୍ୟାପକ କ୍ଷୟକ୍ଷତି କରିଥିଲା। ପୁରୀ ଓ ରାଜଧାନୀ ଭୁବନେଶ୍ୱରକୁ ଛାରଖାର କରି ଦେଇଥିଲା। ଏଥିରେ ପ୍ରାୟ ୧୨ ହଜାର କୋଟି ଟଙ୍କା କ୍ଷୟକ୍ଷତି ହୋଇଥିଲା। ୬୩ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ବିଦ୍ୟୁତ୍, ପାନୀୟ ଜଳ, ଘରଦ୍ୱାର ଓ ସବୁଜ ବଳୟ ଧ୍ୱଂସ ହୋଇଥିଲା। ଫନୀ ଯୋଗୁ ୩୪ କି.ମି. ୩୩ କେ.ଭି, ୪୫୩କି.ମି. ୧୧ କେ.ଭି. ଲାଇନ, ୬୮୦ କି.ମି. ଏଲ୍‌ଟି ଲାଇନ ଏବଂ ୨୪୩୯ଟି ଟ୍ରାନ୍ସଫର୍ମର ନଷ୍ଟ ହୋଇଥିଲା।

ଫନୀକୁ ବର୍ଷେ ପୂରିବା ପରେ ୨୦୨୦ ମେ' ୨୦ରେ ସାମୁଦ୍ରିକ ଝଡ଼ 'ଅମ୍ଫନ' ଯୋଗୁ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଜିଲାରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ଏହି ସବୁ ଜିଲାର ୯୨ଟି ବ୍ଲକ, ୧୫୫୮ଟି ପଞ୍ଚାୟତର ୯୮୩୩ ଗ୍ରାମ ଏବଂ ୨୨ଟି ପୌରାଞ୍ଚଳର ୨୭୨ଟି ୱାର୍ଡର ୪୪,୪୪,୮୯୬ ଲୋକ ପ୍ରଭାବିତ ହୋଇଥିଲେ। ଏଥିଯୋଗୁ ପ୍ରାୟ ୫ ହଜାର କୋଟି ଟଙ୍କାର କ୍ଷତି ହୋଇଥିଲା। ଏହା ପରେ 'ୟାସ୍' ଓ 'ଗୁଲାବ' ଭଳି ବାତ୍ୟା ମଧ୍ୟ ବିଦ୍ୟୁତ୍ ଭିତ୍ତିଭୂମିକୁ ପ୍ରଭୂତ କ୍ଷତି ପହଞ୍ଚାଇଛି।

ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍‌ଆରସି)ଙ୍କ କାର୍ଯ୍ୟାଳୟର ଜଣେ ବରିଷ୍ଠ ଅଧିକାରୀଙ୍କ ସୂଚନା ମୁତାବକ କେନ୍ଦ୍ର ସରକାରଙ୍କୁ ଇତିମଧ୍ୟରେ ୪ ଥର ପ୍ରସ୍ତାବ ଦିଆଯାଇଥିଲେ ମଧ୍ୟ ଏ ଦିଗରେ କେନ୍ଦ୍ର ନିକଟରୁ କୌଣସି ସବୁଜ ସଙ୍କେତ ମିଳିନାହିଁ।

## ଓଲଟିଲା ପିକ୍‌ଅପ୍ ଭ୍ୟାନ୍, ୨୫ରୁ ଊର୍ଦ୍ଧ୍ୱ ଆହତ

ପାପଡ଼ାହାଣ୍ଡି,୨୪।୪(ଡି.ଏନ୍.ଏ.)

- ଝିଅଘରୁ ଫେରିବାବେଳେ ଦୁର୍ଘଟଣା

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ଝିଙ୍କିଗୁଡା ନିକଟରେ ରବିବାର ସନ୍ଧ୍ୟାରେ ଏକ ପିକ୍‌ଅପ୍ ଭାରସାମ୍ୟ ହରାଇ ଓଲଟି ପଡିବାରୁ ୨୫ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଗୁରୁତର ୯ଜଣଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସେମାନେ ହେଲେ ଯଦୁ ସୌରା, ଲକିନାଥ ସୌରା, ପୁଷ୍ପାଞ୍ଜଳି, ଚନ୍ଦ୍ରା ମୁଦୁଲି, ସାରଦା ଭତରା, ମଙ୍ଗରି ଗୌଡ଼, ବୈଦି ଯାନୀ, ମୋହନ ସୌରା ଓ ରତନ ଭତରା। କନ୍ୟାପକ୍ଷ ବରଘରୁ ଭୋଜି ଖାଇ ଫେରିବାବେଳେ ଏହି ଦୁର୍ଘଟଣା ଘଟିଥିବା ଜଣାପଡିଛି।

ସୂଚନାନୁଯାୟୀ, କୋଷାଗୁମୁଡା ବ୍ଲକ ସିନ୍ଧିଗୁଡା ଗ୍ରାମରୁ ଏକ ପିକ୍‌ଅପ୍ ଭ୍ୟାନ୍ (ଓଡି–୨୪ଇ–୬୯୫୧)ରେ ପ୍ରାୟ ୩୦ଜଣ ପାପଡ଼ାହାଣ୍ଡି ବ୍ଲକ ତୁମ୍ବର୍ଲାସ୍ଥିତ ବରଘରକୁ ଆସିଥିଲେ। ସେଠାରୁ ଫେରିବାବେଳେ ଝିଙ୍କିଗୁଡା ରାସ୍ତାରେ ଭାରସାମ୍ୟ ହରାଇ ପିକ୍‌ଅପ୍‌ଟି ଓଲଟି ପଡିଥିଲା। ପାପଡ଼ାହାଣ୍ଡି ପୋଲିସ ପହଞ୍ଚି ଆହତଙ୍କୁ ଆମ୍ବୁଲାନ୍ସ ଓ ପୋଲିସ ଗାଡ଼ିରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ଆହତଙ୍କ ମଧ୍ୟରୁ ୯ଜଣ ଗୁରୁତର ଥିବାରୁ ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଥାନାଧିକାରୀ ମୀରା ନାୟକ ଗୁରୁତରଙ୍କ ସହ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇଛନ୍ତି। କେସ୍ ନମ୍ବର ରୁଜୁ ହୋଇନଥିବା ଜଣାପଡିଛି।

# ଅନ୍ଧାର କୋଣ

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ଏବେ ପୁଣି ଚର୍ଚ୍ଚାକୁ ଆସିଛି। ଏହାର ଏକାଦଶ ଓ ଦ୍ୱାଦଶ ଶ୍ରେଣୀ ଇତିହାସ ଏବଂ ରାଜନୀତି ବିଜ୍ଞାନ ପାଠ୍ୟକ୍ରମରୁ ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନ (ଏନ୍‌ଏଏମ୍), ଆଫ୍ରିକୀୟ-ଏସୀୟ ଅଞ୍ଚଳର ଇସ୍‌ଲାମୀୟ ସାମ୍ରାଜ୍ୟ, ଶୀତଳ ଯୁଦ୍ଧ ଯୁଗ, ମୋଗଲ କୋର୍ଟ, ଶିଳ୍ପ ବିପ୍ଳବ ଆଦି ବିଷୟକୁ ବାଦ୍ ଦିଆଯାଇଛି। ସେହିପରି ଦଶମ ଶ୍ରେଣୀ ପାଠ୍ୟକ୍ରମର 'ଖାଦ୍ୟ ସୁରକ୍ଷା' ଅଧ୍ୟାୟରୁ 'କୃଷି ଉପରେ ଜଗତୀକରଣର ପ୍ରଭାବ' ବିଷୟକୁ ହଟାଇ ଦିଆଯାଇଛି। ଏଥିସହିତ ଧର୍ମ, ସମ୍ପ୍ରଦାୟ ଓ ରାଜନୀତି-ସାମ୍ପ୍ରଦାୟିକତାବାଦ ଅଧ୍ୟାୟରେ ଫଏଜ୍ ଅହମ୍ମଦଙ୍କ ଦୁଇଟି ଉର୍ଦ୍ଦୁ କବିତାରୁ ନିଆଯାଇଥିବା ଅନୁବାଦ ଉଦ୍ଧୃତାଂଶ ମଧ୍ୟ ବାଦ୍ ପଡ଼ିଛି। ତେବେ ସିବିଏସ୍‌ଇ କହିଛି ଯେ, ଜାତୀୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ (ଏନ୍‌ସିଇଆର୍‌ଟି)ର ସୁପାରିସ ଆଧାରରେ ଏପରି ପଦକ୍ଷେପ ନିଆଯାଇଛି। ପାଠ୍ୟକ୍ରମକୁ ଯୁକ୍ତିସଙ୍ଗତ କରିବା ଲାଗି ନୂତନ ଶିକ୍ଷା ନୀତି ୨୦୨୦ ଅନୁଯାୟୀ ସଂସ୍ଥା ଏଭଳି ନିଷ୍ପତ୍ତି ନେଇଥିବା କହିଛି।

ସିବିଏସ୍‌ଇ ଯେଉଁ ଯୁକ୍ତି ବାଢ଼ିଛି ସେ ବିଷୟରେ ଚିନ୍ତା କରାଯାଇପାରେ। ଉଦାହରଣ ସ୍ୱରୂପ, ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନକୁ ଦେଖାଯାଉ। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମାପ୍ତି ଓ ଭାରତ ତା'ର ସ୍ୱାଧୀନତା ଲାଭ କରିବା ପରେ ସମଗ୍ର ପୃଥିବୀ ଦୁଇ ଭାଗରେ ବିଭକ୍ତ ହୋଇଯାଇଥିଲା। ସେହି ସମୟରେ ଆରମ୍ଭ ହୋଇଥିଲା ସୋଭିଏଟ୍ ରୁଷ୍ ଓ ଆମେରିକା ମଧ୍ୟରେ ଶୀତଳ ଯୁଦ୍ଧ ବା କୋଲ୍ଡ ୱାର। ସେତେବେଳେ ଭାରତର ପ୍ରଧାନମନ୍ତ୍ରୀ ଭାବେ ଜବାହରଲାଲ ନେହେରୁ ଥାଇପାରନ୍ତି, କିନ୍ତୁ ପୃଥିବୀର ରାଜନୀତିରେ ସେହି ସମୟରେ ଭାରତର ନେତୃତ୍ୱ ଏକ ତୃତୀୟ ଗୋଷ୍ଠୀ ସୃଷ୍ଟି କରିପାରିଥିଲା। ଅନେକ ସୁପରିଚିତ ବିଶ୍ୱନେତା ଯଥା, ଇଜିପ୍ଟର ଗମାଲ ଅବ୍‌ଦିଲ୍ ନାସେର ଓ ଯୁଗସ୍ଲୋଭିଆର ମାର୍ଶାଲ ଟିଟୋଙ୍କ ଭଳି ବ୍ୟକ୍ତିତ୍ୱ ଭାରତର ନେତୃତ୍ୱକୁ ସ୍ୱୀକାର କରିଥିଲେ। ତାହାର ଶ୍ରେୟ କେବଳ ନେହେରୁଙ୍କୁ ଦିଆ ଯାଇ ନ ପାରେ। ଏହି ଦେଶକୁ କଂଗ୍ରେସ ଗଢ଼ି ନାହିଁ। ଆଜିର ଭାରତ ତା'ର ସାମ୍ପ୍ରତିକ ସ୍ଥିତିରେ ପହଞ୍ଚିବା ପଛରେ ଅନେକ କୋଟି ସାଧାରଣ ଲୋକଙ୍କ ଅବଦାନ ରହିଛି। ସେହିଭଳି କୃଷି ଉପରେ ବିଶ୍ୱ ବଜାରର ପ୍ରଭାବ ପଡ଼ିବାର ଫଳାଫଳ ଜଗତୀକରଣ ସମୟରେ ଅଧିକ ସ୍ପଷ୍ଟ ଜଣାପଡ଼ିଥିଲା ବେଳେ ଏହି ବିଷୟକୁ ମଧ୍ୟ ପାଠ୍ୟକ୍ରମରୁ ବାଦ୍ ପକାଯାଇଛି। ଅର୍ଥନୀତି, ରାଜନୀତି ଓ ସାମାଜିକ ଇତିହାସରେ ଭାରତର ଭୂମିକା ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ ରହିଆସିଛି। ସେଥିପାଇଁ ଏହିଭଳି ଅନେକ ବାସ୍ତବ ଐତିହାସିକ ତଥ୍ୟକୁ ଆଗାମୀ ଯୁଗର ଯୁବ ଭାରତୀୟ ଛାତ୍ରୀଛାତ୍ରଙ୍କଠାରୁ ଦୂରେଇ ନେଲେ ତାହା ଭବିଷ୍ୟତ ସକାଶେ ନାକାରାତ୍ମକ ହେବାର ସବୁ ଲକ୍ଷଣ ଦେଖାଯାଉଛି।

> **ପିଲା ଯେତିକି ଅଧିକ ପଢ଼ିବେ, ସେତେବେଶି ନିଜର ପରିବାର, ସମାଜ, ଦେଶ ଓ ଧର୍ମ ବିଷୟରେ ବୁଝିବାରେ ସକ୍ଷମ ହେବେ। ପାଠପଢ଼ାରେ ନିଜ ଦେଶ ସମ୍ପର୍କରେ କୌଣସି ଅନ୍ଧାର କୋଣ ଛାଡ଼ିଲେ, ତାହା ପରବର୍ତ୍ତୀ ସମୟରେ ପ୍ରବଳ କ୍ଷତି ଘଟାଇପାରେ।**

ସାମ୍ପ୍ରତିକ ସ୍ଥିତି ଦେଖିଲେ ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନ, ଶୀତଳ ଯୁଦ୍ଧ, ମୋଗଲ କୋର୍ଟ, ଶିଳ୍ପ ବିପ୍ଳବ ଆଦି ବିଷୟ ସବୁ ସମୟରେ ଛାତ୍ରୀଛାତ୍ରଙ୍କ ପାଇଁ ଉପାଦେୟ ବିଷୟ ହୋଇ ରହିବ। ବର୍ତ୍ତମାନ ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ଚାଲିଛି। ବାସ୍ତବତା ଦେଖିଲେ ରୁଷିଆ ସହିତ ଆମେରିକା ହେଉ ବା ନର୍ଥ ଆଟ୍‌ଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ (ନାଟୋ)ର ପରୋକ୍ଷ ଯୁଦ୍ଧ ହେଉଛି। ଗତ ଶତାବ୍ଦୀରେ ରୁଷିଆ ଓ ଆମେରିକା ମଧ୍ୟରେ ହୋଇଥିବା ଶୀତଳ ଯୁଦ୍ଧର ଏହା ଏକ ନୂଆ ସଂସ୍କରଣ ବୋଲି କୁହାଯାଉଛି। ଶୀତଳ ଯୁଦ୍ଧ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ପୃଥିବୀର ଅନେକ ସାନବଡ଼ ଦେଶ ମଧ୍ୟରେ କିଭଳି ସମ୍ପର୍କ ଗଢ଼ିଉଠିଲା ଏବଂ ଗୋଟିଏ ପଟେ ପାଶ୍ଚାତ୍ୟ ଶକ୍ତି ଓ ଅନ୍ୟପଟେ ସୋଭିଏଟ୍ କମ୍ୟୁନିଷ୍ଟ ଗୋଷ୍ଠୀ ପୃଥିବୀକୁ ଯେଉଁଭଳି ଭାବେ ବିଭାଜିତ କରିଥିଲେ, ତାହା ପାଠ୍ୟପୁସ୍ତକରୁ ବାଦ୍‌ପଡ଼ିଲେ ଭାରତର ଆଗାମୀ ପିଢ଼ି ଅନେକ ଅନ୍ତର୍ଜାତୀୟ ବିଷୟରେ ଅଜ୍ଞ ରହିଯିବେ। ଅନୁରୂପ ଭାବେ ମୋଗଲ ଶାସନକୁ ଇତିହାସ ବହିରୁ ବାଦ୍ ପକାଇଲେ ସେହି ସମୟର ଭାରତ ମାଟିର ସନ୍ତାନମାନଙ୍କର ତ୍ରୁଟିଗୁଡ଼ିକୁ ଭବିଷ୍ୟତ ପିଢ଼ି ଭୁଲିଯିବ। ଆମ ପୂର୍ବପୁରୁଷଙ୍କ ଅପାରଗତା ଯୋଗୁ ମୋଗଲ ଆକ୍ରମଣ ସମ୍ଭବ ହୋଇପାରିଥିଲା। ସେହିସବୁ ତଥ୍ୟ ଅଜଣା ରହିଗଲେ ଭବିଷ୍ୟତରେ ଏଭଳି ଘଟଣାର ପୁନରାବୃତ୍ତି ହେବାର ସମ୍ଭାବନା ବୃଦ୍ଧି ପାଇବ। ତାହାର ରୂପରଙ୍ଗ ବଦଳିଯାଇପାରେ, କିନ୍ତୁ ପରିଣାମ ସେହି ପ୍ରକାରର ହୋଇଯାଇପାରେ।

ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ଭାରତର ଇତିହାସ ସବୁବେଳେ ଶାସକଙ୍କ ଦୃଷ୍ଟିକୋଣରୁ ଲେଖାଯାଇଛି। ଯେହେତୁ ଶିକ୍ଷା ସାଧାରଣ ନାଗରିକଙ୍କ ପାଇଁ ସହଜସାଧ୍ୟ ନ ଥିଲା, ସେଥିପାଇଁ ଶାସିତ ବର୍ଗର ଇତିହାସ ଏହି ଦେଶରେ ଦେଖିବାକୁ ମିଳେନାହିଁ। ଭାରତର ସାଧାରଣ ହିନ୍ଦୁ କେଉଁଭଳି ଅର୍ଥନୈତିକ କାର୍ଯ୍ୟ କରି ମୁସଲ୍‌ମାନ ଆକ୍ରମଣ ପୂର୍ବରୁ ବଞ୍ଚୁଥିଲା, ତାହା ବିଷୟରେ କୌଣସି ତଥ୍ୟ ଲିପିବଦ୍ଧ ହୋଇନାହିଁ। ଭାରତ ମାଟିରେ ସମ୍ଭବତଃ ପ୍ରଥମ ଲେଖା ଅଶୋକଙ୍କ ଶିଳାଲିପିରୁ ସୃଷ୍ଟି ହୋଇଥିଲା, ଯାହା କି ସାଧାରଣରେ ପଢ଼ି ବୁଝିପାରିବାର ଶକ୍ତି ରଖିନାହାନ୍ତି। ଏହିଭଳି ପ୍ରାଚୀନ ଭାରତୀୟ ଭାଷା ସଂସ୍କୃତି ଏବଂ ଜୀବନଶୈଳୀ ବିଷୟରେ ପାଠ୍ୟକ୍ରମରେ ଅଧିକ ଗୁରୁତ୍ୱ ଦିଆଗଲେ ଭବିଷ୍ୟତ ପିଢ଼ିର ହିତ ପାଇଁ କୌଣସି ତଥ୍ୟଭିତ୍ତିକ ଇତିହାସକୁ ବାଦ୍ ପକାଇବାର ପ୍ରୟୋଜନ ହେବନାହିଁ। ପିଲା ଯେତିକି ଅଧିକ ପଢ଼ିବେ, ସେତେବେଶି ନିଜର ପରିବାର, ସମାଜ, ଦେଶ ଓ ଧର୍ମ ବିଷୟରେ ବୁଝିବାରେ ସକ୍ଷମ ହେବେ। ପାଠପଢ଼ାରେ ନିଜ ଦେଶ ସମ୍ପର୍କରେ କୌଣସି ଅନ୍ଧାର କୋଣ ଛାଡ଼ିଲେ, ତାହା ପରବର୍ତ୍ତୀ ସମୟରେ ପ୍ରବଳ କ୍ଷତି ଘଟାଇପାରେ।

# ମୃତ୍ତିକାର ଆର୍ତ୍ତନାଦ



ଡ. ସୁବାସ ଚନ୍ଦ୍ର ପାତ୍ର

ଦୁର୍ଗତି ପ୍ରଗତିର ବୋଧହୁଏ ସବୁଠୁ ବିଶ୍ୱସ୍ତ ସହଚର। ଯେଉଁ ମାଟି ମା' ଦିନେ ମଣିଷର ଭରସାର ମୂଳପିଣ୍ଡ ଥିଲା, ଯାହା ଉପରେ ମଣିଷ ପାଦ ଥାପୁଥିଲା ଏହି ବିଶ୍ୱାସ ନେଇ ଯେ ତା'ର ପାଦତଳ ମାଟି ଘୁଞ୍ଚିଯିବ ନାହିଁ, କି ଦବି ଯିବ ନାହିଁ, ଆଜି ସେହି ମାଟି ପ୍ରତି ମଣିଷ ଯେ ଖାଲି ଅହରହ ବିଶ୍ୱାସଘାତକତା କରୁଛି ତା' ନୁହେଁ, ତା' ପ୍ରତି ଅକଥନୀୟ ଅତ୍ୟାଚାର ଓ ନିର୍ଯାତନା ମଣିଷର ଏକ ଦୈନନ୍ଦିନ କାର୍ଯ୍ୟକ୍ରମ ହେଲାଣି। ଏହି ଅତ୍ୟାଚାର କେତେବେଳେ ରାଷ୍ଟ୍ରୀୟ, କେତେବେଳେ ସାମାଜିକ ତ କେତେବେଳେ ବ୍ୟକ୍ତିଗତ।

ରାଷ୍ଟ୍ର ଚାହେଁ ଦେଶର ନାଗରିକମାନେ ଏକ ସ୍ୱଚ୍ଛନ୍ଦ ଜୀବନଯାପନ କରନ୍ତୁ। ଏହା ରୂପାୟିତ କରିବାକୁ ଯାଇ ଧରିତ୍ରୀକୁ ଯଦି ବିବସ୍ତ୍ର କରିବାକୁ ପଡ଼ିଲା, ପ୍ରହାର ପରେ ପ୍ରହାର କରିବାକୁ ପଡ଼ିଲା, ତା'ହେଲେ ଏ ସ୍ୱଚ୍ଛନ୍ଦ ଜୀବନଯାପନର ଅର୍ଥ କ'ଣ? ମାଟି ସହିତ, ମୃତ୍ତିକା ସହିତ ଏକ ସମ୍ମାନଶୀଳ, ସହାବସ୍ଥାନ ରୀତିରେ ମଧ୍ୟ ଏ ଲକ୍ଷ୍ୟ ହାସଲ କରିହେବ। ହୁଏତ ଏହା ବ୍ୟୟସାପେକ୍ଷ ହୋଇପାରେ, କିନ୍ତୁ ତାତ୍କାଳିକ ସୁଖ ପାଇଁ ଚିରନ୍ତନ ବିପତ୍ତି ଡାକିଆଣିବା କେଉଁ ବୁଦ୍ଧିମତ୍ତାର ପରିଚୟ? ଗମନାଗମନର ସୁବିଧା ପାଇଁ ଗ୍ରାମାଞ୍ଚଳକୁ ରାସ୍ତାଘାଟ କରାଗଲା। କିନ୍ତୁ ଏହାର ନିର୍ମାଣ ବେଳେ ଏବଂ ନିର୍ମାଣ ପରବର୍ତ୍ତୀ ଘଟଣାଗୁଡ଼ିକ ମାଟି ମା' ଆଖିରୁ ଲୁହ ଝରାଇଲା। କୌଣସି ପରିବେଶଗତ ବୈଜ୍ଞାନିକ ଅନୁଚିନ୍ତା ପ୍ରକଟ ନ କରି, ବେପରୁଆ ଭାବରେ କଣ୍ଟ୍ରାକ୍ଟରମାନେ ଏଠୁ ସେଠୁ ଅବୈଧ ଭାବରେ ମାଟି ଖୋଳି ଆଣିଲେ। ଅସଚେତନ ଗ୍ରାମବାସୀ ମଧ୍ୟ ଅର୍ଥଲୋଭରେ ନିଜ ଉର୍ବର ଚାଷଜମିର ଉପର ମୂଲ୍ୟବାନ ମାଟିକୁ ବିନା ଦ୍ୱିଧାରେ ବିକିଦେଲେ। ଯେଉଁ 'ଉପର ମାଟି' (ଟପ୍ ସଏଲ) ଗଠନ ହେବା ପାଇଁ ହଜାର ହଜାର ବର୍ଷଲାଗେ, ତାହା ମାତ୍ର କେଇ ମିନିଟ୍‌ରେ କଂକ୍ରିଟ ଜଙ୍ଗଲ ଭିତରେ ପଶିଗଲା। ପ୍ରଗତିପ୍ରସୂତ ଦୁର୍ଗତି ଏତିକିରେ ସୀମିତ ରହିଲା ନାହିଁ। ରାସ୍ତା ଗଲା ଗାଁକୁ, ଆଉ ଗଲା ଚୋରା ମଦ ଓ ନିଶାଦ୍ରବ୍ୟ ଏବଂ ଫେରିଲା ଗ୍ରାମ୍ୟ ସରକାରୀ ଜଙ୍ଗଲରୁ ଚୋରା କାଠ ନେଇ!

ଆମେ ମାଟି ଖୋଳିଲେ, କିନ୍ତୁ ବର୍ଷା ମାଡ଼ରେ ମାଟି ଉପର ନରମ ଅଂଶକୁ ବଞ୍ଚେଇବା ପାଇଁ ଗଛ ଲଗେଇଲେ ନାହିଁ। ସମାନ୍ତରାଳ ଭାବରେ ସରକାରୀ ଜଙ୍ଗଲ ଲୁଟ୍ ହେଲା ଏବଂ ଗଛ ଉପରେ ମାଡ଼ ହୋଇ ବର୍ଷାର ପ୍ରହାର-ଶକ୍ତି କମେଇବା ଭଳି ଆଉ କୌଣସି ପ୍ରାକୃତିକ 'ସକ୍ ଅବଜର୍‌ବର' ରହିଲା ନାହିଁ। ଫଳତଃ ଜଙ୍ଗଲ ଚଟାଣର ନରମ ମାଟି ବର୍ଷାରେ ଧୋଇ ଆସି ଚଟାଣକୁ ଟାଙ୍ଗରା କଲା, ନଦୀ ଅବା କେନାଲର ଗର୍ଭକୁ ପୋତି ପକାଇଲା, ନଦୀ ଅଗଭୀର ହେଲା, ବନ୍ୟାଜଳ ଅଧିକ ଅଞ୍ଚଳକୁ ମାଡ଼ିଲା; ଅଧିକ ଚାଷ କ୍ଷତିଗ୍ରସ୍ତ ହେଲା। ଜଙ୍ଗଲ ଏହି ଅବସ୍ଥା ଭୋଗୁଥିବା ବେଳେ ବ୍ୟକ୍ତିଗତ ସ୍ତରରେ ମଣିଷ ନିଜ ଡିହରେ ଥିବା ପୁରୁଣା ଗଛସବୁ ହାଣି ପକାଇଲା। ସୂକ୍ଷ୍ମ ଭାବରେ ଜଙ୍ଗଲ ଦୃଶ୍ୟର ଏଠି ମଧ୍ୟ ପୁନରାବୃତ୍ତି ଘଟିଲା, ଅର୍ଥାତ ଡିହର ନରମ ମାଟି ଧୋଇ ଆସି ବିଲରେ ପଡ଼ିଲା ଅବା ବନ୍ୟା ସ୍ରୋତରେ ନଦୀକୁ ବୋହିଗଲା।



ଖାଲି ରାସ୍ତା ନିର୍ମାଣ, ବସତି ସ୍ଥାପନ, ବସତି ପାଇଁ ବ୍ୟବହୃତ ମାଟିଇଟା ତିଆରି, ମାଟିର ଏ ପୃଥିବୀକୁ ଯେ ଖିନ୍‌ଭିନ୍ କରି ପକାଇଛି ତାହା ନୁହେଁ, ଆତ୍ମନିଯୁକ୍ତି ନାମରେ ବ୍ୟବସାୟିକ ମନୋଭାବ ଏବଂ ସରକାରୀ ବ୍ୟବସ୍ଥାର ଗଭୀର ନିଦ୍ରା ଓ ଅର୍ଥଭୋଗ ପରିସ୍ଥିତିକୁ ଆହୁରି ଭୟାବହ କରିଦେଇଛି। ମତ୍ସ୍ୟ ଚାଷ ମାଧ୍ୟମରେ ଆତ୍ମନିଯୁକ୍ତି କଥାଟି ଉପରକୁ ଭଲ ଶୁଭେ, କିନ୍ତୁ କ୍ଷେତ୍ରରେ ଏହାର ବ୍ୟଭିଚାର ଦେଖିଲେ ହିଁ ପରିସ୍ଥିତିର ଭୟାବହତା ଉପଲବ୍ଧି କରିହେବ। ବିନା ସରକାରୀ ଅନୁମୋଦନରେ ହଜାର ହଜାର ଏକର ଚାଷଜମିକୁ ଚିଙ୍ଗୁଡ଼ି ତଥା ଅନ୍ୟାନ୍ୟ ମାଛ ଘେରିରେ ପରିଣତ କରିବା, ଅଞ୍ଚଳର ପ୍ରାକୃତିକ ଜଳନିଷ୍କାସନର ବ୍ୟବସ୍ଥାକୁ ପଙ୍ଗୁ କରି କୃତ୍ରିମ ବନ୍ୟା ମାଧ୍ୟମରେ କ୍ଷତି ଘଟାଇବା, ବନ୍ୟାଜଳର ପ୍ରାକୃତିକ ଗତିପଥ ପରିବର୍ତ୍ତନ ଯୋଗୁ ଚାଷଜମିଗୁଡ଼ିକ ଧୋଇ ହୋଇ ନଦୀଗର୍ଭରେ ଲୀନ ହେବା ହିଁ, ଏ 'ସୁନ୍ଦର ଆତ୍ମନିଯୁକ୍ତି'ର 'ସୁନ୍ଦର' ପାର୍ଶ୍ୱ ପ୍ରତିକ୍ରିୟା!

ଏ ତ ଗ୍ରାମାଞ୍ଚଳର କଥା। ସହରୀ ଲୋକ ମଧ୍ୟ ଭିନ୍ନ ଭାବରେ ମାଟିକୁ ପଦାଘାତ କରି ଅର୍ଥ ସାଉଁଟିବାକୁ ଲାଗିଛନ୍ତି। ନିଜ ଡିହର ଶେଷ ବର୍ଗ ଇଞ୍ଚକୁ କଂକ୍ରିଟରେ ପରିଣତ କରି, ତା' ଉପରେ ଟାଇଲ ଆଚ୍ଛାଦିତ କରି ପରିଚ୍ଛନ୍ନତାର ଡିଣ୍ଡିମ ପିଟିବା, ମୃତ୍ତିକା-ହତ୍ୟାର ଏକ ଷଡ଼ଯନ୍ତ୍ର ତଥା ଆତ୍ମ-ହତ୍ୟାକାରୀ ପଦକ୍ଷେପ। ଏଣେ ବର୍ଷାଜଳ ଅମଳ ପାଇଁ ନିଜ ଡିହରେ ପ୍ରକଳ୍ପ ନିର୍ମାଣ କରିବା, ତେଣେ ବର୍ଷାଜଳକୁ ମାଟିରେ ଆପେ ଆପେ ଭେଦିବାକୁ ଦେଇ ଭୂତଳ ଜଳସ୍ତର ବୃଦ୍ଧି କରିବାକୁ ଚେଷ୍ଟିତ ନ ହେବା ଏକ ପ୍ରକାର ବୀଭତ୍ସ ବିଡ଼ମ୍ବନା। ସହରୀ ଲୋକଙ୍କୁ ଏବେ ପରିଚ୍ଛନ୍ନତା-ରୋଗ ଘାରିଛି। ଅଯଥାରେ ମାଟି ଉପରେ ଟାଇଲ ବିଛେଇ ମୃତ୍ତିକାକୁ ଅଣନିଃଶ୍ୱାସୀ କରିବା କ୍ରମରେ ପ୍ରାକୃତିକ ତାପର ବିକିରଣରେ ନିଜେ ଧଇଁସଇଁ ହୋଇ ବାତାନୁକୂଳିତ ଖୁଆଡ଼ ଭିତରେ ଆବଦ୍ଧ ହୋଇ ସେ ଯେ ବନ୍ଦୀଜୀବନ ଯାପନ କରୁଛି, ସେ କଥା ଭାବିବାକୁ ତା'ର ଆଗ୍ରହ ନାହିଁ।

ଆଗରୁ ସହର ରାସ୍ତାର ଉଭୟ ପାର୍ଶ୍ୱରେ କିଛି ଅଂଶ ମାଟିଖଣ୍ଡ ଥାଏ, ଯାହା ଉପର ଦେଇ ବର୍ଷାଜଳ ବୋହିଯାଇ ଡ୍ରେନ୍‌ରେ ପଡ଼ିବା ଅବସରରେ କିଛି ପାଣି ମାଟି ପିଇ ଯାଉଥିଲା। ଶହଶହ କିଲୋମିଟର ରାସ୍ତାକଡ଼ର ଏଇ ମାଟି ମୃତ୍ତିକାର ସ୍ୱାସ୍ଥ୍ୟ ତଥା ଭୂତଳ ଜଳସ୍ତର ବୃଦ୍ଧି ପାଇଁ ବରଦାନ ସଦୃଶ ଥିଲା। ଏବେ ସହରର ଲୋକସଂଖ୍ୟା ଓ ଯାନସଂଖ୍ୟା ବୃଦ୍ଧି ସହିତ ତାଳଦେଇ ରାସ୍ତାର ପ୍ରଶସ୍ତୀକରଣ ସମ୍ଭବ ହେଉ ନ ଥିବା ଯୋଗୁ 'ଡ୍ରେନ୍ ଟୁ ଡ୍ରେନ୍' (ଏପଟ ନାଳଠୁ ସେପଟ ନାଳ ଯାଏ) କଂକ୍ରିଟ କରି ଦିଆଯାଉଛି, ଯାହା ସହରର ଉତ୍ତାପ ବଢ଼େଇବା, କଂକ୍ରିଟ ଓ ମୃତ୍ତିକାର ଅନୁପାତକୁ ହ୍ରାସ କରିବା ସହ ଜଳସ୍ତରକୁ ମଧ୍ୟ କମେଇ ଦେଉଛି। ଫଳତଃ ଗ୍ରୀଷ୍ମରେ ପାଣିପମ୍ପ, ଅନ୍ୟାନ୍ୟ ଜଳଉତ୍ସ ଶୁଖିଯାଉଛି ଏବଂ ଗଛଲତାଗୁଡ଼ିକ ପୃଷ୍ଠ-ଜଳସ୍ତର (ସରଫେସ୍ ୱାଟର) ହ୍ରାସର ଶିକାର ହୋଇ ଝାଉଁଳି ପଡୁଛନ୍ତି, ଯେଉଁଥିପାଇଁ ସହରର ସବୁଜ-ଆଚ୍ଛାଦନ ଆଉ ସବୁଜ ଦିଶୁନାହିଁ।

ମାଟି ମଣିଷର ମା', ତା'ର ହିତୈଷୀ ବନ୍ଧୁ। ଯେ ଯାଏ ମଣିଷ, ମାଟି ପ୍ରତି ସମ୍ମାନଶୀଳ, ସମ୍ବେଦନଶୀଳ ବ୍ୟବହାର ପ୍ରଦର୍ଶନ ନ କରିଛି, ସେ ଯାଏ ଏ ଭୟାବହ ପ୍ରକ୍ରିୟାର ବିପରୀତୀକରଣ ସମ୍ଭବ ନୁହେଁ। ମୃତ୍ତିକାର ସୂକ୍ଷ୍ମ ଆର୍ତ୍ତନାଦକୁ ଶୁଣୁ ନ ଥିବା ମଣିଷକୁ ଭବିଷ୍ୟତରେ ତା'ର ଅନ୍ତିମ କ୍ଷଣରେ ଅବା ଅନ୍ତିମ କ୍ରିୟା ପାଇଁ ମୁଠାଏ ମାଟି ବା କାଦୁଅ ପେଣ୍ଡାଟିଏ ମିଳିବନି!

**ପୂର୍ବତନ ଅଧକ୍ଷ, ଜେଲ ରୋଡ଼, ବାଲେଶ୍ୱର**
**ମୋ. :୯୪୩୭୩୭୬୨୧୯**

# ପିଲାଙ୍କ ବ୍ରେନ୍ ପାୱାର



ଡା. ସମ୍ରାଟ କର

କରୋନା ପ୍ରକୋପ ପାଇଁ ପାଖାପାଖି ଦୁଇବର୍ଷ ପିଲାମାନେ ଘରେ ରହି ଅନ୍‌ଲାଇନରେ ପରୀକ୍ଷା ଦେଲେ। ତେବେ ଚଳିତ ବର୍ଷଠାରୁ ଅଫ୍‌ଲାଇନ ପରୀକ୍ଷା ଆରମ୍ଭ ହେବାକୁ ଯାଉଛି। ଏହିପରି ଏକ ଗୁରୁତ୍ୱପୂର୍ଣ୍ଣ ସମୟରେ ପିଲାମାନଙ୍କ ବ୍ରେନ ପାୱାର ବଢ଼ିବା ସହ ସେମାନଙ୍କୁ ପ୍ରେରଣା, ସହଯୋଗ ଓ ପ୍ରୋତ୍ସାହନ ଦେବା ପାଇଁ ଘରେ ମା'ବାପାଙ୍କଠାରୁ ପରିବାର ଲୋକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ବର୍ଷ ତମାମ ପାଠ ପଢ଼ିଥିବା ପିଲାଟି କିପରି ଚାପମୁକ୍ତ ହୋଇ ପଢ଼ିବ, ଏହା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା। ଆସନ୍ତୁ ଏହାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିବା। ପରୀକ୍ଷାରେ କେତେ ମାର୍କ ରଖୁଛି, ତାହା ତ ଗୁରୁତ୍ୱପୂର୍ଣ୍ଣ କଥା ନିଶ୍ଚୟ; କିନ୍ତୁ ଚାପ ଭିତରେ ରହି ପରୀକ୍ଷାକୁ ସାମ୍ନା କରିବା କଷ୍ଟକର ଏବଂ ଏହା ପିଲାପାଇଁ ଆଦୌ ଭଲ ନୁହେଁ।

ପିଲାଙ୍କ ସ୍ମରଣ ଶକ୍ତି ହ୍ରାସ ପଛରେ ଅଭିଭାବକ ବହୁ ପରିମାଣରେ ଦାୟୀ ଥାଆନ୍ତି। କ୍ୟାରିୟର ବିଶେଷଜ୍ଞଙ୍କ କହିବାନୁସାରେ, କେତେକ ଅଭିଭାବକ ପିଲାଙ୍କ ଉପରେ ଚାପ ପକାଇଥା'ନ୍ତି ଯେ ସେମାନଙ୍କୁ ଅଧିକ ପ୍ରତିଶତ ମାର୍କ ଆଣିବା ଦରକାର। ତେଣୁ ସେମାନେ ପାଠ ମନେରଖିବା ଅପେକ୍ଷା ଅଧିକ ପ୍ରତିଶତ ମାର୍କ ଉପରେ ବେଶି ଧ୍ୟାନ ଦେଇଥା'ନ୍ତି। ଏଥିପାଇଁ ଦିନସାରା ପରିଶ୍ରମ ବି କରିଥା'ନ୍ତି। ଏପରି କରିବା ପରିବର୍ତ୍ତେ ସେମାନେ ରିଭିଜନ ପ୍ରଣାଳୀରେ ପରିବର୍ତ୍ତନ ଆଣନ୍ତୁ। କୌଣସି ବିଷୟରେ ପଢ଼ିବା ସମୟରେ ତାକୁ ଲେଖିବାକୁ କୁହନ୍ତୁ। ଫଳରେ ଉକ୍ତ ବିଷୟଟି ତା'ର ଦୀର୍ଘ ଦିନଯାଏ ମନେ ରହିଯିବ।

ପିଲାମାନେ ଲଗାତର ପଢ଼ିଲେ ପୂର୍ବ ପାଠକୁ ଭୁଲିଯାଇଥାନ୍ତି। ଷ୍ଟଡି ଟେବଲ୍‌ରେ ଅଧିକ ସମୟ ବସିବା ପରିବର୍ତ୍ତେ ଏକ ସୁସ୍ଥ ପରିବେଶରେ ପଢ଼ିବାକୁ ମା'ମାନେ ପିଲାଙ୍କ ପାଇଁ ଏକ ଟାଇମ୍ ଟେବୁଲ ପ୍ରସ୍ତୁତ କରିବା ଦରକାର। ପଢ଼ା ମଝିରେ ବ୍ରେକ୍ ରହିବା ନିହାତି ଦରକାର। ଅବସର ସମୟରେ ପିଲାର ପସନ୍ଦ ଅନୁଯାୟୀ କାମ କରିବାକୁ ଦିଅନ୍ତୁ। ଫଳରେ ସେ ଖୁସିରେ ରହିବା ସହ ପାଠ ପ୍ରତି ଉଚିତ୍ ଧ୍ୟାନ ଦେଇପାରିବ। ଦିନସାରା କେବଳ ପାଠ ପଢ଼ିବାକୁ ପିଲାକୁ କୁହନ୍ତୁ ନାହିଁ ବରଂ କେତେବେଳେ ଗପ ଶୁଣାନ୍ତୁ, ଆଉ କେତେବେଳେ ଗୀତ ବା କାର୍ଟୁନ୍ ଆଦି ବିଭିନ୍ନ ଜିନିଷ ସହ ଜଡ଼ିତ କରାନ୍ତୁ। ପିଲା ଗୋଟିଏ ଜିନିଷରେ ବାନ୍ଧି ହୋଇ ରହିଲେ ବୋର୍ ହୋଇଯିବାର ଆଶଙ୍କା ରହିଛି। ତେଣୁ ତାକୁ ତା' ନିଜ ପସନ୍ଦର ଜିନିଷ ସହ ସାମିଲ କରାନ୍ତୁ।

ପରୀକ୍ଷା ପାଖେଇ ଆସିଲାଣି। ହେଲେ ପିଲାର କିଛି ମନେରହୁନି। ତେବେ ତା' ରିଭିଜନ୍‌ରେ ପରିବର୍ତ୍ତନ ଆଣନ୍ତୁ। କୌଣସି ବିଷୟରେ ମନେରଖିଲାବେଳେ ତାକୁ ଲେଖିବାକୁ କୁହନ୍ତୁ। ବହୁ ସମୟରେ ଦେଖିବାକୁ ମିଳେ, ପିଲାମାନେ ଶର୍ଟକଟ୍ ବାଟ ଆପଣେଇବାକୁ ଯାଇ ନୋଟ୍ ପ୍ରସ୍ତୁତ କରି ନଥା'ନ୍ତି। ତେଣୁ ବର୍ଷ ଆରମ୍ଭରୁ ପିଲାଙ୍କ ପଢ଼ା ଉପରେ ମା'ମାନେ ଅଧିକ ଧ୍ୟାନ ଦେବା ଦରକାର। ସେମାନେ କିପରି ଦାୟିତ୍ୱବାନ୍ ହୋଇଗଲେ ନିଜେ ସବୁକିଛି ଠିକ୍ ଭାବେ କରିପାରିବେ। ପରୀକ୍ଷା ସମୟ ଆସିଲେ ପିଲାଙ୍କୁ ଏକ ସୁସ୍ଥ ଓ ଶାନ୍ତ ପରିବେଶ ଭିତରେ ରଖିବା ଦରକାର। ଅଭିଭାବକମାନେ ଜାଣିବା ଦରକାର ଯେ, ଏହି ସମୟରେ ପିଲାର କ୍ଷତି ହେଲା ଭଳି କୌଣସି କାମ ନ କରିବା ଉଚିତ, ଯେଭଳିକି ଟିଭି ଦେଖିବା ବା ଗୀତ ଶୁଣିବା ଆଦିଠାରୁ ସେମାନେ ନିଜକୁ ଦୂରେଇ ରଖିବା ନିହାତି ଦରକାର। ଏପରି ନ କଲେ ପିଲା ପାଠ ଉପରେ ଧ୍ୟାନ ଦେଇପାରେ ନାହିଁ। ବହୁତ ପିଲା ଶୁଆ ଭଳି ଘୋଷି ଘୋଷି ମନେ ରଖିବାକୁ ଭଲପାଆନ୍ତି। ତାଙ୍କୁ ବୁଝାନ୍ତୁ ଯେ ଏପରି କରିବା ପରିବର୍ତ୍ତେ କୌଣସି ଜିନିଷକୁ ଭଲରେ ବୁଝିଗଲେ, ତାହା କମ୍ ସମୟରେ ଓ ଅଧିକ ଦିନଯାଏ ମନେରହିବ। ଏପରି କରିବାରେ ଆପଣ ତାକୁ ସାହାଯ୍ୟ କରନ୍ତୁ। କ୍ୟାରିୟର ବିଶେଷଜ୍ଞଙ୍କ କହିବାନୁସାରେ, ପିଲାମାନେ ପଢ଼ିଲା ପରେ ଅଭିଭାବକମାନେ ତାଙ୍କୁ ସେହି ବିଷୟରେ ବିଭିନ୍ନ ପ୍ରଶ୍ନ ପଚାରିବା ଦ୍ୱାରା ସେମାନେ ଅଧିକ ମନେ ରଖିପାରିବେ। ଆଉ ଯଦି ପିଲାମାନେ ସେହି ବିଷୟକୁ ମନେ ରଖିପାରି ନଥା'ନ୍ତି, ତେବେ ତା' ବିଷୟରେ ଆଲୋଚନା କରନ୍ତୁ। ବାରମ୍ବାର ଏପରି କରିବା ଦ୍ୱାରା ତା'ର ମନେ ରହିଯିବ।



ପିଲାର ସ୍ମରଣ ଶକ୍ତି ବଢ଼ାଇବାକୁ ହେଲେ ତାକୁ ଏକ ଚିନ୍ତାଶୂନ୍ୟ ଓ ଶାନ୍ତ ପରିବେଶ ଦେବାକୁ ଚେଷ୍ଟା କରନ୍ତୁ। ଏପରି ଏକ ସକାରାତ୍ମକ ପରିବେଶ ପାଇଲେ ସବୁବେଳେ ଖୁସି ରହିବା ସହ ପାଠ ପ୍ରତି ଅଧିକ ଧ୍ୟାନ ଦେବାରେ ସକ୍ଷମ ହୋଇପାରିବ। ପରୀକ୍ଷା ପାଖେଇ ଆସିଲେ ବି ତାକୁ ଲଗାତର ପଢ଼ିବାକୁ ବାଧ୍ୟ କରନ୍ତୁ ନାହିଁ। ମଝିରେ ମଝିରେ ତାକୁ ତା' ପସନ୍ଦର ଜିନିଷ କରିବାକୁ ଦିଅନ୍ତୁ, ଯେପରିକି ପାଠ ତା' ପାଇଁ ବୋଝ ନ ହୋଇଯିବ।

ଏକ୍ସରସାଇଜ୍ କେବଳ ଶରୀରକୁ ସୁସ୍ଥତା ପ୍ରଦାନ କରି ନଥାଏ। ତା' ସହିତ ମସ୍ତିଷ୍କକୁ ବି ସତେଜ ଓ ସନ୍ତୁଳିତ ରଖିଥାଏ। ୨୪ ଘଣ୍ଟା କେବଳ ପାଠ ପ୍ରତି ଧ୍ୟାନ ଦେବା ପରିବର୍ତ୍ତେ ପାଠ ସହିତ ପ୍ରତିଦିନ ସକାଳେ ମାଆମାନେ ନିଜେ ବ୍ୟାୟାମ ବା ଏକ୍ସରସାଇଜ୍ କରିବା ବେଳେ ପିଲାଙ୍କୁ ଏଥିରେ ସାମିଲ କରିବା ଦରକାର। ନଚେତ୍ ସକାଳୁ ପିଲାଙ୍କୁ ଘରଠାରୁ ବାହାରକୁ ନେଇ ଖୋଲା ପରିବେଶରେ ବୁଲାଇ ଆଣିବା ସହ ଯୋଗ ବା ବ୍ୟାୟାମ ଶିଖାଇବା ଉଚିତ୍।

**ମାନସିକ ରୋଗ ବିଶେଷଜ୍ଞ, ଦି ବ୍ରେନ୍, ପୁରୀଘାଟ ରୋଡ଼, କଟକ,**
**ମୋ: ୯୧୩୨୪୩୩୩୩୩**

## ଏଇ ଭାରତରେ

ଜୈବ ଇନ୍ଧନ ବ୍ୟବହାର କମ୍ କରିବା ସହ ପରିବେଶ ପ୍ରଦୂଷଣ ରୋକିବା ଲାଗି ଏବେ ବୈଦ୍ୟୁତିକ ଦୁଇଚକିଆ ଯାନ(ଇଭି ଟୁହ୍ୱିଲର) ନିର୍ମାଣରେ ଲାଗିଛନ୍ତି ବହୁ ନାମୀଦାମୀ କମ୍ପାନୀ। ଗତବର୍ଷ ତୁଳନାରେ ଏହାର ବିକ୍ରି ମଧ୍ୟ ୧୩୨ ପ୍ରତିଶତ ବୃଦ୍ଧି ପାଇଛି। ଲୋକେ କମ୍ପାନୀ ଗାଡ଼ି ପସନ୍ଦ କରୁଥିବା ବେଳେ ନିଜ କେଟିମ୍ ବାଇକ୍‌କୁ ସୌରଚାଳିତ ଇଭି ବାଇକ୍‌ରେ ପରିବର୍ତ୍ତନ କରି ଏକ ନୂଆ ବାଟ ଦେଖାଇଛନ୍ତି ଅସଦ୍ ଅବ୍‌ଦୁଲ୍ଲା। ଉତ୍ତରପ୍ରଦେଶ ଆଜମ୍‌ଗଡ଼ର ଏହି ଯୁବକ ଏବେ ଭୋକେଶନାଲ ଟ୍ରେନିଂ ନେଉଛନ୍ତି, ହେଲେ ନିଜ ଉଦ୍ୟମରେ ତାଙ୍କ କେଟିମ୍ ବାଇକ୍‌କୁ ଇଭି କରିବାରେ ସକ୍ଷମ ହୋଇଛନ୍ତି। ଏହି ବାଇକ୍ ଏବେ ଥରେ ଚାର୍ଜ ହେଲେ ୧୩୦ କିମି ଯାଉଛି ଓ ଏହାର ଘଣ୍ଟା ପ୍ରତି ବେଗ ରହିଛି ୧୪୦ କିମି। କାହାଠାରୁ କୌଣସି ବୈଷୟିକ ଶିକ୍ଷା ନ ନେଇ ଏବଂ ବିନା ସାହାଯ୍ୟରେ ବହୁ ଭିଡିଓ ଦେଖି ଇଭି କୌଶଳ ଜାଣିବା ପରେ ସେ ଇଞ୍ଜିନକୁ ପରିବର୍ତ୍ତନ କରିଛନ୍ତି। ସେଥିରେ ଚାଇନା ନିର୍ମିତ କ୍ୟୁଏସ୍ ମୋଟର କଣ୍ଟ୍ରୋଲର ଫିଟ୍ କରିବା ସହ ଏଥିରେ ୪,୦୦୦ ୱାଟ୍ ମୋଟର ସେଟ୍ କରିଛନ୍ତି। ବାଇକ୍‌ର କୌଣସି ପାର୍ଟ କାଟିନାହାନ୍ତି କି କିଛି ଯୋଡ଼ିନାହାନ୍ତି। କେବଳ ତେଲ ଟାଙ୍କି ପାଖରେ ବ୍ୟାଟେରି ବକ୍ସ ରଖିଛନ୍ତି। ଏହି ବ୍ୟାଟେରି ସୌର ବିଦ୍ୟୁତ୍‌ରେ ଚାର୍ଜ ହେଉଛି। ଏଣୁ ଅସଦ୍‌ଙ୍କୁ ବାଇକ୍ ଚାର୍ଜ ପାଇଁ ଗ୍ରୀଡ୍ ବିଦ୍ୟୁତ୍ ଉପରେ ନିର୍ଭର କରିବାକୁ ପଡୁନି। ଏହି ଉପାୟରେ ଅସଦ୍ ମାସକୁ ତେଲ ବାବଦରେ ଖର୍ଚ୍ଚ କରୁଥିବା ପ୍ରାୟ ୬ ହଜାର ଟଙ୍କା ବଞ୍ଚାଇ ପାରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୨୫ ଏପ୍ରିଲ ୧୯୯୭**

- ରୁଷିଆ, ଚୀନ ଏବଂ ୩ଟି ମଧ୍ୟଏସୀୟ ରାଷ୍ଟ୍ର କାଜାକସ୍ଥାନ, କିରଗିଜସ୍ଥାନ ଓ ତାଜିକିସ୍ଥାନ ସୀମାନ୍ତ ଅଞ୍ଚଳରେ ସାମରିକ ବାହିନୀର ଶକ୍ତି ହ୍ରାସ ନେଇ ଏକ ମିଳିତ ରାଜିନାମାରେ ସ୍ୱାକ୍ଷର କରିଛନ୍ତି।
- ଆଲଜିୟାର୍ସଠାରୁ ୮୦ କିମି ଦୂର ଦକ୍ଷିଣରେ ଅବସ୍ଥିତ ମେଦିଆ ନିକଟବର୍ତ୍ତୀ ଏକ ପାର୍ବତ୍ୟ ସହରରେ ସଶସ୍ତ୍ର ଗୋଷ୍ଠୀ ୪୨ ଜଣ ଲୋକଙ୍କୁ ହତ୍ୟା କରିଛନ୍ତି।
- ଦକ୍ଷିଣ ପଞ୍ଜାବର ଖଇରପୁର ଟାଙ୍ଗେୱେଲିଆନସ୍ଥିତ ରହିମ ମାର୍କେଟର ଜନଗହଳି ଅଞ୍ଚଳରେ ଦୁଇ ଅଜ୍ଞାତ ବ୍ୟକ୍ତିଙ୍କ ଆଖିବୁଜା ଗୁଳିମାଡ଼ରେ ୨୦ ନିହତ।

## su|do|ku Puzzles by Srikant Ghosh — ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | 5 | | 8 | 4 | | 9 | |
| | | | | | | | 7 | 1 |
| 6 | | | | | 2 | | | 5 |
| | | | | | 8 | | | |
| 4 | 3 | | | | 1 | | 8 | |
| 1 | | | | | | | | 7 |
| | | | 6 | 4 | | | | 9 |
| | | | | | 5 | 1 | | 6 |
| 2 | | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 7 | 6 | 2 | 1 | 9 | 3 | 8 | 4 |
| 2 | 1 | 9 | 3 | 4 | 8 | 7 | 6 | 5 |
| 8 | 4 | 3 | 6 | 5 | 7 | 2 | 1 | 9 |
| 3 | 5 | 4 | 1 | 9 | 2 | 6 | 7 | 8 |
| 9 | 6 | 7 | 8 | 3 | 5 | 4 | 2 | 1 |
| 1 | 8 | 2 | 7 | 6 | 4 | 5 | 9 | 3 |
| 7 | 3 | 8 | 5 | 2 | 1 | 9 | 4 | 6 |
| 6 | 9 | 1 | 4 | 7 | 3 | 8 | 5 | 2 |
| 4 | 2 | 5 | 9 | 8 | 6 | 1 | 3 | 7 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ମୁଦ୍ରାସ୍ଫୀତି ଉତ୍କଟ

ମହାଶୟ,

ସମ୍ପ୍ରତି ବିଭିନ୍ନ ଦେଶରେ ମୁଦ୍ରାସ୍ଫୀତି ପାଇଁ ଦରଦାମ୍ ବୃଦ୍ଧି ଆକାଶଛୁଆଁ ହୋଇଛି। ଆଫଗାନିସ୍ତାନ, ପାକିସ୍ତାନ, ଶ୍ରୀଲଙ୍କା ଓ ବାଂଲାଦେଶରେ ଉତ୍କଟ ଆର୍ଥିକ ମାନ୍ଦାବସ୍ଥା ପରିଲକ୍ଷିତ ହୋଇଛି। ତୈଳ ଓ ଗ୍ୟାସ୍ ଦର ଘନଘନ ବୃଦ୍ଧି ଯୋଗୁ ବଜାର ଦର ତେଜି ଉଠିଲାଣି। ଆମ ଦେଶରେ ମଧ୍ୟ ବଜାର ଦର ଉତ୍କଟ ଆକାର ଧାରଣ କଲାଣି। ବିପିଏଲ୍ ପରିବାର ମାଗଣା ଚାଉଳ ପାଉଥିବାରୁ ଆଶ୍ୱସ୍ତି ପ୍ରକାଶ କରୁଥିବା ବେଳେ ଅନ୍ୟାନ୍ୟ ବର୍ଗର ଲୋକେ ଉତ୍କଟ ଦରଦାମ୍ ବୃଦ୍ଧି ଯୋଗୁ ହନ୍ତସନ୍ତ ହେଉଛନ୍ତି। ଗରିବ ଲୋକେ ଶାଗ ପଖାଳ ଖାଇ ଚଳିବାକୁ ବାଧ ହେଉଛନ୍ତି। କରୋନା ମହାମାରୀ ଓ ରୁଷିଆ-ୟୁକ୍ରେନ୍ ଯୁଦ୍ଧ ଯୋଗୁ ଅତ୍ୟାବଶ୍ୟକ ସାମଗ୍ରୀର ଦର ହୁ ହୁ ବୃଦ୍ଧି ପାଉଛି। କୃଷି ଶିଳ୍ପ କ୍ଷେତ୍ରରେ ଉତ୍ପାଦନ ବୃଦ୍ଧି ହେଲେ ଦରଦାମ୍ ନିୟନ୍ତ୍ରିତ ହୋଇପାରିବ ବୋଲି କୁହାଯାଉଛି। ବିଶ୍ୱରେ ଏଭଳି ଆର୍ଥିକ ମାନ୍ଦାବସ୍ଥା ଲାଗିରହିଲେ ପ୍ରଗତି ବାଧକ ହେବ ଏଥିରେ ସନ୍ଦେହ ନାହିଁ। ଆର୍ଥିକ ମାନ୍ଦାବସ୍ଥା ସୁଧାରିବାକୁ ଅର୍ଥନୀତି ବିଶାରଦମାନେ ଚିନ୍ତା କରିବାର ବେଳ ଆସିଛି। ଏ ଦିଗରେ ଦଳମତ ନିର୍ବିଶେଷରେ ସରକାରଙ୍କୁ ସହଯୋଗ କରିବା ଉଚିତ।

**-ନିର୍ମଳ ଚନ୍ଦ୍ର ସାମଲ, ଅନନ୍ତ ବିହାର, ପୋଖରୀପୁଟ, ଭୁବନେଶ୍ୱର**

## ଲେମ୍ବୁ ଅମୂଲ ମୂଲ

ଲେମ୍ବୁ ଚା' ପିଇବାର ମଜା କ୍ଷୀର ଚା'ରେ ମିଳେନି। କ୍ଷୀର ଚା ପାନ କଲେ ପେଟ ଗରମ ହୁଏ ଏବଂ ଭୋକ ମରିଯାଏ। ଭାତ ଖାଇହୁଏନି। ଲେମ୍ବୁ ଚା ପାନ କଲେ ପେଟ ଗରମ ହେବନି। ଲେମ୍ବୁ ସହ ଖରାଦିନେ ପଖାଳ ଖାଇବାକୁ ଖୁବ୍ ଭଲ ଲାଗିଥାଏ। ପଖାଳ ଛଡ଼ା ଲେମ୍ବୁ ଆଚାର, ଲେମ୍ବୁ ସରବତ ପାଇଁ ଲେମ୍ବୁର ଆବଶ୍ୟକତା ରହିଛି। ବର୍ତ୍ତମାନ ଲେମ୍ବୁ ଗୋଟାକୁ ୬/୭ ଟଙ୍କା ଦରରେ ବଜାରରେ ବିକ୍ରି ହେବା ଦ୍ୱାରା ଲେମ୍ବୁ ଚା ପିଇବା ବନ୍ଦ ହୋଇଯାଇଛି। ଚଢ଼ା ଦରରେ ଲେମ୍ବୁ କିଣିବାକୁ ସାହସ ହେଉ ନାହିଁ। ଲେମ୍ବୁ ଓ ଛତୁ ଉତ୍ପାଦନରେ ଓଡ଼ିଶା ପ୍ରଥମ ହୋଇଥିବାବେଳେ ବର୍ତ୍ତମାନ ପ୍ରବଳ ଗ୍ରୀଷ୍ମକାଳରେ ଲେମ୍ବୁ ଦର ବଢ଼ିବାର କାରଣ କ'ଣ। ଅନ୍ୟାନ୍ୟ ବସ୍ତୁର ଦରଦାମ୍ ଅତ୍ୟଧିକ ହୋଇଥିବାବେଳେ ଲେମ୍ବୁର ଅତ୍ୟଧିକ ଚଢ଼ାଦର ଖାଉଟିମାନଙ୍କ ପାଇଁ ଚିନ୍ତାର କାରଣ ହୋଇଛି।

**-ରଞ୍ଜନ ମିଶ୍ର, ରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ବିରାଟ ବେଦନାର ସ୍ତୂପ ତଳୁଁ ତୋଳି ଯାହା
ସାଇତି ରଖେ ନର
ଜୀବନର କରି ନାହା,
ଯେ ହାସ ପାଇଁ ସେ ଗୋ କୋଟି ପ୍ରାଣେ ଦିଏ ବ୍ୟଥା
କାଟଇ ଯାହା ଆଶେ
ଅନାୟାସେ କୋଟି ମଥା।
-(ମରଣ ପାଳି)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ଜଙ୍ଗଲରୁ ଝୁଲନ୍ତା ମୃତଦେହ ଜବତ

ପାଟଣାଗଡ,(ଡି.ଏନ୍.ଏ.): ବଲାଙ୍ଗୀର ଜିଲା ଲରମ୍ବା ଥାନା ଚିଟକାମାଲ ଜଙ୍ଗଲରୁ ଜଣେ ବ୍ୟକ୍ତିଙ୍କ(୫୫) ଝୁଲନ୍ତା ଗଳିତ ମୃତଦେହ ପୋଲିସ ଜବତ କରିଛି। ଏ ନେଇ ଏକ ଅପମୃତ୍ୟୁ ମାମଲା(୫/୨୨) ରୁଜୁ କରି ପୋଲିସ ଘଟଣାର ତଦନ୍ତ ଚଳାଇଛି। ମୃତକଙ୍କପରିଚୟ ମିଳାହିଁ। ବ୍ୟବଚ୍ଛେଦ ପରେ ମୃତଦେହ ବଲାଙ୍ଗୀର ଶବାଗାରରେ ରଖାଯିବ ବୋଲି ଲରମ୍ବା ଥାନାଧିକାରୀ ରାଜେନ୍ଦ୍ର ବେହେରା କହିଛନ୍ତି।

## ସଂକ୍ଷେପରେ

### ଯୁବତୀଙ୍କୁ ବଳାତ୍କାର ଅଭିଯୋଗ: ଅଭିଯୁକ୍ତ କୋର୍ଟ ଚାଲାଣ



କୋକସରା,୨୪।୪(ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ଘଟଣାରେ ପୋଲିସ ସାମନ୍ତ ଭାଟି (୨୪) ନାମକ ଯୁବକଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସୂଚନାନୁସାରେ ସାମନ୍ତ ୨୫ ବର୍ଷୀୟ ଜଣେ ଯୁବତୀଙ୍କୁ ଗତ ୫ ବର୍ଷ ହେବ ଏକତରଫା ଭଲ ଭଲ ପାଉଥିଲେ। ଯୁବତୀଙ୍କୁ ଅନେକ ସମୟରେ ସାମନ୍ତ ପ୍ରେମ ନିବେଦନ କରି ବିଫଳ ହୋଇଥିଲେ। ଗତ ୨୦ ତାରିଖରେ ଯୁବତୀ ଘରେ ଏକୁଟିଆ ଥିବା ସୁଯୋଗ ଦେଖି ରାତିରେ ସାମନ୍ତ ବଳାତ୍କାର କରିଥିଲେ। ଏ ନେଇ କୋକସରା ଥାନାରେ ଶୁକ୍ରବାର ଯୁବତୀ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ତ୍ୱରିତ ପଦକ୍ଷେପ ନେଇ ସାମନ୍ତଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଏ ନେଇ କୋକସରା ଥାନାରେ ଏକ ମାମଲା (ନଂ. ୯୩/୨୨) ରୁଜୁ ହୋଇଛି।

### ବାଇକ୍ ଚାପି ହୋଇ ମୃତ୍ୟୁ

ବାଉଁଶୁଣୀ/କନ୍ଧମାଳ, ୨୪।୪ (ଡି.ଏନ.ଏ.): ବୌଦ୍ଧ ଜିଲା କନ୍ଧମାଳ ରୁଣ୍ଡିମହୁଲ ଗ୍ରାମ ପଞ୍ଚାୟତର ବରପଦର୍ - ଧାନଖଣ୍ଡି ରାସ୍ତାରେ ଦୁର୍ଘଟଣା ଘଟିଛି। ନିଜ ବାଇକ୍ ତଳେ ଚାପି ହୋଇ ଜଣେ ଯୁବକ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ବରପଦର ଗ୍ରାମର ସୁଜିତ ମଲିକ ଶନିବାର ରାତି ୧୧ଟାରେ କୌଣସି କାମରେ ପଲସାଗୋରା ଯାଇଥିଲେ। ନିଜ ଘର ରୁଣ୍ଡିମହୁଲ ପଞ୍ଚାୟତର ବରପଦରକୁ ବିଳମ୍ବିତ ରାତିରେ ଫେରୁଥିବା ବେଳେ ବାଇକ୍ ଦୁର୍ଘଟଣା ଘଟି ବାଇକ ତଳେ ଚାପିହୋଇ ମୃତ୍ୟୁବରଣ କରିଛନ୍ତି। ମାତ୍ର ଏହା ଦୁର୍ଘଟଣା ନା ଅନ୍ୟ କିଛି କାରଣରୁ ମୃତ୍ୟୁ ହୋଇଛି ତାହା ପୋଲିସ ତଦନ୍ତ ପରେ ସ୍ପଷ୍ଟ ହେବ। ଏପଟେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ମନମୁଣ୍ଡା ଡାକ୍ତରଖାନା ଆଣି ମାମଲାର ତଦନ୍ତ ଆରମ୍ଭ କରିଛି।

### ସାହିତ୍ୟ ନାଟକ କଳା ପରିଷଦର ବାର୍ଷିକ ଉତ୍ସବ

ରୁପ୍ରାରୋଡ,୨୪।୪(ଡି.ଏନ.ଏ.): କଳାହାଣ୍ଡି ଜିଲା ନର୍ଲା ବ୍ଲକ ରେଖପୁରସ୍ଥିତ ସାହିତ୍ୟ ନାଟକ କଳା ପରିଷଦର ୨୩ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ଅନୁଷ୍ଠାନ ପ୍ରତିଷ୍ଠାତା ସ୍ୱର୍ଗତ ପଦ୍ମଲୋଚନ ଭୋଇଙ୍କ ସ୍ମୃତିରେ କବିତା ପାଠୋତ୍ସବ ଓ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥିଭାବେ ପଞ୍ଚାୟତ ସମିତି ଅଧକ୍ଷା ମନୋରମା ମହାନ୍ତି, ମୁଖ୍ୟବକ୍ତା ମାଣିକେଶରୀ ମହାବିଦ୍ୟାଳୟ ଅଧକ୍ଷ ସତ୍ୟ ନାରାୟଣ ମୁଣ୍ଡଛିନା, ସମ୍ମାନିତ ଅତିଥି ବ୍ଲକ ଉପାଧକ୍ଷ ଦୁର୍ଗା ପ୍ରସାଦ ମହାନ୍ତି, କେସିଙ୍ଗା ବ୍ଲକ ଉପାଧକ୍ଷା, ଜିଲା ବିଜେଡି ଉପସଭାପତି ବିବେକ ସେନା ଅଧକ୍ଷ , ନର୍ଲା ସରପଞ୍ଚ, ସର୍ଗିଗୁଡା ସମିତି ସଭ୍ୟ, ମାଣ୍ଡେଲ ସରପଞ୍ଚ ଓ ଏସଏଫଇ ପ୍ରମୁଖ ଯୋଗଦାନ କରିଥିଲେ। ସଭାରେ କବି ମଧୁସୂଦନ ରାଉତ, ହରେକୃଷ୍ଣ ଭୋଇ, କବି ମୋହନ ଭଞ୍ଚ, ଡିଲେଶ୍ୱର ରଣା, କଳାକାର ଓମ ପ୍ରକାଶ ମାଝି, ସଦନ ପ୍ରଗଣିଆ ଓ ଆଶା କର୍ମୀ ଶାନ୍ତି ମାଝି ପ୍ରମୁଖଙ୍କୁ ଅନୁଷ୍ଠାନ ପକ୍ଷରୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଛି।

# ର୍ୟାଗିଂ ଅଭିଯୋଗକୁ ଦୃଢ଼ୀଭୂତ କଲା ମୋବାଇଲ ଚାଟିଂ

ବଲାଙ୍ଗୀର ଅଫିସ, ୨୪।୪




ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ଓ ହସ୍ପିଟାଲର ପ୍ରଥମ ବର୍ଷ ଏମ୍‌ବିବିଏସ୍ ଛାତ୍ର ନିଶାନ୍ତ କୁମାର (୧୯)ଙ୍କ ମୃତ୍ୟୁ ର୍ୟାଗିଂ ଯୋଗୁ ହୋଇଛି ବୋଲି ତାଙ୍କ ମାତାପିତା ଅଭିଯୋଗ କରିବାର ପ୍ରାୟ ୨୪ ଘଣ୍ଟା ପରେ ଏନେଇ ସାଂଘାତିକ ତଥ୍ୟ ସାମ୍ନାକୁ ଆସିଛି। କଲେଜ ଭିତରେ ସିନିୟର ଛାତ୍ରମାନେ ର୍ୟାଗିଂ କରୁଥିବା ନେଇ ମୃତ ଛାତ୍ର ନିଶାନ୍ତ ବିଦେଶରେ ରହୁଥିବା ତାଙ୍କର ଜଣେ ବନ୍ଧୁଙ୍କୁ ମୋବାଇଲ ଚାଟିଂ କରି ସୂଚନା ଦେଇଥିବା ଜଣାପଡ଼ିଛି। ଉକ୍ତ ମୋବାଇଲ ଚାଟିଂ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଘଟଣାଟି ଆଲୋଡ଼ନ ଖେଳାଇ ଦେଇଛି।

ଭାଇରାଲ ହୋଇଥିବା ମୋବାଇଲ ଚାଟିଂରେ ତାଙ୍କୁ କିଭଳି ମେଡିକାଲ କଲେଜ କ୍ୟାମ୍ପସରେ ସିନିୟର ଛାତ୍ରମାନେ ର୍ୟାଗିଂ କରୁଥିଲେ ତା'ର ସୂଚନା ଦେଇଛନ୍ତି। ଶନିବାର ନିଶାନ୍ତଙ୍କ ମାତାପିତା ପୁଅକୁ ଏବଂ କଲେଜରେ ର୍ୟାଗିଂ ସମ୍ପର୍କରେ ଯାହା ଅଭିଯୋଗ କରିଥିଲେ ଭାଇରାଲ ହୋଇଥିବା ଚାଟିଂରେ ତାହା ପ୍ରତିଫଳନ ହୋଇଛି। କ୍ୟାମ୍ପସରେ ଚାଲିଥିବା ସ୍ପୋର୍ଟମିଟ୍, ଭଲିବଲ କୋର୍ଟ ତିଆରିରେ ଜୁନିୟର ଛାତ୍ରମାନଙ୍କୁ ଉପସ୍ଥିତ ରହିବାକୁ ବାଧ କରାଯାଉଥିବା ଏବଂ ପ୍ରତିଦିନ କିଭଳି ୩/୪ ଘଣ୍ଟା ବରବାଦ କରାଯାଉଥିଲା ସେ ଉଲ୍ଲେଖ କରିଛନ୍ତି। ଜୁନିୟର ଛାତ୍ରଙ୍କୁ ପାର୍କ ଓ କଲେଜ ବାହାରକୁ ଯିବା ପାଇଁ ବାରଣ କରାଯାଇଥିବା କୁହାଯାଇଛି। ନିଶାନ୍ତ ତାଙ୍କର ଯେଉଁ ବନ୍ଧୁଙ୍କୁ ଏହି ଚାଟିଂ କରିଛନ୍ତି ସେ ଏସବୁ ଘଟଣାକୁ କଲେଜ କର୍ତ୍ତୃପକ୍ଷଙ୍କ ଦୃଷ୍ଟିକୁ ଆଣି ଅଭିଯୋଗ କରିବାକୁ ପରାମର୍ଶ ଦେଇଛନ୍ତି। ତେବେ ଏଭଳି ଅଭିଯୋଗ ଆଣିଲେ ତାଙ୍କ ପ୍ରତି ର୍ୟାଗିଂ ଭୟ ବଢ଼ିବ ବୋଲି ନିଶାନ୍ତ ଆଶଙ୍କା କରିଛନ୍ତି। ନିଶାନ୍ତଙ୍କୁ ର୍ୟାଗିଂ ସମ୍ପର୍କରେ ଅନ୍ୟ ଦୁଇ ବନ୍ଧୁଙ୍କ ଚାଟିଂ ମଧ୍ୟ ଭାଇରାଲ ହୋଇଛି। ସେଥିରେ ଦୁଇ ବନ୍ଧୁଙ୍କ ମଧ୍ୟରୁ ଜଣେ ନିଶାନ୍ତଙ୍କ ସହ ମୃତ୍ୟୁ ପୂର୍ବରୁ କଥା ହୋଇଥିବା ଏବଂ ସେଠାରେ ର୍ୟାଗିଂ ହେଉଥିବା ନେଇ ନିଶାନ୍ତ ଉଲ୍ଲେଖ କରିଥିବା ଚର୍ଚ୍ଚା କରିଛନ୍ତି।

ଅନ୍ୟପକ୍ଷରେ ଶନିବାର ମୃତଦେହ ବ୍ୟବଚ୍ଛେଦ ପରେ ବିଳମ୍ବିତ ରାତିରେ ନିଶାନ୍ତଙ୍କ ପିତା ପ୍ରଫେସର କ୍ରିଷ୍ଣକୁମାର ଟାଉନ୍ ଥାନାରେ ତାଙ୍କ ପୁଅକୁ ର୍ୟାଗିଂ ଓ ହତ୍ୟା ସମ୍ପର୍କରେ ଅଭିଯୋଗ କରିଥିଲେ। ଏ ନେଇ ଟାଉନ୍ ଥାନାରେ ଏକ ମାମଲା (୧୯୧/୨୨) ରୁଜୁ ହୋଇଛି। ଅନ୍ୟପକ୍ଷେ ର୍ୟାଗିଂ ଅଭିଯୋଗକୁ ଭୀମଭୋଇ ମେଡିକାଲ କଲେଜ କର୍ତ୍ତୃପକ୍ଷ ବାରମ୍ବାର ଖଣ୍ଡନ କରୁଥିବା ଏବଂ ହାଲୁକା ଭାବେ ନେଉଥିବା ନେଇ ବଲାଙ୍ଗୀର ବୁଦ୍ଧିଜୀବୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ତୁରନ୍ତ ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ କରାଯିବାକୁ ଦାବି ହୋଇଛି। ଘଟଣା ସମ୍ପର୍କରେ ସଦର ଏସ୍‌ଡିପିଓ ତୋଫାନ ବାଗଙ୍କୁ ପଚରାଯିବାରୁ ଛାତ୍ର ମୃତ୍ୟୁ ଘଟଣାର ତଦନ୍ତ ଜାରି ରହିଛି ଓ ସବୁଦିଗକୁ ଅନୁସନ୍ଧାନ କରାଯାଉଛି ବୋଲି କହିଛନ୍ତି।

**ଭୀମଭୋଇ ମେଡିକାଲ କଲେଜରେ ଡାକ୍ତରୀ ଛାତ୍ର ମୃତ୍ୟୁ ଘଟଣା**

- ର୍ୟାଗିଂ ନେଇ ମୃତ ନିଶାନ୍ତ ବନ୍ଧୁଙ୍କୁ କରିଥିଲେ ମୋବାଇଲ ଚାଟିଂ
- ହତ୍ୟା ସମ୍ପର୍କରେ ଟାଉନ୍ ଥାନାରେ ଅଭିଯୋଗ କଲେ ମୃତ ଛାତ୍ରଙ୍କ ପିତା
- ମାମଲା ରୁଜୁ କଲା ପୋଲିସ, ତଦନ୍ତ ଜାରି

## ମହାଦେବ ମନ୍ଦିର ପ୍ରତିଷ୍ଠା ଉତ୍ସବ

କାମଟିକ୍ରା,୨୪।୪(ଡି.ଏନ.ଏ)

ଅତାବିରା ବ୍ଲକ ଅଧୀନ ସିଲାଟ ଗ୍ରାମରେ ଗତ ୨୧ ତାରିଖରୁ ଆରମ୍ଭ ହୋଇଥିବା ମହାଦେବ ମନ୍ଦିର ପ୍ରତିଷ୍ଠା ଉତ୍ସବ ରବିବାର ଉଦ୍‌ଯାପିତ ହୋଇଛି। ଉତ୍ସବର ପ୍ରତ୍ୟେକ ରାତିରେ ଜଳନ୍ଧର ବଧ ନାଟକ ମଞ୍ଚସ୍ଥ ହୋଇଥିଲା। ଶୁଶିଲ କୁମାର ନାୟକ ଜଳନ୍ଧର ଭୂମିକାରେ ଅଭିନୟ କରିଥିଲେ। ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଭୂବନ ରୋହିଦାସ ଓ ସ୍ତ୍ରୀ ଧନମତୀ ରୋହିଦାସ କର୍ତ୍ତା ଏବଂ ପଣ୍ଡିତ ସୁଧାଂଶୁ ଓ ଅଶ୍ୱିନୀ ପୌରୋହିତ୍ୟ କାମ ତୁଲାଇଥିଲେ। ସରପଞ୍ଚ ନିରୁପମା ଷଣ୍ଡ, ଗୀତା ମିର୍ଦ୍ଧା, ଏ. ହରିବାବୁ, ସଭ୍ୟା ପଧାନ ଓ ଗ୍ରାମବାସୀ ସହଯୋଗ କରିଥିଲେ।

## ଜାତୀୟ ପଞ୍ଚାୟତିରାଜ ଦିବସ

ବରଗଡ଼ ଅଫିସ୍,୨୪।୪

ବରଗଡ଼ ଜିଲା ଭେଡ଼େନ ବ୍ଲକ ଡାଲବ ଗ୍ରାମରେ ରବିବାର ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅରକ୍ଷିତ ମିଶ୍ର, ସରପଞ୍ଚ ରାଧେଶ୍ୟାମ ପୋଢ଼, ପ୍ରଧାନଶିକ୍ଷକ ପ୍ରମୋଦ ମାଝି ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ। ଅତିଥିବୃନ୍ଦ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ନେହେରୁ ଯୁବକେନ୍ଦ୍ରର କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ କାର୍ଯ୍ୟକ୍ରମରେ ଅତିଥିବୃନ୍ଦ ।

## ବରିଷ୍ଠ ନାଗରିକ ସଂଘର ସାଧାରଣ ସଭା



ଜଣେ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

ବରପାଲି,୨୪।୪(ଡି.ଏନ.ଏ)

ବରଗଡ଼ ଜିଲା ବରପାଲି ଶିଶୁ ମନ୍ଦିର ପରିସରରେ ରବିବାର ବରିଷ୍ଠ ନାଗରିକ ସଂଘର ତୃତୀୟ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। କେଦାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବିଜେପୁର ବିଧାୟିକା ରୀତା ସାହୁ ମୁଖ୍ୟ ଅତିଥି, ବ୍ଲକ ଅଧ୍ୟକ୍ଷା ରୀନା ଥଇତ, ଏନ୍‌ଏସି ଅଧ୍ୟକ୍ଷ ଦିନେଶ ଗହୀର, ଜିଲା ପରିଷଦ ସଭ୍ୟ ଅନନ୍ତ ସେଠ, ପ୍ରମୋଦ ଝାଙ୍କର, ମୋତିଲାଲ ଅଗ୍ରୱାଲ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ସଂଘର ବ୍ଲକ ସଭାପତି ରକ୍ଷାକାରୀ ବିଶି ସଭା ସଂଯୋଜନା କରିଥିଲେ। ବରପାଲି ସହରରେ ବରିଷ୍ଠ ନାଗରିକ ଭବନ ନିର୍ମାଣ ହେବ ବୋଲି ବିଧାୟିକା ସୂଚନା ଦେଇଥିଲେ। ଏହି ଅବସରରେ ବରପାଲି ବ୍ଲକ ବରିଷ୍ଠ ନାଗରିକ ସଂଘର ସଭାପତି ରକ୍ଷାକାରୀ ବିଶି, କେଦାର ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିତେନ୍ଦ୍ର ଧରୁଆ ଧନ୍ୟବାଦ ଅର୍ପଣ କରିଥିଲେ। କୁମ୍ଭାରୀ ବ୍ରଜେଶ୍ୱରୀ ନୃତ୍ୟ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ୩୪୭ ଜଣଙ୍କୁ ଆବାସ ଯୋଜନା କାର୍ଯ୍ୟାଦେଶ

ଖଡିଆଳ,୨୪।୪(ଡି.ଏନ.ଏ.)

ନୂଆପଡା ଜିଲା ଖଡିଆଳ ଏନ୍‌ଏସିର ୧୩ଟି ୱାର୍ଡରୁ ୩୪୭ଜଣ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କାଘର ନିର୍ମାଣ ପାଇଁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ଖଡିଆଳ ସହର କଲ୍ୟାଣମଣ୍ଡପ ୨ରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଦଶମ ପର୍ଯ୍ୟାୟ କାର୍ଯ୍ୟାଦେଶ ବଣ୍ଟନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଖଡିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ, ଏନଏସି ଅଧକ୍ଷ ଉଜ୍ଜ୍ୱଳ ଗୁପ୍ତା, କାର୍ଯ୍ୟ ନିର୍ବାହୀ ଅଧିକାରୀ ଚିନ୍ମୟ ଆଚାର୍ଯ୍ୟ, ଏନ୍‌ଏସି ଉପାଧକ୍ଷା ଶକୁନ୍ତଳା ରାଉତ ପ୍ରମୁଖ ଯୋଗଦେଇ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ୧୩ଟି ୱାର୍ଡର କାଉନସିଲର୍ ଉପସ୍ଥିତ ଥିବା ବେଳେ ଏନ୍‌ଏସି ପକ୍ଷରୁ ସିଦ୍ଧାର୍ଥ ଶଙ୍କର ମହାପାତ୍ର, କନିଷ୍ଠ ଯନ୍ତ୍ରୀ ତାମ୍ରଧଜ ମାଝି, ଦେବଚନ୍ଦନ ରାଉତ, ସଞ୍ଜୀବ କୁମାର, ସଂଯୁକ୍ତା ପଣ୍ଡା, ପଲ୍ଲବୀ ମହାନ୍ତୀ, ଗୌତମ ସାହୁ, ମଧୁସ୍ମିତା ମିଶ୍ର ଏବଂ ବର୍ଷାରାଣୀ ପଣ୍ଡା ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

## ୩ ହାତୀଦାନ୍ତ ଜବତ, ଜଣେ ଗିରଫ

ସୋନପୁର/ଅମରପାଲି, ୨୪।୪(ନି.ପ୍ର./ଡି.ଏନ୍.ଏ.)





ଜବତ ହାତୀ ଦାନ୍ତ(ବାମ), ଗିରଫ ରଞ୍ଜନ ମହାକୁଡ଼।

କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ) ଟିମ ରବିବାର ସୁବର୍ଣ୍ଣପୁର ଜିଲା ସୁବଳୟା ଥାନା ଅନ୍ତର୍ଗତ ଜୁବରନିସୀତାପୁର ଗାଁ ନିକଟରେ ଚଢାଉ କରି ୧୦ କେଜି ଓଜନର କଟା ହୋଇଥିବା ୩ ହାତୀ ଦାନ୍ତ ଜବତ କରିଛି। ହାତୀ ଦାନ୍ତ ରଖିବା ଓ ବିକ୍ରି ଅଭିଯୋଗରେ ଉକ୍ତ ଗ୍ରାମର ରଞ୍ଜନ ମହାକୁଡଙ୍କୁ ଗିରଫ କରାଯାଇଛି। ବୀରମହାରାଜପୁର ବନ ବିଭାଗର ସହଯୋଗରେ ଏସ୍‌ଟିଏଫ୍ ଏହି ଚଢାଉ କରିଥିଲା। ତେବେ ଗିରଫ ଅଭିଯୁକ୍ତ ରଞ୍ଜନ ଓ ଜବତ ହାତୀ ଦାନ୍ତକୁ ଏସ୍‌ଟିଏଫ୍ ବନ ବିଭାଗକୁ ହସ୍ତାନ୍ତର କରି ଅଧିକ ତଦନ୍ତ ଚଳାଇଛି। ୨୦୨୦ ମସିହାରୁ ଏଯାବତ ଏସ୍‌ଟିଏଫ ୨୭ ବାଘଛାଲ ,୧୮ ହାତୀ ଦାନ୍ତ, ୭ ହରିଣ ଛାଲ,୧୨ ଜୀବନ୍ତ ବଜ୍ରକାପ୍ତା, ୩୦ କେଜି ୪୦୦ ଗ୍ରାମ ବଜ୍ରକାପ୍ତ କାତି, ୨ ବାଘ ଦାନ୍ତ, ୨୯ ବାଘ ନଖ, ୪୬ ଶୁଆ ଜବତ କରିଛି। ଏଥିସହ ୬୬ ବନ୍ୟପ୍ରାଣୀ ମାଫିଆଙ୍କୁ ଗିରଫ କରାଯାଇଥିବା ଏସ୍‌ଟିଏଫ୍ ସୂଚନା ଦେଇଛି।

## ଆଞ୍ଚଳିକ ଯାଦବ ସମାଜ କାର୍ଯ୍ୟକାରିଣୀ ବୈଠକ



ବୈଠକରେ ଉପସ୍ଥିତିତ ସମିତି କର୍ମକର୍ତ୍ତା ବୃନ୍ଦ।

ଜୁନାଗଡ଼,୨୪।୪(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ କୁଲିହାରୀଠାରେ ରବିବାର କଲେଇଗାଁ ଆଞ୍ଚଳିକ ଯାଦବ ସମିତିର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଛି। ସମିତି ସଭାପତି ଅନ୍ତରାମ ବାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମାଜ ବିକାଶର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ସମାଜରୁ କୁସଂସ୍କାର ଦୂର କରିବା, ସମାଜ ସଙ୍ଗଠନକୁ ୱାର୍ଡସ୍ତରରୁ ମଜଭୁତ କରିବା, ଶିକ୍ଷା, ସ୍ୱାସ୍ଥ୍ୟ, ସାମାଜିକ ସୁରକ୍ଷା ଆଦି ବିଭିନ୍ନ ଦିଗରେ ସଙ୍ଗଠନ ପଦକ୍ଷେପ ନେବାକୁ ମତ ପ୍ରକାଶ ପାଇଥିଲା। କଲେଇଗାଁ ଆଞ୍ଚଳିକ ଯାଦବ ଭବନ ନିର୍ମାଣରେ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ଅନୁଦାନରୁ ନିର୍ମାଣ କାର୍ଯ୍ୟ ଚାଲୁଥିବାରୁ ମନ୍ତ୍ରୀଙ୍କୁ ଧନ୍ୟବାଦ ପ୍ରସ୍ତାବ ପାରିତ ହୋଇଥିଲା। ବୈଠକରେ ସମିତି ଉପସଭାପତି କେଶରୀ ନିଆଲ, ସମ୍ପାଦକ ଶଶିକାନ୍ତ ହଂସ, ସହସମ୍ପାଦକ କିଶୋର ନାଏକ, କୋଷାଧକ୍ଷ ଚୈତନ ହଂସ, କୈଳାଶ ନାଗ, ସନାତନ କଟା, କାର୍ତ୍ତିକ ବାଗ ପ୍ରମୁଖଙ୍କ ସମେତ ଯାଦବ ସମାଜ ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ବିଦ୍ୟାଳୟର ଉନ୍ନତି ପାଇଁ ଗ୍ରାମବାସୀଙ୍କ ସହାୟତା ପ୍ରଦାନ

ନୂଆପଡ଼ା ଅଫିସ,୨୪।୪

ନୂଆପଡା ସଦର ବ୍ଲକ ଚିଚିରିପାଣି କ୍ଲଷ୍ଟର ଅନ୍ତର୍ଗତ ଜାମପାଣି ପଞ୍ଚାୟତ ବାଗଗୁଡା ପ୍ରାଥମିକ ବିଦ୍ୟାଳୟଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଗ୍ରାମବାସୀ ଗାଁ ବିଦ୍ୟାଳୟ ଉନ୍ନତି ପାଇଁ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ୭୧ ହଜାର ଟଙ୍କା ପ୍ରଦାନ କରିଥିଲେ। ଏହି ସଭାରେ ନୂଆପଡା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ହେମସାଗର ମହାନନ୍ଦ ମୁଖ୍ୟଅତିଥି, ସହଗୋଷ୍ଠୀ ଶିକ୍ଷାଅଧିକାରୀ ରାଧେଶ୍ୟାମ ମେହେର, ଯୌବନ ସଲମା, ଚିଚିରିପାଣି ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଅଶୋକ କୁମାର ଦୀପ, ଜାମପାଣି ସରପଞ୍ଚ ହୀରାଲାଲ ରାଉତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରାଜ କୁମାର ମାଝି, ବାଗଗୁଡା ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରୂପସିଂ ବରିହାଙ୍କ ଆହ୍ୱାନକ୍ରମେ ଅଭିଭାବକ, ଗ୍ରାମବାସୀ, ଛାତ୍ରୀଛାତ୍ର ସଭାରେ ଯୋଗଦେଇଥିଲେ।

## ବୈଶାଖମେଳା ପାଇଁ ପ୍ରସ୍ତୁତି ଜୋରଦାର

ପାଇକମାଳ, ୨୪।୪(ଡି.ଏନ.ଏ)



ବୈଶାଖ ମେଳା ପ୍ରସ୍ତୁତି ବୈଠକରେ ଉପସ୍ଥିତ ସଦସ୍ୟବୃନ୍ଦ।

ପାଇକମାଳ ବ୍ଲକର ନୃସିଂହନାଥ ପୀଠରେ ଆସନ୍ତା ବୈଶାଖ ମେଳା ପାଇଁ ଏକ ପ୍ରସ୍ତୁତି ବୈଠକ ଗିରିଶ ଚନ୍ଦ୍ର ନାୟକଙ୍କ ଅଧକ୍ଷତାରେ ନୃସିଂହନାଥ ଭୋଗମଣ୍ଡପଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ମେଳା ମେ ୧୨ରୁ ୧୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ସମୟରେ ମେଳାରେ ପାନୀୟ ଜଳ ବ୍ୟବସ୍ଥା, ୨୪ ଘଣ୍ଟିଆ ବିଦ୍ୟୁତ୍ ସରବରାହ, ଶାନ୍ତିଶୃଙ୍ଖଳା, ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ ବଣ୍ଟନ, ସ୍ୱାସ୍ଥ୍ୟସେବା, ପ୍ରସାର ପ୍ରଚାର ପାଇଁ ମେଳା କମିଟିର ୫ଜଣ ଲେଖାଏଁ ସଦସ୍ୟଙ୍କୁ ନେଇ ୬ଟି କମିଟି ଗଠନ କରାଯାଇଥିଲା। ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ ସ୍ୱାଗତ କରଥିବା ବେଳେ ଜ୍ୟାକି ସରଫ ଗତ ବୈଠକର ପ୍ରସ୍ତାବଗୁଡିକୁ ପଠନ କରିଥିଲେ। ପାଇକମାଳ ଥାନା ଆଇଆଇସି ବିଶ୍ୱଜିତ ମନବୋଧ, ଜିଲା ପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରତାପ ସିଂ ବରିହା, ଗୌତମ ସିଂ, ଅଶୋକ ପାଢି, ଚିତ୍ତ ସରାଫ, ରବି ସାହୁ, ରାଜ କିଶୋର ସାହୁ, ମନୋଜ ତ୍ରୀବେଦୀ, ବିରଦତ୍ୟ ସାହୁ, ଧବଳେଶ୍ୱର ସାହୁ, ବଡ ସତପଥୀ, ସୁରଥ ସହୁ, ସଞ୍ଜୀବ ମାଝି, ସୁଶାନ୍ତ ମିଶ୍ର, ଗୌରାଙ୍ଗ ଦାସ, ଧୀରେନ ମହାନ୍ତି ପ୍ରମୁଖ ମେଳା କମିଟିର ସଦସ୍ୟ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ମନ୍ଦିର ଟ୍ରଷ୍ଟି ତଥା ବିଡିଓ ଉପାଞ୍ଜଳି ମାଝି ଧନ୍ୟବାଦ ଅର୍ପଣ କରିଥିଲେ।

## ଭାରତୀୟ ସଂସ୍କୃତି ମହାନ୍: ହଳଧର



ରାମଲୀଳା ଯାତ୍ରା ଦ୍ୱିତୀୟ ଦିବସର ସଭାରେ ମଞ୍ଚାସୀନ ଅତିଥିମାନେ।

ବୌଦ୍ଧ, ୨୪।୪(ସ୍ୱ.ପ୍ର.)

**ବୌଦ୍ଧ ପଲ୍ଲିଶ୍ରୀ ଓ ପୁସ୍ତକ ମେଳାର ଦ୍ୱିତୀୟ ଦିବସ**

- ହାସ୍ୟକବି ବ୍ୟଙ୍ଗ ସମ୍ମିଳନୀ

ବୌଦ୍ଧ ରାମଲୀଳା ଉତ୍ସବ ଅବସରରେ ଆୟୋଜିତ ପଲ୍ଲଶ୍ରୀ ଓ ପୁସ୍ତକ ମେଳାର ରବିବାର ଥିଲା ଦ୍ୱିତୀୟ ଦିବସ। ଦ୍ୱିତୀୟ ଦିବସ ସଭାରେ ଜିଲାପାଳ ଲଲାଟେନ୍ଦୁ ମିଶ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ପଦ୍ମଶ୍ରୀ ହଳଧର ନାଗ ଯୋଗଦେଇଥିଲେ। ସମ୍ମାନୀତ ଅତିଥି ଜିଲା ପରିଷଦ ଅଧକ୍ଷା ପ୍ରଭାସିନୀ ଦାସ, ହରଭଙ୍ଗା ପଞ୍ଚାୟତ ସମିତି ଅଧକ୍ଷା ସ୍ନେହଲତା ପ୍ରଧାନ, କନ୍ଧମାଳ ପଞ୍ଚାୟତ ସମିତି ଅଧକ୍ଷା ସସ୍ମିତା ସେନାପତି ଓ ବୌଦ୍ଧ ପଞ୍ଚାୟତ ସମିତି ଅଧକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ବୌଦ୍ଧ ବିଡିଓ ଦେବୀ ପ୍ରସାଦ ଦାଶ ଓ କନ୍ଧମାଳ ବିଡିଓ କଳାକୃଷ୍ଣ ପ୍ରଧାନ ମଞ୍ଚାସୀନ ଥିଲେ। ମୁଖ୍ୟ ଅତିଥି ପଦ୍ମଶ୍ରୀ ନାଗ ତାଙ୍କ ବକ୍ତବ୍ୟରେ ଭାରତୀୟ ସଂସ୍କୃତି ମହାନ୍ ବୋଲି କହିବା ସହ ଜାତି ଭିନ୍ ଭିନ୍ ମନୁଷ ଗୁଟେ, ଭାଷା ଭିନ ଭିନ ସାହିତ୍ୟ ଗୁଟେ ବୋଲି ମତ ରଖିଥିଲେ। ଜିଲାପାଳ ମିଶ୍ର ସଭାପତିୟ ଭାଷଣ ପ୍ରଦାନ କରି ଏହି ଶ୍ରୀରାମଲୀଳା ଯାତ୍ରା ଯେପରି ଆଗକୁ ସବୁସ୍ତରରେ ପହଞ୍ଚିପାରିବ ସେ ନେଇ ସମସ୍ତଙ୍କ ପ୍ରୟାସ ଜାରି ରହିବା ଦରକାର ବୋଲି କହିଥିଲେ। ପ୍ରଣାମ ଅନୁଷ୍ଠାନ ବୌଦ୍ଧ, କୃଷ୍ଣପ୍ରିୟା କଳା ପରିଷଦ ଡୁଷୁରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହା ପରେ ହାସ୍ୟକବି ବ୍ୟଙ୍ଗ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟର ବଛାବଛା ବ୍ୟଙ୍ଗକବିଙ୍କ ବ୍ୟଙ୍ଗରେ ଦର୍ଶକ ହସିହସି ବେଦମ ହେଇଥିଲେ। ଏହି ପଲ୍ଲିଶ୍ରୀ ଓ ପୁସ୍ତକ ମେଳାରେ ୧୫୭ଟି ଷ୍ଟଲ ପ୍ରଦର୍ଶିତ ହୋଇଛି। ପ୍ରମୋଦ କୁମାର ପ୍ରଧାନ ମଞ୍ଚ ପରିଚାଳନା ଓ ବସନ୍ତ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ ।

# ୪ କୋଠରିରେ ବସୁଛନ୍ତି ୧୦ ଶ୍ରେଣୀର ପିଲା

ଲାଠୋର,୨୪।୪(ଡି.ଏନ.ଏ.)

**ପିଲାଙ୍କ ସଂଖ୍ୟା ଅନୁପାତରେ ନାହାନ୍ତି ଶିକ୍ଷକ**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କରୁଆଙ୍ଗର ପଞ୍ଚାୟତ ସଦର ଗ୍ରାମରେ ଥିବା ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟ ଏବେ ନାନା ଅବ୍ୟବସ୍ଥା ମଧ୍ୟଦେଇ ଗତି କରୁଛି। ୧୯୫୯ମସିହାରେ ସ୍ଥାପିତ ଏହି ବିଦ୍ୟାଳୟରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଥିବାବେଳେ ୪ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପିଲାଙ୍କ ପାଇଁ ମାତ୍ର ୨ଜଣ ଶିକ୍ଷକ ରହିଛନ୍ତି। ସେହିପରି ନବମ ଓ ଦଶମ ଶ୍ରେଣୀ ପାଇଁ ୫ଜଣ ଶିକ୍ଷକ ରହିଛନ୍ତି। ସେଥିମଧ୍ୟରୁ ଜଣେ ଶିକ୍ଷକଙ୍କୁ ଅନ୍ୟତ୍ର ଡ଼େପୁଟେସନ ଦିଆଯାଇଛି। ବିଦ୍ୟାଳୟରେ ୬ଟି ଶ୍ରେଣୀ ଗୃହ ରହିଛି। ସେଥିମଧ୍ୟରୁ ୨ଟି କକ୍ଷ ବ୍ୟବହାର ଉପଯୋଗୀ ନୁହେଁ। ତେଣୁ ୪ଟି କୋଠରିରେ ଏତେ ସଂଖ୍ୟକ ପିଲାଙ୍କୁ ବଡକଷ୍ଟରେ ପାଠପଢାଯାଉଛି। ଅପରପକ୍ଷେ ୨ଜଣ ଟିଜିଟି ଶିକ୍ଷକ ଏବଂ ଜଣେ ହିନ୍ଦୀ ଶିକ୍ଷକ ନିଯୁକ୍ତି ଦେବା ପରିବର୍ତ୍ତେ ଏହି ବିଦ୍ୟାଳୟରେ ଜଣେ ଟିଜିଟି ଶିକ୍ଷକ ନିଯୁକ୍ତି ଦିଆଯାଇଛି। ବିଦ୍ୟାଳୟରେ ଲାଗି ରହିଥିବା ସମସ୍ୟାର ସମାଧାନ ପାଇଁ ପରିଚାଳନା ସମିତି ସଭାପତି ସହଦେବ ଭୁଏଙ୍କ ନେତୃତ୍ୱରେ ସଭ୍ୟାସଭ୍ୟମାନେ ଜିଲା ଶିକ୍ଷା ଅଧିକାରୀଙ୍କୁ ୩ମାସ ତଳେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ହେଲେ ଅଦ୍ୟାବଧି ଉକ୍ତ ସମସ୍ୟାର ସାମଧାନ ହୋଇ ନଥିବା ସଭାପତି ଭୁଏ କହିଛନ୍ତି। ଏ ନେଇ ଜିଲା ଶିକ୍ଷା ଅଧିକାରୀ ଧ୍ରୁବ ଚରଣ ବେହେରାଙ୍କୁ ପଚାରିବାରୁ ଖୁବ୍‌ଶୀଘ୍ର ସେଠାରେ ଶିକ୍ଷକ ନିଯୁକ୍ତି ଦିଆଯିବ। ଶ୍ରେଣୀ ଗୃହ ସମସ୍ୟା ବ୍ଲକ ପ୍ରଶାସନ ବୁଝିବେ ବୋଲି କହିଛନ୍ତି।

## କାଳବୈଶାଖୀରେ ଭାଙ୍ଗିଲା ଘର ଛପର

ଲହୁଣୀପଡ଼ା,(ଡି.ଏନ.ଏ ): ରବିବାର ଅପରାହ୍ନ ପ୍ରାୟ ୫ଟା ସମୟରେ କାଳବୈଶାଖୀ ହେବା ଯୋଗୁ ଅନେକ ଗଛ ଭାଙ୍ଗିଯିବା ସହିତ ଦୁଇଟି ଅଜବେଷ୍ଟ ଘର ନଷ୍ଟ ହୋଇଯାଇଥିବା ଜଣାପଡିଛି। ସୂଚନା ଅନୁଯାୟୀ ଚାନ୍ଦିପୋଷ ଥାନା ଅନ୍ତର୍ଗତ ସିଲପୁଞ୍ଜ ନିକଟସ୍ଥ ମୁଣ୍ଡା ବସ୍ତି ଅଞ୍ଚଳରେ କାଳବୈଶାଖୀର ପ୍ରଭାବ ଦେଖାଦେଇଥିଲା।ଫଳରେ ଉକ୍ତ ଅଞ୍ଚଳର ଅନେକ ଗଛ ଭାଙ୍ଗି ଯାଇଥିବା ବେଳେ ଗୁରୁବାରୀ ମୁଣ୍ଡା ଓ ମାନି ମୁଣ୍ଡା ଘରର ଅଜବେଷ୍ଟ ଓ କାଠ ଭାଙ୍ଗି ଯାଇଥିଲା ବୋଲି ଜଣାପଡିଛି।

## ସଂକ୍ଷେପରେ

### ହାଇୱା ଧକ୍କାରେ ବାଇକ୍ ଅରୋହୀ ମୃତ

ଲହୁଣୀପଡ଼ା,୨୪।୪(ଡି.ଏନ.ଏ.): ସୁନ୍ଦରଗଡ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ କଲେଇପୋଷ କଟାଠାରେ ରବିବାର ସନ୍ଧ୍ୟାରେ ଏକ ହାଇୱା ଧକ୍କାରେ ଜଣେ ବାଇକ୍ ଅରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବସୁବାହାଲ ଗ୍ରାମର ସୁରଜ ଯାଦବ (୧୯)। ସୂଚନା ଅନୁସାରେ ସୁରଜ ଲହୁଣୀପଡ଼ା ପଟୁ ଓଡି୧୪ୱାଇ-୮୨୭୫ନଂ. ବାଇକ୍‌ରେ ଘରକୁ ଯାଉଥିବା ବେଳେ କଲେଇପୋଷ କଟା ନିକଟରେ ଏକ ଦଶଚକିଆ ହାଇୱା (ଓଡି୧୪ଭି-୭୭୧୬) ସହିତ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ସୁରଜଙ୍କ ମୃତ୍ୟୁ ଘଟିଥିଲା। ପୋଲିସ ପହଞ୍ଚି ବାଇକ୍ ଓ ହାଇୱା ଜବତ କରିବା ସହିତ ମୃତଦେହ ବ୍ୟବଚ୍ଛେଦ ପାଇଁ ଲହୁଣୀପଡ଼ା ଡାକ୍ତରଖାନା ପଠାଇ ଘଟଣାର ତଦନ୍ତ ଜାରି ରଖିଛି।

### ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ରାଜଗାଙ୍ଗପୁର,୨୪।୪(ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ସହରସ୍ଥିତ ସରବତୀଦେବୀ ମହିଳା ମହାବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଥିବା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏହି ଶିବିର ୯ତାରିଖ ଶୁଭାରମ୍ଭ ହୋଇଥିଲା। ପ୍ରତ୍ୟେହ ପାଞ୍ଚଟି ପର୍ଯ୍ୟାୟରେ ସର୍ବମୋଟ ୫୭୧ ଛାତ୍ରୀଙ୍କୁ ଆତ୍ମରକ୍ଷା ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଏହି ଶିବିରରେ ଛାତ୍ରୀମାନଙ୍କୁ ବିଭିନ୍ନ ପ୍ରତିରକ୍ଷାର କୌଶଳଗୁଡିକ ତାଲିମ ଦିଆଯାଇଥିଲା। ସମାପନ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷ ବିପିନ ଚୌଧୁରୀ ଛାତ୍ରୀଙ୍କୁ ସଂବୋଧିତ କରି କହିଥିଲେ ଯେ, ଶାରୀରିକ ବଳଠାରୁ ଅଧିକ ମାନସିକ ବଳର ବୃଦ୍ଧି ଆବଶ୍ୟକ ଓ ଏହି ଶିକ୍ଷା ଗ୍ରହଣ କରିଥିବା ଆତ୍ମରକ୍ଷା କୌଶଳକୁ ପ୍ରତ୍ୟେହ ଅଭ୍ୟାସ ରଖିବା ପାଇଁ ପଣ କରିବାକୁ କହିଥିଲେ। ଛାତ୍ରୀଙ୍କୁ ତାଲିମ ପ୍ରମାଣପତ୍ର ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପରିଚାଳନା ଦାୟିତ୍ୱରେ ଥିବା ସମସ୍ତ ଅଧାପିକା, ଆତ୍ମରକ୍ଷା ପ୍ରଶିକ୍ଷକ କୁମାରୀ ତେଜସନି ଷଡଙ୍ଗୀ, ଜୟା କୁମାରୀ ସିଂ, ସୁଖମନି ବୁଡ, ପଦ୍ମା ସଏ, ବିନିତା ଓରାମ ପ୍ରମୁଖ ଉପସ୍ଥିତ ରହିଥିଲେ। ଖେଳ ଶିକ୍ଷୟିତ୍ରୀ ପୁଷ୍ପଲତା ଷଡଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ ।

### କଳିକା ସେଣ୍ଟର ଶୁଭ ଉଦ୍‌ଘାଟନ



ସୁନ୍ଦରଗଡ,୨୪।୪(ଡି.ଏନ.ଏ): ଜିଲା ଖଣିଜ ପ୍ରତିଷ୍ଠାନ ସୁନ୍ଦରଗଡର ସହଭାଗିତାରେ ସ୍ୱେଚ୍ଛାସେବୀ ସଂସ୍ଥା ସେବକର ପ୍ରତିନିଧିତ୍ୱରେ ହେମଗିରି ବ୍ଲକର ୧୨ଟି ଗ୍ରାମ ମୁଣ୍ଡରଖେ, ବିଲେଇ ମୁଣ୍ଡା, ଚକରା, ନୂଆଡିହି, ଗର୍ଜନଜୋର୍, ଡୁଙ୍ଗୁରିଡିହି, ଟାଙ୍ଗରଡ଼ିହ, ଗିରିପୁର, ନୂଆପଡା, ଝୁଲେନବର, ବେହେରା ମୁଣ୍ଡା ଓ କାଉଦର ଗ୍ରାମରେ ତିନୋଟି ପର୍ଯ୍ୟାୟରେ କଳିକା କେନ୍ଦ୍ରର ଉଦ୍‌ଘାଟନ କରାଯାଇ ଶିଶୁ ମଙ୍ଗଳ ପରିପ୍ରେକ୍ଷୀରେ ସମର୍ପିତ କରାଯାଇଛି। ଏହି କଳିକା କେନ୍ଦ୍ରର ପ୍ରତିଷ୍ଠା ହେବା ଦ୍ୱାରା ୬ ମାସରୁ ୩ ବର୍ଷ ବୟସର ଶିଶୁଙ୍କର ଠିକ ଯତ୍ନ ନିଆଯାଇ ପାରିବ। ସେମାନଙ୍କ ଅପପୃଷ୍ଟିରୁ ରକ୍ଷା କରାଯାଇପାରିବ । ଏହି କେନ୍ଦ୍ର ମାଧମରେ ଉନ୍ନତ ତଥା ଯୋଗ୍ୟ କର୍ମକର୍ତ୍ତାଙ୍କ ଦ୍ୱାରା ଶିଶୁଙ୍କୁ ପୃଷ୍ଟିକର ତଥା ସୁଷମ ଖାଦ୍ୟ ଦିଆଯିବା ସହିତ ସେମାନଙ୍କର ପ୍ରାରମ୍ଭିକ ଶିକ୍ଷାର ବିକାଶ ପାଇଁ ମଧ ଉଚିତ ଧାନ ଦିଆଯାଇ ପାରିବ। ଏହି କେନ୍ଦ୍ରର ଉଦ୍‌ଘାଟନ ସମୟରେ ବେହେରା ମୁଣ୍ଡା ଓ କାଉଦର ଠାରେ ଜିଲା ପରିଷଦ ଅଧକ୍ଷା କୁନ୍ତୀ ପ୍ରଧାନ ମୁଖ୍ୟ ଅତିଥି, ଜିଲା ପରିଷଦ ସଭ୍ୟା ମହିମା ସେଠ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଡିପିଓ ଅପର୍ଣ୍ଣା ମଲିକ, ବ୍ଲକ ଅଧକ୍ଷ ପ୍ରେମାନନ୍ଦ ସା, ସ୍ଥାନୀୟ ସରପଞ୍ଚ, ସମିତି ସଭ୍ୟ, ଅଙ୍ଗନୱାଡି, ଆଶାକର୍ମୀ ଏବଂ ସେବକ ଅନୁଷ୍ଠାନର ଅଧକ୍ଷ ଅମୀୟକାନ୍ତ ନାଏକ , କଳିକା କେନ୍ଦ୍ର ପ୍ରକଳ୍ପ ଅଧିକାରୀ ଓ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ମିଶନ ଶକ୍ତିର ମହିଳାଙ୍କ ପାଇଁ ନୂଆ ଜୀବିକା

## ସୁନ୍ଦରଗଡ଼ରେ ବ୍ଲକସ୍ତରରେ 'ଉତ୍କଳ କିଚେନ୍'

■ସ୍ୱାସ୍ଥ୍ୟକର ପରିବେଶ, ଉଚିତ ଦରରେ ମିଳୁଛି ଆହାର

ସୁନ୍ଦରଗଡ଼,୨୪।୪(ଡି.ଏନ୍.ଏ)



'ଉତ୍କଳ କିଚେନ'ରେ ଲୋକେ ଖାଉଛନ୍ତି।

ସୁନ୍ଦରଗଡ଼ ଜିଲାର ବ୍ଲକ ସଦର ମହକୁମାଗୁଡ଼ିକୁ ପ୍ରତିଦିନ ବିଭିନ୍ନ କାମରେ ଆସୁଥିବା ଜନସାଧାରଣଙ୍କ ସୁବିଧା ପାଇଁ ପ୍ରଶାସନ ପକ୍ଷରୁ 'ଉତ୍କଳ କିଚେନ' ଖୋଲାଯାଉଛି। ପାଇଲଟ୍ କାର୍ଯ୍ୟକ୍ରମ ଭାବେ କୁଆଁରମୁଣ୍ଡା ବ୍ଲକରେ ଜିଲାର ପ୍ରଥମ 'ଉତ୍କଳ କିଚେନ୍' ଖୋଲିଛି। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପରିଚାଳିତ ଏହି ଭୋଜନାଳୟରେ ସ୍ୱାସ୍ଥ୍ୟକର ପରିବେଶ ସହିତ ଉଚିତ ମୂଲ୍ୟରେ ସକାଳ ଓ ସନ୍ଧ୍ୟା ଜଳଖିଆ ତଥା ମଧ୍ୟାହ୍ନ ଭୋଜନ ମିଳୁଛି। କୁଆରମୁଣ୍ଡା ବ୍ଲକ ପାଇଁ ସାଇଶ୍ରଦ୍ଧା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ 'ଉତ୍କଳ କିଚେନ' ପରିଚାଳନା ଦାୟିତ୍ୱ ଦିଆଯାଇଛି। ୨୦୨୧ ଜାନୁଆରୀରୁ ଏହି କିଚେନ୍ ଚଳାଇ ଏସ୍‌ଏଚ୍‌ଜି ମହିଳାମାନେ ଭଲ ଦି' ପଇସା ରୋଜଗାର କରୁଛନ୍ତି। ଓଡ଼ିଶା ଜୀବିକା ମିଶନ ଅଧୀନରେ ଏହି କାର୍ଯ୍ୟ ପରିଚାଳନା କରାଯାଉଛି। ଏଭଳି ଅଣପାରମ୍ପରିକ କାମରେ ମିଶନ ଶକ୍ତିର ମହିଳାଙ୍କୁ ନିୟୋଜିତ କରି ସେମାନଙ୍କ କାର୍ଯ୍ୟ ପରିସରକୁ ବ୍ୟାପକ କରିବା ସହ ଜୀବିକାକୁ ସୁନିଶ୍ଚିତ କରାଯାଉଛି।

କୁଆଁରମୁଣ୍ଡାରେ ଥିବା ଉତ୍କଳ କିଚେନ ପରିଚାଳନା ପାଇଁ ଓଡ଼ିଶା ମିନେରାଲ ବିୟରିଂ ଏରିଆଜ୍ ଡେଭଲପମେଣ୍ଟ କର୍ପୋରେସନ ବା ଓମ୍ବାଡସି ପାଣ୍ଠିରୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି। ପର୍ଯ୍ୟାୟକ୍ରମେ ଜିଲାର ଅନ୍ୟ ୧୬ଟି ବ୍ଲକରେ ଏହି ଭୋଜନାଳୟ ଖୋଲିବା ପାଇଁ ସୁନ୍ଦରଗଡ଼ ଖଣିଜ ପ୍ରତିଷ୍ଠାନ ପାଣ୍ଠିରୁ ଆର୍ଥିକ ସହାୟତା ଯୋଗାଇ ଦିଆଯିବ। ଏସମ୍ପର୍କରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଭୈରବ ସିଂ ପଟେଲ କହିଛନ୍ତି ଯେ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଆଗରୁ ବଡ଼ି, ପାମ୍ପଡ଼, ଆଚାର ଆଦି ପ୍ରସ୍ତୁତିରେ ସୀମିତ ରହୁଥିଲେ। କିନ୍ତୁ ସୁନ୍ଦରଗଡ଼ ଜିଲାରେ ସେମାନଙ୍କୁ ବିଭିନ୍ନ ନୂଆ କାମରେ ନିୟୋଜିତ କରାଯାଉଛି। ଉତ୍କଳ କିଚେନ ପରିଚାଳନା ଏବେ ସେମାନଙ୍କ ଜୀବିକା ପାଇଁ ଭଲ ସୁଯୋଗ ସୃଷ୍ଟି କରିଛି। କୁଆରମୁଣ୍ଡା ବ୍ଲକ୍ ପରିସରରେ ଥିବା ଉତ୍କଳ କିଚେନରେ ସକାଳ ଓ ଅପରାହ୍ନ ଜଳଖିଆ ସହିତ ଦିପ୍ରହରରେ ମଧ୍ୟାହ୍ନ ଭୋଜନ ମିଳୁଛି। ଆବଶ୍ୟକସ୍ଥଳେ କିମ୍ବା ଅର୍ଡର ଅନୁଯାୟୀ ଏସ୍‌ଏଚଜି ମହିଳାମାନେ ରାତ୍ରିଭୋଜନ ମଧ ପ୍ରସ୍ତୁତ କରୁଛନ୍ତି। ସପ୍ତାହରେ ୬ ଦିନ ରବିବାରକୁ ଛାଡ଼ି ସକାଳ ୮ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଏହି କିଚେନ୍ ଖୋଲାରହୁଛି। 'ଆଗରୁ ଆମେ ମା'ମାନେ କେବଳ ନିଜ ପରିବାରବର୍ଗଙ୍କ ପାଇଁ ରୋଷେଇ କରୁଥିଲୁ। ହେଲେ ଏବେ ଆମେ ବିଭିନ୍ନ ବର୍ଗର ଲୋକଙ୍କୁ ଖାଇବା ଯୋଗାଉଛୁ। ଏଥିରୁ ଯାହା ରୋଜଗାର ହେଉଛି ସେଥିରେ ଆମ ପରିବାର ଚଳୁଛି ବୋଲି କହିଛନ୍ତି ସାଇଶ୍ରଦ୍ଧା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଭାନେତ୍ରୀ ଲିଲି ସୁନାନୀ।

ଉତ୍କଳ କିଚେନରେ କମ୍ ମୂଲ୍ୟରେ ଏବଂ ସ୍ୱାସ୍ଥ୍ୟକର ପରିବେଶ ଭିତରେ ଭଲ ଖାଇବା ମିଳୁଛି। ଉଭୟ ଆମିଷ ଏବଂ ନିରାମିଷ ଖାଦ୍ୟ ଗୋଟିଏ ଜାଗାରେ ମିଳୁଥିବାରୁ ଏଠାରେ ନିୟମିତ ଆସି ଖାଉଛି। ତା'ଛଡ଼ା ଏସ୍‌ଏଚଜି ମହିଳାଙ୍କର ବ୍ୟବହାର ମଧ ଭଲ ବୋଲି କହିଛନ୍ତି କୁଆରମୁଣ୍ଡାର ଜଣେ ଯୁବକ ରାଜେନ୍ଦ୍ର ବେହେରା। କୁଆଁରମୁଣ୍ଡା ପରେ ଜିଲାର ଅନ୍ୟ ୧୬ଟି ବ୍ଲକର ସଦରମହକୁମାରେ ଉତ୍କଳ କିଚେନ ଖୋଲିବା ଲାଗି ସୁନ୍ଦରଗଡ଼ ଜିଲା ପ୍ରଶାସନ ପଦକ୍ଷେପ ନେଉଛି। ଏହି ୧୭ଟି ଭୋଜନାଳୟ ଚାଲିଲେ ୧୫୦ରୁ ଅଧିକ ମହିଳାଙ୍କ ପରିବାର ସିଧାସଳଖ ଭାବେ ଜୀବିକା ପାଇପାରିବେ। ସେହିଭଳି ଏହି କାର୍ଯ୍ୟକ୍ରମ ଫଳରେ ପ୍ରତିଦିନ ୨ ହଜାରରୁ ୨୫୦୦ ବ୍ୟକ୍ତି ଭୋଜନ କରିବାର ସୁବିଧା ପାଇପାରିବେ।

## ଶତାୟୁ ଦିବାକର ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧନା

ଦେବଗଡ଼,୨୪।୪(ଡି.ଏନ.ଏ)

ସମାଜସେବୀ ତଥା ରେଙ୍ଗାଲୀ ଡ୍ୟାମରେ ବୁଡିଯାଇଥିବା ନେକୁଳ ଗ୍ରାମର ପୂର୍ବତନ ସରପଞ୍ଚ ସହରର ପରିଚିତ ବ୍ୟକ୍ତି ଦିବାକର ପଟ୍ଟନାୟକ ଏକଶହ ବର୍ଷ ସମ୍ପୂର୍ଣ୍ଣ କରିଛନ୍ତି। ଏକଶହ ବର୍ଷ ସମ୍ପୂର୍ଣ୍ଣ କରିସାରିଥିବା ପଟ୍ଟନାୟକ ଏବେ ବେଶ ସୁସ୍ଥ ଅଛନ୍ତି। ଏବେ ବି ବହୁ କିଛି କାମ କରିବାର ଆଶା ରଖିଛନ୍ତି । ଦେବଗଡର ସହରର ବିଭିନ୍ନ ସଙ୍ଗଠନ ସହିତ ଜଡିତ ରହିଥିଲେ। ଏତଦବ୍ୟତୀତ ତାଙ୍କର ବ୍ୟଙ୍ଗ କବିତା ମଧ ରଚନା କରିଛନ୍ତି। ତାଙ୍କର ଶତବର୍ଷ ପୂର୍ତ୍ତି ଉପଲକ୍ଷେ ଗୋପାଳଜୀଉ ମନ୍ଦିର ପରିସରରେ ଥିବା ସେଣ୍ଟର ଫର କଲଚର ହଲ ଠାରେ ଏକ ନିଆରା ଢଙ୍ଗରେ ତାଙ୍କର ପରିବାର ଲୋକ ଓ ଦେବଗଡ ସହରବାସୀଙ୍କ ତରଫରୁ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଅବସରରେ ସମ୍ବଲପୁରରୁ ଆସିଥିବା ଏକ ଅନୁଷ୍ଠାନ ପକ୍ଷରୁ ସଙ୍ଗୀତ ପରିବେଷଣ କରାଯାଇଥିଲା। ଜିଲା ବରିଷ୍ଠ ନାଗରିକ ଫୋରମର ସଭାପତି ପ୍ରଫୁଲ୍ଲ ମହାପାତ୍ର, ଆଇନଜୀବିଦିଲ୍ଲୀପ ଗୁରୁଶ୍ରୀ ପଟ୍ଟନାୟକଙ୍କ ଜୀବନୀ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବହୁ ବୁଦ୍ଧିଜୀବି ଯୋଗ ଦେଇ ତାଙ୍କୁ ଶୁଭେଚ୍ଛା ପ୍ରଦାନ କରିଥିଲେ। ତାଙ୍କର ପୁତ୍ର ଇଂ ସନ୍ତୋଷ ପଟ୍ଟନାୟକ ଓ ଅନୀଲ ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ। ପୁତ୍ର ବଧୂ ସ୍ୱର୍ଣ୍ଣଲତା ପଟ୍ଟନାୟକ, ନାତି ଅଭିଜିତ ପଟ୍ଟନାୟକ, ନାତୁଣୀ ଶୁଭସ୍ମିତୀ ପଟ୍ଟନାୟକ, ମନିଷା ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଜାତୀୟ ପଞ୍ଚାୟତିରାଜ ଦିବସ ଉପଲକ୍ଷେ ସ୍ୱତନ୍ତ୍ର ଗ୍ରାମସଭା



ସ୍ୱତନ୍ତ୍ର ଗ୍ରାମସଭାରେ ଉପସ୍ଥିତ ସରପଞ୍ଚ, ସମିତି ସଭ୍ୟ ଓ ଅନ୍ୟମାନେ।

କୁତ୍ରା,୨୪।୪(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା କୁତ୍ରା ପଞ୍ଚାୟତସ୍ଥିତ କଲ୍ୟାଣ ମଣ୍ଡପରେ ରବିବାର ଜାତୀୟ ପଞ୍ଚାୟତିରାଜ ଦିବସ ଉପଲକ୍ଷେ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଞ୍ଚାୟତର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ବିଷୟରେ ଆଲୋଚନା ହୋଇଥିଲା। ବିଭିନ୍ନ ସ୍ଥାନରେ ପାନୀୟଜଳର ବ୍ୟବସ୍ଥା, ବନ୍ଦ ପଡିଥିବା ଆରୋ ପ୍ଲାଣ୍ଟକୁ ପୁନଃ ଚାଲୁ କରିବା, ଅର୍ଦ୍ଧନିର୍ମିତ ପ୍ରଧାନମନ୍ତ୍ରୀ ଆବାସଗୁଡିକୁ ପୁରା କରିବା ଆଲୋଚନା ହୋଇଥିଲା। ସାପ୍ତାହିକ ହାଟର ଉନ୍ନତିକରଣ ସହିତ ପାଚେରି ନିର୍ମାଣ, ୧୦ନମ୍ବର ରାଜ୍ୟ ରାଜପଥ କ ଥିବା ସରକାରୀ ଜମିରେ ଭେଣ୍ଡିଙ୍ଗ ଜୋନର ବ୍ୟବସ୍ଥା, ବିଭିନ୍ନ ସ୍କୁଲ ଗୃହରେ ପାଚେରି ସହିତ ନୂତନ ଗୃହ ନିର୍ମାଣ, କୁତ୍ରା ସରକାରୀ ଡାକ୍ତରଖାନାରେ ନୂତନ ବେଡ଼ର ସହିତ ଡିଜିର ବ୍ୟବସ୍ତା, ଜୋର ଜବରଦସ୍ତ ସରକାରୀ ଜମି ଦଖଲ କରିଥିବା ଲୋକଙ୍କୁ ଉଚ୍ଛେଦ, ଏମିତି ଭାବରେ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ ବିଷୟରେ ଆଲୋଚନା କରିବା ସହିତ ଏହି ପ୍ରସ୍ତାବଗୁଡିକୁ ସ୍ୱତନ୍ତ୍ର ଗ୍ରାମ ସଭାରେ ପାସ କରାଯାଇଛି। ଏହି ସଭାରେ ସରପଞ୍ଚ ଭୁବନ କୁଜୁର, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଗୋପି ସାହୁ, ସମିତି ସଭ୍ୟା କୀର୍ତ୍ତୀ ଏକ୍କା, ନାଏବ ସରପଞ୍ଚ କୌଶଲ୍ୟା ଆମାତ, ଜିଆର୍‌ଏସ୍ ରିଙ୍କୁ ସାହୁ, ଗାଁସାଥି ଏବଂ ପଞ୍ଚାୟତର ବହୁ ମହିଳା ଓ ପୁରୁଷ ଯୋଗ ଦେଇଥିଲେ।

## ଅତିରିକ୍ତ ତହସିଲଦାର କୋର୍ଟ ଚାଲାଣ

### ବିବାହ ପ୍ରତିଶ୍ରୁତି ଦେଇ ଯୁବତୀଙ୍କୁ ପ୍ରତାରଣା ଘଟଣା

ରାଜଗାଙ୍ଗପୁର,୨୪।୪(ଡି.ଏନ୍.ଏ.)

ରାଜଗାଙ୍ଗପୁର ଅଞ୍ଚଳରେ ଜଣେ ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖି ପ୍ରତାରଣା କରିବା ଘଟଣାରେ ସୁବର୍ଣ୍ଣପୁର ଜିଲା ବିନିକାର ଅତିରିକ୍ତ ତହସିଲଦାର ରୂପକ କୁଜୁରଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ରାଜଗାଙ୍ଗପୁର ଥାନା ଅଧିନସ୍ଥ ତଥା ଲାଞ୍ଜିବେରନା ଫାଣ୍ଡି ଅନ୍ତର୍ଗତ ଅଲଣ୍ଡା ଗ୍ରାମରେ ରୂପକ ସପରିବାର ବାସ କରନ୍ତି। ସେ ଜଣେ ଯୁବତୀଙ୍କୁ ୨୦୧୮ରେ ଭଲ ପାଉଥିଲେ। ୨୦୧୯ ମସିହାରେ ରୂପକ ଚାକିରୀ ପାଇଥିଲେ। ବର୍ତ୍ତମାନ ସେ ବିନିକାରେ ଅତିରିକ୍ତ ତହସିଲଦାର ଭାବେ କାର୍ଯ୍ୟ କରୁଛନ୍ତି। ଚଳିତ ମାସ ୪ ତାରିଖ ଦିନ ସେ ଯୁବତୀଙ୍କୁ ପ୍ରତାରଣା କରି ଅନ୍ୟ ଜଣେ ଯୁବତୀଙ୍କୁ ରେଜିଷ୍ଟ୍ରିମେରେଜ କରିଥିଲେ। ଏହି ଘଟଣା ପରେ ପ୍ରତାରିତା ଯୁବତୀ ପୋଲିସରେ ଲିଖିତ ଅଭିଯୋଗ କରିଥିଲେ। ରାଜଗାଙ୍ଗପୁର ଥାନା ଅଧିକାରୀ ବିଭସ୍ତ ପ୍ରଧାନ ଘଟଣାର ତଦନ୍ତ କରି ଏକ ମାମଲା (ନଂ.୧୮୪/୨୨) ରୁଜୁ କରି ରୂପକଙ୍କୁ ଧାରା ୩୭୬ ରେ ଗିରଫ କରି ରବିବାର କୋର୍ଟ ଚାଲାଣ କରିଥିଲେ।

## ତୃଣମୂଳସ୍ତରରୁ ହିଁ ବିକାଶ ଲକ୍ଷ୍ୟ

### କୁଆଁରମୁଣ୍ଡା ବ୍ଲକରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ

କୁଆଁରମୁଣ୍ଡା,୨୪।୪(ଡି.ଏନ.ଏ)

ଦେଶର ପ୍ରକୃତ ବିକାଶ ହୋଇପାରିବ ଯେତେବେଳେ ତୃଣମୂଳସ୍ତର ବିଶେଷକରି ପଞ୍ଚାୟତର ବିକାଶ ଘଟିବ। ସେଥିପାଇଁ ୨୦୧୦ ମସିହାରୁ ପ୍ରତିବର୍ଷ ଅପ୍ରେଲ ୨୪କୁ ଜାତୀୟ ପଞ୍ଚାୟତିରାଜ ଦିବସ ଭାବେ ଦେଶର ପ୍ରତ୍ୟେକ ଗ୍ରାମପଞ୍ଚାୟତରେ ପାଳନ କରାଯାଉଛି। ଅନୁରୂପଭାବେ ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକର ବିଭିନ୍ନ ଗ୍ରାମପଞ୍ଚାୟତରେ ଜାତୀୟ ପଞ୍ଚାୟତିରାଜ ଦିବସ ରବିବାର ପାଳିତ ହୋଇଯାଇଛି। ଏହି ବ୍ଲକର କଚାରୁ ପଞ୍ଚାୟତରେ ସରପଞ୍ଚ ଝୁବା ଟପ୍ପୋ, ସମିତି ସଭ୍ୟ ଅଶ୍ୱିନୀ କେର୍କେଟା, ଯୋଗାଣ ସହାୟକ ଅଭିରାମ ସିଂ, ଗ୍ରାମ ରୋଜଗାର ସେବକ ଆରତୀ ବେହେରାଙ୍କ ସହ ସମସ୍ତ ୱାର୍ଡ ସଭ୍ୟା/ସଭ୍ୟଙ୍କ ସହ ଅଞ୍ଚଳର ଆଶା କର୍ମୀ, ଏସ୍‌ଏଚଜି ମହିଳା, ବରିଷ୍ଠ ନାଗରିକମାନେ ଅଂଶଗ୍ରହଣ କରି ପଞ୍ଚାୟତର ସର୍ବାଙ୍ଗୀନ ଉନ୍ନତି ପାଇଁ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ଏହି କାର୍ଯ୍ୟକ୍ରମ କଚାରୁ ପଞ୍ଚାୟତର ନିର୍ବାହୀ ଅଧିକାରୀ ଦେବବ୍ରତ ଦାସଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ସେହିପରି କୁଆଁରମୁଣ୍ଡା ପଞ୍ଚାୟତରେ ସରପଞ୍ଚ ରାଜେଶ ହାଁସଦା, ଡୁମେରଯୋର ପଞ୍ଚାୟତରେ ସରପଞ୍ଚ କୌଶଲ୍ୟା ମହାଲି, ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁରଙ୍କ ଉପସ୍ଥିତିରେ ନିର୍ବାହୀ ଅଧିକାରୀ ସନ୍ଧ୍ୟାରାଣୀ ବେହେରା ଉପସ୍ଥିତ ଜନସାଧାରଣଙ୍କୁ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଅବଗତ କରିଥିଲେ।



ଜାତୀୟ ପଞ୍ଚାୟତିରାଜ ଦିବସ ପାଳନରେ ଉପସ୍ଥିତ ଜନପ୍ରତିନିଧିମାନେ।

## ପୋଲିସର ଜନ ସମ୍ପର୍କ ଶିବିର

ଲହୁଣୀପଡ଼ା, ୨୪।୪(ଡି.ଏନ.ଏ.)

ସୁନ୍ଦରଗଡ ଜିଲା ଲହୁଣୀପଡ଼ା ବ୍ଲକ ଡ଼ଲେଇସରା ପଞ୍ଚାୟତ ଅନ୍ତର୍ଗତ ଲୁଙ୍ଗାଠାରେ ରାଉରକେଲା ଜିଲା ପୋଲିସ ଓ ମହୁଲପଦା ଥାନା ପୋଲିସ ମିଳିତ ଉଦ୍ୟମରେ ଏକ ଜନ ସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବଣେଇ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୟଦ ମୁଜୁବିର ରେହେମାନ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଡଲେଇସରା ଓ ମହୁଲ ପଦା ପଞ୍ଚାୟତ ସରପଞ୍ଚ ଅଶାନ୍ତୁ କୋହ୍ଲ ସୌଭାଗ୍ୟ ନଏକ ଯୋଗ ଦେଇଥିଲେ।ମହୁଲ ପଦା ଥାନା ଅଧିକାରୀ ତ୍ରିନାଥ ସେଠୀଙ୍କ ଅଧ୍ୟକ୍ଷତାରେ ଏହି ଜନ ସମ୍ପର୍କ ଶିବିର ଆୟୋଜନ କରାଯାଇଥିଲା। ଜନସାଧାରଣଙ୍କ ମଧ୍ୟରେ ଥିବା ପୋଲିସ ପ୍ରତି ଭୟକୁ ଦୂର କରି ପୋଲିସ ଓ ଜନ ସାଧାରଣଙ୍କ ମଧ୍ୟରେ ସୁସମ୍ପର୍କ ସୃଷ୍ଟି କରିବା ଓ ନିଜ ଅଞ୍ଚଳରେ ଥିବା ସମସ୍ୟା କୁ ନିକଟସ୍ଥ ଥାନାରେ ପହଞ୍ଚି ସମସ୍ୟା ର ସମାଧାନ କରିବା ଏହି ଜନ ସମ୍ପର୍କ ଶିବିରର ମୂଳଲକ୍ଷ୍ୟ ବୋଲି ଅତିଥିମାନେ ବକ୍ତବ୍ୟ ମାଧ୍ୟମରେ ସୂଚନା ଦେଇଥିଲେ। ଏଥିରେ ରାଉରକେଲା ରିଜର୍ଭ ପୋଲିସ ଦଳ ଓ ମହୁଲପଦା ଡାକ୍ତରଖାନାର ଡାକ୍ତରୀ ଦଳ ମିଳିତ ଭାବେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ପରିଚାଳିତ ହୋଇଥିଲା। ଏଥରେ ଉପସ୍ଥିତ ଥିବା ପ୍ରାୟ ସାତ ଶହରୁ ଉର୍ଦ୍ଧ୍ୱ ଲୋକଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣା ଔଷଧ ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ପାରମ୍ପରିକ ବାଦ୍ୟନୃତ୍ୟର ତାଳେତାଳେ ଅତିଥିମାନଙ୍କୁ ମଞ୍ଚ ନିକଟକୁ ପାଛୋଟି ନିଆଯାଇଥିଲା। ଏହି ଜନସମ୍ପର୍କ ଶିବିରରେ ସ୍ଥାନୀୟ କୀର୍ତ୍ତନ ମଣ୍ଡଳୀଙ୍କୁ ନେଇ ପ୍ରତିଯୋଗିତା କରାଯାଇଥିବା ବେଳେ ଅଂଶଗ୍ରହଣକାରୀ କୀର୍ତ୍ତନ ମଣ୍ଡଳୀକୁ ବାଦ୍ୟ ସାମଗ୍ରୀ ପ୍ରଦାନ କରାଯାଇଥିଲା। ଏହା ସହିତ ଏକ ଭଲିବଲ ପ୍ରତିଯୋତା ଅନୁଷ୍ଠିତ କରାଯାଇଥିଲା ।ଏଥିରେ ଏକପାଦୀ ଦଳକୁ ହରାଇ ଲୁଙ୍ଗା ଦଳ ଚାମ୍ପିୟନ ହୋଇଥିଲା। ପ୍ରାୟ ତିନି ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ପାଠ୍ୟସାମଗ୍ରୀ ପ୍ରଦାନ କରାଯାଇଥିଲା। ବୃଦ୍ଧାବୃଦ୍ଧ ଓ ଅସହାୟଙ୍କୁ ଟର୍ଚ୍ଚ, ସୋଲାର ଲାଇଟ, ଛତା ପ୍ରଭୃତି ବଣ୍ଟନ କରାଯାଇଥିଲା ବୋଲି ଜଣାପଡିଛି। ଏସଆଇ କାର୍ତ୍ତିକେଶ୍ୱର ସା, ଅନାମ ମାହାନ୍ତ, ଶରୋଜ ସେଠି,ସମେତ ପୋଲିସ କର୍ମଚାରୀଙ୍କ ସହଯୋଗରେ ଏହି ଜନସମ୍ପର୍କ ଶିବିର ପରିଚାଳିତ ହୋଇଥିଲା ବୋଲି ଜଣାପଡିଛି।

## ଉତ୍ତମ ନାଗରିକ ହେବା ପାଇଁ ପରାମର୍ଶ

କୁଆଁରମୁଣ୍ଡା,୨୪।୪(ଡି.ଏନ୍.ଏ.)

ଜଣେ ବିଦ୍ୟାର୍ଥୀ ଭଲ ପାଠ ପଢି ସ୍କୁଲ ତଥା ଅଞ୍ଚଳର ସୁନାମ ଅର୍ଜନ କରିବା ସହ ଭବିଷ୍ୟତରେ ଜଣେ ସୁନାଗରିକ ହୋଇ ସୁସ୍ଥ ସମାଜ ଗଠନ ନିମନ୍ତେ ନିଜକୁ ଗଢି ତୋଳିବା ଆବଶ୍ୟକ ବୋଲି ରବିବାର ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ଶିକ୍ଷା କାର୍ଯ୍ୟାଳୟ ଅଧିନ କୁମଝରିଆ ସରକାରୀ ଉଚ୍ଚ ବିଦ୍ୟାଳୟର ୧୦ମ ଶ୍ରେଣୀ ବିଦ୍ୟାର୍ଥୀଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ଅତିଥିମାନେ ନିଜ ବକ୍ତବ୍ୟରେ ପ୍ରକାଶ କରିଛନ୍ତି। ଏହି ସମ୍ବର୍ଦ୍ଧନା ସଭାରେ କୁଆଁରମୁଣ୍ଡା ବିଡିଓ ବିକାଶ ଚନ୍ଦ୍ର ସାହୁ, ଏବିଇଓ ଡୋରୋଥିଆ ଟପ୍ପୋ, ଅବସରପ୍ରାପ୍ତ ଏବିଇଓ ମୋହନ କୁମାର, କୁମଝରିଆ ସରପଞ୍ଚ ବାତିଆ ଲାକ୍ରା ପ୍ରମୁଖ ଉପସ୍ଥିତ ରହି ଉପରୋକ୍ତ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲାପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର, ପ୍ରାଣୀ ଚିକିତ୍ସାଧିକାରୀ ଡା. ଧୀରେନ୍ଦ୍ର କୁମାର ବେହେରା ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ସ୍କୁଲ ତରଫରୁ ବିଦ୍ୟାର୍ଥୀମାନଙ୍କୁ ପରୀକ୍ଷା ଉପକରଣ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମ ସ୍କୁଲର ପ୍ରଧାନଶିକ୍ଷକ ସଞ୍ଜୟ କୁମାର ସାମଲଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା।

# ପ୍ରଶାସନ ପକ୍ଷରୁ ଶୁଭାରମ୍ଭ ହେଲା 'ବାଟେଘାଟେ'

### ଅଂଶଗ୍ରହଣ କଲେ ହଜାର ହଜାର ଜନସାଧାରଣ

ଦେବଗଡ଼,୨୪।୪(ଡି.ଏନ୍.ଏ.)

ପ୍ରଶାସନକୁ ସାଧାରଣ ଲୋକଙ୍କ ନିକଟରେ ପହଞ୍ଚାଇବା ଲକ୍ଷ୍ୟରେ ଜିଲା ପ୍ରଶାସନ ପକ୍ଷରୁ ରବିବାରଠାରୁ ପୁଣି ଥରେ ଶୁଭାରମ୍ଭ ହୋଇଛି କଳା ସଂସ୍କୃତି, ନାଚ ଗୀତ ଓ ଖେଳକୁଦର ଅଭିନବ କାର୍ଯ୍ୟକ୍ରମ 'ବାଟେଘାଟେ'। ସକାଳେ ଦେବଗଡ ପୌରାଞ୍ଚଳ ସମେତ ବିଭିନ୍ନ ପ୍ରାନ୍ତରରୁ ହଜାର ହଜାର ଜନସାଧାରଣ ପ୍ରଧାନପାଟ ପର୍ଯ୍ୟଟନସ୍ଥଳୀ ନିକଟରେ ଏକତ୍ରିତ ହୋଇ ଏହି ଉତ୍ସବକୁ ମନଭରି ଉପଭୋଗ କରିଛନ୍ତି। ସକାଳ ପ୍ରାୟ ୬ଟାରେ ସ୍ଥାନୀୟ ଉଦ୍ୟାନ ବିଭାଗ କାର୍ଯ୍ୟାଳୟ ନିକଟରୁ ପ୍ରଧାନପାଟସ୍ଥିତ ସ୍ୱର୍ଗଦ୍ୱାର ପର୍ଯ୍ୟନ୍ତ ଲମ୍ବିଥିବା ରାସ୍ତାର ବିଭିନ୍ନ ସ୍ଥାନରେ ନୃତ୍ୟ, ସଙ୍ଗୀତ, କୌତୁକ ପୋଷାକ, ଆତ୍ମସୁରକ୍ଷା, ଯୋଗ, କବିତା ପାଠୋତ୍ସବ, ଝୋଟି, ପେଣ୍ଟିଂ ଓ ରଙ୍ଗୋଲୀ ସମେତ ବ୍ୟାଡମିଣ୍ଟନ, ଭଲିବଲ, ଫୁଟବଲ ଓ କ୍ରିକେଟ ଆଦି ଖେଳ ଅନୁଷ୍ଠିତ ହୋଇଥିଲା। ଏହିସବୁ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ରବିକା ବିଲୁଂ ଓ ଉପଜିଲାପାଳ ବ୍ରଜବନ୍ଧୁ ଭୋଇ ପ୍ରତ୍ୟେକ୍ଷ ଭାବେ ଉପସ୍ଥିତ ରହିବା ସହ ବିଭିନ୍ନ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରି ଶିଶୁ ଏବଂ ଜନସାଧାରଣଙ୍କୁ ଉତ୍ସାହିତ କରିଥିଲେ। ସେହିପରି ନାଚଗୀତ ଆଦି କାର୍ଯ୍ୟକ୍ରମରେ କଳାକାର ନୃତ୍ୟ କରୁଥିବାବେଳେ ଏହାକୁ ଦର୍ଶକମାନେ ମନଭରି ଉପଭୋଗ କରିଥିଲେ। ବାଟେଘାଟେ କାର୍ଯ୍ୟକ୍ରମ ଅବସରରେ ରବିବାର ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଜନହିତକର ଯୋଜନା ସମ୍ପର୍କୀତ ସଚେତନତା ପ୍ରଦର୍ଶନୀ ଷ୍ଟଲ ଖୋଲାଯିବା ସହ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା ଶିବିର ମଧ ଅନୁଷ୍ଠିତ ହୋଇଥିଲା। ଏହି ନିଆରା ଉତ୍ସବକୁ ଅତିରିକ୍ତ ଜିଲାପାଳ ରେବିକା ବିଲୁଙ୍ଗ ଓ ଉପଜିଲାପାଳ ବ୍ରଜବନ୍ଧୁ ଭୋଇଙ୍କ ସମେତ ସମସ୍ତ ପ୍ରଶାସନିକ ଅଧିକାରୀ, ସରକାରୀ କର୍ମଚାରୀ ଓ ପଦାଧିକାରୀ, କଳାକାର, ଖେଳାଳୀ, ପ୍ରକୃତିପ୍ରେମୀ, ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଓ ଛାତ୍ରୀଛାତ୍ର ତଥା ଜିଲାର ଆବାଳ ବୃଦ୍ଧବନିତା ମନଭରି ଉପଭୋଗ କରିଥିଲେ। ଏଠାରେ ସୂଚନାଯୋଗ୍ୟ ଯେ, ୨୦୧୯ରେ ଜିଲାପାଳ ସୁଧାଂଶୁ ମୋହନ ସାମଲଙ୍କ ସ୍ୱତନ୍ତ୍ର ଆଗ୍ରହ କ୍ରମେ ପ୍ରତ୍ୟେକ ପ୍ରଥମ ରବିବାର ଗୁଡିକରେ 'ବାଟେଘାଟେ' କାର୍ଯ୍ୟକ୍ରମ ଶୁଭାରମ୍ଭ ହେବା ସହ କାର୍ଯ୍ୟକ୍ରମ ବେଶ ଜନାଦୃତ ହୋଇଥିଲା। ମାତ୍ର ୨୦୨୦ରେ ଏହା କିଛିମାସ ପାଳିତ ହେବାପରେ କରୋନା କଟକଣା ଯୋଗୁ ପ୍ରାୟ ୨ ବର୍ଷ ହେଲା ବନ୍ଦ ରହିଥିଲା।



ବାଟେଘାଟେ କାର୍ଯ୍ୟକ୍ରମରେ ସାମିଲ ଜନସାଧାରଣ।

## ସଂକ୍ଷେପରେ

### ୨୦୦ ୟୁନିଟ୍ ବିଦ୍ୟୁତ୍ ଛାଡ଼ ଦାବି

**ବ୍ରଜରାଜନଗର,୨୪।୪ (ଡି.ଏନ.ଏ.):** ବ୍ରଜରାଜନଗର ସହରର ଏକ ହୋଟେଲରେ ଆମ୍ ଆଦ୍‌ମୀ ପାର୍ଟି ତରଫରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଦଳର ଜିଲା ସଂଯୋଜକ ସୁରେନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟ କ୍ରମରେ ରାଜ୍ୟ ସରକାର ସାଧାରଣ ଜନତାଙ୍କୁ ୨୦୦ୟୁନିଟ ବିଜୁଳି ଛାଡ଼ କରିବାକୁ ଦାବି ହୋଇଥିଲା। ଏହାସହ ଦିଲ୍ଲୀ ସରକାର ଯେଉଁଳି ସୁବିଧା ସୁଯୋଗ ଦେଉଛନ୍ତି ଓଡ଼ିଶା ସରକାର ମଧ ସେଭଳି ସୁବିଧା ପ୍ରଦାନ କରନ୍ତୁ ବୋଲି ମତ ପ୍ରକାଶ ପାଇଥିଲା। ଏହି ଅବସରରେ ସହରର ବିଭିନ୍ନ ୱାର୍ଡରୁ ବହୁ ଯୁବକ ଦଳରେ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମକୁ ଜିଲା ସାଧାରଣ ସମ୍ପାଦକ କୁମୁଦ ରଞ୍ଜନ ପରିଚାଳନା କରିଥିଲେ।

### ଦୁର୍ଘଟଣାରେ ଜଣେ ମୃତ

**କୁଚିଣ୍ଡା,୨୪।୪(ଡି.ଏନ.ଏ.)-** କୁଚିଣ୍ଡା ଥାନା ଅନ୍ତର୍ଗତ କୁଚିଣ୍ଡା ବାମରା ରାଜ୍ୟ ରାଜପଥର ପାରୁଆଭାଡି ବଡପୋଲ ନିକଟରେ ରବିବାର ସନ୍ଧ୍ୟାରେ ଏକ ବୁଲେଟ୍ ସହ ବାଇକ୍‌ର ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ବୁଲେଟ୍ ଆରୋହୀ କୁଚିଣ୍ଡା ଏନ୍‌ଏସି ତେଲିକୁଣ୍ଡାପୋଷିର ସୁଶାନ୍ତ କୁମାର ପୃଷେଠ(୪୦)ଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ଏଥିରେ ବାଇକ୍ ଆରୋହୀ ସମ୍ବଲପୁର ଜିଲା ଶାସନ ଥାନା ଭିକମପୁର ଗ୍ରାମର ଜଗନ୍ନାଥ ମେହେର(୪୫) ଗୁରୁତର ଆହତ ହୋଇ ବୁର୍ଲା ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ସୁଶାନ୍ତ ନିଜ ବୁଲେଟ (ଓଡି ୧୫କେ୨୮୭୭)ରେ ପାରୁଆଭାଡି ପଟୁ ନିଜ ଘରକୁ ଫେରୁଥିଲେ। ଏହି ସମୟରେ ଜଗନ୍ନାଥ କୁଚିଣ୍ଡାରୁ ପାରୁଆଭାଡ଼ି ପଟକୁ ବାଇକ (ଓଆର୧୫ଏସ୪୫୫୧)ରେ ଯାଉଥିବାବେଳେ ବୁଲେଟ ସହ ଧକ୍କା ହୋଇଥିଲା। କୁଚିଣ୍ଡା ପୋଲିସ ଏକ ମାମଲା ରୁଜୁ କରିବା ସହ ବୁଲେଟ ଓ ବାଇକ୍ ଜବତ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

### ବ୍ୟକ୍ତିଙ୍କୁ ହତ୍ୟା କରି ଫିଙ୍ଗି ଦେଇଥିବା ଅଭିଯୋଗ

**ଅମରପାଲି,୨୪।୪(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ବଗଛେରା ଅବନ୍ତୀ ନଗରର ସୌମିତ୍ରୀ ଜଗଦଲାଙ୍କୁ ନିଜ ମହୁରିଆପାଲିଠାରେ ଥିବା ଚାଷଜମିରେ ପିଟି ମାରି ଦିଆଯାଇଥିବା ଅଭିଯୋଗ ହୋଇଛି। ମୃତକଙ୍କ ପୁଅ ପଞ୍ଚା ଜଗଦଲା ଏ ନେଇ ଥାନାରେ ଅଭିଯୋଗ କରିଛନ୍ତି। ପଞ୍ଚାଙ୍କ ଅଭିଯୋଗ ଅନୁସାରେ ଶନିବାର ସୌମିତ୍ରୀଙ୍କୁ କୁଡାପଡା ଗ୍ରାମର ଦୁଇଜଣ ବ୍ୟକ୍ତି କୈରାଝୁଲିକୁ ଡାକି ନେଇଥିଲେ। ହେଲେ ସନ୍ଧ୍ୟାରେ ସେ ନିଜ ଘରକୁ ଫେରି ନ ଥିଲେ। ଡାକି ନେଇଥିବା ଦୁଇ ଜଣଙ୍କ ମଧ୍ୟରୁ ଜଣେ ରାତି ୪ଟାରେ ଅବନ୍ତୀ ନଗର ଆସି ତୁମ ବାପା ଆମ ସାଙ୍ଗରେ ଯାଇନାହାନ୍ତି। ନିକଟରେ ଥିବା ସାଲେଝୁଲି ପଡାକୁ ଯାଇ ନିଶା ସେବନ କରି ପାଟିତୁଣ୍ଡ କରୁଥିଲେ ବୋଲି କହିଥିଲେ। ଏଣୁ ସେହି ଦୁଇଜଣ ତାଙ୍କ ବାପାଙ୍କୁ ପିଟି ମାରି ଦେଇଥିବା ଥାନାରେ ଅଭିଯୋଗ କରିଛନ୍ତି। ମାଡ଼ ମାରି ରକ୍ତ ଜୁବୁବୁରୁ ଅବସ୍ଥାରେ ଜମିରେ ପକାଇ ଅଧା କିଲୋମିଟର ଦୂରରେ କପଡା କାଢ଼ି ଫିଙ୍ଗି ଦେଇଥିବା କହିଛନ୍ତି। ସୂଚନା ଅନୁସାରେ ସୌମିତ୍ରୀ ଓରଫ କଳାକାହ୍ନୁ ଗୋରୁ ବେପାର କରନ୍ତି। ବେପାର ଉଦ୍ଦେଶ୍ୟରେ ଶନିବାର ସନ୍ଧ୍ୟାରେ ସେ ୨୦ହଜାର ଟଙ୍କା ନେଇ ଘରୁ ବାହାରିଥିଲେ। ଏହି ଖବର ଜାଣି ଦୁଇ ଅଭିଯୁକ୍ତ ତାଙ୍କୁ ପ୍ରବଳ ମଦ ପିଆଇ ମାରିଦେବା ପରେ ଟଙ୍କା ଲୁଟି ନେଇଥିବା ସେ ଏତଲାରେ ଦର୍ଶାଇଛନ୍ତି। ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଘଟଣାର ତଦନ୍ତ ଚାଲିଥିବା ଥାନା ଭାରପ୍ରାପ୍ତ ଅଧିକାରୀ ଅଞ୍ଜଳି କୁମାର କହିଛନ୍ତି।

# ଗରା, ବାଲ୍‌ଟି ରଖି ରାସ୍ତାରୋକୋ

**ସମ୍ବଲପୁର,୨୪।୪(ବ୍ୟୁରୋ)**


ମହିଳାମାନେ ରାସ୍ତାରୋକୋ କରିଛନ୍ତି।

ସମ୍ବଲପୁର ମହାନଗର ନିଗମ (ଏସ୍‌ଏମ୍‌ସି) ଅନ୍ତର୍ଗତ ରାମଜିପଡା ଓ ବାଲିବନ୍ଧା ଅଞ୍ଚଳରେ ଜଳ ଯୋଗାଣ ଠପ୍ ହୋଇଯାଇଛି। ଏହାକୁ ବିରୋଧ କରି ରବିବାର ମହିଳାମାନେ ଗରା, ବାଲ୍‌ଟି ରଖି କୁଞ୍ଜେଲପଡା- ସମଲେଇ ମନ୍ଦିର ରାସ୍ତା ଅବରୋଧ କରିଥିଲେ। ସେମାନେ ଅଭିଯୋଗ କରିଥିଲେ, ପ୍ରାୟ ୨୫ଦିନ ହେବ ଅଞ୍ଚଳରେ ପାଣି ସମସ୍ୟା ଲାଗିରହିଛି। ବାରମ୍ବାର ପିଏଚ୍‌ଡି ବିଭାଗକୁ ଅଭିଯୋଗ କଲେ ମଧ୍ୟ ସୁଫଳ ମିଳୁନାହିଁ। ପାଇପ୍‌ରେ ପାଣି ଆସୁ ନାହିଁ। ଗୋଟିଏ ଟ୍ୟାଙ୍କରରେ ପାଣି ଯୋଗାଇ ଦିଆଯାଉଥିଲେ ମଧ୍ୟ କେତେକ ପରିବାର ପାଣି ପାଇବାରୁ ବଞ୍ଚିତ ହେଉଛନ୍ତି। ଅନ୍ୟପଟେ ଟ୍ୟାଙ୍କର ମୁଖ୍ୟ ରାସ୍ତାରେ ରହି ପାଣି ଯୋଗାଇ ଦେଉଥିଲେ ସୁଦ୍ଧା ଗଳି ଭିତରେ ରହୁଥିବା ପରିବାର ପାଣି ନେବାରେ ସମସ୍ୟା ହେଉଛି। ତେଣୁ ଶୀଘ୍ର ପାଣି ଯୋଗାଇ ଦିଆଯାଉ ବୋଲି ଦାବି କରିଥିଲେ। ପରେ ପିଏଚ୍‌ଡି ବିଭାଗର ଅଧିକାରୀ ଓ ପ୍ରଶାସନିକ ଅଧିକାରୀ ପହଞ୍ଚି ଆଲୋଚନା କରିଥିଲେ। ପାଣି ଯୋଗାଣ ସ୍ୱାଭାବିକ ହେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ସକାଳ ୮ଟାରୁ ପ୍ରାୟ ୧୦ଟା ପର୍ଯ୍ୟନ୍ତ ରାସ୍ତାରୋକୋ ହୋଇଥିଲା। ଫଳରେ ଯାତାୟାତରେ ସମସ୍ୟା ଉପୁଜିଥିଲା।

# ପଡ଼ାବାସୀଙ୍କ ନଈ ପାଣି ଭରସା

**ଜମନକିରା,୨୪।୪(ଡି.ଏନ.ଏ.)**

ଜମନକିରା ବ୍ଲକ ଡ଼ିମିରିମୁଣ୍ଡା ପଞ୍ଚାୟତ ବାମଣ୍ଡାଗଡ଼ର ବାଘିଆବେରନି ପଡ଼ାବାସୀଙ୍କ ପାଇଁ ନଈପାଣି ଭରସା ହୋଇଛି। ପଡାରେ ୭ଟି ପରିବାର ରହୁଥିବାବେଳେ ଜନସଂଖ୍ୟା ୫୦ରୁ ଅଧିକ ହେବ।

ଗ୍ରାମବାସୀଙ୍କ ଅଭିଯୋଗ କ୍ରମେ କିଛିବର୍ଷ ତଳେ ଗ୍ରାମରେ ଗୋଟିଏ ନଳକୂପ ଖୋଳା ଯାଇଥିଲା। ହେଲେ ଏଥିରୁ ବାହାରୁଥିବା ପାଣି ବ୍ୟବହାରଯୋଗ୍ୟ ହୋଇପାରୁ ନାହିଁ। ଜରୁରୀ କ୍ଷେତ୍ରରେ ଏହି ପାଣି ବ୍ୟବହାର କରି ଲୋକ ରୋଗରେ ଆକ୍ରାନ୍ତ ହେଉଛନ୍ତି। ବାଧ୍ୟହୋଇ ଗାଁ ଲୋକେ ଅଧ କିଲୋମିଟର ଜଙ୍ଗଲ ରାସ୍ତା ଅତିକ୍ରମ କରି ନଈକୁ ପାଣି ଆଣିବାକୁ ଯାଉଛନ୍ତି। ବର୍ଷାଦିନେ ନଈପାଣି ଗୋଳିଆ ହେଉଥିଲେ ବି ତାହାକୁ ସେମାନେ ବ୍ୟବହାର କରୁଥିବା କହିଛନ୍ତି। ପଡାର ଧନେଶ୍ୱର ମାଝି କହନ୍ତି, ଆମେ ଅନେକଥର ପାଣି ଅସୁବିଧାକୁ ନେଇ ପଞ୍ଚାୟତ ଅଫିସରେ ଅଭିଯୋଗ କରିଛୁ। ଏକ ସୋଲାର ହ୍ୟାଣ୍ଡପମ୍ପ ବସାଇବାକୁ ଆବେଦନ କରିଥିଲୁ। ହେଲେ ଏଥିପ୍ରତି କେହି ଧ୍ୟାନ ଦେଉନାହାନ୍ତି। ସେହିପରି ପଡାର କୁମର କିସାନ ଓ ପୂର୍ଣ୍ଣିମା ମାଝିଙ୍କ କହିବା କଥା ନଳକୂପରୁ ଖରାପ ପାଣି ବାହାରୁଥିବାରୁ ନଈପାଣି ବ୍ୟବହାର କରୁଛୁ। ଖରା, ବର୍ଷା, ଶୀତ ସବୁ ସମୟରେ ନଈ ହିଁ ଆମ ଭରସା।

ଏ ସମ୍ପର୍କରେ ଡ଼ିମିରିମୁଣ୍ଡା ସରପଞ୍ଚ ପ୍ରହ୍ଲାଦ ଧୁରୁଆଙ୍କୁ ପଚାରିବାରୁ ସେ ବାଘିଆବେରନିରେ ଖୁବ୍‌ଶୀଘ୍ର ପାଣି ବ୍ୟବସ୍ଥା କରାଯିବ ବୋଲି କହିଥିଲେ। ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ଯନ୍ତ୍ରୀ ଜ୍ଞାନସ୍ୱରୂପା ବାଡା କହନ୍ତି, ସେ ଅଞ୍ଚଳରେ ପାଣି ଅସୁବିଧା ଥିବା ଅବଗତ ଅଛି। ସେଠାକୁ ଯାଇ ପାଣି ପରୀକ୍ଷା ପରେ ବିକଳ୍ପ ବ୍ୟବସ୍ଥା କରାଇବୁ। ବିଡିଓ ଟୁନୁ ମେହେର କହିଥିଲେ, ଷ୍ଟାଫ୍‌ଙ୍କ ସହ ଏ ବିଷୟରେ ଆଲୋଚନା କରିଛି, ତୁରନ୍ତ ସେହି ଅଞ୍ଚଳରେ ପାଣି ବ୍ୟବସ୍ଥା କରାଯିବ।

# ଦୁଇ ସୁପରିଣ୍ଟେଣ୍ଡେଣ୍ଟ ନିଯୁକ୍ତିକୁ ନେଇ ଦ୍ୱନ୍ଦ୍ୱ

**କୁଚିଣ୍ଡା,୨୪।୪(ଡି.ଏନ.ଏ.)**

## ମାଟ୍ରିକ ପରୀକ୍ଷା

ଆସନ୍ତା ୨୭ ତାରିଖରୁ ସିବିଏସ୍‌ଇ (କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ) ପରୀକ୍ଷା ହେବାକୁ ଥିବାବେଳେ ସମ୍ବଲପୁର ଜିଲା ବାମରାସ୍ଥିତ ଓଏଭି (ଓଡିଶା ଆଦର୍ଶ ବିଦ୍ୟାଳୟ) ପରୀକ୍ଷା କେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ନିଯୁକ୍ତିକୁ ନେଇ ଦ୍ୱନ୍ଦ୍ୱ ଉପୁଜିଛି। ଏହି କେନ୍ଦ୍ର ପାଇଁ ସିବିଏସ୍‌ଇ ଆଞ୍ଚଳିକ ଅଧିକାରୀ (ଆରଓ) ଦୁଇଗୋଟି ପତ୍ରରେ ଦୁଇଜଣ ସୁପରିଣ୍ଟେଣ୍ଡେଣ୍ଟ ନିଯୁକ୍ତିକୁ ନେଇ ବାମରା ଓଏଭି ପ୍ରିନ୍ସିପାଲ ଦ୍ୱନ୍ଦ୍ୱରେ ପଡିଛନ୍ତି। ଉଭୟ ପତ୍ରରେ କେନ୍ଦ୍ରରେ ୧୩୯ଜଣ ପିଲା ପରୀକ୍ଷା ଦେବାକୁ ଉଲ୍ଲେଖ ଥିବାବେଳେ ଦୁଇଜଣ ସୁପରିଟେଣ୍ଡେଣ୍ଟଙ୍କ ନାମ ରହିଛି। ଗତ ୭ତାରିଖରେ ଆରଓ କରିଥିବା ପତ୍ରରେ ସମ୍ବଲପୁର କ୍ଷେତରାଜପୁର ବାଳିକା ବିଦ୍ୟାଳୟର ପ୍ରିନ୍ସିପାଲ ସନ୍ତୋଷ କୁମାର ହୋତାଙ୍କୁ ସୁପରିଣ୍ଟେଣ୍ଡେଣ୍ଟ ଭାବେ ନିଯୁକ୍ତ କରିଛନ୍ତି। ସେହିପରି ୧୬ ତାରିଖରେ ଅନ୍ୟ ଏକ ପତ୍ରରେ ପାଠକ ସଚ୍ଚିନ ସୁଧିରଙ୍କୁ ସୁପରିଣ୍ଟେଣ୍ଡେଣ୍ଟ ନିଯୁକ୍ତ କରାଯାଇଛି। ମାତ୍ର ଦ୍ୱିତୀୟ ପତ୍ରଟି ବାମରା ଓଏଭିକୁ ଗତ ୨୨ତାରିଖ ପିଛିଲା ତାରିଖ ପକାଇ ମେଲ୍‌ରେ ପଠାଇଥିବା ପ୍ରିନ୍ସିପାଲ କହିଛନ୍ତି। ପରୀକ୍ଷା ଆଉ ମାତ୍ର ଗୋଟିଏ ଦିନ ଥିବାବେଳେ ଏଯାବତ କେଉଁ ସୁପରିଣ୍ଟେଣ୍ଡେଣ୍ଟଙ୍କ ନାମ ବାମରା ପରୀକ୍ଷା କେନ୍ଦ୍ର ପାଇଁ ରଖିବେ ଓ କାହାକୁ ବାତିଲ କରିବେ ତାହା ଆର୍‌ଓ କୌଣସି ସ୍ପଷ୍ଟ ସୂଚନା ଦେଇ ନାହାନ୍ତି। ବାମରା ଓଏଭିର ୭୪ ଓ କେଶାଇବାହାଲ ଗ୍ରେମସ (ଗାୟତ୍ରୀ ରେସି ଇଂଲିଶ ମିଡିୟମ ସ୍କୁଲ)ର ୬୫ ଏଭଳି ୧୩୯ଜଣ ପିଲା ବାମରା କେନ୍ଦ୍ରରେ ପରୀକ୍ଷା ଦେବେ ବୋଲି ସିବିଏସ୍‌ଇ ଆରଓ ଚିଠି କରିଛନ୍ତି। ଏପରିସ୍ଥଳେ ଏବେ ପୁଣି କେଶାଇବାହାଲ ଗ୍ରେମସରେ ଏକ ପରୀକ୍ଷା କେନ୍ଦ୍ର ହେବ ବୋଲି ଶୁଣିବାକୁ ମିଳୁଛି। ପରୀକ୍ଷା ପାଇଁ ବାମରା ଓଏଭି ପରୀକ୍ଷା କେନ୍ଦ୍ରକୁ ୧୩୯ଜଣ ପିଲାଙ୍କ ଉତ୍ତର ଖାତା ସହ ସମସ୍ତ ଉପକରଣ ପହଞ୍ଚି ସାରିଥିବା ବେଳେ ଏଥିରେ ସିବିଏସ୍‌ଇ ଆର୍‌ଓଙ୍କ ଭୂମିକାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଆର୍‌ଓ କେ. ଶ୍ରୀନିବାସନ୍‌ଙ୍କୁ ପଚାରିବାରେ ପରୀକ୍ଷା କେନ୍ଦ୍ର କୌଣସି ମୁହୂର୍ତ୍ତରେ ବଦଳାଇବା ଓ ପରୀକ୍ଷା କେନ୍ଦ୍ର କେଉଁଠି କରାଯିବ ସେ ନେଇ ସିବିଏସ୍‌ଇର ସ୍ୱତନ୍ତ୍ର କ୍ଷମତା ରହିଛି ବୋଲି କହିଛନ୍ତି।

# ଗଛରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**ଝାରସୁଗୁଡ଼ା ଅଫିସ,୨୪।୪**

ଲଖନପୁର ଥାନା ବାରଗାଡ ଗ୍ରାମର ଏକ ମହୁଲ ଗଛରୁ ପୋଲିସ୍ ରବିବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ କରିଛି । ସେ ହେଲେ ବାରଗାଡ ଗ୍ରାମର ସନତ ରାଉତ(୪୦)। ପୋଲିସ୍ ମୃତଦେହ ଜବତକରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମୃତକଙ୍କ ବଡଭାଇ ନାରେନଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଲଖନପୁର ଥାନା ଅପମୃତ୍ୟୁ କେସ ନଂ୬୧/୨୨ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ଗତ ଶନିବାର ସନତ ବାହାରକୁ ଯାଇ ଆଉ ଘରକୁ ଫେରି ନ ଥିଲେ । ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ସନ୍ଧାନ ମିଳି ନ ଥିଲା । ରବିବାର ସକାଳୁ ଘରଠାରୁ କିଛି ଦୂରରେ ଥିବା ଏକ ମହୁଲ ଗଛରେ ତାଙ୍କ ମୃତଦେହ ରଶିରେ ଝୁଲୁଥିବା ଦେଖିବାକୁ ମିଳିଥିଲା ।

# ୨ବର୍ଷରେ ଏସ୍‌ବିଆଇର ସାଢେ ୪ କୋଟି ଗାଏବ

**ସମ୍ବଲପୁର,୨୪।୪(ବ୍ୟୁରୋ)**

ସମ୍ବଲପୁର ସହର ଓ ରେଙ୍ଗାଲି ଅଞ୍ଚଳର ୧୧ ଗୋଟି ଏଟିଏମ୍‌ରୁ ୨ ବର୍ଷ ଭିତରେ ୪ କୋଟି ୫୪ ଲକ୍ଷ ୫୭ ହଜାର ଟଙ୍କା ଠକେଇ ହୋଇଥିବା ଅଭିଯୋଗ ହୋଇଛି। ଏସ୍‌ବିଆଇ ସମ୍ବଲପୁର ମୁଖ୍ୟ ଶାଖା ପରିଚାଳକ ସନ୍ତୋଷ ରାଉତ ସାଇବର ଥାନାରେ ଏ ନେଇ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ କ୍ରମେ ୨୦୨୦ ସେପ୍ଟେମ୍ବରରୁ ୨୦୨୧ ମାର୍ଚ୍ଚ ମଧ୍ୟରେ ଦୁର୍ବୃତ୍ତମାନେ ଏଭଳି ଠକେଇ କରିଛନ୍ତି। ଏଥିପାଇଁ ବିଭିନ୍ନ ବ୍ୟାଙ୍କର ୨୫ ଗୋଟି ଏଟିଏମ୍ କାର୍ଡ ବ୍ୟବହାର କରାଯାଇଛି। ଲୁଟେରାମାନେ ବିଭିନ୍ନ ଏଟିଏମ୍‌ରୁ ଟଙ୍କା ଉଠାଣ କରିବା ପରେ କାରସାଦି କରି ଟଙ୍କା ବାହାରୁଥିବା କ୍ୟାପକୁ ଅଚଳ କରି ଦେଉଥିଲେ। ଫଳରେ ବ୍ୟାଙ୍କରୁ ଟଙ୍କା ନେଇ ନ ଥିବା ମେସେଜ ଆସୁଥିଲା। କିଛିଦିନ ପରେ ପୁଣି ଟଙ୍କା ଜମା ଖାତାକୁ ଫେରି ଆସୁଥିଲା। ଭାରତୀୟ ଷ୍ଟେଟବ୍ୟାଙ୍କ ପୁଣି ଥରେ ଟଙ୍କା ଭରଣା କରୁଥିଲା। ଦେଖିବାକୁ ଗଲେ ବ୍ୟାଙ୍କ ଓ ଏଟିଏମ୍‌ରେ ଟଙ୍କା ନେଣଦେଣକୁ ନେଇ ପ୍ରତିଦିନ ହିସାବ ରହିଥାଏ। ପ୍ରାୟ ୧ ବର୍ଷ ଧରି ବିଭିନ୍ନ ଏଟିଏମ୍‌ରୁ ୪୩୬୯ ଥର ଟଙ୍କା ଉଠାଣ ହୋଇଛି। ହେଲେ ବ୍ୟାଙ୍କ କର୍ମଚାରୀ କିମ୍ବା ଅଧିକାରୀ କିଭଳି ଜାଣିପାରିଲେ ନାହିଁ ଓ ଘଟଣାର ୧ବର୍ଷ ପରେ ଅଭିଯୋଗ କରିବା ଘଟଣା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହାଛଡା ଟଙ୍କା ଉଠାଇବା ପରେ ପୁଣି ଅଭିଯୋଗ କରି ଲୁଟେରାମାନେ ଟଙ୍କା ଫେରି ପାଉଥିଲେ। ସେ ସମୟରେ କିଭଳି ବ୍ୟାଙ୍କ ଜାଣି ନ ପାରି ବିନା ଯାଞ୍ଚରେ ଟଙ୍କା ଫେରାଇ ଦେଇଥିଲା ବୋଲି ପ୍ରଶ୍ନ ଉଠୁଛି।

# ବଳମ ପଞ୍ଚାୟତକୁ ମିଳିଲା ଜାତୀୟ ପୁରସ୍କାର


ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଉଛି।

**ନାକଟିଦେଉଳ,୨୪।୪ (ଡ଼ି.ଏନ.ଏ.):** ଜାତୀୟ ପଞ୍ଚାୟତିରାଜ ଦିବସ ଅବସରରେ ରବିବାର ନାକଟିଦେଉଳ ବ୍ଲକ ବଳମ ଗ୍ରାମ ପଞ୍ଚାୟତକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଦୀନଦୟାଲ ଉପାଧ୍ୟାୟ ପଞ୍ଚାୟତ ସଶକ୍ତୀକରଣ ଜାତୀୟ ପୁରସ୍କାର ପ୍ରଦାନ କରାଯାଇଛି। ପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହରେ ସରପଞ୍ଚ ଅନୁପମା ଗଡ଼ନାୟକଙ୍କ ସଭାପତିତ୍ୱରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅବସରପ୍ରାପ୍ତ ଚିଫ୍ ଇଞ୍ଜିନିୟର ସତ୍ୟନାରାୟଣ ଧଳ ମୁଖ୍ୟଅତିଥି ଭାବେ ଯୋଗଦେଇ ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏଥିସହିତ କେନ୍ଦ୍ର ସରକାର ଏହି ପଞ୍ଚାୟତକୁ ୫ଲକ୍ଷ ଟଙ୍କା ପୁରସ୍କାର ରାଶି ପ୍ରଦାନ କରିଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ନାକଟିଦେଉଳ ବ୍ଲକ ଅଧ୍ୟକ୍ଷା ସ୍ୱରୁପାରାଣୀ ସାହୁ, ବିଡିଓ ବିବେକାନନ୍ଦ ସାହୁ ଓ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଅଶୋକ କୁମାର ଟାଲି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ପୁରସ୍କାର ପାଇବାକୁ ସମଗ୍ର ରାଜ୍ୟରୁ ୧୪ ପଞ୍ଚାୟତ ଯୋଗ୍ୟ ବିବେଚିତ ହୋଇଛନ୍ତି। ବିଗତ ବର୍ଷର ବିଭିନ୍ନ କାର୍ଯ୍ୟକୁ ସମୀକ୍ଷା କରାଯାଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ପିଇଓ ଗଜେନ୍ଦ୍ର ବାଘ ଓ ଗ୍ରାମରୋଜଗାର ସେବକ ମନୋଜ କୁମାର ପାତ୍ର ପରିଚାଳନା କରିଥିଲେ।

# ବସ୍ ଧକ୍କାରେ କାର୍ ଚୂରମାର

**ବରଗଡ଼ ଅଫିସ୍,୨୪।୪**

## ଜଣେ ମୃତ, ୩ ଆହତ

ବରଗଡ଼ ସହର ଉପକଣ୍ଠ ହଳଦୀପାଲି ଛକରେ ରବିବାର ଭୋର୍ ସାଢ଼େ ୪ଟାରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ଏକ ଯାତ୍ରୀବାହୀ ବସ୍ ଏବଂ କାର୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ କାର୍‌ର ସମ୍ମୁଖ ଭାଗ ଚୂରମାର ହୋଇଛି। ବସ୍‌ର ସମ୍ମୁଖ ଭାଗ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ଏଥିରେ ଜଣେ କାର୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ବରଗଡ଼ ପୌର ପରିଷଦ ଅନ୍ତର୍ଗତ ୱାର୍ଡ଼ ନଂ.୧୩ର ଭକ୍ତ ଗୁର୍ଲା (୨୮) ବୋଲି ସୂଚନା ମିଳିଛି। ସେହିପରି ଅନ୍ୟ ୩ କାର୍ ଆରୋହୀ ବରଗଡ଼ ପୌର ପରିଷଦ ଅନ୍ତର୍ଗତ ୱାର୍ଡ଼ ନଂ. ୮ର ଲଳିତ ସୁନା(୧୮), ୱାର୍ଡ଼ ନଂ. ୭ର ନୀତିନ ଦାଶ(୩୧) ଏବଂ ଶୁଭମ ସାହୁ(୨୫) ଆହତ ହୋଇଛନ୍ତି। ନୀତିନ ଏବଂ ଶୁଭମଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ବରଗଡ଼ ଟାଉନ ଥାନା ପୋଲିସ ଦୁର୍ଘଟଣାଗ୍ରସ୍ତ ବସ୍ ଓ କାରକୁ ଜବତ କରି ତଦନ୍ତ କରୁଛି।

# ତୋଗାଡିଆଙ୍କୁ ବୌଦ୍ଧ ଜିଲା ବୁଦ୍ଧିଜୀବୀ ଫୋରମ ତରଫରୁ ସମ୍ବର୍ଦ୍ଧନା

**ବୌଦ୍ଧ,୨୪।୪(ସ୍ୱ.ପ୍ର)**

ଅନ୍ତଃ ରାଷ୍ଟ୍ରୀୟ ହିନ୍ଦୁ ପରିଷଦର ଅଧ୍ୟକ୍ଷ ଡ.ପ୍ରବୀଣ ତୋଗାଡିଆ ରବିବାର ବୌଦ୍ଧ ଜିଲା ଗସ୍ତ କରିଥିଲେ। ଅପରାହ୍ନରେ ବୌଦ୍ଧ ସହର ବ୍ରିଜଛକ ସୁବିଧା କେନ୍ଦ୍ରଠାରେ ଜିଲା ବୁଦ୍ଧିଜୀବୀ ଫୋରମ ପକ୍ଷରୁ ସ୍ୱାଗତ କରିବା ସହ ସମ୍ବର୍ଦ୍ଧିତ କରାଯାଇଥିଲା। ଡ. ତୋଗାଡିଆ ପ୍ରକାଶ କରିଥିଲେ ଯେ, ରାମ ମନ୍ଦିର ନିର୍ମାଣ ଆରମ୍ଭ ହେବା ପରେ ଦେଶରେ ହିନ୍ଦୁମାନଙ୍କର ଉତ୍ସାହ, ଉଦ୍ଦୀପନା ଦିନକୁ ଦିନ ବୃଦ୍ଧି ପାଉଛି। ମେ ୨୬ରେ ଜାତୀୟସ୍ତରରେ ଏକ ରୋଜଗାର ଯୋଜନାର ଶୁଭାରମ୍ଭ କରିବା ପାଇଁ ପ୍ରକଳ୍ପ ଶେଷ ପର୍ଯ୍ୟାୟରେ ପହଞ୍ଚିସାରିଥିବା ସୂଚନା ଦିଆଯାଇଥିଲା। ପଶ୍ଚିମ ଓଡିଶାରେ ସମ୍ବଲପୁରୀ ବସ୍ତ୍ରର ଚାହିଦା ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ରହିଥିବାରୁ ଏଥିପ୍ରତି ଗୁରୁତ୍ୱ ଦେବା ପାଇଁ ପ୍ରକାଶ କରିଥିଲେ। ଦେଶର ଏକ ହଜାର ସ୍ଥାନରେ ଏହାର ବଜାର ପାଇଁ ଦୋକାନ ମାଧ୍ୟମରେ ଏବଂ ଅନ୍ ଲାଇନ ମାଧ୍ୟମରେ ବିକ୍ରି କରାଯିବ ବୋଲି କହିଥିଲେ। ରାଜ୍ୟରେ ଗୋ ଚାଲାଣ ଏବଂ ଧର୍ମାନ୍ତୀକରଣକୁ ସମ୍ପୂର୍ଣ୍ଣ ଭାବେ ନିଷେଧ କରିବା ପାଇଁ ରାଜ୍ୟ ସରକାର ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ଏହି କାର୍ଯ୍ୟକ୍ରମରେ ପରିଷଦର ମନୋଜ ସାହୁ, ବୁଦ୍ଧିଜିବୀ ଫୋରମ ତରଫରୁ ଆବାହକ ଗୁରୁପ୍ରସାଦ ଦାଶ, କେତନ କୁମାର ଅଗ୍ରୱାଲା ପ୍ରମୁଖ ଯୋଗଦାନ କରିଥିଲେ।

# ସ୍ୱତନ୍ତ୍ର ସଂକଳ୍ପ ଗ୍ରାମ ସଭା


ମେଘପାଳ ପଞ୍ଚାୟତରେ ଅନୁଷ୍ଠିତ ସଭା।

## ମେଘପାଳ ପଞ୍ଚାୟତକୁ ବିକାଶ ଦିଗରେ ଆଗେଇନେବା ଲକ୍ଷ୍ୟ

**ସମ୍ବଲପୁର,୨୪।୪ (ବ୍ୟୁରୋ)**

ଯୁଯୁମୁରା ବ୍ଲକ ମେଘପାଳ ପଞ୍ଚୟତ ବିଭିନ୍ନ ଯୋଜନାରେ ବିକଶିତ ହୋଇଚାଲିଛି। ଏ ଦିଗରେ ବ୍ଲକ ପ୍ରଶାସନ, ଜନ ପ୍ରତିନିଧି ଓ ସାମାଜିକ କର୍ମୀଙ୍କ ଉଦ୍ୟମ ଜାରିରହିଛି। ଏହାକୁ ଆହୁରି ବିକାଶ କରିବା ଦିଗରେ ଆଗେଇନେବା ପାଇଁ ଜନସାଧାରଣ ସହଯୋଗର ହାତ ବଢ଼ାଇଛନ୍ତି। ରବିବାର ପଞ୍ଚୟତ ପକ୍ଷରୁ ଏଥିପାଇଁ ସ୍ୱତନ୍ତ୍ର ସଂକଳ୍ପ ଗ୍ରାମସଭା ଅନୁଷ୍ଠିତ ହୋଇଥିଲା।

ଭବିଷ୍ୟତ ଗଠନ ପାଇଁ ଦୀର୍ଘକାଳୀନ ସେବା ଓ ବିକାଶ ସହିତ ଆର୍ଥିକ, ସାମାଜିକ ଓ ପରିବେଶ ସୁରକ୍ଷାକୁ ଆଖିଆଗରେ ରଖି ଜାତୀୟ ପଞ୍ଚାୟତିରାଜ ଦିବସ ଅବସରରେ ସରପଞ୍ଚ ମମତା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏହି ସଭା ହୋଇଥିଲା। ଏଥିରେ ଜନପ୍ରତିନିଧି, କର୍ମଚାରୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ଦାରିଦ୍ର୍ୟମୁକ୍ତ ପଞ୍ଚାୟତ ଗଠନ, ସମସ୍ତଙ୍କ ପାଇଁ ସୁସ୍ଥ ଓ ନିରାମୟ ଜୀବନ ଧାରଣ, ଜନ ସୁରକ୍ଷାରେ ଉନ୍ନତି, ସହଜଲବ୍ଧ ସାଧାରଣ ସେବା, ବାସଗୃହ ଓ ଆତ୍ମନିର୍ଭରଶୀଳ ଭିତ୍ତିଭୂମି ପ୍ରତିଷ୍ଠା କରିବାକୁ ସହମତି ପ୍ରକାଶ ପାଇଥିଲା। ପଞ୍ଚାୟତ ସୁଶାସନରେ ସମସ୍ତଙ୍କୁ ସମାନ ସୁବିଧା ସୁଯୋଗ, ବିଭିନ୍ନ ଯୋଜନାରେ ଉତ୍ତରଦାୟୀ ସେବା ପ୍ରଦାନ କରିବାକୁ ସୁନିଶ୍ଚିତ କରିବା, ଲିଙ୍ଗଗତ ସମାନତା, ମହିଳା ଓ ବାଳିକା ସଶକ୍ତୀକରଣକୁ ସୁନିଶ୍ଚିତ କରିବା ଭଳି ୯ଟି ବିଷୟରେ ସଂକଳ୍ପ ଗ୍ରହଣ କରାଯାଇଥିଲା। ଏହାସହ ପଞ୍ଚାୟତର ସବୁ ଗ୍ରାମ ଓ ପଡାରେ ପାଇପ୍ ଜଳ ବ୍ୟବହାର, ଜଳ ପରିଚାଳନା, କୃଷି କ୍ଷେତ୍ର ପାଇଁ ଜଳର ସଦୁପଯୋଗ, ଖୋଲା ସ୍ଥାନରେ ମଳତ୍ୟାଗ ନ କରି ପାଇଖାନା ବ୍ୟବହାର, କଠିନ ଓ ତରଳ ବର୍ଜ୍ୟବସ୍ତୁ ପରିଚାଳନା କରି ମେଘପାଳକୁ ଅଗ୍ରଣୀ ପଞ୍ଚାୟତରେ ରୂପାନ୍ତରିତ କରିବାକୁ ସମସ୍ତେ ସଂକଳ୍ପ ଗ୍ରହଣ କରିଥିଲେ। ପ୍ରାରମ୍ଭରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ କରୁଣାକର ବାରିକ ଗ୍ରାମସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଆବଶ୍ୟକ ସ୍ଥଳେ ବିଧାୟକ ଓ ପ୍ରଶାସନିକ କଳର ସହଯୋଗ ନେବାକୁ ମତପ୍ରକାଶ ପାଇଥିଲା।

# ମଦମୁକ୍ତି ବାହିନୀର ପ୍ରଭାତଫେରି କାର୍ଯ୍ୟକ୍ରମ

**ବାଉଁଶୁଣୀ,୨୪।୪ (ଡି.ଏନ୍.ଏ.)**

ମଦମୁକ୍ତି ଯୁବ ବାହିନୀ, ଓଡ଼ିଶା ତରଫରୁ ରବିବାର ବୌଦ୍ଧ ବ୍ଲକ ବାଉଁଶୁଣୀ ଠାରେ 'ପ୍ରଭାତଫେରୀ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରକାରଙ୍କ ମଦ ପ୍ରସାର ନୀତିକୁ ବିରୋଧ କରି ତଥା ଓଡ଼ିଶାରୁ ସମ୍ପୂର୍ଣ୍ଣ ମଦକୁ ବନ୍ଦ କରିବା ପାଇଁ ଲଭ ଅର୍ଗାନାଇଜେଶନ ରିସର୍ଚ୍ଚ ସେଣ୍ଟର, ବାଉଁଶୁଣୀର ସମ୍ପାଦକ ଗୋପାଳ କ୍ରିଷ୍ଣା ଥପାଙ୍କ ନେତୃତ୍ୱରେ ମଦମୁକ୍ତି ଯୁବ ବାହିନୀ ଓଡ଼ିଶା ତରଫରୁ ବୌଦ୍ଧ ବ୍ଲକ ଅନ୍ତର୍ଗତ ବାଉଁସୁନି ଛକ ଏବଂ ଡିମିରିପାଲି ଗ୍ରାମଠାରେ 'ପ୍ରଭାତଫେରି' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଯୁବ ବାହିନୀର ପ୍ରମୁଖ କାର୍ଯ୍ୟକର୍ତ୍ତା ଉମେଶ ନାୟକ, ସୋମନାଥ ସିଂ, ପ୍ରଶାନ୍ତ କର୍ଣ୍ଣ ତଥା ଅନ୍ୟାନ୍ୟ କ୍ରାନ୍ତିକାରୀ ସାଥୀମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ବାଉଁଶୁଣୀ ସ୍ଥିତ ହନୁମାନ ମନ୍ଦିରଠାରୁ ଆରମ୍ଭ ହୋଇ ଛକ ସହ ଡିମିରିପାଲି ଗ୍ରାମରେ 'ପ୍ରଭାତଫେରି' ଶେଷ ହୋଇଥିଲା। ପରେ ଯୁବ ବାହିନୀର ଚିନ୍ତାଧାରା, ଆର୍ଦର୍ଶ ଏବଂ ବାହିନୀକୁ ସୁଦୃଢ କରିବା ପାଇଁ ଯୋଜନା ପ୍ରସ୍ତୁତ କରାଯାଇଥିଲା।


'ପ୍ରଭାତଫେରି କାର୍ଯ୍ୟକ୍ରମରେ ସାମିଲ ମଦମୁକ୍ତି ବାହିନୀ ସଦସ୍ୟ।

# ନ୍ୟାଶନାଲ ଆର୍ଟ ଏବଂ କ୍ରାଫ୍ଟ ମେଳା ଉଦ୍‌ଘାଟିତ

**ସମ୍ବଲପୁର,୨୪।୪(ବ୍ୟୁରୋ)**

ନ୍ୟାଶନାଲ ଆର୍ଟ ଏବଂ କ୍ରାଫ୍ଟ କଟନ୍ ସିଲ୍କ ଏକ୍ସପୋ-୨୦୨୨ (ପ୍ରଦର୍ଶନୀ ଓ ମେଳା) ସମ୍ବଲପୁର ଅଇଁଠାପାଲିସ୍ଥିତ ପିଏଚ୍‌ଡି ପଡିଆଠାରେ ଉଦ୍‌ଘାଟିତ ହୋଇଯାଇଛି । ଏହି ସ୍ୱତନ୍ତ୍ର ମେଳାରେ ୧ଲକ୍ଷରୁ ଅଧିକ ସାମଗ୍ରୀ ପ୍ରଦର୍ଶନୀ ଓ ବିକ୍ରି ସକାଶେ ଉପଲବ୍ଧ ରହିଛି। ଜାତୀୟ କଳା ଓ ହସ୍ତଶିଳ୍ପ ରେସମୀ ସୂତାର ସାମଗ୍ରୀ ଗ୍ରାହକଙ୍କୁ ଆକର୍ଷିତ କରୁଛି। ଆୟୋଜକ ଖବରଦାତାଙ୍କୁ ସୂଚିତ କରିଛନ୍ତି ଯେ, ଚଳିତବର୍ଷ ଉତ୍ତରପ୍ରଦେଶ, ରାଜସ୍ଥାନ, ମଧ୍ୟପ୍ରଦେଶ, ଗୁଜରାଟ, ଜମ୍ମୁ ଓ କଶ୍ମୀର, ହରିୟାଣା, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, ତାମିଲନାଡୁ, ନାଗାଲାଣ୍ଡ, କେରଳ, ଆସାମ, ଓଡ଼ିଶା, ଦିଲ୍ଲୀ ମହାରାଷ୍ଟ୍ର ଓ ଛତିଶଗଡ ଅଞ୍ଚଳରୁ କାରିଗରମାନେ ବିଭିନ୍ନ ପ୍ରକାର ଉତ୍ପାଦ ନେଇ ଆସିଛନ୍ତି । ପ୍ରଥମ ଦିନରୁ ହିଁ ଗ୍ରାହକମାନଙ୍କ ଭଲ ପ୍ରତିକ୍ରିୟା ଦେଖିବାକୁ ମିଳିଛି। ବିଭିନ୍ନ ସାମଗ୍ରୀ ମଧ୍ୟରେ ହସ୍ତତନ୍ତ ଶାଢ଼ୀ, ସାଲ, କଶ୍ମିରୀ ଶାଢ଼ୀ, ଜୟପୁର ବେଡ୍‌ସିଟ୍, ପାନିପାଟ ବେଡ୍‌ସିଟ୍, ସୁଟ୍, କୁର୍ତ୍ତା, ବନାରସୀ ସାଲ ଓ ଶାଢ଼ୀ, ଖଦୀ ଶାର୍ଟ, କୁର୍ତ୍ତା, କୋଲକାତା ଟପ ଓ ଜିନ୍ସ, ଜୋତା ଚପଲ, ବମ୍ବେ ସିଲ୍କ, ହାଇଦ୍ରାବାଦୀ ପର୍ସ ଓ ଅଳଙ୍କାର, ବମ୍ବେ ଫ୍ୟାନ୍ସି ଟପ, ଭାଗଲପୁରୀ ଶାଢ଼ୀ ଓ ପୋଷାକ, କାନପୁର ଚମଡା ବ୍ୟାଗ, ପର୍ସ, ମହିସୁର ଅଗରବତୀ, ଆୟୁର୍ବେଦିକ ତେଲ, ବେବି ସୁଟ୍, ଟେବୁଲ ମ୍ୟାଟ, ଡୋର ମ୍ୟାଟ, ହରିୟାଣାର ହ୍ୟାଣ୍ଡଲୁମ, ଟି-ଶାର୍ଟ, ଶାହାରାନପୁର ଆସବାବପତ୍ର, କୋଲକାତାର ଟେରାକୋଟା, କର୍ନାଟକ ଚନ୍ଦନ କାଠ ଖେଳଣା, ରାଜସ୍ଥାନୀ ଚପଲ, ଫିରୋଜାବାଦ କାଚ ଚୁଡି ସମେତ କାରୁକାର୍ଯ୍ୟ ପୂର୍ଣ୍ଣ କାଠ ସାମଗ୍ରୀ ମେଳାରେ ମହଜୁଦ ରହିଛି। ଏହି ମେଳା ପ୍ରତ୍ୟହ ସକାଳ ୧୦ଟାରୁ ରାତ୍ରି ୧୦ଟା ପର୍ଯ୍ୟନ୍ତ ଖୋଲା ରହୁଛି। ଗ୍ରାହକଙ୍କ ସକାଶେ ପାର୍କିଂ, ଆଲୋକ, ପିଇବା ପାଣି ବ୍ୟବସ୍ଥା କରାଯାଇଛି।


ଅଇଁଠାପାଲି ପିଏଚ୍‌ଡି ପଡିଆଠାରେ ଖୋଲିଥିବା ଆର୍ଟ ଏବଂ କ୍ରାଫ୍ଟ କଟନ ସିଲ୍କ ଏକ୍ସପୋ।

**ହିଜାବ ପରେ ବାଇବେଲ୍ ବିବାଦ**

କର୍ଣ୍ଣାଟକରେ ହିଜାବ ପରେ ଏବେ ବାଇବେଲ ବିବାଦ ମୁଣ୍ଡ ଟେକିଛି। ବେଙ୍ଗାଲୁରୁ ସ୍ଥିତ କ୍ଲାରେନ୍ସ ହାଇସ୍କୁଲ ପିଲାମାନଙ୍କ ଅଭିଭାବକଙ୍କଠାରୁ ବିଦ୍ୟାଳୟକୁ ଖ୍ରୀଷ୍ଟିଆନ ସମ୍ପ୍ରଦାୟର ବାଇବେଲ ପୁସ୍ତକ ସାଙ୍ଗରେ ଆଣିବାକୁ ବିରୋଧ କରିବେ ନାହିଁ ବୋଲି ଅଣ୍ଡରଟେକିଂ ନେଇଥିବା ଜଣାପଡ଼ିଛି। ଏହା କର୍ଣ୍ଣାଟକ ଶିକ୍ଷା ଆଇନର ଉଲ୍ଲଂଘନ ବୋଲି ଦକ୍ଷିଣପନ୍ଥୀ ଗୋଷ୍ଠୀ ଅଭିଯୋଗ ଆଣିଛନ୍ତି।



## ସଂକ୍ଷେପରେ

### ଦୈନିକ ଡିଜିଟାଲ ନେଣଦେଣ ୨୦ ହଜାର କୋଟି ଛୁଇଁଛି



**ନୂଆଦିଲ୍ଲୀ, ୨୪।୪:** ଦେଶରେ ଦୈନିକ ଡିଜିଟାଲ ନେଣଦେଣ ୨୦ ହଜାର କୋଟି ଛୁଇଁଛି। ମାର୍ଚ୍ଚରେ ୟୁପିଆଇ (ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ୍) ଟ୍ରାଞ୍ଜାକଶନ ୧୦ ଲକ୍ଷ କୋଟିରେ ପହଞ୍ଚିଛି। ଏହା କେବଳ ଲୋକଙ୍କୁ ସୁବିଧା ପ୍ରଦାନ କରିନି ବରଂ ସଚ୍ଚୋଟତାର ପରିବେଶକୁ ପ୍ରୋତ୍ସାହିତ କରିଛି ବୋଲି ରବିବାର 'ମନ୍ କୀ ବାତ୍'ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ଛୋଟ ଅନ୍‌ଲାଇନ ପେମେଣ୍ଟ ବଡ଼ ଡିଜିଟାଲ ଅର୍ଥନୀତି ଗଢ଼ିବାରେ ସହାୟ ହେଉଛି। ଏହାଦ୍ୱାରା ଅନେକ ଫିନ୍‌ଟେକ୍ ଷ୍ଟାର୍ଟଅପ୍ ଗଠନ ହେଉଛି। ଡିଜିଟାଲ ପେମେଣ୍ଟସ୍ ଏବଂ ଷ୍ଟାର୍ଟଅପ୍ ଇକୋସିଷ୍ଟମ ସହ ସମ୍ପୃକ୍ତ ଅଭିଜ୍ଞତାଧାରୀମାନେ ଅନ୍ୟମାନଙ୍କୁ ମଧ ଜ୍ଞାନ ବାଣ୍ଟିବା ଆବଶ୍ୟକ ବୋଲି ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ମୋଦି 'ପ୍ରଧାନମନ୍ତ୍ରୀ ସଂଗ୍ରହାଳୟ' କଥା କହିଥିଲେ। ଦେଶ ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ କରୁଥିବାବେଳେ ସମସ୍ତ ପ୍ରଧାନମନ୍ତ୍ରୀଙ୍କ ଅବଦାନ ମନେ ପକାଇବା ଉଦ୍ଦେଶ୍ୟରେ ଏହି ମ୍ୟୁଜିୟମ ନିର୍ମାଣ କରାଯାଇଛି। ଦେଶବାସୀ ସେଠାକୁ ଯାଇ ନିଜ ଅନୁଭୂତିକୁ ହାଶ୍ ଟ୍ୟାଗ୍ ମ୍ୟୁଜିୟମ ମେମୋରିଜ୍ ମାଧମରେ ଶେୟାର କରିବାକୁ ମୋଦି ନିବେଦନ କରିଛନ୍ତି।

### ଚାଇନା ନାଗରିକଙ୍କ ପର୍ଯ୍ୟଟକ ଭିଜା ସ୍ଥଗିତ ରଖିଲା ଭାରତ

**ନୂଆଦିଲ୍ଲୀ, ୨୪।୪ :** ଭାରତ ସରକାର ଚାଇନା ନାଗରିକଙ୍କୁ ଦେଇଥିବା ଟୁରିଷ୍ଟ ଭିଜାଗୁଡ଼ିକୁ ସ୍ଥଗିତ ରଖିଛନ୍ତି। ଏ ସମ୍ପର୍କରେ ଅନ୍ତର୍ଜାତୀୟ ବିମାନ ପରିବହନ ସଂଘ (ଆଇଏଟିଏ) ଏହାର ସଦସ୍ୟ ଏୟାରଲାଇନ୍ସଗୁଡ଼ିକୁ ଜଣାଇଦେଇଛି। ଚାଇନାର ବିଭିନ୍ନ ବିଶ୍ୱବିଦ୍ୟାଳୟରେ ନାମ ଲେଖାଇଥିବା ୨୨ ହଜାର ଛାତ୍ରୀଛାତ୍ର କୋଭିଡ୍ କଟକଣା ଯୋଗୁ ସେଠାକୁ ପଢ଼ିବା ପାଇଁ ଯାଇପାରୁ ନାହାନ୍ତି। ୨୦୨୦ରେ ମହାମାରୀ ଆରମ୍ଭ ହେବାରୁ ସେମାନେ ପାଠପଢ଼ା ଛାଡ଼ି ଭାରତ ଚାଲିଆସିଥିଲେ। ଏ ସମ୍ପର୍କରେ ନୂଆଦିଲ୍ଲୀ ବାରମ୍ବାର ଜଣାଇବା ସତ୍ତ୍ୱେ ବେଜିଂ କର୍ତ୍ତୃପକ୍ଷ ସେମାନଙ୍କୁ ପ୍ରବେଶ ଅନୁମତି ଦେଉନାହିଁ। ଫଳରେ ଯେସାକୁ ତେସା ନୀତିରେ ଭାରତ ସରକାର ଭିଜା ସସ୍‌ପେଣ୍ଡ ନିଷ୍ପତ୍ତି ନେଇଛନ୍ତି। ଚାଇନା ନାଗରିକଙ୍କୁ ଭାରତ ଇସ୍ୟୁ କରିଥିବା ପର୍ଯ୍ୟଟକ ଭିଜା ଆଉ ବୈଧ ନୁହେଁ ବୋଲି ଗତ ୨୦ ତାରିଖରେ ଆଇଏଟିଏ ସର୍କ୍ୟୁଲାର ଜାରି କରିଥିଲା।

### ୨୭ରେ ମୁଖ୍ୟମନ୍ତ୍ରୀମାନଙ୍କ ସହ ମୋଦିଙ୍କ ବୈଠକ

**ନୂଆଦିଲ୍ଲୀ, ୨୪।୪ :** ଦେଶରେ କୋଭିଡ୍ ସଂକ୍ରମଣ ଗତ କିଛିଦିନ ହେଲା ବଢ଼ିଚାଲିଛି। ସ୍ଥିତିର ମୁକାବିଲା ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ବୁଧବାର ମୁଖ୍ୟମନ୍ତ୍ରୀମାନଙ୍କ ସହ ଭିଡିଓ କନ୍‌ଫରେନ୍ସ ଜରିଆରେ ଆଲୋଚନା କରିବେ। କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ବୈଠକରେ ସଂକ୍ରମଣ ସ୍ଥିତି ସମ୍ପର୍କରେ ରିପୋର୍ଟ ଉପସ୍ଥାପନ କରିବେ। ଦୈନିକ ସଂକ୍ରମଣ କ୍ରମାଗତ ୬ ଦିନ ହେଲା ୨ ହଜାର ଉପରେ ରହିଛି। ସକ୍ରିୟ ମାମଲା ସଂଖ୍ୟା ୧୫ ହଜାର ଅତିକ୍ରମ କଲାଣି। ଓମିକ୍ରନ୍ ଭାରିଆଣ୍ଟ ଜନିତ ସଂକ୍ରମଣ ଦ୍ରୁତ ବୃଦ୍ଧି ପାଉଥିବାବେଳେ ଗତ ଜାନୁୟାରୀ ୧୩ରେ ମୋଦି ଭିଡିଓ କନ୍‌ଫରେନ୍ସ ଜରିଆରେ ମୁଖ୍ୟମନ୍ତ୍ରୀମାନଙ୍କ ସହ କଥା ହୋଇଥିଲେ। ସେତେବେଳେ ଦୈନିକ ସଂକ୍ରମଣ ସର୍ବାଧିକ ୨,୪୭,୪୧୭ରେ ପହଞ୍ଚିଥିଲା।

# ରୁଷିଆ ଅର୍ଥନୀତି ବିପର୍ଯ୍ୟସ୍ତ

## ୨ ମାସର ସଂଘର୍ଷ



ଭ୍ଲାଡିମିର ପୁଟିନ୍

**ଫେବୃୟାରୀ ୨୪ ତାରିଖ ସକାଳେ ୟୁକ୍ରେନ୍ ଉପରେ 'ସ୍ୱତନ୍ତ୍ର ସାମରିକ ଅଭିଯାନ' ଚଳାଇବା ନେଇ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଘୋଷଣା କରିଥିଲେ। ଏହି ଆକ୍ରମଣକୁ ରବିବାର ଦୁଇ ମାସ ପୂରିଛି। ନାଟୋ ସାମରିକ ମେଣ୍ଟରୁ ୟୁକ୍ରେନ୍‌କୁ ଦୂରେଇ ରଖିବାକୁ ଯାଇ ରୁଷିଆ ସେଠାରେ ଯୁଦ୍ଧର ରାସ୍ତା ବାଛିଥିବାବେଳେ ଏ ପର୍ଯ୍ୟନ୍ତ ଲକ୍ଷ୍ୟ ହାସଲ କରିପାରିନି। ଆମେରିକା ଓ ପାଶ୍ଚାତ୍ୟର କଟକଣାରେ ରୁଷିଆର ଅର୍ଥନୀତି ବିପର୍ଯ୍ୟସ୍ତ ହୋଇଛି। ଶକ୍ତିଶାଳୀ ରୁଷିଆ ସହ ଲଢ଼େଇରେ ମାତ୍ର କେଇଦିନ ୟୁକ୍ରେନ୍ ଛିଡ଼ା ହୋଇପାରିବ ବୋଲି ଅନେକେ ଚିନ୍ତା କରୁଥିବାବେଳେ ଏହି ପୂର୍ବ ୟୁରୋପୀୟ ରାଷ୍ଟ୍ର କିନ୍ତୁ ଅଭୂତପୂର୍ବ ସାହସ ଦେଖାଇ ମସ୍କୋକୁ ଏତେ ଦିନ ରୋକିବାରେ ସମର୍ଥ ହୋଇଛି। ହେଲେ ସଂଘର୍ଷରେ ଯାଇଛି ହଜାର ହଜାର ନୀରିହ ଜୀବନ। ପ୍ରାୟ ୧ କୋଟି ୧୦ ଲକ୍ଷ ଲୋକ ସେମାନଙ୍କ ଘର ଛାଡ଼ିଛନ୍ତି। ରାଜଧାନୀ କିଭ୍‌କୁ କବ୍‌ଜା କରିବାରେ ବିଫଳ ହେବା ପରେ ରୁଷିଆ ଏବେ ପୂର୍ବ ଓ ଦକ୍ଷିଣ ୟୁକ୍ରେନ୍‌ରେ ଧ୍ୱଂସଲୀଳା ଜାରି ରଖିଛି।**



ଭୋଲୋଡିମିର ଜେଲେନ୍‌ସ୍କି

**ମସ୍କୋ, ୨୪।୪**

ଦୁଇ ମାସ ହେଲା ୟୁକ୍ରେନ୍ ଉପରେ ଆକ୍ରମଣ ଜାରି ରଖିଥିବା ରୁଷିଆ ପାଶ୍ଚାତ୍ୟ କଟକଣା ଯୋଗୁ ବ୍ୟାପକ ଆର୍ଥିକ କ୍ଷତିର ସମ୍ମୁଖୀନ ହୋଇଛି। ଏହାକୁ କାଉଣ୍ଟର କରିବାକୁ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଅଶୋଧିତ ତୈଳ ଏବଂ ଗ୍ୟାସ୍‌କୁ ଅସ୍ତ୍ର କରିଥିଲେ ହେଁ ଧୀରେ ଧୀରେ କଟକଣାର ପ୍ରଭାବ ରୁଷିଆରେ ଅନୁଭୂତ ହେବାରେ ଲାଗିଛି। ସ୍ୱିଫ୍ଟରୁ ବ୍ୟାନ୍ କରି ମସ୍କୋକୁ ପ୍ରମୁଖ କାରବାରରୁ ବଞ୍ଚିତ କରିବା ସହ ଏହାର ବିଦେଶୀ ମୁଦ୍ରାକୁ ଅକାମୀ କରିବାକୁ ଆମେରିକା ସମେତ ପାଶ୍ଚାତ୍ୟ ଦେଶ କଠୋର ପଦକ୍ଷେପ ନେଇଛନ୍ତି। ପ୍ରମୁଖ ବୈଶ୍ୱିକ କମ୍ପାନୀଗୁଡ଼ିକ ରୁଷିଆରେ ସେବା ବନ୍ଦ କରିଛନ୍ତି। ଆମଦାନୀ ବ୍ୟାହତ ଯୋଗୁ ରୁଷିଆରେ ଅନେକ ଜରୁରୀ ସାମଗ୍ରୀର ଅଭାବ ଦେଖାଯାଇଛି। ଦେଶର ଅର୍ଥନୀତି ବଞ୍ଚାଇବାକୁ ପୁଟିନ୍ ସୁଧହାର ବଢ଼ାଇବା ସହ ପୁଞ୍ଜି ନିୟନ୍ତ୍ରଣ ବ୍ୟବସ୍ଥା କରି ରୁଷୀୟ ବ୍ୟବସାୟୀ ସେମାନଙ୍କ ଲାଭକୁ ରୁବଲ(ରୁଷୀୟ ମୁଦ୍ରା)ରେ ପରିଣତ କରିବାକୁ ବାଧ କରାଇଛନ୍ତି। ଏଥିଯୋଗୁ ପ୍ରାରମ୍ଭିକ ସମୟରେ ରୁବଲର ମୂଲ୍ୟ ହ୍ରାସ ପାଇଥିଲେ ହେଁ ପରେ ଏଥିରେ ବୃଦ୍ଧି ଘଟିଛି। ଦୁଇ ଦଶନ୍ଧିରେ ରୁଷିଆରେ ମୁଦ୍ରାସ୍ଫୀତି ରେକର୍ଡ ସ୍ତରରେ ପହଞ୍ଚିଛି। ପିଇବା ପାଣି ମୂଲ୍ୟରେ ୩୫% ବୃଦ୍ଧି ଘଟିଥିବାବେଳେ ୧ କିଲୋଗ୍ରାମ ଚିନି ଦର ୭୭ ପ୍ରତିଶତ ବଢ଼ିଛି। ସେହିପରି ପନିପରିବା ମୂଲ୍ୟ ୩୦ରୁ ୫୦% ବଢ଼ିଛି। ଗତ ମାସରେ ମୁଦ୍ରାସ୍ଫୀତି ୧୭.୩% ରହିଥିବା ଦେଶର ଇକୋନୋମିକ୍ ଷ୍ଟାଟିଷ୍ଟିକ୍ସ ଏଜେନ୍ସି ରୋଷ୍ଟାଷ୍ଟ ପକ୍ଷରୁ କୁହାଯାଇଛି। କଞ୍ଚାମାଲ ଅଭାବରୁ ଅନେକ ରୁଷୀୟ କମ୍ପାନୀ ବନ୍ଦ ପଡ଼ିଛି। ଏକ ଟ୍ୟାଙ୍କ ନିର୍ମାଣକାରୀ କମ୍ପାନୀ ପାର୍ଟସ ଅଭାବରୁ ଉତ୍ପାଦନ ବନ୍ଦ ରଖିଛି। ୩ ଶହରୁ ଉର୍ଦ୍ଧ୍ୱ ବିଦେଶୀ କମ୍ପାନୀଗୁଡ଼ିକ ରୁଷିଆରେ ଆଉଟଲେଟ୍ ବନ୍ଦ କରିଛନ୍ତି। ଫଳରେ କେବଳ ମସ୍କୋରେ ବେକାରି ସଂଖ୍ୟା ୨ ଲକ୍ଷ ବଢ଼ିଥିବା ଏହାର ମେୟର କହିଛନ୍ତି। ସେହିପରି ୟୁପିଏସ୍, ଡିଏଚ୍‌ଏଲ୍ ସହ ଅନ୍ୟ ଟ୍ରାନ୍ସପୋର୍ଟେଶନ ଫାର୍ମ ରୁଷିଆ ଛାଡ଼ିବା ଦ୍ୱାରା ଅନ୍ତର୍ଜାତୀୟ ଯୋଗାଣ ଶୃଙ୍ଖଳ ବ୍ୟାହତ ହୋଇଛି।

ଏହାବାଦ୍ ୟୁକ୍ରେନ୍ ସହ ଯୁଦ୍ଧରେ ରୁଷିଆର ପ୍ରଭୂତ ସାମରିକ କ୍ଷତି ଘଟିଛି। ମସ୍କୋର ପ୍ରାୟ ୨୨ ହଜାର ସୈନ୍ୟ ନିହତ ହୋଇଥିବା ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଦାବି କରିଛନ୍ତି। ଏପ୍ରିଲ ୧୪ରେ ୟୁକ୍ରେନ୍‌ର ନେପ୍‌ଚ୍ୟୁନ୍ ମିଶାଇଲ ମାଡ଼ରେ ରୁଷିଆର ବୃହତ୍ ଯୁଦ୍ଧଜାହାଜ ମସ୍କୋଭା କୃଷ୍ଣସାଗରରେ ବୁଡ଼ିବା ମସ୍କୋ ପାଇଁ ବିରାଟ ବଡ଼ କ୍ଷତି। ଏଥିସହ ୟୁକ୍ରେନ୍‌ରେ ରୁଷିଆ ଏ ପର୍ଯ୍ୟନ୍ତ ପ୍ରାୟ ୧୭୬ ଯୁଦ୍ଧବିମାନ, ୧୫୩ ହେଲିକପ୍ଟର, ୨,୧୬୨ ଯୁଦ୍ଧାସ୍ତ୍ର ପରିବହନକାରୀ ଯାନ, ୩୯୭ ଆର୍ଟିଲାରୀ ସିଷ୍ଟମ, ୬୯ ଆଣ୍ଟାଇ-ଏୟାରକ୍ରାଫ୍ଟ ୱାରଫେୟାର ସିଷ୍ଟମ ହରାଇସାରିଥିବା କୁହାଯାଇଛି।



ରୁଷିଆ ଆକ୍ରମଣରେ ମାରିଉପୋଲରେ ଥିବା ଏକ ବିଲ୍ଡିଂ ନଷ୍ଟ ହୋଇଯାଇଛି।

## ୟୁକ୍ରେନୀୟ ସହର ବିଧ୍ୱସ୍ତ

ରୁଷିଆ ଆକ୍ରମଣକୁ ଦୃଢ଼ତାର ସହ ସାମ୍ନା କରୁଥିଲେ ହେଁ ୟୁକ୍ରେନ୍‌ର ଅନେକ ସହର ଧ୍ୱଂସସ୍ତୂପ ପାଲଟିଛି। ରାଜଧାନୀ କିଭ୍ ସମେତ ଅନେକ ସହରର ପ୍ରମୁଖ ପ୍ରତିଷ୍ଠାନ, ହସ୍ପିଟାଲ, ଶିକ୍ଷାନୁଷ୍ଠାନ ନଷ୍ଟ ହୋଇଯାଇଛି। ରୁଷିଆ ଟାର୍ଗେଟରେ ହଜାର ହଜାର ୟୁକ୍ରେନୀୟ ପ୍ରାଣ ହରାଇଛନ୍ତି। ୟୁକ୍ରେନ୍ ପକ୍ଷରୁ ଦିଆଯାଇଥିବା ତଥ୍ୟ ଅନୁସାରେ ରୁଷୀୟ ସୈନ୍ୟଙ୍କ ଆକ୍ରମଣରେ ପ୍ରାୟ ୨୪ ହଜାରରୁ ଉର୍ଦ୍ଧ୍ୱ ସାଧାରଣ ନାଗରିକଙ୍କ ଜୀବନ ଯାଇଛି। ସେମାନଙ୍କ ମଧ୍ୟରେ ୨ ଶହରୁ ଅଧିକ ଶିଶୁ ରହିଛନ୍ତି। ମାର୍ଚ୍ଚ ୨୫ ପରେ କିଭ୍‌ରୁ ରୁଷୀୟ ସୈନ୍ୟ ଫେରିବା ଦିନଠାରୁ ବହୁସଂଖ୍ୟାରେ ଲୋକଙ୍କ ମୃତଦେହ ଠାବ କରାଯାଇଛି। ବୁଚା ସହର ରାସ୍ତାରୁ ଶହ ଶହ ମୃତଦେହ ମିଳିବା ସାରା ବିଶ୍ୱରେ ଉଦ୍‌ବେଗ ପ୍ରକାଶ ପାଇଥିବାବେଳେ ଅନ୍ୟ ସ୍ଥାନରୁ ମଧ ଲୋକଙ୍କ କବର ମିଳୁଛି। ଏବେ ୟୁକେନ୍‌ର ପୂର୍ବ ଓ ଦକ୍ଷିଣ ଭାଗରେ ରୁଷିଆ ଏହାର ଆକ୍ରମଣ ଜୋରଦାର କରିଛି। ଗତ ୨୧ ତାରିଖରେ ପୂର୍ବ ୟୁକ୍ରେନ୍‌ର ମାରିଉପୋଲ ସହର ସମ୍ପୂର୍ଣ୍ଣ ଭାବେ ରୁଷିଆ ନିୟନ୍ତ୍ରଣକୁ ଆସିଥିବା ପୁଟିନ୍ ଘୋଷଣା କରିଛନ୍ତି। ଏବେ ଡୋନ୍‌ବାସ୍ ସମେତ ଓଡେଶା ଉପରେ ମସ୍କୋ ପକ୍ଷରୁ ଜୋରଦାର ଆକ୍ରମଣ ଜାରି ରହିଛି। ଗତ ୪୮ ଘଣ୍ଟା ମଧ୍ୟରେ ରୁଷିଆ ୟୁକ୍ରେନ୍‌ର ୪୨ରୁ ଉର୍ଦ୍ଧ୍ୱ ଛୋଟ ବଡ଼ ସହରକୁ କବ୍‌ଜା କରିଥିବା ଦାବି କରିଛି।

## 'ୟୁକ୍ରେନ୍ ପ୍ରତି ମନୋଭାବ ବଦଳାନ୍ତୁ ଏସୀୟ ରାଷ୍ଟ୍ର'

**କିଭ୍:** ୟୁରୋପ ଭଳି ଏସୀୟ ଦେଶଗୁଡ଼ିକ ୟୁକ୍ରେନ୍ ପ୍ରତି ଥିବା ମନୋଭାବ ବଦଳାନ୍ତୁ ବୋଲି ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି କହିଛନ୍ତି। ଏକ ଖବରଦାତା ସମ୍ମିଳନୀରେ ସେ କେତେକ ନାଟୋ ସଦସ୍ୟ ରାଷ୍ଟ୍ର ପ୍ରତି ମଧ ନିରାଶା ବ୍ୟକ୍ତ କରିଛନ୍ତି। ଏହି ଦେଶଗୁଡ଼ିକ ୟୁକ୍ରେନ୍‌କୁ ଅଣଦେଖା କରିବାରୁ ନାଟୋ ତାଙ୍କ ଦେଶକୁ ମେଣ୍ଟରେ ସାମିଲ କରିପାରି ନାହିଁ, ଯାହା କି ଏକ ବଡ଼ ଭୁଲ୍ ବୋଲି ସେ କହିଛନ୍ତି। ଏସୀୟ ଦେଶଗୁଡ଼ିକ ମଧ ୟୁକ୍ରେନ୍ ପ୍ରତି ସକାରାତ୍ମକ ମନୋଭାବ ରଖନ୍ତୁ ବୋଲି ଜେଲେନ୍‌ସ୍କି ଚାହାନ୍ତି। ସୂଚନାଯୋଗ୍ୟ, ଜାତିସଂଘରେ ରୁଷିଆ ବିରୋଧୀ ପ୍ରସ୍ତାବ ଉପରେ ଭାରତ ସମେତ ଅନ୍ୟ ଏସୀୟ ରାଷ୍ଟ୍ରଗୁଡ଼ିକ ଅନେକ ଥର ଭୋଟ୍ ଦେବାରୁ ବିରତ ରହିଛନ୍ତି। ରୁଷିଆଠାରୁ ଭାରତକୁ ଦୂରେଇ ରଖିବାକୁ ଆମେରିକା ଓ ପାଶ୍ଚାତ୍ୟ ଦେଶ ଉଦ୍ୟମ ଜାରି ରଖିଥିବାବେଳେ ଜେଲେନ୍‌ସ୍କି ଏହା କହିଛନ୍ତି। ଆମେରିକା ଏବେ ଭାରତ ସହ ବାଣିଜ୍ୟ, ପ୍ରଯୁକ୍ତିବିଦ୍ୟା, ଶିକ୍ଷା କ୍ଷେତ୍ର ସମେତ ସୁରକ୍ଷା ସାମଗ୍ରୀ ଯୋଗାଣରେ ସବୁଠାରୁ ପସନ୍ଦର ଅଂଶୀଦାର ହେବାକୁ ଇଚ୍ଛୁକ ଏବଂ ସକ୍ଷମ ବୋଲି ଜେଲେନ୍‌ସ୍କି ପ୍ରକାଶ କରିଛନ୍ତି।

## ଜେଲେନ୍‌ସ୍କିଙ୍କୁ ଭେଟିବେ ବ୍ଲିଙ୍କେନ୍



ଆଣ୍ଟୋନି ବ୍ଲିଙ୍କେନ୍ , ଲଏଡ୍ ଅଷ୍ଟିନ୍

**କିଭ୍:** ରୁଷିଆ ଆକ୍ରମଣ ପରଠାରୁ ୟୁକ୍ରେନ୍‌ରେ ପ୍ରଥମ କରି ଆମେରିକାର ଦୁଇ ପ୍ରମୁଖ ଅଧିକାରୀ କିଭ୍ ଗସ୍ତରେ ବାହାରିଛନ୍ତି। ପୂର୍ବ ୟୁକ୍ରେନ୍‌ର ଓଡେସାରେ ରୁଷିଆ ଆକ୍ରମଣ ତୀବ୍ର କରିଥିବାବେଳେ ଆମେରିକା ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ୍ ଏବଂ ପ୍ରତିରକ୍ଷା ସଚିବ ଲଏଡ୍ ଅଷ୍ଟିନ୍ ରବିବାର କିଭ୍ ଅଭିମୁଖେ ଯାତ୍ରା କରିଥିବା ଜଣାପଡ଼ିଛି। ଏ ନେଇ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ସୂଚନା ଦେଇଛନ୍ତି। ଆଲୋଚନାବେଳେ ଜେଲେନ୍‌ସ୍କି ଆମେରିକାକୁ ଅଧିକ ସାମରିକ ସହାୟତା ମାଗିବା ସହ ରୁଷିଆ ବିରୋଧରେ ଅଧିକ କଟକଣା ଲଗାଇବାକୁ ଦାବି ରଖିବେ। କିଭ୍‌କୁ ଅସ୍ତ୍ର ଯୋଗାଣ ବଢ଼ିଲେ ରୁଷିଆ କବ୍‌ଜା କରିଥିବା ଅଞ୍ଚଳକୁ ୟୁକ୍ରେନ୍ ମୁକ୍ତ କରିପାରିବ ବୋଲି ଜେଲେନ୍‌ସ୍କି କହିଛନ୍ତି।

## ୮ ବର୍ଷରେ ସନ୍ନ୍ୟାସିନୀ

**ସୁରଟ, ୨୪।୪**



ଖେଳିବା ବୁଲିବା ବୟସରେ ଗୁଜରାଟ ଅହମଦାବାଦର ୮ ବର୍ଷୀୟା ଆଙ୍ଗି ବାଗ୍ରେଚ୍ ସନ୍ନ୍ୟାସିନୀ ହୋଇଛନ୍ତି। ଦ୍ୱିତୀୟ ଶ୍ରେଣୀରେ ପଢୁଥିବା ଆଙ୍ଗି ରବିବାର ସୁରଟରେ ଆୟୋଜିତ ଏକ ଉତ୍ସବରେ ସନ୍ନ୍ୟାସିନୀ ଦୀକ୍ଷା ଗ୍ରହଣ କରିଥିବା ଜଣାପଡ଼ିଛି। ଦୀକ୍ଷା ଗ୍ରହଣ କରିବାରେ ସେ ସର୍ବକନିଷ୍ଠା ବୋଲି ବିଶ୍ୱାସ କରାଯାଉଛି। କୋଭିଡ୍ ଲକ୍‌ଡାଉନବେଳେ ସ୍କୁଲ୍ ବନ୍ଦ ହୋଇଯିବାରୁ ସେ ଜୈନ ସନ୍ଥମାନଙ୍କ ସହ ରହିବା ଆରମ୍ଭ କରିଥିଲେ। ସେହି ସମୟରେ ସେ ସନ୍ଥମାନଙ୍କ ଶୃଙ୍ଖଳିତ ଜୀବନଶୈଳୀ ଦ୍ୱାରା ପ୍ରଭାବିତ ହୋଇଥିଲେ। ସେ ଦୁଇବର୍ଷ ସାଧୁସନ୍ଥଙ୍କ ସହ କଟାଇବା ପରେ ଏବେ ସନ୍ନ୍ୟାସିନୀ ଜୀବନ ବିତାଉଥିବା ତାଙ୍କ ବାପା ଦିନେଶ କହିଛନ୍ତି। ଭୌତିକ ସମ୍ପତ୍ତି ପ୍ରତି ଆଙ୍ଗିଙ୍କର ଆଗ୍ରହ ନ ଥିଲା। ମୋବାଇଲ କିମ୍ବା କୌଣସି ଦାମୀ ଉପହାର ସେ ଗ୍ରହଣ କରୁ ନ ଥିଲେ। ଦୀକ୍ଷା ନେବା ପାଇଁ ସେ ୯ ଦିନ ଉପବାସ କରିଥିଲେ। ଶେଷରେ ପରିବାର ତାଙ୍କୁ ଦୀକ୍ଷା ଗ୍ରହଣ ପାଇଁ ଅନୁମତି ଦେବାକୁ ରାଜି ହୋଇଥିଲେ।

## ନମ୍ବର ପ୍ଲେଟ୍ ଦାମ୍ ୭୦ କୋଟି

**ଦୁବାଇ, ୨୪।୪**

କାର୍ ନମ୍ବର ପ୍ଲେଟ୍‌ର ଦାମ୍ ୭୦ କୋଟି ଟଙ୍କା। ଏହା ବିଶ୍ୱର ତୃତୀୟ ସବୁଠୁ ମହଙ୍ଗା ନମ୍ବର ପ୍ଲେଟ୍ ବୋଲି କୁହାଯାଉଛି। ଏଏ୮ ଲେଖାଥିବା ଉକ୍ତ ନମ୍ବର ପ୍ଲେଟ୍‌କୁ ଦୁବାଇର ସଡ଼କ ଓ ପରିବହନ କର୍ତ୍ତୃପକ୍ଷ ନିକଟରେ ନିଲାମ ଡାକିଥିଲେ। ଏହାକୁ ସେଠାର ଜଣେ ବ୍ୟକ୍ତି ୩୫ ନିୟୁତ ଡିର୍‌ହାମ (ପ୍ରାୟ ୭୦ କୋଟି ଟଙ୍କା)ରେ କିଣିଛନ୍ତି। ଗତବର୍ଷ ଏଏ୯ ନମ୍ବର ପ୍ଲେଟ୍ ୭୯ କୋଟି ଟଙ୍କାରେ ନିଲାମ ହୋଇଥିଲା। ୫୦ରୁ ଉର୍ଦ୍ଧ୍ୱ ଦେଶର ଅବହେଳିତ ଲୋକଙ୍କୁ ଖାଦ୍ୟ ଯୋଗାଇବା ପାଇଁ ବିଭିନ୍ନ ଆକର୍ଷଣୀୟ ନମ୍ବର ପ୍ଲେଟ୍ ନିଲାମ ଡକାଯାଇଥିଲା। ଏଥିରୁ ମୋଟ ୩୩୫ କୋଟି ଟଙ୍କା ସଂଗୃହୀତ ହୋଇଛି।

## ଜେଲ ଗଲେ ରାଣା ଦମ୍ପତି

**ଲାଗିଲା ଦେଶଦ୍ରୋହ ମାମଲା**

**ମୁମ୍ବାଇ, ୨୪।୪**



ହନୁମାନ ଚାଳିଶା ବିବାଦରେ ଫସିଥିବା ଅମରାବତୀର ସ୍ୱାଧୀନ ଏମ୍‌ପି ନବନୀତ ରାଣା ଓ ତାଙ୍କ ବିଧାୟକ ସ୍ୱାମୀ ରବି ରାଣାଙ୍କୁ ରବିବାର ବାନ୍ଦ୍ରା ମାଜିଷ୍ଟ୍ରେଟ୍ କୋର୍ଟ ୧୪ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି। ସହରରେ ସାମ୍ପ୍ରଦାୟିକ ଶାନ୍ତି ଭଙ୍ଗ ଉଦ୍ୟମ ଅଭିଯୋଗରେ ଶନିବାର ରାଣା ଦମ୍ପତିଙ୍କୁ ଗିରଫ କରାଯାଇଥିଲା। ମୁମ୍ବାଇ ପୋଲିସ ସେମାନଙ୍କୁ ରିମାଣ୍ଡରେ ନେବା ଲାଗି କରିଥିବା ଆବେଦନକୁ ମାଜିଷ୍ଟ୍ରେଟ ଏ.ଏ. ଘନିୱାଲା ଖାରଜ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୁମ୍ବାଇ ଗସ୍ତରେ ଆସିବାକୁ ଥିବା ଜାଣି ମଧ ରାଣା ଦମ୍ପତି ସାମ୍ପ୍ରଦାୟିକ ଶାନ୍ତି ଭଙ୍ଗ କରିବା ସହ ବିଭିନ୍ନ ଗୋଷ୍ଠୀ ମଧ୍ୟରେ ଶତ୍ରୁତା ବଢ଼ାଇବାକୁ ଉଦ୍ୟମ କରୁଥିଲେ। ଏହା ଉପରେ ଅଧିକ ତଦନ୍ତ ଲାଗି ସେମାନଙ୍କୁ ରିମାଣ୍ଡରେ ନେବା ଲାଗି ପୋଲିସ ପକ୍ଷରୁ ଆବେଦନ କରାଯାଇଥିଲା।

ସେପଟେ ମୁମ୍ବାଇ ପୋଲିସ ନବନୀତ ଓ ରବି ରାଣାଙ୍କ ବିରୋଧରେ ଦେଶଦ୍ରୋହ ମାମଲା ରୁଜୁ କରିଛି। ସେମାନଙ୍କ ଜାମିନ ଆବେଦନର ଶୁଣାଣି ଏପ୍ରିଲ ୨୯କୁ ଧାର୍ଯ୍ୟ ହୋଇଛି। ଜାମିନ ଆବେଦନର ତ୍ୱରିତ୍ ଶୁଣାଣି ନ କରିବା ପାଇଁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ପ୍ରଦୀପ ଘରାତ୍ ଅଦାଲତଙ୍କୁ କହିଥିଲେ। ରାଣା ଦମ୍ପତିଙ୍କ ବିରୋଧରେ ପୋଲିସ ମିଥ୍ୟା ମାମଲା ରୁଜୁ କରିବା ସହ ଚାପରେ ପଡ଼ି ନିର୍ଦ୍ଦିଷ୍ଟ ଦଫା ଲଗାଇଥିବା ସେମାନଙ୍କ ଓକିଲ ରିଜୱାନ୍ ମର୍ଚ୍ଚାଣ୍ଟ କହିଛନ୍ତି। ସେମାନଙ୍କ ବିରୋଧରେ ଆସିଥିବା ଅଭିଯୋଗଗୁଡ଼ିକ ଭିତ୍ତିହୀନ ବୋଲି ସେ କହିଛନ୍ତି। ଶନିବାର ରାତିରେ ଗିରଫ ହେବା ପରେ ରାଣା ଦମ୍ପତି ହାଜତରେ ୧୦୧ ଥର ହନୁମାନ ଚାଳିଶା ଜପ କରିଥିଲେ। ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ସେମାନଙ୍କ ବିରୋଧରେ ମିଥ୍ୟା ମାମଲା ଲଗାଇଥିବା ରାଣା ଦମ୍ପତି ଟୁଇଟର ଯୋଗେ ଅଭିଯୋଗ କରିଛନ୍ତି।

## ୨ କୋଟିରେ ପେଣ୍ଟିଂ କିଣିବାକୁ ଗାନ୍ଧୀ ପରିବାର ବାଧ କରିଥିଲା

**ମୁମ୍ବାଇ/ନୂଆଦିଲ୍ଲୀ, ୨୪।୪**

ଖ୍ୟାତନାମା ଚିତ୍ରକର ଏମ୍.ଏଫ୍. ହୁସେନଙ୍କ ଏକ ପେଣ୍ଟିଂକୁ ୨ କୋଟି ଟଙ୍କାରେ କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କଠାରୁ କିଣିବା ପାଇଁ ବାଧ କରାଯାଇଥିବା ୟେସ୍ ବ୍ୟାଙ୍କ ସହପ୍ରତିଷ୍ଠାତା ରାଣା କପୁର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)କୁ କହିଛନ୍ତି। ଏହି ଅର୍ଥରେ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ନ୍ୟୁୟର୍କରେ ଚିକିତ୍ସା କରାଯାଇଥିଲା ବୋଲି ସ୍ୱତନ୍ତ୍ର ଅଦାଲତରେ ଇଡି ଦାଖଲ କରିଥିବା ଚାର୍ଜସିଟ୍‌ରେ ଉଲ୍ଲେଖ ରହିଛି। ପେଣ୍ଟିଂ କିଣିବାକୁ ମନାକଲେ ଗାନ୍ଧୀ ପରିବାର ସହ ଥିବା ସମ୍ପର୍କରୁ ବଞ୍ଚିତ ହେବା ସହ ପଦ୍ମଭୂଷଣ ସମ୍ମାନ ପାଇପାରିବେ ନାହିଁ ବୋଲି ତତ୍କାଳୀନ ପେଟ୍ରୋଲିୟମ ମନ୍ତ୍ରୀ ମୁରଲୀ ଦେଓରା କପୁରଙ୍କୁ ଚେତାବନୀ ଦେଇଥିଲେ। ଗାନ୍ଧୀ ପରିବାରକୁ ସହାୟତା କରିବା ଏକ ସୁଯୋଗ ବୋଲି ଅହମଦ ପଟେଲ କହିଥିଲେ। ରାଣା କପୁରଙ୍କ ଏହି ବୟାନ ଇଡି ଦାଖଲ କରିଥିବା ଦ୍ୱିତୀୟ ଅତିରିକ୍ତ ଅଭିଯୋଗ ଫର୍ଦ୍ଦରେ ରହିଛି। ଏହା ଜଣାପଡିବା ପରେ କଂଗ୍ରେସ ଏବଂ ଗାନ୍ଧୀ ପରିବାର ଲୁଟେରା ଏବଂ ସେମାନେ ପଦ୍ମ ଭୂଷଣ ସମ୍ମାନକୁ ବିକ୍ରି କରିଥିବା ଭାଜପା ଅଭିଯୋଗ କରିଛି। କଂଗ୍ରେସର ହାତ ଦୁର୍ନୀତିରେ ଭରି ରହିଥିବା ଭାଜପା ମୁଖପାତ୍ର ଗୌରବ ଭାଟିଆ କହିଛନ୍ତି। ଅନ୍ୟପକ୍ଷରେ କପୁରଙ୍କ ଅଭିଯୋଗକୁ କଂଗ୍ରେସ ରାଜନୈତିକ ଷଡ଼ଯନ୍ତ୍ର ବୋଲି କହିଛି। ଜେଲରେ ଥିବା ବ୍ୟକ୍ତି ୨୦୧୦ର କାରବାରକୁ ନେଇ ମୃତ ବ୍ୟକ୍ତିଙ୍କ ବିରୋଧରେ ମନଗଢ଼ା ଅଭିଯୋଗ ଆଣିବା ତାଙ୍କୁ ଆଶ୍ଚର୍ଯ୍ୟ କରିଛି ବୋଲି କଂଗ୍ରେସ ମୁଖପାତ୍ର ଅଭିଷେକ ମନୁ ସିଙ୍ଘଭି ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି।



**ରାଣା କପୁରଙ୍କ ଅଭିଯୋଗକୁ ନେଇ ରାଜନୈତିକ ଝଡ଼**

## ତୈଳ ବିଶୋଧନାଗାରରେ ବିସ୍ଫୋରଣ: ଶତାଧିକ ମୃତ

**ଅବୁଜା, ୨୪।୪**

ଆଫ୍ରିକୀୟ ରାଷ୍ଟ୍ର ନାଇଜେରିଆର ଏକ ବେଆଇନ ତୈଳ ବିଶୋଧନାଗାରରେ ବିସ୍ଫୋରଣ ଘଟିଛି। ଏଥିରେ ଶତାଧିକ ଲୋକଙ୍କ ଜୀବନ ଯାଇଛି। ନିଆଁରେ ପୋଡ଼ିହୋଇ ଅନେକଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇବା ନେଇ ନ୍ୟାଶନାଲ ଏମର୍ଜେନ୍ସି ମ୍ୟାନେଜମେଣ୍ଟ ଏଜେନ୍ସି (ଏନ୍‌ଇଏମ୍ଏ) ପକ୍ଷରୁ କୁହାଯାଇଛି।

ତୈଳ ସମ୍ପଦ ପ୍ରାଚୁର୍ଯ୍ୟ ନାଇଜେରିଆରେ ଦୈନିକ ପ୍ରାୟ ୨ ଲକ୍ଷ ବ୍ୟାରେଲ କ୍ରୁଡ୍ ଉତ୍ତୋଳନ କରାଯାଉଥିବାବେଳେ ଦାରିଦ୍ର୍ୟ ଭିତରେ ବଞ୍ଚୁଥିବା ଲୋକଙ୍କ ପାଇଁ ବେଆଇନରେ ଚାଲୁଥିବା ବିଶୋଧନାଗାରଗୁଡ଼ିକ ଆୟର ପନ୍ଥା ପାଲଟିଛି। କିନ୍ତୁ ସେଗୁଡ଼ିକରେ ଜରୁରୀ ସୁରକ୍ଷା ବ୍ୟବସ୍ଥା ନ ଥିବାରୁ ଅନେକ ସମୟରେ ଦୁର୍ଘଟଣା ଘଟି ଶ୍ରମିକଙ୍କ ଜୀବନ ଯାଇଥାଏ। ଦେଶର ଦକ୍ଷିଣ ଭାଗରେ ଥିବା ନାଇଜର ଡେଲ୍ଟାରେ ପାଇପ୍‌ଲାଇନ୍‌ରୁ ମୋଟ ଉତ୍ପାଦନର ୧୦% ଅଶୋଧିତ ତୈଳ ଚୋରି କରି ଏପରି ବେଆଇନ କ୍ରୁଡ୍ ରିଫାଇନିଂ କରାଯାଉଥିବା ଦେଖିବାକୁ ମିଳିଥାଏ। ଏହାକୁ ସେମାନେ କଳା ବଜାରରେ ବିକ୍ରି କରିଥାଆନ୍ତି। ଶୁକ୍ରବାର ବିଳମ୍ବିତ ରାତିରେ ନାଇଜର ଡେଲ୍ଟାର ଏକ ପାଇପ୍‌ଲାଇନ୍‌ରୁ କ୍ରୁଡ୍ ଚୋରି କରି ରିଫାଇନିଂ କରାଯାଉଥିବାବେଳେ ଏହି ବିସ୍ଫୋରଣ ଘଟିଥିଲା। ଫଳରେ ଚାରିଆଡ଼କୁ ନିଆଁ ବ୍ୟାପିଥିଲା। ଏହି ଅଗ୍ନିକାଣ୍ଡରେ ୧୦୯ ଜଣଙ୍କ ମୃତ୍ୟୁ ଘଟିଥିବା ଏକ ସ୍ଥାନୀୟ ଗଣମାଧ୍ୟମ ପକ୍ଷରୁ କୁହାଯାଇଛି। ତେବେ ବିସ୍ଫୋରଣର କାରଣ ଓ ପ୍ରକୃତ ମୃତ୍ୟୁ ସଂଖ୍ୟା ସ୍ପଷ୍ଟ ହୋଇନାହିଁ।



## ସାମଗ୍ରୀର ମୂଲ୍ୟ ବୃଦ୍ଧି ଲାଗି ପ୍ରସ୍ତାବ

**ନୂଆଦିଲ୍ଲୀ :** ଦେଶର ରାଜସ୍ୱ ଆୟ ବୃଦ୍ଧି ଲାଗି ସରକାର ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ପରିଷଦରେ ସାମଗ୍ରୀର ମୂଲ୍ୟ ବୃଦ୍ଧି ଲାଗି ପ୍ରସ୍ତାବ ରଖିଛନ୍ତି। ଏପରିକି ୧୪୩ ଗୋଟି ସାମଗ୍ରୀର ମୂଲ୍ୟ ବୃଦ୍ଧି ପାଇଁ ରାଜ୍ୟ ସରକାରଗୁଡ଼ିକଙ୍କଠାରୁ ଆବଶ୍ୟକ ମତାମତ ପରିଷଦ ପକ୍ଷରୁ ମଗାଯାଇଛି। ବିଶେଷକରି ୧୪୩ଟି ସାମଗ୍ରୀରୁ ୯୨%କୁ ୧୮ % ଶୁଳ୍କ ସ୍ଲାବରୁ ୨୮%କୁ ସ୍ଥାନାନ୍ତର କରିବା ପାଇଁ ପ୍ରସ୍ତାବ ଦିଆଯାଇଛି। ଏହି ସବୁ ସାମଗ୍ରୀରେ ଏପରି କେତେକ ଜିନିଷ ଅଛି ଯେଉଁଗୁଡ଼ିକ ଉପରୁ ଜିଏସଟି ନଭେମ୍ବର ୨୦୧୭ ଓ ଡିସେମ୍ବର ୨୦୧୮ରେ ମୂଲ୍ୟ ହ୍ରାସ କରିଥିଲେ। ଏବେ ମୂଲ୍ୟ ବୃଦ୍ଧି ପ୍ରସ୍ତାବକୁ ଯଦି ରାଜ୍ୟଗୁଡ଼ିକର ସ୍ୱୀକୃତି ମିଳେ ତେବେ ସେଗୁଡ଼ିକର ଦାମ ପୁଣି ବଢ଼ିବ ବୋଲି ଆକଳନ କରାଯାଉଛି।

## ସଂକ୍ଷେପରେ

### ଡ୍ୟୁଲକ୍ସର ନୂତନ ଉତ୍ପାଦ

**ନୂଆଦିଲ୍ଲୀ,୨୪।୪ :** ଆକ୍‌ଜୋନୋବେଲ୍ ଇଣ୍ଡିଆର ଫ୍ଲାଗ୍‌ଶିପ୍ ଡେକୋରେଟିଭ୍ ପେଣ୍ଟ ବ୍ରାଣ୍ଡ ଡ୍ୟୁଲକ୍ସ ପକ୍ଷରୁ ଭାରତୀୟ ଉପଭୋକ୍ତାଙ୍କ ପାଇଁ ଏହାର ପରବର୍ତ୍ତୀ ପିଢ଼ିର ରଙ୍ଗ ଉଦ୍ଭାବନକୁ ଉନ୍ମୋଚନ କରାଯାଇଛି। ଡ୍ୟୁଲକ୍ସର ଆଇକୋନିକ୍ ଭେଲ୍‌ଭେଟ୍ ଟଚ୍ ଅଲ୍‌ଟ୍ରା-ଲକ୍‌ଜୁରି ଇଣ୍ଟେରିୟର ଇମଲ୍‌ସନ୍ସ ଏବେ ସମଗ୍ର ରେଞ୍ଜ୍‌ରେ ଟ୍ରୁକଲର୍ ଟେକ୍ନୋଲୋଜି ଏଜ୍ ସହିତ ସୁସଜ୍ଜିତ ହୋଇଆସୁଛି। ଏ ସମ୍ପର୍କରେ ଆକ୍‌ଜୋନୋବେଲ୍ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ରାଜୀବ ରାଜଗୋପାଳ କହିଛନ୍ତି, ଡ୍ୟୁଲକ୍ସ ଭେଲ୍‌ଭେଟ୍ ଟଚ୍ ପେଣ୍ଟର ସର୍ବୋତମ ଗୁଣବତ୍ତାକୁ ପ୍ରଦର୍ଶିତ କରିଥାଏ। ଆମ୍‌ଷ୍ଟର୍‌ଡାମ୍‌ଠାରେ ଥିବା ଆକ୍‌ଜୋନୋବେଲ୍‌ର ଗ୍ଲୋବାଲ ଆଏସ୍ଥେଟିକ୍ ସେଣ୍ଟର୍ ଏହାର ରଙ୍ଗ ବିଶେଷଜ୍ଞତାକୁ ୩ଟି ଡିଜାଇନ୍ ପ୍ୟାଲେଟ୍-ଏସେନ୍ସିଆଲ, ଆସେଟ୍ ଓ ଆଟ୍‌ମୋସ୍‌ଫିୟର୍‌ରେ ବିଭକ୍ତ କରିଛି।

### ଶ୍ରୀ ସିଟିରେ ପାନାସୋନିକ୍‌ର ଉତ୍ପାଦନ ୟୁନିଟ୍ ଉନ୍ମୋଚିତ

**ନୂଆଦିଲ୍ଲୀ,୨୪।୪ :** ପାନାସୋନିକ୍ କର୍ପୋରେଶନର ସହଯୋଗୀ ସଂସ୍ଥା ପାନାସୋନିକ୍ ଲାଇଫ୍ ସଲ୍ୟୁଶନ୍ସ ଇଣ୍ଡିଆ ପକ୍ଷରୁ ନିକଟରେ ଆନ୍ଧ୍ରପ୍ରଦେଶର ଶ୍ରୀ ସିଟିଠାରେ ଏହାର ନୂଆ ଉତ୍ପାଦନ କାରଖାନାର ଉନ୍ମୋଚନ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଅତ୍ୟଧିକ ସ୍ୱୟଂଚାଳିତ ୟୁନିଟ୍ ୧୩୩,୫୮୪ ବର୍ଗ ମିଟର ଜମିରେ ପରିବ୍ୟାପ୍ତ ରହିଛି। ଏହା ଦକ୍ଷିଣ ଭାରତରେ କମ୍ପାନୀର ପ୍ରଥମ ବୈଦ୍ୟୁତିକ ଉପକରଣ ଉତ୍ପାଦନ କାରଖାନା ହେବ ଏବଂ ଉତ୍ତର ଓ ପଶ୍ଚିମ ଭାରତରେ ଥିବା କାରଖାନା ପରେ ଭାରତରେ କମ୍ପାନୀର ୭ମ କାରଖାନା ହେବ। ଏହି କମ୍ପାନୀ ଦୁଇଟି ପର୍ଯ୍ୟାୟରେ ମୋଟ ୬୦୦ କୋଟି ଟଙ୍କାର ନିବେଶ କରିବ, ଯେଉଁଥିରୁ ପ୍ରଥମ ପର୍ଯ୍ୟାୟରେ ୩୦୦ କୋଟି ଟଙ୍କା ନିବେଶ କରାଯାଇଛି। ଏ ସମ୍ପର୍କରେ ପାନାସୋନିକ୍ କର୍ପୋରେଶନ,ଜାପାନ, ପାୱାର କମ୍ପୋନେଣ୍ଟ ବିଜ୍‌ନେସ୍‌ର ବିଜ୍‌ନେସ ୟୁନିଟ୍ ହେଡ୍ କାୱାମୋଟୋ କହିଛନ୍ତି, ଭାରତ ଏକ ଅଭିବୃଦ୍ଧି ପଥରେ ରହିଛି ଏବଂ ଲୋକମାନଙ୍କୁ ସେମାନଙ୍କର ସର୍ବୋତମ ଜୀବନ ବଞ୍ଚିବା ପାଇଁ ଏହି ଅଭିବୃଦ୍ଧି ଇସିଏମ୍ ଶିଳ୍ପରୁ ଉଲ୍ଲେଖନୀୟ ସହଯୋଗ ଆବଶ୍ୟକ କରିବ।

# ଖଣି କ୍ଷେତ୍ରରେ ପ୍ରଯୁକ୍ତିର ବ୍ୟବହାରକୁ ଗୁରୁତ୍ୱାରୋପ

**ଭୁବନେଶ୍ୱର,୨୪।୪**

ଭାରତୀୟ ଖଣି ଇଞ୍ଜିନିୟର ସଂଘ (ଏମ୍‌ଇଏଆଇ) ପକ୍ଷରୁ ରବିବାର ସ୍ଥାନୀୟ ଜୟଦେବ ବିହାରସ୍ଥିତ ଏକ ହୋଟେଲ ପରିସରରେ ୩ୟ ସର୍ବଭାରତୀୟ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ 'ଖଣି ଓ ଖଣିଜ ବେନିଫିକେସନରେ ପ୍ରଯୁକ୍ତି ଓ ଡିଜିଟାଲ୍‌ରେ ଉନ୍ନତି' ଶୀର୍ଷକ ଏକ ଜାତୀୟସ୍ତରୀୟ କର୍ମଶାଳାର ମଧ୍ୟ ଆୟୋଜନ କରାଯାଇଥିଲା, ଯେଉଁଥିରେ ସରକାର ଓ ଶିଳ୍ପ ଅଂଶୀଦାରମାନଙ୍କ ପକ୍ଷରୁ ନିକଟରେ ହୋଇଥିବା ଖଣି ଓ ଖଣିଜ ପ୍ରକ୍ରିୟାକରଣର ଉନ୍ନତି ସମ୍ପର୍କିତ ଆଲୋଚନାରେ ସବୁ ସ୍ତରର ଅଂଶଗ୍ରହଣ ଦେଖିବାକୁ ମିଳିଥିଲା।

ଏହି ଅବସରରେ ଓଡ଼ିଶା ସରକାରଙ୍କ ଖଣି ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାକୁ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ସରକାରଙ୍କ ଖଣି ନିର୍ଦ୍ଦେଶକ ଦେବୀଦତ୍ତ ବିଶ୍ୱାଳ, ଏମ୍‌ଇଏଆଇର ଜାତୀୟ ସଭାପତି କେ.ମଧୁସୂଦନ, ଉପସଭାପତି–୩ ତଥା ଟାଟା ଷ୍ଟିଲ୍‌ର ଉପସଭାପତି (କଞ୍ଚାମାଲ୍) ଡି.ବି. ସୁନ୍ଦରରମଣ, ଟାଟା ଷ୍ଟିଲ ଓ ଭୁବନେଶ୍ୱର–ସୁକିନ୍ଦା ଚାପ୍ଟରର ଅଧ୍ୟକ୍ଷ ତଥା ଟାଟା ଷ୍ଟିଲ୍ ମାଇନିଂର ପରିଚାଳନା ନିର୍ଦ୍ଦେଶକ ପଙ୍କଜ ସତିଜା ପ୍ରମୁଖ ଉପସ୍ଥିତ ଥିଲେ।



ରାଜ୍ୟର ସମସ୍ତ ଖଣିକୁ ସୁରକ୍ଷିତ ଓ ଅଧିକ ଦକ୍ଷ କରିବାରେ କମ୍ପ୍ୟୁଟର ଭିଜନ ଓ ସେନ୍ସିଂ ଭଳି ଅନୁସନ୍ଧାନ ପ୍ରଯୁକ୍ତିଠାରୁ ଆରମ୍ଭକରି ଆକଳନ ଭିତ୍ତିକ ନିରୀକ୍ଷଣ ବ୍ୟବସ୍ଥା ଓ ପ୍ରଯୁକ୍ତିକୁ ବ୍ୟବହାର କରିବା ଗୁରୁତ୍ୱପୂର୍ଣ୍ଣ ବୋଲି ମନ୍ତ୍ରୀ କହିଛନ୍ତି। ସେହିଭଳି ଓଡ଼ିଶା ସରକାରଙ୍କ ଖଣି ନିର୍ଦ୍ଦେଶକ ଦେବୀଦତ୍ତ ବିଶ୍ୱାଳ କହିଛନ୍ତି, ଭାରତରେ ଏକ ଉତ୍ତମ ଭାବେ ବିକଶିତ ଖଣି ଓ ଖଣିଜ ବେନିଫିକେସନ ଶିଳ୍ପର ଆବଶ୍ୟକତା ରହିଛି,ଯାହା ଅର୍ଥନୈତିକ ପ୍ରଗତିର ମେରୁଦଣ୍ଡ କୁହାଯାଉଥିବା ବହୁ ଖଣିକୁ ଗୁରୁତ୍ୱପୂର୍ଣ୍ଣ କଞ୍ଚାମାଲ୍ ପ୍ରଦାନ କରୁଛି। ସେହିପରି କେ. ମଧୁସୂଦନ କହିଛନ୍ତି,ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସ୍ତରରେ କମ୍ପାନି, ଖଣି ଗୋଷ୍ଠୀ ଓ ସରକାରଙ୍କ ମଧ୍ୟରେ ଏମ୍‌ଇଏଆଇ ସେତୁ ଭାବେ କାର୍ଯ୍ୟ କରିବାକୁ ଉଦ୍ୟମ କରୁଛି। ଆଗାମୀ ଦିନରେ ଦକ୍ଷତା ଗଠନ ଏମ୍‌ଇଆଇଏର ଏଜେଣ୍ଡାର ଶୀର୍ଷରେ ରହିବ। ଅପରପକ୍ଷରେ ସୁନ୍ଦର ରମଣ କହିଛନ୍ତି, ନିରାପତ୍ତା, ପରିବେଶ ଓ ଉତ୍ପାଦନରେ ଉନ୍ନତି ଆଣିବା ପାଇଁ ବିଗତ ବର୍ଷଗୁଡ଼ିକରେ ଖଣିରେ ପ୍ରଯୁକ୍ତିକୁ ବ୍ୟବହାର କରିବା ଉଲ୍ଲେଖନୀୟ ଗୁରୁତ୍ୱ ହାସଲ କରିଛି। ଉକ୍ତ ସମ୍ମିଳନୀ ପାଇଁ ଚୟନ କରାଯାଇଥିବା ବିଷୟ ବେଶ୍ ଉପଯୋଗୀ, କାରଣ ଏହା ଖଣି କ୍ଷେତ୍ରରେ ସଦ୍ୟତମ ଡିଜିଟାଲ୍ ଓ ପ୍ରଯୁକ୍ତି ବିକାଶକୁ ଉପସ୍ଥାପନ କରିବ। ପଙ୍କଜ ସତିଜା କହିଛନ୍ତି, ଓଡ଼ିଶାରେ ଖଣି ଶିଳ୍ପ ସମୃଦ୍ଧ ହେଉଥିବାର କାରଣ ହେଉଛି ଓଡ଼ିଶା ସରକାରଙ୍କ ପକ୍ଷରୁ ପ୍ରଗତିଶୀଳ ନୀତି ଓ ଶିଳ୍ପକୁ ସହାୟତାର ହାତ ବଢ଼ାଇବା ଉଦ୍ୟମ, ବହୁ ପୁରୁଣା ଓ ଉଦୀୟମାନ କ୍ଷେତ୍ରରେ ଖଣିଜର ବର୍ଦ୍ଧିତ ପ୍ରୟୋଗ ସହ ନୂତନ ପ୍ରଯୁକ୍ତି ଯୋଗୁ ଆମେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଆଶା କରୁଛୁ, ଯାହା ଭବିଷ୍ୟତରେ ଖଣିଜର ଉତ୍ପାଦନ ଓ ବ୍ୟବହାରର ଉପାୟକୁ ବଦଳାଇ ଦେବ।

# ଘରୋଇ ସ୍ୱାସ୍ଥ୍ୟସେବା ଦେବ 'ଭି କେୟାର ୟୁ'




**ଭୁବନେଶ୍ୱର,୨୪।୪**

ସ୍ୱାସ୍ଥ୍ୟଭିତ୍ତିକ ଷ୍ଟାର୍ଟଅପ ୟୁନିଟ 'ଭି କେୟାର ୟୁ' ପକ୍ଷରୁ ଓଡ଼ିଶାରେ ତା'ର ଘରୋଇ ମେଡିକାଲ ସେବାର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ରବିବାର ସ୍ଥାନୀୟ ମାଷ୍ଟର କ୍ୟାଣ୍ଟିନ ନିକଟସ୍ଥ ଏକ ହୋଟେଲ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀ ଜରିଆରେ ଏହାର କାର୍ଯ୍ୟପନ୍ଥା ଓ ଲୋକମାନଙ୍କ ପାଖରେ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ପହଞ୍ଚାଇବା ମୂଳ ଲକ୍ଷ୍ୟ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ସ୍ୱୀକୃତିପ୍ରାପ୍ତ ଲୋଗୋକୁ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରାଯାଇଥିଲା। କମ୍ପାନୀ ପକ୍ଷରୁ ଏହା ମଧ୍ୟ ଘୋଷଣା କରାଯାଇଛି ଯେ ୨୦୨୨ ଏପ୍ରିଲ୍ ୩୦ରେ ଏହା ରାଜ୍ୟରେ ନିଜର ବ୍ୟବସାୟ ପରିଚାଳନା ଆରମ୍ଭ କରିବ। ଏ ସମ୍ପର୍କରେ ବିନୋଦ ଅଗ୍ରୱାଲ୍ ସହ ପ୍ରତିଷ୍ଠାତା ଓ ନିର୍ଦ୍ଦେଶକ, ଭି କେୟାର ୟୁ କହିଛନ୍ତି, ଓଡ଼ିଶାରେ ଆମ କାର୍ଯ୍ୟ ପରିଚାଳନାର ଶୁଭାରମ୍ଭ ବିଷୟରେ ଘୋଷଣା କରୁଥିବାରୁ ଆମେ ଅତ୍ୟନ୍ତ ଆନନ୍ଦିତ। ଏକ ପ୍ରଯୁକ୍ତି ଭିତ୍ତିକ କମ୍ପାନୀ ଭାବେ ଆମର ଲକ୍ଷ୍ୟ ହେଉଛି ଲୋକମାନଙ୍କ ଘର ପାଖରେ ସମ୍ପୂର୍ଣ୍ଣ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ପହଞ୍ଚାଇବା କାରଣ ଲୋକମାନେ ବୁଝିପାରିଛନ୍ତି ଯେ ତାହା ଆଉ ଏକ ବିଳାସ ନୁହେଁ ବରଂ ଆବଶ୍ୟକତାରେ ପରିଣତ ହୋଇଛି।

# ବ୍ରହ୍ମପୁର ସହରରେ ଲାଲ୍‌ଚାନ୍ଦର ଏକ୍ସକ୍ଲୁସିଭ୍ ଷ୍ଟୋର

**ବ୍ରହ୍ମପୁର ଅଫିସ,୨୪।୪**

ଓଡ଼ିଶାର ନିର୍ଭରଯୋଗ୍ୟ ଜୁଏଲର୍ସ ଲାଲ୍‌ଚାନ୍ଦ ପକ୍ଷରୁ ବ୍ରହ୍ମପୁର ଧର୍ମନଗରସ୍ଥିତ ସିଦ୍ଧି ବିନାୟକ ଟାୱାରଠାରେ ଏକ ନୂଆ ଶୋ'ରୁମ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଅକ୍ଷୟ ତୃତୀୟା ପୂର୍ବରୁ ଖୋଲିଛି ଏହି ଷ୍ଟେଟ୍ ଅଫ ଦି ଆର୍ଟ ଶୋ'ରୁମ୍। ଲାଲ୍‌ଚାନ୍ଦର ବ୍ରାଣ୍ଡ ଆମ୍ବାସାଡର ତଥା ଲୋକପ୍ରିୟ ଓଡିଆ ଚଳଚ୍ଚିତ୍ର ଅଭିନେତ୍ରୀ ଭୂମିକା ଦାସ ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇଥିଲେ। ବ୍ରହ୍ମପୁରର ଅଳଙ୍କାର ଦୃଶ୍ୟପଟ୍ଟରେ ପରିବର୍ତ୍ତନ ଆଣିବ ବୋଲି ସମସ୍ତେ ଆଶାବାଦୀ ବୋଲି ଲାଲ୍‌ଚାନ୍ଦ ପକ୍ଷରୁ କୁହାଯାଇଛି। ଏଠାରେ ଗ୍ରାହକମାନଙ୍କ ସ୍ୱର୍ଣ୍ଣ, ହୀରା, ପ୍ଲାଟିନମ ଓ ରୌପ୍ୟ ଆଦି




ଅଳଙ୍କାର ସହିତ ରୁପା ତାରକସି କାରିଗରି, ରୁପା ବାସନ, ବ୍ରାଣ୍ଡେଡ୍ ହାତଘଣ୍ଟା, ପେନ୍ ଓ ଅନ୍ୟାନ୍ୟ ଉପହାର ସାମଗ୍ରୀ ଇତ୍ୟାଦି ପାଇପାରିବେ। ଉଦ୍‌ଘାଟନ ଅବସରରେ ଲାଲ୍‌ଚାନ୍ଦ ତରଫରୁ କୁହାଯାଇଛି ଯେ, ଗତ ୩୦ ବର୍ଷ ଧରି ଆମେ ଜାଣିଛୁ ଯେ, ବ୍ରହ୍ମପୁରର ଲୋକମାନେ ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ। ଆପଣମାନଙ୍କ ନିକଟରେ ପହଞ୍ଚି ପାରିଥିବାରୁ ଆମେ ଖୁବ୍ ଆନନ୍ଦ ଅନୁଭବ କରୁଛୁ। ବ୍ରହ୍ମପୁର ଅଞ୍ଚଳର ଗ୍ରାହକ ବନ୍ଧୁମାନେ ଲାଲ୍‌ଚାନ୍ଦର ନୂଆ ଶୋ'ରୁମ ପାଇଁ ଅନେକ ଦିନୁ ଆଶାବାଦୀ ଥିଲେ। ଏହି ଅବସରରେ ଲାଲ୍‌ଚାନ୍ଦ ଜୁଏଲର୍ସ ବ୍ରହ୍ମପୁର ଷ୍ଟୋରରେ ଗ୍ରାହକମାନଙ୍କ ପାଇଁ ବିଭିନ୍ନ ଉପହାର ଓ ବିଶେଷ ରିହାତି ଯୋଜନା ମଧ୍ୟ ଆଣିଛି।

## ଟାଟା ଷ୍ଟିଲ୍–ଥ୍ରିଏସ୍‌ର ବ୍ୟବସାୟିକ ବୁଝାମଣା

**ନୂଆଦିଲ୍ଲୀ,୨୪।୪**

ଖଣି ସନ୍ଧାନ, ସମ୍ବଳ ଆକଳନ ଓ ଖଣି ଯୋଜନା ଆଦି କ୍ଷେତ୍ରରେ ବୈଷୟିକ ସେବା ପ୍ରଦାନ କରିବା ଲାଗି ଟାଟା ଷ୍ଟିଲ୍ ପକ୍ଷରୁ ଥ୍ରିଏସ୍ ସହିତ ଏକ ବ୍ୟବସାୟିକ ବୁଝାମଣା ପତ୍ର ସ୍ୱାକ୍ଷର ହୋଇଯାଇଛି। ଏ ସମ୍ପର୍କରେ ଟାଟା ଷ୍ଟିଲ୍‌ର ଉପସଭାପତି (କଞ୍ଚାମାଲ୍) ଡି.ବି. ସୁନ୍ଦର୍ ରମଣ କହିଛନ୍ତି, ଆମେ ଦଶନ୍ଧିରୁ ଅଧିକ ସମୟ ଧରି ଖଣି ବ୍ୟବସାୟରେ ଥିବା ବେଳେ ଟାଟା ଷ୍ଟିଲ୍‌ର ପ୍ରାକୃତିକ ସମ୍ବଳ ଡିଭିଜନ୍ ନିରନ୍ତର ଖଣି କାର୍ଯ୍ୟ ପାଇଁ ଏହାର କ୍ୟାପ୍‌ଟିଭ୍ ଖଣି ଲାଗି ବିଭିନ୍ନ ଅନୁସନ୍ଧାନ ଓ ଖଣି ଯୋଜନା ସେବା ପ୍ରଦାନ କରୁଛି। ଇଞ୍ଜିନିୟରିଂ ସେବା ପ୍ରଦାନ କରିବା ଲାଗି ଟାଟା ଷ୍ଟିଲ୍ ସହଯୋଗିତାରେ କାମ କରିବାକୁ ଥ୍ରିଏସ୍ ପକ୍ଷରୁ କୁହାଯାଇଛି।

# ବିଦ୍ୟୁତ୍ ଯୋଗାଣକୁ ଟିପିସିଓଡିଏଲର ଗୁରୁତ୍ୱ

**ଭୁବନେଶ୍ୱର,୨୪।୪**

ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ନିକଟରେ ଏକ ସମୀକ୍ଷା ଓ ଆସନ୍ତା ବର୍ଷ ପାଇଁ କାର୍ଯ୍ୟ ଖସଡା ସମ୍ପର୍କରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। କମ୍ପାନୀ ତା'ର ଲାଇସେନ୍ସ ଅଞ୍ଚଳରେ ଭରସାଯୋଗ୍ୟ ବିଦ୍ୟୁତ ଯୋଗାଣ ପାଇଁ ଗତ ଆର୍ଥିକ ବର୍ଷରେ କିଭଳି ପଦକ୍ଷେପ ଗ୍ରହଣ କରିଛି ସେ ନେଇ ମଧ୍ୟ ବିସ୍ତୃତ ଆଲୋଚନା କରାଯାଇଥିଲା। ବିଶେଷ କରି ନେଟ୍‌ୱର୍କରେ ଉନ୍ନତୀକରଣ ଓ ଭିତ୍ତିଭୂମି ନବୀକରଣ ଜରିଆରେ କମ୍ପାନୀ ତାର ସ୍ଥିତିକୁ ସୁଦୃଢ଼ କରିପାରିଛି। ବିଦ୍ୟୁତ ବିତରଣ ନେଟ୍‌ୱର୍କକୁ ଦୃଢ଼ କରିବା ଲାଗି ଟିପିସିଓଡିଏଲ୍ ପକ୍ଷରୁ ୧୦୦ସର୍କିଟ୍ କିଲୋମିଟର (ସିକେଏମ୍)ରୁ ଅଧିକ ଉପରେ ଥିବା ୩୩ କେଭି ବିଦ୍ୟୁତ ତାର ଓ ୧୧୦୦ ସିକେଏମ୍‌ରୁ ଅଧିକ ୧୧ କେଭି ତାରରେ ଉନ୍ନତି ଅଣାଯାଇଛି। ଏ ସମ୍ପର୍କରେ ଟିପିସିଓଡିଏଲ୍‌ର ସିଇଓ, ଏମ୍. ସେନବାଗମ କହିଛନ୍ତି, ଓଡ଼ିଶାରେ ଆମେ ଆଉ ଏକ ସଫଳ ବିତରଣ ସଂସ୍କାର କାହାଣୀ ସୃଷ୍ଟି କରିବାକୁ ପ୍ରତିବଦ୍ଧ ରହିଛୁ। ଗତ ଆର୍ଥିକ ବର୍ଷରେ ଆମେ ଠିକ୍ ଦିଗରେ ଅଗ୍ରସର ହୋଇଛୁ। ସବୁ ନବୀକରଣ, ନେଟ୍‌ୱର୍କ ଉନ୍ନତି ଓ ଆଧୁନିକ ଫଳ–କୈନ୍ଦ୍ରିକ ପ୍ରଯୁକ୍ତିର ବ୍ୟବହାର ସହିତ ଟିପିସିଓଡିଏଲ୍‌ର ବିତରଣ ଭିତ୍ତିଭୂମି ବହୁତ ଭଲ ଆକାର ନେଇଛି। ଶ୍ରେଷ୍ଠ ସେବା ଓ ସବୁଠୁ ଭରସାଯୋଗ୍ୟ ବିଦ୍ୟୁତ ଯୋଗାଣ ସହିତ ଆମେ ଆମ କାର୍ଯ୍ୟ କ୍ଷେତ୍ରର ଅନ୍ୟାନ୍ୟ ବିଷୟରେ ପ୍ରଯୁକ୍ତି ଜନିତ ଉନ୍ନତୀକରଣ ଉପରେ କାର୍ଯ୍ୟ କରୁଛୁ।

## ଫୁରସତ୍



# ବଲିଉଡ୍‌ରେ ଏଣ୍ଟ୍ରି କରିବେ ଅଭିକା

**ମୁମ୍ବାଇ:** ଟଲିଉଡ୍‌ରୁ ବଲିଉଡ୍‌କୁ ଏଣ୍ଟ୍ରି କରିବେ ଧାରାବାହିକ 'ବାଳିକା ବଧୂ'ର ଆନନ୍ଦୀ ଚରିତ୍ର କରିଥିବା ଅଭିକା ଗୋର୍। ଏବେ ବି–ଟାଉନରେ ସମସ୍ତଙ୍କୁ ନିଜ ଗ୍ଲାମରସ୍ ଅନ୍ଦାଜର ଜଲ୍‌ୱା ଦେଖାଇବେ। ଏନେଇ ନିଜକୁ ପ୍ରସ୍ତୁତ କରିସାରିଲେଣି। ଟେଲି ଧାରାବାହିକର ମୋଷ୍ଟ ପପୁଲାର ଅଭିନେତ୍ରୀ ଅଭିକା ଖୁବ୍ କମ୍ ବୟସରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ଧାରାବାହିକ 'ବାଳିକା ବଧୂ'ରେ ତାଙ୍କ ଆନନ୍ଦୀ ଚରିତ୍ର ଘରେ ଘରେ ଆଦର ସାଉଁଟିଛି। ଅଭିକା ଏବେ ବଲିଉଡ୍‌ରେ ଡେବ୍ୟୁ କରିବାକୁ ଯାଉଛନ୍ତି। ୨୦୨୩ରେ ମୁକ୍ତିଲାଭ କରିବାକୁ ଥିବା ବିକ୍ରମ ଭଟ୍ଟଙ୍କ ଫିଲ୍ମ '୧୯୨୦ ହରର୍ସ ଅଫ୍ ଦି ହାର୍ଟ'ରେ ସେ ନଜର ଆସିବେ। ସିନେମାଟି ହରର ଷ୍ଟୋରି ଉପରେ ଆଧାରିତ। ଏହାକୁ ମହେଶ ଭଟ୍ଟ ଲେଖିଥିବାବେଳେ କ୍ରିଷ୍ଣା ଭଟ୍ଟ ନିର୍ଦ୍ଦେଶନା ଦେଉଛନ୍ତି। ଏନେଇ ବିକ୍ରମ ଭଟ୍ଟ ତାଙ୍କ ସୋସିଆଲ ମିଡିଆ ମାଧ୍ୟମରେ ସମସ୍ତଙ୍କୁ ଜଣାଇଛନ୍ତି। ବିକ୍ରମ ଏବଂ ଅଭିକା ଇନ୍‌ଷ୍ଟାଗ୍ରାମରେ ଜଏଣ୍ଟ ଆକାଉଣ୍ଟରେ ଏକ ପୋଷ୍ଟ ଶେୟାର କରିଛନ୍ତି। ପୋଷ୍ଟରେ ମହେଶ ଭଟ୍ଟ, ବିକ୍ରମ ଭଟ୍ଟ, ତାଙ୍କ ଝିଅ କ୍ରିଷ୍ଣା ଭଟ୍ଟ ଏବଂ ଅଭିକାଙ୍କୁ ଦେଖିବାକୁ ମିଳିଛି। ସେଥିରେ କ୍ୟାପ୍ସନ୍ ରହିଛି, ୧୯୨୦ ମୋ ଜୀବନରେ ନୂଆ ଅଧ୍ୟାୟ ଆରମ୍ଭ କରିଛି। ଏହି ଫିଲ୍ମ ଅଭିକା ଏବଂ କ୍ରିଷ୍ଣାଙ୍କ ହିନ୍ଦୀ ସିନେମା କ୍ୟାରିୟରରେ ନୂଆ ଆରମ୍ଭ ହେବ। ବାଳିକା ବଧୂ ପରେ ପୂର୍ବରୁ ଅଭିକା ତେଲୁଗୁ, କନ୍ନଡ ଆଦି ଚଳଚ୍ଚିତ୍ରରେ ନିଜ ଅଭିନୟର ଛାପ ଛାଡିସାରିଛନ୍ତି।

# ମୋଦିଙ୍କୁ ଉପହାର ଦେଲେ ଅନୁପମଙ୍କ ମା'

**ମୁମ୍ବାଇ:** ମା' ପଠାଇଥିବା ରୁଦ୍ରାକ୍ଷ ମାଳକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପ୍ରଦାନ କଲେ ବଲିଉଡ୍ ଅଭିନେତା ଅନୁପମ ଖେର। ପ୍ରଧାନମନ୍ତ୍ରୀ ଏହାକୁ ଗ୍ରହଣ କରି ଅନୁପମ୍‌ଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଅନୁପମ ପ୍ରଧାନମନ୍ତ୍ରୀଙ୍କୁ ଏକ ସାକ୍ଷାତ୍‌କାରରେ ରୁଦ୍ରାକ୍ଷ ପ୍ରଦାନ କରିଥିବା ନେଇ ସୋସିଆଲ ମିଡିଆରେ ୨ଟି ଫଟୋ ଶେୟାର କରିଛନ୍ତି। ଅନୁପମ୍ ଇନ୍‌ଷ୍ଟାଗ୍ରାମ୍ ଏବଂ ଟୁଇଟ୍‌ରେ ଲେଖିଛନ୍ତି, ଆପଣଙ୍କୁ ଭେଟି ଖୁସି ଲାଗିଲା। ଆପଣ ଦେଶବାସୀଙ୍କ ପାଇଁ ଦିନରାତି ପରିଶ୍ରମ କରୁଛନ୍ତି। ଏହା ପ୍ରେରଣାଦାୟକ। ଯେଉଁ ଶ୍ରଦ୍ଧାରେ ମୋ ମା'ଙ୍କ ପଠାଇଥିବା ରୁଦ୍ରାକ୍ଷ ମାଳକୁ ଆପଣ ଗ୍ରହଣ କଲେ, ତାହା ମୁଁ ସର୍ବଦା ମନେରଖିବି।



ପ୍ରତିକ୍ରିୟାରେ ପ୍ରଧାନମନ୍ତ୍ରୀ କହିଛନ୍ତି, ବହୁତ ବହୁତ ଧନ୍ୟବାଦ ଅନୁପମ୍ ଖେରି ଜୀ। ଆଦରଣୀୟା ମାତା ଜୀ । ଦେଶବାସୀଙ୍କ ଆଶୀର୍ବାଦ ଯୋଗୁ ମୋତେ ମା', ଭାରତୀୟଙ୍କ ସେବା କରିବାକୁ ନିରନ୍ତର ପ୍ରେରଣା ମିଳୁଛି। ଏହାସହ ସିନେମା 'ଦ କଶ୍ମୀର ଫାଇଲ୍ସ'ର ମୁଖ୍ୟ ଚରିତ୍ରରେ ଅନୁପମଙ୍କ ଅଭିନୟକୁ ବେଶ୍ ପ୍ରଶଂସା କରିଛନ୍ତି ମୋଦି।

# ମନ୍ଦିରକୁ ଲକ୍ଷେ ଦାନ କଲେ ଭିକାରୁଣୀ

**ବେଙ୍ଗାଲୁରୁ:** ମାଙ୍ଗାଲୁରୁର ରାଜ ରାଜେଶ୍ୱରୀ ମନ୍ଦିରକୁ ଜଣେ ୮୦ ବର୍ଷୀୟା ଭିକାରୁଣୀ ୧ ଲକ୍ଷ ଟଙ୍କା ଦାନ ସ୍ୱରୂପ ଦେଇଛନ୍ତି। ଏହା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ସେ କହିଛନ୍ତି, କେହି ଯେପରି ଭୋକରେ ନ ରୁହନ୍ତୁ, ଏଭଳି କାମନା କରି ସେ ତାଙ୍କ ଗଚ୍ଛିତ ଟଙ୍କାକୁ ମନ୍ଦିରକୁ ଦାନ କରି ଦେଇଛନ୍ତି। ଦକ୍ଷିଣ କନ୍ନଡ ଓ ଉଡୁପୀ ଜିଲାରେ ଥିବା ମନ୍ଦିର ସାମ୍ନାରେ ବସି ଭକ୍ତଙ୍କଠାରୁ ପାଇଥିବା ଭିକ୍ଷାକୁ ଦାନ ଦେଇଥିବା ସେ କହିଛନ୍ତି। ବୃଦ୍ଧା ଜଣଙ୍କ ଜଣେ ରେସ୍ତୋରାଁ ମାଲିକଙ୍କୁ କହି ଭିକ୍ଷା ଟଙ୍କା ଦାନ କରିବାକୁ ଚାହୁଁଥିଲେ ବୋଲି ମନ୍ଦିର ଅଧିକାରୀ କହିଛନ୍ତି। ଏହା ପୂର୍ବରୁ ସେ ବିଭିନ୍ନ ମନ୍ଦିରକୁ ପାଖାପାଖି ୧୬ ଲକ୍ଷ ଟଙ୍କା ଦାନ ଦେଇସାରିଛନ୍ତି। କର୍ଣ୍ଣାଟକ ଉଡୁପୀ ଜିଲା କୁଣ୍ଡାପୁର ତାଲୁକର କାଞ୍ଚାଗୋଡୁ ଗ୍ରାମର ବୃଦ୍ଧା ଅଶ୍ୱତ୍ଥମା ସ୍ୱାମୀଙ୍କ ମୃତ୍ୟୁ ପରେ ଦୀର୍ଘ ୧୮ ବର୍ଷ ଧରି ବିଭିନ୍ନ ମନ୍ଦିର ନିକଟରେ ଭିକ୍ଷା ମାଗୁଛନ୍ତି। ଏହାପରେ ତାଙ୍କ ପିଲାଙ୍କ ମୃତ୍ୟୁ ହେବା ପରେ ସେ ଅଧିକ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଫଳରେ ଚଳିବାକୁ କୌଣସି ରୋଜଗାରର ପନ୍ଥା ନ ପାଇବାରୁ ବାଧ୍ୟ ହୋଇ ସେ ଭିକ୍ଷାବୃତ୍ତିକୁ



ଚୟନ କରିଥିଲେ। ସେ ନିଜର ଭିକ୍ଷାକୁ ବ୍ୟକ୍ତିଗତ ଖର୍ଚ୍ଚ ପାଇଁ ଅଳ୍ପ ବ୍ୟବହାର କରି ଅଧିକାଂଶ ଅର୍ଥ ବ୍ୟାଙ୍କରେ ସଞ୍ଚୟ କରି ରଖୁଥିଲେ, ଯାହା ସେ ମନ୍ଦିରକୁ ଦାନ କରିଛନ୍ତି। ବୃଦ୍ଧା ଜଣଙ୍କ ପୋଲାଲି ମନ୍ଦିର ସମ୍ମୁଖରେ ହେଉଥିବା ବାର୍ଷିକ ଯାତ୍ରା ମହୋତ୍ସବ ସମୟରେ ପ୍ରାୟ ଏକ ମାସ ପର୍ଯ୍ୟନ୍ତ ଭିକ୍ଷା ମାଗିଥିଲେ, ଯେଉଁଥିରୁ ତାଙ୍କୁ ଲକ୍ଷେ ଟଙ୍କା ମିଳିଥିଲା। ସେହି ଟଙ୍କାକୁ ମନ୍ଦିରକୁ ସାମୂହିକ ଭୋଜନ ନିମନ୍ତେ ଶୁକ୍ରବାର ଦାନ କରିଛନ୍ତି। ଟାଇମ୍ସ ଅଫ ଇଣ୍ଡିଆ ରିପୋର୍ଟ ମୁତାବକ, ଯେତେବେଳେ ଅଶ୍ୱତ୍ଥମା ଭିକ୍ଷା ମାଗିବା ଆରମ୍ଭ କଲେ ସେ ସବୁକୁ ଠାକୁରଙ୍କୁ ଦେବାକୁ ଭାବିଥିଲେ। ଏପର୍ଯ୍ୟନ୍ତ ଶାବରିମାଳାର ବିଭିନ୍ନ ସ୍ଥାନରେ ଲକ୍ଷେରୁ ଅଧିକ ଭକ୍ତଙ୍କୁ ଅନ୍ନଦାନ କରିଛନ୍ତି। ସେଠାରେ ଥିବା ଶ୍ରୀ ଆୟାପ୍ପା ମନ୍ଦିର ସମେତ ପୋଲଲି, ସାଲିଗ୍ରାମା ଓ ଅନ୍ୟାନ୍ୟ ସ୍ଥାନରେ ଥିବା ବିଭିନ୍ନ ମନ୍ଦିରକୁ ୧୦ ଲକ୍ଷ ଟଙ୍କା ଦାନ କରିଛନ୍ତି। ଏଥିସହ କନ୍ନଡ ଜିଲାର ଉଡୁପୀ ଓ ଡାକସିନାର ବିଭିନ୍ନ ଅନାଥ ଆଶ୍ରମକୁ ମଧ୍ୟ ଅର୍ଥ ଦାନ କରିଛନ୍ତି।

# ସଚେତନତା ହିଁ ନିଦାନ

## ବିଶ୍ୱ ମ୍ୟାଲେରିଆ ଦିବସ

ବିଶ୍ୱସ୍ତରରେ ମ୍ୟାଲେରିଆକୁ ନିୟନ୍ତ୍ରଣ କରାଯିବା ଲାଗି ଉଦ୍ୟମ ଅବ୍ୟାହତ ରହିଛି। ମ୍ୟାଲେରିଆଠାରୁ କିଭଳି ଦୂରେଇ ରହିହେବ ସେନେଇ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ୨୫ ଏପ୍ରିଲ୍‌ରେ ବିଶ୍ୱ ମ୍ୟାଲେରିଆ ଦିବସ ପାଳନ କରାଯାଇଥାଏ। ବିଶ୍ୱସ୍ତରରେ ୧୦୬ଟି ଦେଶରେ ୩.୩ ବିଲିୟନ ଲୋକ ମ୍ୟାଲେରିଆ ଯୋଗୁ ସଙ୍କଟରେ ରହିଛନ୍ତି। ୨୦୧୨ରେ ମ୍ୟାଲେରିଆରେ ପ୍ରାୟ ୬,୨୭,୦୦୦ ଜଣଙ୍କ ମୃତ୍ୟୁ ଘଟିଥିଲା। ମୁଖ୍ୟତଃ ଆଫ୍ରିକୀୟ ଦେଶରେ ଏହାଯୋଗୁ ଅଧିକ ଲୋକ ପ୍ରଭାବିତ ହୋଇଥିବାବେଳେ ଏସିଆ, ଲାଟିନ୍ ଆମେରିକା ଏବଂ ମଧ୍ୟପ୍ରାଚ୍ୟ ଏବଂ ୟୁରୋପର କିଛିଅଂଶ ମଧ୍ୟ ମ୍ୟାଲେରିଆ ଦ୍ୱାରା ପ୍ରଭାବିତ ହୋଇଥାଏ।

ସଦ୍ୟତମ ବିଶ୍ୱ ମ୍ୟାଲେରିଆ ରିପୋର୍ଟ ଅନୁଯାୟୀ, ୨୦୧୫ରେ ମ୍ୟାଲେରିଆରେ ୪,୨୯,୦୦୦ ଜଣଙ୍କ ମୃତ୍ୟୁ ଘଟିଥିଲା। ଏହିବର୍ଷ ୨୧୨ ନିୟୁତ ନୂତନ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ନିଷ୍ପତ୍ତି ଅନୁଯାୟୀ ବିଶ୍ୱ ସ୍ୱାସ୍ଥ୍ୟ ସଭାର ୬୦ତମ ଅଧିବେଶନରେ ସହମତି କ୍ରମେ ମେ' ୨୦୦୭ରେ ବିଶ୍ୱ ମ୍ୟାଲେରିଆ ଦିବସ ପାଳନ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ତେବେ ୨୦୦୧ ଏପ୍ରିଲ ୨୫ରେ ଆଫ୍ରିକା ମ୍ୟାଲେରିଆ ଦିବସ ପାଳନ ଆରମ୍ଭ ହୋଇଥିଲା। କିଭଳି ମ୍ୟାଲେରିଆଠାରୁ ଦୂରେଇ ରହିହେବ, ସେ ନେଇ ଏହି ଦିବସ ପାଳନ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ବିଶ୍ୱରେ ଲୋକଙ୍କୁ ସଚେତନ କରାଯାଇଥାଏ।



# ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଆରମ୍ଭ

ବେଙ୍ଗାଲୁରୁ, ୨୪।୪



ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ଉଦ୍‌ଘାଟନୀ ଉତ୍ସବରେ ଉପରାଷ୍ଟ୍ରପତି ଏମ୍.ଭେଙ୍କାୟା ନାଇଡୁଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସହ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ଦ୍ୱିତୀୟ ସଂସ୍କରଣ ରବିବାର ସ୍ଥାନୀୟ ଶ୍ରୀ କାନ୍ତିରାଭା ଇନ୍‌ଡୋର ଷ୍ଟାଡିୟମରେ ଉଦ୍‌ଘାଟିତ ହୋଇଯାଇଛି। କର୍ଣ୍ଣାଟକ ରାଜ୍ୟପାଳ ଥାୱାର ଚାନ୍ଦ ଗେହଲଟଙ୍କ ଉପସ୍ଥିତିରେ ଉପରାଷ୍ଟ୍ରପତି ଏମ୍.ଭେଙ୍କେୟା ନାଇଡୁ ଗେମ୍ସର ଆରମ୍ଭ ଘୋଷଣା କରିଥିଲେ। ଆୟୋଜକ ଜୈନ ୟୁନିଭର୍ସିଟିରୁ ପ୍ରତିନିଧିତ୍ୱ କରିଥିବା ଶ୍ରୀହରି ନଟରାଜ ସମସ୍ତ ଆଥ୍‌ଲେଟଙ୍କ ତରଫରୁ ଶପଥପାଠ କରିଥିଲେ। ନଟରାଜ ସର୍ବକନିଷ୍ଠ ଭାରତୀୟ ସନ୍ତରଣକାରୀ ଭାବେ ଅଲିମ୍ପିକ ଷ୍ଟାଣ୍ଡାର୍ଡ ଟାଇମ୍ ହାସଲ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇ, କେନ୍ଦ୍ର କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ଅନୁରାଗ ସିଂ ଠାକୁର, କେନ୍ଦ୍ର କ୍ରୀଡ଼ା ଓ ଯୁବ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ନିଶିଥ ପ୍ରମାଣିକ ଏବଂ କର୍ଣ୍ଣାଟକ ରାଜ୍ୟ ଯୁବ ସଶକ୍ତୀକରଣ ଏବଂ କ୍ରୀଡ଼ାମନ୍ତ୍ରୀ ନାରାୟଣ ଗୌଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ବିମଲ କୁମାର, ଅଞ୍ଜୁ ବବି ଜର୍ଜ, ରିତ୍ ଆବ୍ରାହମ, ଅଶ୍ୱିନୀ ନାଚାପ୍ପା, ମାଲାଥି ହୋଲା, ବିଆର୍ ବିଦ୍ରୁ, ଏବି ସୁବାୟା, ଏସ୍‌ଭି ସୁନୀଲ, ଭି.ଆର. ରଘୁନାଥ୍ ପ୍ରମୁଖ ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇଥିଲେ। ଗେମ୍ସର ଆରମ୍ଭ ଘୋଷଣା କରି ଉପରାଷ୍ଟ୍ରପତି ନାଇଡୁ କ୍ରୀଡ଼ାକୁ ସେମାନଙ୍କ ଜୀବନର ଏକ ଅଂଶ ଭାବେ ଗ୍ରହଣ କରିବା ଲାଗି ଯୁବ ସମାଜକୁ ଆହ୍ୱାନ କରିଥିଲେ। ଏହା ଦ୍ୱାରା ଜୀବନ ସାର୍ଥକ ହେବ। ନିଜ ପସନ୍ଦର ଖେଳ ଖେଳିବା ଦ୍ୱାରା ଉଭୟ ଶାରୀରିକ ଓ ମାନସିକ ସ୍ତରରେ ଫିଟ୍ ରହିହେବ, ଯାହାଫଳରେ ଆମେ ଦେଶକୁ ଆଗେଇ ନେଇପାରିବା। ଖେଲୋ ଇଣ୍ଡିଆର ଏହି ସଂସ୍କରଣରେ ଯୋଗାସନ ଓ ମାଲଖମ୍ବକୁ ସାମିଲ କରାଯାଇଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଏକ ସ୍ୱତନ୍ତ୍ର ଭିଡିଓ ବାର୍ତ୍ତାକୁ ଏକ ବଡ଼ ସ୍କ୍ରିନ୍‌ରେ ପ୍ରଦର୍ଶିତ ହୋଇଥିଲା। ୧୦ ଦିନ ଧରି ହେବାକୁଥିବା ଏହି ଇଭେଣ୍ଟରେ ଦେଶର ୧୮୦ ୟୁନିଭର୍ସିଟିରୁ ପ୍ରାୟ ୪,୦୦୦ ଆଥ୍‌ଲେଟ ୨୦ଟି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ୟୁନିଭର୍ସିଟି ଛାତ୍ରଙ୍କ ଲାଗି ସେମାନଙ୍କ ପ୍ରତିଭା ପ୍ରଦର୍ଶନ ପାଇଁ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ ହେଉଛି ଉପଯୁକ୍ତ ପ୍ଲାଟ୍‌ଫର୍ମ। ଏଥିରେ ଭଲ ପ୍ରଦର୍ଶନ କଲେ ଜାତୀୟ ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିହେବ।

# ସ୍ନେହାଙ୍କୁ ସ୍ୱର୍ଣ୍ଣ, ପ୍ରମିଳାଙ୍କୁ ରୌପ୍ୟ

ଭୁବନେଶ୍ୱର, ୨୪।୪(କ୍ରୀଡ଼ା ପ୍ରତିନିଧି)



ଭାରୋତ୍ତୋଳନ ଅବସରରେ ସ୍ନେହା ସୋରେନ।

**ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା**

ବେଙ୍ଗାଲୁରୁଠାରେ ଚାଲିଥିବା ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ଓଡ଼ିଶା ପାଇଁ ପଦକ ଖାତା ଖୋଲିଛନ୍ତି ଭାରୋତ୍ତୋଳିକା ସ୍ନେହା ସୋରେନ। କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ସ୍ନେହା ମହିଳା ୪୯ କେଜି ଭାରୋତ୍ତୋଳନରେ ସ୍ନାଚ୍‌ରେ ୬୯ କେଜି, କ୍ଲିନ୍ ଆଣ୍ଡ ଜର୍କରେ ୯୨ କେଜି ଏହିପରି ମୋଟ୍ ୧୬୧ କେଜି ଉତ୍ତୋଳନ କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏହି ଇଭେଣ୍ଟରେ ଶିବାଜୀ ବିଶ୍ୱବିଦ୍ୟାଳୟର ସରିତା ସୁନୀଲ ସଭନ୍ତ ୧୫୦ (୬୪+୮୬) ଓ କୁରୁକ୍ଷେତ୍ର ବିଶ୍ୱବିଦ୍ୟାଳୟର ଶାଲୁ ୧୪୯ (୬୭+୮୨) କେଜି ଭାରୋତ୍ତୋଳନ କରି ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଛନ୍ତି। ଏହା ପୂର୍ବରୁ ଗୁଣ୍ଟୁରଠାରେ ଅନୁଷ୍ଠିତ ସର୍ବଭାରତୀୟ କ୍ରୀଡ଼ାରେ ସ୍ନେହା ସ୍ୱର୍ଣ୍ଣ ପଦକ ହାସଲ କରିଥିବାବେଳେ ନିକଟରେ କିଟ୍ ଷ୍ଟାଡିୟମରେ ଅନୁଷ୍ଠିତ ଜାତୀୟ ଭାରୋତ୍ତୋଳନ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ପଦକ ପାଇଥିଲେ। ଏହି ସଫଳତା ପାଇଁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ସ୍ନେହାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ମହିଳା ୫୫ କେଜି ବର୍ଗରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରମିଳା କିର୍ସାନୀ ରୌପ୍ୟ ପଦକ ପାଇଛନ୍ତି। ସେ ସ୍ନାଚ୍‌ରେ ୭୧, କ୍ଲିନ୍ ଆଣ୍ଡ ଜର୍କରେ ୯୫ ଏହିପରି ମୋଟ୍ ୧୬୬ କେଜି ଉତ୍ତୋଳନ କରି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଏହି ଇଭେଣ୍ଟରେ ଶିବାଜୀ ବିଶ୍ୱବିଦ୍ୟାଳୟର ରନମାଲେ ସାକ୍ଷୀ ମହେଶ ୧୬୬ କେଜି ସହ ସ୍ୱର୍ଣ୍ଣ ଏବଂ ମାଙ୍ଗାଲୋର ବିଶ୍ୱବିଦ୍ୟାଳୟର ବି. ଲକ୍ଷ୍ମୀ ୧୬୧ କେଜି ଭାର ଉଠାଇ ବ୍ରୋଞ୍ଜ ପଦକ ଅର୍ଜନ କରିଛନ୍ତି। ପୁରୁଷ ୬୧ କେଜି ବର୍ଗରେ କିଟ୍ ବିଶ୍ୱବିଦ୍ୟାଳୟର ରାଜେନ୍ଦ୍ର ମୁଦୁଲି ସ୍ନାଚ୍‌ରେ ୧୦୮, କ୍ଲିନ୍ ଆଣ୍ଡ ଜର୍କରେ ୧୩୦ ସହ ମୋଟ୍ ୨୩୮ କେଜି ଭାରୋତ୍ତୋଳନ କରି ବ୍ରୋଞ୍ଜ ପଦକ ପାଇଛନ୍ତି। ଫୁଟ୍‌ବଲରେ ଉତ୍କଳ ବିଶ୍ୱବିଦ୍ୟାଳୟ ୧-୨ ଗୋଲରେ ଗୁରୁ ନାନକ ଦେବ ବିଶ୍ୱବିଦ୍ୟାଳୟ ନିକଟରୁ ହାରିଯାଇଛି।

# ଓଡ଼ିଶା ଆଜି ସର୍ଭିସେସ୍‌କୁ ଭେଟିବ

ଭୁବନେଶ୍ୱର, ୨୪।୪
(କ୍ରୀଡ଼ା ପ୍ରତିନିଧି)



ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ସହ ଚନ୍ଦ୍ର ମୁଦୁଲି।

କେରଳରେ ଚାଲିଥିବା ସନ୍ତୋଷ ଟ୍ରଫି ଫୁଟବଲ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ପ୍ରବେଶ କରି ସାରିଥିବା ଓଡ଼ିଶା ସୋମବାର ଏହାର ଅନ୍ତିମ ଲିଗ୍ ମ୍ୟାଚରେ ସର୍ଭିସେସକୁ ଭେଟିବ। ଏହି ମ୍ୟାଚ କେରଳର କୋଟ୍ଟାପଡି ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ଏହାର ପ୍ରଥମ ମ୍ୟାଚକୁ କର୍ଣ୍ଣାଟକ ବିପକ୍ଷରେ ୩-୩ ଗୋଲରେ ଡ୍ର ରଖି ଅଭିଯାନ ଆରମ୍ଭ କରିଥିଲା। ଦ୍ୱିତୀୟ ମ୍ୟାଚରେ ଦଳ ଶକ୍ତିଶାଳୀ ମଣିପୁରକୁ ପରାସ୍ତ କରିଥିଲା। ଶନିବାର ଅନୁଷ୍ଠିତ ତୃତୀୟ ମ୍ୟାଚରେ ଓଡ଼ିଶା ୩-୨ ଗୋଲରେ ଗୁଜରାଟକୁ ହରାଇ ଦେଇଥିଲା। ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଓଡ଼ିଶା ପକ୍ଷରୁ ଚନ୍ଦ୍ର ମୁଦୁଲି ୩୭ ଓ ୮୮ତମ ମିନିଟରେ ୨ଟି ଗୋଲ ଦେଇଥିବାବେଳେ ରାଇସେନ ଟୁଡୁ ୮୯ତମ ମିନିଟରେ ଗୋଟିଏ ଗୋଲ ସ୍କୋର କରିଥିଲେ। ଗୁଜରାଟ ପକ୍ଷରୁ ପ୍ରବଳଦୀପ ଖାରେ ୮୯ ଓ ଜୟ କାନାନୀ ୯୦+୬ ମିନିଟରେ ଗୋଟିଏ ଲେଖାଏ ଗୋଲ ପରିଶୋଧ କରିଥିଲେ। ଡବଲ ଗୋଲ ସ୍କୋରର ଚନ୍ଦ୍ର ମୁଦୁଲି ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଓଡ଼ିଶା ଦଳ ୩ ମ୍ୟାଚରୁ ୨ ବିଜୟ ଓ ୧ ଡ୍ର ସହ ୭ ପଏଣ୍ଟ ପାଇଛି। ମଣିପୁର ୪ ମ୍ୟାଚରୁ ୩ ବିଜୟ ଓ ୧ ପରାଜୟ ସହିତ ୯ ପଏଣ୍ଟ ପାଇ ଶୀର୍ଷରେ ରହିଛି। ଆଗାମୀ ମ୍ୟାଚରେ ସର୍ଭିସେସକୁ ହରାଇ ପାରିଲେ ଓଡ଼ିଶା ପଏଣ୍ଟ ଟେବୁଲର ଶୀର୍ଷସ୍ଥାନ ଅଧିକାର କରିବ।

# ଜର୍ନାଲିଷ୍ଟ ମଜୁମଦାର ବାସନ୍ଦ

ନୂଆଦିଲ୍ଲୀ, ୨୪।୪

ଭାରତୀୟ ଟେଷ୍ଟ ଉଇକେଟକିପର ରିଦ୍ଧିମାନ ଶାହଙ୍କୁ ହ୍ୱାଟ୍ସଆପ୍ ମେସେଜ ଜରିଆରେ ଧମକ ଦେବା ମାମଲାରେ ସ୍ପୋର୍ଟ୍ସ ଜର୍ନାଲିଷ୍ଟ ବୋରିଆ ମଜୁମଦାର ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ପରିଣାମ ସ୍ୱରୂପ ତାଙ୍କୁ ୨ ବର୍ଷ ଲାଗି ବାସନ୍ଦ କରାଯାଇଛି। ଉଲ୍ଲେଖଯୋଗ୍ୟ, ଏକ ସାକ୍ଷାତ୍‌କାର ପାଇଁ ମଜୁମଦାର ପଠାଇଥିବା ଧମକପୂର୍ଣ୍ଣ ହ୍ୱାଟ୍ସଆପ୍ ମେସେଜର ସ୍କ୍ରିନଶଟ୍ ଟୁଇଟରରେ ଶେୟାର କରିଥିଲେ ଭେଟେରାନ ଉଇକେଟକିପର। ତା' ପରେ ଘଟଣାର ତଦନ୍ତ ପାଇଁ ଉପ ସଭାପତି ରାଜିବ ଶୁକ୍ଳା, ଟ୍ରେଜରର ଅରୁଣ ସିଂ ଧୁମାଲ ଓ ଆପେକ୍ସ କାଉନ୍ସିଲ ସଦସ୍ୟ ପ୍ରଭତେଜ ସିଂ ଭାଟିଆଙ୍କୁ ନେଇ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ୩ ଜଣିଆ କମିଟି ଗଠନ କରିଥିଲା।

“ମଜୁମଦାରଙ୍କୁ ଷ୍ଟାଡିୟମ ମଧ୍ୟରେ ପ୍ରବେଶ କରିବାକୁ ଅନୁମତି ନ ଦେବାକୁ ଆମେ ଭାରତୀୟ କ୍ରିକେଟ ବୋର୍ଡର ସମସ୍ତ ରାଜ୍ୟ ଶାଖାକୁ ଜଣାଇଦେବୁ। ତାଙ୍କୁ ଘରୋଇ ମ୍ୟାଚ୍ ଲାଗି ମିଡିଆ ଆକ୍ରେଡିଟେଶନ ମଧ୍ୟ ଦିଆଯିବ ନାହିଁ। ତାଙ୍କୁ ବ୍ଲାକଲିଷ୍ଟ କରିବା ଲାଗି ଆମେ ଆଇସିସିକୁ ପତ୍ର ଲେଖିବୁ। ଖେଳାଳିମାନଙ୍କୁ ମଧ୍ୟ ତାଙ୍କ ସହ ଆଲୋଚନା ନ କରିବାକୁ କୁହାଯିବ” ବୋଲି ବସିସିଆଇର ଜଣେ ବରିଷ୍ଠ ଅଧିକାରୀ ନାମ ପ୍ରକାଶ ନ କରିବା ସର୍ତ୍ତରେ କହିଛନ୍ତି।

# ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନର କାର୍ଯ୍ୟକାରିଣୀ

ଭୁବନେଶ୍ୱର, ୨୪।୪ (କ୍ରୀଡ଼ା ପ୍ରତିନିଧି)

ଭୁବନେଶ୍ୱର ଆଥ୍‌ଲେଟିକ୍ ଆସୋସିଏଶନର ନବନିର୍ବାଚିତ କର୍ମକର୍ତ୍ତାଙ୍କ ପ୍ରଥମ କାର୍ଯ୍ୟକାରିଣୀ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଆସୋସିଏଶନ ସଭାପତି ସୁରେଶ କୁମାର ରାଉତରାୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ କୋଷାଧ୍ୟକ୍ଷ ରଘୁନନ୍ଦନ ପଣ୍ଡା ଗତ ବର୍ଷ ଖର୍ଚ୍ଚର ବିବରଣୀ ଦେବା ସହ ୨୦୨୨-୨୩ ବର୍ଷ ପାଇଁ ୧୫,୬୮,୦୦୦ ଟଙ୍କାର ବ୍ୟୟ ଅଟକଳ ଉପସ୍ଥାପନ କରିଥିଲେ। ଏହାକୁ ନିର୍ବିବାଦରେ ସମସ୍ତ ସଦସ୍ୟ ଗ୍ରହଣ କରିଥିଲେ। ସବ୍‌ଜୁନିୟର ସ୍ତରରେ ଖେଳାଳିଙ୍କୁ ଉତ୍ସାହିତ କରିବା ପାଇଁ ୧୪ ବର୍ଷରୁ କମ୍ ଫୁଟବଲ ଏବଂ ୧୬ ବର୍ଷରୁ କମ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆୟୋଜନ ସମ୍ପର୍କରେ ଆସୋସିଏଶନ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା ସୂଚନା ଦେଇଥିଲେ। ଉପସଭାପତି ଭାଗ୍ୟଧର ଜଗଦେବ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ବୈଠକରେ ଆସୋସିଏଶନର ସମସ୍ତ କର୍ମକର୍ତ୍ତା ଏବଂ ବିଭିନ୍ନ କ୍ରୀଡ଼ାର ସମ୍ପାଦକମାନେ ଉପସ୍ଥିତ ଥିଲେ।


ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ କାର୍ଯ୍ୟକାରିଣୀ କମିଟି ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

## ରାଜ୍ୟ ଖବର

# ଖୁବ୍‌ଶୀଘ୍ର ଫେରିବ ଡାକୋଟା ବିମାନ

ନୂଆଦିଲ୍ଲୀ,୨୪।୪




ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଉଡ଼ାଇଥିବା ଡାକୋଟା ବିମାନ ଚଳିତ ବର୍ଷ ଶେଷ ସୁଦ୍ଧା ଭୁବନେଶ୍ୱର ଫେରିବ ବୋଲି ଆଶା କରାଯାଉଛି। ଏବେ ବିମାନଟି ଅଚଳ ଅବସ୍ଥାରେ କୋଲକାତାର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଅନ୍ତର୍ଜାତୀୟ ବିମାନବନ୍ଦରରେ ପଡ଼ିରହିଛି। ଏହାକୁ ଖୋଲି ସଡ଼କପଥରେ ଭୁବନେଶ୍ୱର ଆଣି ପୁଣିଥରେ ଯୋଡ଼ିବା ପରେ ଆବଶ୍ୟକ ମରାମତି ଓ ରଙ୍ଗ କରାଯାଇ ଏକ ପ୍ରମୁଖ ସ୍ଥାନରେ ରଖାଯିବ। ଏହି କାର୍ଯ୍ୟ ଲାଗ ରାଜ୍ୟ ସରକାର ଟେଣ୍ଡର ଡାକିଥିଲେ।

ବିଜୁବାବୁ ୧୯୪୭ ଜୁଲାଇ ୨୧ରେ ଡାକୋଟା ବିମାନରେ ଇଣ୍ଡୋନେସିଆର ତତ୍କାଳୀନ ରାଷ୍ଟ୍ରପତି ସୁକର୍ଣ୍ଣଙ୍କୁ ଉଦ୍ଧାର କରିଥିଲେ। ରାଜ୍ୟ ସରକାରଙ୍କ ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଡାକୋଟା ବିମାନ ଓଡ଼ିଶା ଲୋକଙ୍କ ପାଇଁ ବିଶେଷ ଗୁରୁତ୍ୱ ବହନ କରେ। ଏହାକୁ ଆଣିବା ପାଇଁ ପୂର୍ବରୁ ଯୋଜନା ହୋଇଥିଲେ ହେଁ କୋଭିଡ୍ ମହାମାରୀ ଯୋଗୁ ପ୍ରକ୍ରିୟା ବିଳମ୍ବିତ ହୋଇଛି। ଏବେ ଟେଣ୍ଡର ଚାଲିଛି। ବର୍ଷ ଶେଷ ସୁଦ୍ଧା ଏହାକୁ ଅଣାଯାଇପାରେ। ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ଏବଂ ଭାରତର ବିମାନବନ୍ଦର କର୍ତ୍ତୃପକ୍ଷ (ଏଏଆଇ)ଙ୍କଠାରୁ ଆବଶ୍ୟକ ମଞ୍ଜୁରୀ ମିଳିସାରିଛି। କୋଲକାତା ବିମାନବନ୍ଦରରୁ କେତେକ ସୁରକ୍ଷାଗତ ମଞ୍ଜୁରୀ ଅଣାଯିବ। ଡାକୋଟା ବିମାନକୁ ରଖିବା ପାଇଁ ଭୁବନେଶ୍ୱରରେ ଜାଗା ଚିହ୍ନଟ ହୋଇଛି।

ପ୍ରକାଶ ଯେ, ୧୯୪୭ରେ ଡଚ୍‌ମାନେ ପୁନର୍ବାର ଇଣ୍ଡୋନେସିଆକୁ ଦଖଲ କରିବାକୁ ଉଦ୍ୟମ କରିଥିଲେ। ସେହି ସମୟରେ କଳିଙ୍ଗ ଏୟାରଲାଇନ୍ସର ଦକ୍ଷ ପାଇଲଟ ବିଜୁବାବୁଙ୍କୁ ବିମାନରେ ଜାଭା ଯାଇ ସୁକର୍ଣ୍ଣଙ୍କୁ ଉଦ୍ଧାର କରିବା ନିମନ୍ତେ ଜବାହରଲାଲ୍ ନେହେରୁ କହିଥିଲେ। ଡଚ୍‌ମାନେ ଉକ୍ତ ବିମାନକୁ ଗୁଳିକରି ଖସାଇବାକୁ ଧମକ ଦେଇଥିଲେ। ଯଦି ତାଙ୍କ ବିମାନକୁ ଖସାଇ ଦିଆଯାଏ, ତେବେ ନେଦରଲାଣ୍ଡସ୍‌ର କୌଣସି ବିମାନକୁ ନିରାପଦର ସହିତ ଭାରତ ଉପରେ ଉଡ଼ିବାକୁ ଦିଆଯିବ ନାହିଁ ବୋଲି ବିଜୁବାବୁ କହିଥିଲେ। ତାଙ୍କର ଏଭଳି ଚେତାବନୀ ପରେ ଡଚ୍ କର୍ତ୍ତୃପକ୍ଷ ବିମାନରେ ଇଣ୍ଡୋନେସିଆ ନେତାଙ୍କୁ ନେବା ଲାଗି ଅନୁମତି ଦେଇଥିଲେ। ବିଜୁବାବୁଙ୍କର ଏହି ଦୁଃସାହସିକତା ପାଇଁ ଇଣ୍ଡୋନେସିଆ ସରକାର ତାଙ୍କୁ 'ଭୂମିପୁତ୍ର' ଘୋଷଣା କରିଥିଲେ।

# ଭାରରେ ବୁହା ହୋଇ ଆସିଲେ ଶିଶୁପୁତ୍ର, ମାଆ

ପଟ୍ଟାଙ୍ଗୀ,୨୪।୪(ଡି.ଏନ.ଏ.)

ଗ୍ରାମାଞ୍ଚଳ ରାସ୍ତାଘାଟରେ ଉନ୍ନତି ଆଣିବା ଲାଗି ସରକାର ବହୁ ଅର୍ଥ ବ୍ୟୟ କରୁଛନ୍ତି। ମାତ୍ର କେତେକ କ୍ଷେତ୍ରରେ ଏହା ଲୋକଙ୍କ ପାଇଁ ଅପହଞ୍ଚ ହେଉଛି। ଗ୍ରାମକୁ ଭଲ ରାସ୍ତାଟିଏ ହୋଇପାରୁ ନ ଥିବାରୁ ରୋଗୀଙ୍କୁ ଡାକ୍ତରଖାନା ନେବାରେ ଗ୍ରାମବାସୀ ନାହିଁ ନ ଥିବା ହଇରାଣ ହେଉଛନ୍ତି। ମାଇଲ ମାଇଲ ବାଟ ଭାରରେ ବୋହି ନେଉଛନ୍ତି। ଏପରି ଏକ ଦୃଶ୍ୟ ଦେଖିବାକୁ ମିଳିଛି କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ତଳଗୋଲୁର ପଞ୍ଚାୟତର କାରିବେଡା ଗ୍ରାମରେ।

ଶନିବାର ରାତିରେ ଗ୍ରାମର ଜାନି ପବିତ୍ରଙ୍କ ସ୍ତ୍ରୀ ହନ୍ତାଳ ଆପାଲୁଙ୍କ ପ୍ରସବ ଯନ୍ତ୍ରଣା ଆରମ୍ଭ ହୋଇଥିଲା। କିଛି ସମୟ ପରେ ପରିବାର ଲୋକେ ପଟ୍ଟାଙ୍ଗୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯୋଗାଯୋଗ କରିଥିଲେ। ବିଳମ୍ବିତ ରାତିରେ ସ୍ୱାସ୍ଥ୍ୟକେନ୍ଦ୍ରରୁ ଗ୍ରାମକୁ ଆମ୍ବୁଲାନ୍ସ ପଠାଯାଇଥିଲେ ମଧ୍ୟ ତାହା ଗ୍ରାମରେ ପହଞ୍ଚିବାରେ ସମସ୍ୟା ହୋଇଥିଲା। ଫଳରେ ଆମ୍ବୁଲାନ୍ସ ଡ୍ରାଇଭର ପ୍ରତାପ ନାୟକ ଓ ଅନ୍ୟ କର୍ମଚାରୀମାନେ ଚାଲିଚାଲି ଗ୍ରାମରେ ପହଞ୍ଚିଲେ। ସେତେବେଳକୁ ଆପାଲୁ ଏକ ଶିଶୁପୁତ୍ର ଜନ୍ମ ଦେଇ ସାରିଥିଲେ। ପରେ ଆମ୍ବୁଲାନ୍ସ ଡ୍ରାଇଭର ନାୟକ ଗ୍ରାମବାସୀଙ୍କ ସହାୟତାରେ ଏକ ଭାର ଯୋଗେ ନବଜାତ ଶିଶୁପୁତ୍ର ଓ ମାଆଙ୍କୁ ଆମ୍ବୁଲାନ୍ସ ନିକଟକୁ ଆଣି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ।

ଚତୁର୍ଥ ଜନ୍ମଦିନ ଶୁଭେଚ୍ଛା

(ପ୍ରେରଣା), (ପ୍ରତ୍ୟାଶା)
ଆଦିମାତା କଲୋନୀ, ଭୁବନେଶ୍ୱର
ଆଜି ତୁମ ଦୁଇ ଭଉଣୀଙ୍କୁ ଚତୁର୍ଥ ଜନ୍ମଦିନର ଅନେକ ଅନେକ ଶୁଭେଚ୍ଛା ଓ ଶୁଭ କାମନା। ଈଶ୍ୱରଙ୍କ ଆଶୀର୍ବାଦରେ ତୁମର ଚଲାପଥ କୁସୁମିତ ହେଉ ଓ ହସ ଖୁସିରେ ଭରିଯାଉ।
ଶୁଭେଚ୍ଛା ସହ: ଜେଜେବାପା ଜେଜେମାଆ, ଅଜା, ଆଇ, ପାପା, ମାମା, ବଡ଼ନାନୀ, ପିଉସା, କକେଇ, ଗୁନୁମମି, ମାମୁ, ମାଇଁ, ତିନିଦିଦି ଓ ଈଶାନ।
ଧ-୭୦୭୯୧

HAPPY BIRTHDAY

Archita Mishra (Rini)
(Founder) Admn
"24X7A Always Alert Social Group"
ଜନ୍ମ ବାର୍ଷିକ ଅବସରରେ ଭଗବାନ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା, ଆପଣଙ୍କ ଚଲାପଥ କୁସୁମିତ ହେବା ସହିତ ଆପଣଙ୍କ ଏକମାତ୍ର ପୁତ୍ର ଶ୍ରୀ ଶିବାଶିଷ ନନ୍ଦଙ୍କର ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ ଏବଂ ଆପଣ ଓ ଆପଣଙ୍କ ପରିବାର ଦୀର୍ଘାୟୁ ହୁଅନ୍ତୁ। ଆପଣଙ୍କ ଆଶୀର୍ବାଦ ଆମ ସଂଗଠନ ସହିତ ଯୋଡ଼ିହୋଇ ରହୁ।
ଶୁଭେଚ୍ଛା ସହ: (କର୍ମଚାରୀ ବୃନ୍ଦ)
Mob. No.- 9861375760
ଧ-୨୦୫

CLASSIFIED DISPLAY
MORE SPACE • SAME PRICE
TARIFF | GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385
8637280816,
7894447167, 9338226625

ସରକାରୀ ସୁବିଧାର ଉଠାନ୍ତୁ ଲାଭ
(୧) କୃଷି ସୋଲାର ପମ୍ପ ଯୋଜନା
(୨) ଗୃହ ସୋଲାର ପ୍ୟାନେଲ ଯୋଜନା
(୩) ପ୍ରଧାନ ମନ୍ତ୍ରୀ ମୁଦ୍ରା ଲୋନ ଯୋଜନା
(୪) କିଷାନ କ୍ରେଡିଟ କାର୍ଡ ଯୋଜନା
6399403124

ALL EDITION - B/W
(Everyday)
for Booking Contact:
0674-2580385
8637280816,
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମନେ ପଡ଼ନ୍ତି
ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ଭଗବାନ ନାୟକ
ସିଙ୍ଗିରି, ଆଳି, କେନ୍ଦ୍ରାପଡ଼ା
ଆବିର୍ଭାବ-୦୩।୦୭।୧୯୪୯
ତିରୋଧାନ- ୦୬।୦୫।୨୦୨୧
ଅଫେରା ରାଇଜେ କାହିଁ ଚାଲିଗଲ,
ପାରୁନୁ ତୁମକୁ ଦେଖି।
ତୁମ ବିନା ଆଜି ଶୂନ୍ୟସ୍ଥାନ ଲାଗେ,
କାନ୍ଦର ପରାଣ ଖୋଜି।
ତୁମ ସ୍ନେହ, ଶ୍ରଦ୍ଧା ଝୁରଇ ଏ ପ୍ରାଣ,
ଅଶ୍ରୁସିକ୍ତ ଦୁଇ ଆଖି।
ଭୁଲି ପାରିବୁନି ତବ ଗୁଣ, କୀର୍ତ୍ତି,
ମଧୁର ମମତା ସ୍ମୃତି।
ଚାହୁଁ ଚାହୁଁ ଆଜି ବରଷେ ପୂରିଲା,
କେଉଁଆଡେ ଗଲ ହଜି।
ପ୍ରଭୁଙ୍କ ପୟରେ ଜଣାଉ ଭକ୍ତିରେ ଆତ୍ମା ହେଉ ସଦ୍‌ଗତି।
ଶୋକସନ୍ତପ୍ତ: ପତ୍ନୀ, ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଏବଂ ଅନ୍ୟ ବନ୍ଧୁ ପରିବାରବର୍ଗ।
ଧ-୭୦୭୯୦

# ସଡ଼କ ଦୁର୍ଘଟଣାରେ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗୀଙ୍କ ମୃତ୍ୟୁ

ବ୍ରହ୍ମପୁର ଅଫିସ,୨୪।୪


ମୃତ ରବୀନ୍ଦ୍ର ସାହୁ


ଆହତ ସନ୍ତୋଷ ସାହୁ

ଗଞ୍ଜାମ ଜିଲା ଧରାକୋଟ ଡଉଗାଁ ଛକରେ ଏକ ସଡ଼କ ଦୁର୍ଘଟଣାରେ ଶନିବାର ବିଳମ୍ବିତ ରାତିରେ ବ୍ରହ୍ମପୁର ସହର ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାର ଜଣେ ଉଦୀୟମାନ ପ୍ରତିଯୋଗୀ ରବୀନ୍ଦ୍ର ସାହୁ (୨୫) ପ୍ରାଣ ହରାଇଛନ୍ତି। ତାଙ୍କ ସହଯାତ୍ରୀ ଥିବା ଅନ୍ୟ ଜଣେ ପ୍ରତିଯୋଗୀ ସନ୍ତୋଷ ସାହୁ ଗୁରୁତର ହୋଇଛନ୍ତି। ଏ ନେଇ ଧରାକୋଟ ଥାନାରେ ନଂ.୯୭/୨୨ରେ ମାମଲା ରୁଜୁ ହୋଇଛି। ରବୀନ୍ଦ୍ର ଗୋଷାଣୀନୂଆଗାଁ ବିଶ୍ୱନାଥ ନଗର ୨ୟ ଲାଇନ୍‌ର କିଶୋର ଚନ୍ଦ୍ର ସାହୁଙ୍କ ସାନପୁଅ। ଆହତ ସନ୍ତୋଷଙ୍କଠାରୁ ମିଳିଥିବା ସୂଚନା ଅନୁସାରେ, ଶନିବାର ରବୀନ୍ଦ୍ର ସପରିବାର ଓ ବନ୍ଧୁ ସନ୍ତୋଷଙ୍କ ସହ ହିଞ୍ଜିଳିକାଟୁରେ ଏକ ଭୋଜିରେ ଯୋଗ ଦେଇଥିଲେ। ଅପରାହ୍ନରେ ସେଠାରୁ ସନ୍ତୋଷଙ୍କ ସହ ମିଶି ଆଇଙ୍କୁ ଛାଡ଼ିବା ଲାଗି ଏକ ସ୍କୁଟିରେ ସୋରଡ଼ା ଯାଉଥିଲେ। ସୋରଡ଼ାରୁ ବ୍ରହ୍ମପୁର ଫେରୁଥିବା ବେଳେ ଧରାକୋଟ ଡଉଗାଁ ଛକରେ ରାସ୍ତା କାମ ଚାଲିଛି। ସେମାନଙ୍କ ଗାଡିଟିର ଗତି ଦ୍ରୁତ ଥିବାରୁ ଏକ ଖାଲରେ ପଡ଼ି ଦୁର୍ଘଟଣାର ଶିକାର ହୋଇଥିଲେ। ପରେ ଅଗ୍ନିଶମ ବାହିନୀ ସେମାନଙ୍କୁ ଉଦ୍ଧାର କରି ନିକଟସ୍ଥ ଆସ୍କା ମେଡିକାଲରେ ଭର୍ତ୍ତି କରିଥିଲା। ରବୀନ୍ଦ୍ରଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବାରୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଉଭୟ ଆହତ ଓ ମୃତକଙ୍କୁ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁର ବଡ଼ ମେଡିକାଲ ନିଆଯାଇ ପରିବାର ଲୋକଙ୍କୁ ଖବର ଦିଆଯାଇଥିଲା। ସକାଳେ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସୂଚନାଯୋଗ୍ୟ, ଗତ ଦୁଇ ଦିନ ପୂର୍ବେ ଅର୍ଥାତ ୨୧ ଏପ୍ରିଲରେ ମିଷ୍ଟର ଇଣ୍ଡିଆ ଓ ମିଷ୍ଟର ୟୁନିଭର୍ସ ପ୍ରତିଯୋଗିତାରୁ ଫେରିଥିବା ଗଞ୍ଜାମ ଜିଲା ବଡ଼ିବିଲ୍ଡିଂ ସଂଘ ପ୍ରତିଯୋଗୀଙ୍କ ଗହଣରେ ରବୀନ୍ଦ୍ର ଓ ସନ୍ତୋଷ ଉଭୟଙ୍କୁ ବିଧାୟକ ବିକ୍ରମ କୁମାର ପଣ୍ଡା ଓ ଡେପୁଟି ମେୟର ଇଂ. ବିବେକ ରେଡ୍ଡୀ ବ୍ରହ୍ମପୁର ରେଳଷ୍ଟେଶନଠାରେ ସମ୍ବର୍ଦ୍ଧିତ କରିଥିଲେ।

# ଗଞ୍ଜେଇ ମାଫିଆ ମୁନ୍‌ସୀ ପ୍ରସାଦ ସିଂହ ଗିରଫ

ଭୁବନେଶ୍ୱର, ୨୪।୪ (ବ୍ୟୁରୋ)

ଦୀର୍ଘଦିନ ଧରି ଫେରାର ଥିବା ଗଞ୍ଜେଇ ମାଫିଆ ମୁନ୍‌ସୀ ପ୍ରସାଦ ସିଂହ ଧରାପଡିଛନ୍ତି। ତାଙ୍କ ଘର ବିହାର ଅଯୋଧ୍ୟାନଗରରେ। ମାଲକାନଗିରି ପୋଲିସ ସହାୟତାରେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ରବିବାର ସେଠାରେ ଚଢ଼ାଉ କରି ତାଙ୍କୁ ଗିରଫ କରିଛି। ତାଙ୍କୁ ଓଡ଼ିଶା ଅଣାଯାଇ ଅଧିକ ପଚରାଉଚରା କରି ତାଙ୍କ ର୍‌ୟାକେଟର ପର୍ଦ୍ଦାଫାଶ କରିବାକୁ ଏସ୍‌ଟିଏଫ୍ ଲକ୍ଷ୍ୟ ରଖିଛି। ସୂଚନାନୁଯାୟୀ, ଗତ ୨୦୨୧ ମାର୍ଚ୍ଚ ୩ରେ ଗଞ୍ଜେଇ ଚୋରାଚାଲାଣବେଳେ ମାଥିଲି ଥାନା ପୋଲିସ ୨ ପିକ୍‌ଅପ୍ ଭ୍ୟାନ ସହ ୮୮୪ କେଜି ଗଞ୍ଜେଇ ଜବତ କରିଥିଲା। ଏଥିସହ ଅଭିଯୁକ୍ତ ସୋମେଶ ହାନ୍ତଳ ଓ ଅନ୍ୟଜଣେ ଅଭିଯୁକ୍ତକୁ ଗିରଫ କରିଥିଲା। ସେମାନଙ୍କୁ ପଚାରଉଚରାବେଳେ ଉକ୍ତ ଗଞ୍ଜେଇ ଚୋରାଚାଲାଣର ମାଷ୍ଟରମାଇଣ୍ଡ୍ ମୁନ୍‌ସୀ ପ୍ରସାଦ ବୋଲି ଜଣାପଡିଥିଲା। ଏନେଇ ମାଥିଲି ଥାନା ପୋଲିସ ମାମଲା ନଂ.୪୩/୨୧ ରୁଜୁ କରି ତଦନ୍ତ କରିବା ସହ ଗଞ୍ଜେଇ ମାଫିଆ ମୁନ୍‌ସୀ ପ୍ରସାଦଙ୍କୁ ଗିରଫ ପାଇଁ ଉଦ୍ୟମ ଚଳାଇଥିଲା।

# ମ୍ୟାଲେରିଆ ହ୍ରାସ ପାଇଁ ପ୍ରୟାସ



ଡା. ରାମଚନ୍ଦ୍ର ରାଉତ

## ଆଜି ହେଉଛି 'ବିଶ୍ୱ ମ୍ୟାଲେରିଆ ଦିବସ'। ସେ ସମ୍ପର୍କିତ ବିଷୟକୁ ନେଇ ଉପସ୍ଥାପନା...



ମ୍ୟାଲେରିଆ ସମସ୍ତଙ୍କ ପାଇଁ କୌଣସି ନୂଆ ରୋଗ ନୁହେଁ। ଏହା ମଣିଷ ସଭ୍ୟତାର ଏକ ପୁରାତନ ରୋଗ। ଏହାର ପରଜୀବୀ (ପାରାସାଇଟ୍)କୁ ୧୮୯୭ ମସିହା ଅଗଷ୍ଟ ୨୦ ତାରିଖରେ ଆର୍ମି ସର୍ଜନ ଡା. ରୋନାଲଡ୍ ରସ୍ ଭାରତର ସିକନ୍ଦରାବାଦରେ ଆବିଷ୍କାର କରିଥିଲେ। କ୍ରମଶଃ ଏହାର ବାହକ ମାଈ ଏନୋଫିଲିସ ମଶା ଓ ପରଜୀବୀ ଚାରି ପ୍ରକାରର ବୋଲି ଜଣାପଡିଲା। ଏହି ଜ୍ୱର ସୃଷ୍ଟିକାରୀ ରୋଗର ଚିକିତ୍ସା ମଧ୍ୟ ସଫଳ ରୂପେ ହୋଇପାରିଲା ତତ୍‌ଜନିତ ଅତ୍ୟଧିକ ମୃତ୍ୟୁ ରୋକାଯାଇ ପାରିଥିଲା। ମ୍ୟାଲେରିଆ ସମ୍ପର୍କରେ ସବିଶେଷ ଭାବରେ ଜାଣିବା ଏବଂ ଜନସଚେତନା ସୃଷ୍ଟି କରିବା ଲାଗି ପ୍ରତିବର୍ଷ ଏପ୍ରିଲ ୨୫ ତାରିଖକୁ 'ବିଶ୍ୱ ମ୍ୟାଲେରିଆ ଦିବସ' ଭାବରେ ପାଳନ କରାଯାଇଆସୁଅଛି। ଏହି ଦିବସ ଅବସରରେ ଚଳିତବର୍ଷର ସ୍ଲୋଗାନ୍ ରହିଛି 'ମ୍ୟାଲେରିଆ ମୃତ୍ୟୁହାର ହ୍ରାସ ପାଇଁ ନୂତନ ପ୍ରୟାସ'।

ମ୍ୟାଲେରିଆ ନିୟନ୍ତ୍ରଣ ମୁଖ୍ୟତଃ ବାହକ (ଭେକ୍ଟର) ମଶା ନିୟନ୍ତ୍ରଣ ଉପରେ ନିର୍ଭର କରିଥାଏ। ମଶାମାନଙ୍କ ଦ୍ୱାରା ମ୍ୟାଲେରିଆ ବ୍ୟତୀତ ଡେଙ୍ଗୁ, ଫାଇଲେରିଆ, ପିତ୍ତଜ୍ୱର, ଚିକନଗୁନିଆ, ମସ୍ତିଷ୍କ ପ୍ରଦାହ, ଜିକା ଏବଂ ଆଉ କେତେକ ଭୂତାଣୁଜନିତ ରୋଗ ବ୍ୟାପିଥାଏ।

ଆମ ରାଜ୍ୟରେ ପାଖାପାଖି ଏକ ଲକ୍ଷ ଷାଠିଏକୋଟି କୀଟନାଶକ ଔଷଧ, ଦୀର୍ଘସ୍ଥାୟୀ ମଶାରି ମ୍ୟାଲେରିଆ ପ୍ରବଣ ଅଞ୍ଚଳରେ ଜନସାଧାରଣଙ୍କୁ ବିନାମୂଲ୍ୟରେ ବିତରଣ କରାଯାଇଛି। ପ୍ରଥମେ ପ୍ରଥମେ ଲୋକମାନେ କେତେକ ବ୍ୟକ୍ତିଗତ କାରଣରୁ ଏହାର ବ୍ୟବହାର ପାଇଁ ଆଗ୍ରହ ପ୍ରକାଶ କରୁ ନ ଥିଲେ, ମାତ୍ର ସମୟକ୍ରମେ ସେମାନେ ଏହାର ବ୍ୟବହାରକୁ ଅଭ୍ୟାସରେ ପରିଣତ କରିବା ଦ୍ୱାରା ଆମ ରାଜ୍ୟରେ ପ୍ରାୟ ୭୦ ପ୍ରତିଶତ ମ୍ୟାଲେରିଆ ହ୍ରାସ ପାଇଛି।




ମ୍ୟାଲେରିଆ ମଶା ଦ୍ୱାରା ବ୍ୟାପିଥାଏ। ଅର୍ଥାତ୍ ମଶା ମ୍ୟାଲେରିଆ ରୋଗୀଠାରୁ ଜୀବାଣୁ ରକ୍ତ ମାଧ୍ୟମରେ ଆଣିଥାଏ। ତେଣୁ ଉଭୟ ରୋଗୀ ଓ ସୁସ୍ଥ ଲୋକ ମଧ୍ୟରେ ଏକ ସୁରକ୍ଷାବଳୟ ସୃଷ୍ଟି କରିଥାଏ। ଏହି ଏକକ କାର୍ଯ୍ୟ ଦ୍ୱାରା ଆମ ରାଜ୍ୟ ମ୍ୟାଲେରିଆ ନିୟନ୍ତ୍ରଣରେ ଅଶାନୁରୂପ ସଫଳତା ଲାଭ କରିଛି। ଗୋଟିଏ ମଶାରିର ଦାମ୍ ଜଣେ ମ୍ୟାଲେରିଆ ରୋଗୀର ଚିକିତ୍ସା ଖର୍ଚ୍ଚଠାରୁ ଯଥେଷ୍ଟ କମ୍ ଏବଂ ମଣିଷ ଜୀବନର ମୂଲ୍ୟ ତୁଳନାରେ ଅତ୍ୟନ୍ତ ନଗଣ୍ୟ। ଏହି ଅଭ୍ୟାସକୁ ସମସ୍ତେ ଆପଣେଇଲେ ମ୍ୟାଲେରିଆର ସମ୍ପୂର୍ଣ୍ଣ ନିରାକରଣ କରାଯାଇପାରିବ।

ଆଉ ଗୋଟିଏ ଉପାୟ ହେଲା, ମଶାମାନଙ୍କ ନିୟନ୍ତ୍ରଣ ଅର୍ଥାତ୍ ମଶାମାନଙ୍କ ବଂଶବୃଦ୍ଧି କରିବାକୁ ନ ଦେବା। ସାଧାରଣତଃ ଅଣ୍ଡିରା ମଶା ପ୍ରାୟ ୧୦ଦିନ ବଞ୍ଚୁଥିବା ବେଳେ ମାଈ ମଶାମାନେ ୪୨-୫୬ଦିନ ବଞ୍ଚି ଥାଆନ୍ତି। ଆଇଆରଏସ ଅର୍ଥାତ୍ କୀଟନାଶକ ସିଞ୍ଚନ ଦ୍ୱାରା ସେମାନଙ୍କୁ ମାରିବା ହେତୁ ସେମାନଙ୍କର ବଂଶବୃଦ୍ଧିକୁ ରୋକାଯାଇପାରୁଛି। ମାତ୍ର ମଶାମାନେ ଏସବୁ କୀଟନାଶକକୁ ପ୍ରତିରୋଧ କରି ବଞ୍ଚି ରହୁଛନ୍ତି। ଫଳରେ ଅନେକ କ୍ଷେତ୍ରରେ ଏହା ସଫଳତା ଆଣିପାରୁନାହିଁ।

ତୃତୀୟତଃ ମ୍ୟାଲେରିଆ ପ୍ରତିଷେଧକ ରୂପେ ଏକ ଟିକା-RTs,5/ASO1ର ପରୀକ୍ଷାମୂଳକ ରୂପେ ବ୍ୟବହାର ଦ୍ୱାରା ମ୍ୟାଲେରିଆକୁ ସମ୍ପୂର୍ଣ୍ଣ ରୂପେ ନିୟନ୍ତ୍ରଣକୁ ଆଣିହେବ। ୨୦୩୦ ସୁଦ୍ଧା ଏହାକୁ ପୂରଣ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି।

ଗତବର୍ଷ (୨୦୨୧-୨୨)ରେ ଆମ ରାଜ୍ୟରେ ୬୧,୫୯୯,୭୪ଟି ତୁରଣ ନିୟନ୍ତ୍ରଣ କିଟ୍, ଆରଡିକେ ଦ୍ୱାରା ରକ୍ତ ପରୀକ୍ଷା କରାଯାଇ ୨୨,୫୯୪ଟି ପିଏଫଆର ମ୍ୟାଲେରିଆ କେସ୍ ଓ ୨୯୦୯ଟି ପିଉଟି ମ୍ୟାଲେରିଆ କେସ୍ ନିଶ୍ଚୟପୂର୍ବକ ସଫଳ ଚିକିତ୍ସା ଦ୍ୱାରା ମ୍ୟାଲେରିଆ ମୃତ୍ୟୁକୁ ୧୩ରେ ସୀମିତ ରଖାଯାଇପାରିଛି। ଏହା ଆମ ରାଜ୍ୟ ପାଇଁ ବଡ ଉପଲବ୍ଧି।



### ମ୍ୟାଲେରିଆ : କିଛି କଥା

- ➢ମ୍ୟାଲେରିଆ ସାଧାରଣତଃ ଶିଶୁ ଓ ଗର୍ଭବତୀମାନଙ୍କୁ ଅଧିକ ହୋଇଥାଏ।
- ➢୨୦୨୦ରେ ପୃଥିବୀରେ ୨୪କୋଟି ୧୦ଲକ୍ଷ ମ୍ୟାଲେରିଆ କେସ୍ ହୋଇଥିଲା।
- ➢୨୦୨୦ରେ ବିଶ୍ୱରେ ମ୍ୟାଲେରିଆଜନିତ ମୃତ୍ୟୁ ଥିଲା ୬,୨୭,୦୦୦।
- ➢ପଞ୍ଚବର୍ଷରୁ କମ୍ ପିଲା ଏହି ମୃତ୍ୟୁ ସଂଖ୍ୟାର ୮୦ ପ୍ରତିଶତ ଅଟନ୍ତି।
- ➢କେବଳ ଆଫ୍ରିକୀୟ ଦେଶଗୁଡ଼ିକରେ ଏହି ମ୍ୟାଲେରିଆର ୯୫ ପ୍ରତିଶତ କେସ୍ ଓ ୯୬ ପ୍ରତିଶତ ରୋଗୀଙ୍କର ମୃତ୍ୟୁ ହୋଇଥିଲା।
- ➢ସଅଳ ନିର୍ଣ୍ଣୟ ଓ ଚିକିତ୍ସା ଦ୍ୱାରା ମ୍ୟାଲେରିଆଜନିତ ମୃତ୍ୟୁକୁ ଅନେକାଂଶରେ ରୋକାଯାଇପାରିଥାଏ।
- ➢୨୦୧୭ରେ ଚାଇନାରେ ଆଦୌ ମ୍ୟାଲେରିଆ ହୋଇ ନ ଥିଲା। ୨୦୨୧ରେ ଏହି ଦେଶକୁ ମ୍ୟାଲେରିଆମୁକ୍ତ ଘୋଷଣା କରାଯାଇଥିଲା।
- ➢ଅନ୍ୟପକ୍ଷରେ ମାଲେସିଆକୁ ଲଗାତର ତିନି ବର୍ଷ ମ୍ୟାଲେରିଆମୁକ୍ତ ଘୋଷଣା କରାଯାଇଥିଲା। ହେଲେ ସେଠାରେ ଗତବର୍ଷ ୨୬୦୦ ମ୍ୟାଲେରିଆ କେସ୍ ହୋଇଥିଲା।
- ➢କାମ୍ବୋଡିଆ ଓ କୋରିଆରେ ମଧ୍ୟ ମ୍ୟାଲେରିଆ ନ ଥିବା ଜଣାପଡ଼ିଛି।
- ➢ଫଲିସପାରମ୍ ମ୍ୟାଲେରିଆରେ ୨୪ ଘଣ୍ଟା ମଧ୍ୟରେ ରୋଗୀର ମୃତ୍ୟୁ ହେବାର ଆଶଙ୍କା ରହିଛି।
- ➢ମ୍ୟାଲେରିଆ ଏକ ପ୍ରତିଷେଧ କରାଯାଇପାରୁଥିବା ଓ ସଫଳ ଚିକିତ୍ସା କରାଯାଇପାରୁଥିବା ରୋଗ।
- ➢ନୂତନ ଔଷଧ 'ACT' ଅତ୍ୟନ୍ତ ଫଳପ୍ରଦ ମାତ୍ର ଏହା ତୁରନ୍ତ କରାଯିବା ଉଚିତ।
- ➢ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଓ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ରାପିଡ୍ ଡାଇଗ୍ନୋଷ୍ଟିକ୍ ଟେଷ୍ଟ ପାଇଁ କିଟ୍ ଇତ୍ୟାଦି ଯୋଗାଣ ହୋଇଛି ଏବଂ ମ୍ୟାଲେରିଆକୁ ସହଜରେ ପରୀକ୍ଷା କରାଯାଇପାରୁଛି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ସମସ୍ତଙ୍କ ସହଯୋଗରେ ମ୍ୟାଲେରିଆକୁ ନିୟନ୍ତ୍ରଣ କରାଯାଇପାରିବ।

-ନିର୍ଦ୍ଦେଶକ, ସ୍ୱାସ୍ଥ୍ୟ ସୂଚନା ଓ ପରିସଂଖ୍ୟାନ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ
ମୋ : ୮୨୪୯୦୮୭୯୯୫

# ସନ୍ତୁଳିତ ରହିବ କୋଲେଷ୍ଟରଲ



ଆମ ଶରୀରରେ କୋଲେଷ୍ଟରଲ ସନ୍ତୁଳିତ ରହିବା ନିହାତି ଦରକାର। ନ ହେଲେ ରକ୍ତ ସଞ୍ଚାଳନରେ ବାଧା ସୃଷ୍ଟି ହୋଇଥାଏ। ଫଳରେ ବ୍ଲଡପ୍ରେସର, ହାର୍ଟ ଆଟାକ୍ ପରି ସମସ୍ୟାକୁ ତାହା ଡାକିଆଣିଥାଏ। ତେଣୁ ବୟସ ବଢ଼ିଲେ ରକ୍ତରେ ଏପରି ତତ୍ତ୍ୱର ପରିମାଣକୁ ମାପିନେବା ଦରକାର। ତା'ସହ ଆଜିକାଲି ଅନେକ ଫାଷ୍ଟଫୁଡ୍‌ଜାତୀୟ ଖାଦ୍ୟ ଖାଇବାକୁ ପସନ୍ଦ କରୁଛନ୍ତି। ଏହା ମଧ୍ୟ କୋଲେଷ୍ଟରଲ ବଢ଼ାଇବାରେ ସହାୟକ ହୋଇଥାଏ। ତେବେ ଏହାକୁ ସନ୍ତୁଳିତ ରଖିବାର ସହଜ ଉପାୟ ରହିଛି। ବାସ୍, ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ ଟମାଟୋ ସାମିଲ କରନ୍ତୁ। ଏଥିରେ ଏଭଳି ତତ୍ତ୍ୱ ରହିଛି, ଯାହା କୋଲେଷ୍ଟରଲକୁ ନିୟନ୍ତ୍ରଣରେ ରଖିଥାଏ। କେବଳ ସେତିକି ନୁହେଁ ପ୍ରତିଦିନ କିଛି ସମୟ ବ୍ୟାୟାମ କରନ୍ତୁ।



# ସାଙ୍ଗସାଥୀ ଓ ବୁଦ୍ଧିମତ୍ତା



ବୁଦ୍ଧିମତ୍ତା ବିକାଶର ଏକ ନୂଆ ଉପାୟ ଆପଣଙ୍କର ହାତ ପାଆନ୍ତାରେ ରହିଛି। ତାହା କ'ଣ ଜାଣନ୍ତି ? ସାଙ୍ଗସାଥୀ। ଅର୍ଥାତ୍ ସାଙ୍ଗସାଥୀଙ୍କ ସହ ସକାରାତ୍ମକ କଥାବାର୍ତ୍ତା ଜଣେ ବ୍ୟକ୍ତିଙ୍କର ବୁଦ୍ଧିମତ୍ତା ବିକାଶରେ ଅନେକାଂଶରେ ସହାୟକ ହୋଇଥାଏ। 'ସାଙ୍ଗସାଥୀ ଓ ବୁଦ୍ଧିମତ୍ତା' ଶୀର୍ଷକ ବିଷୟବସ୍ତୁକୁ ନେଇ ୟୁନିଭର୍ସିଟି ଅଫ ସିଓଲର ମନୋବିଜ୍ଞାନୀମାନେ ଏକ ସର୍ଭେ କରିଥିଲେ। ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ଯେଉଁମାନେ ଅଧିକାଂଶ ସମୟ ସାଙ୍ଗସାଥୀଙ୍କ ସହ ସକାରାତ୍ମକ କଥାବାର୍ତ୍ତା ହେଉଥିଲେ, ସେମାନଙ୍କର ବୁଦ୍ଧିମତ୍ତା ଅନ୍ୟମାନଙ୍କ ତୁଳନାରେ କେତେକାଂଶରେ ପ୍ରଖର ଥିବାର ଜଣାପଡିଥିଲା। ତେବେ ଏଭଳି ପରିବେଶରେ ରହିବା ସହ ନିଜର ମାନସିକତା ପ୍ରତି ନଜର ଦେବା ଆବଶ୍ୟକ। ନିଜକୁ ଟେନସନଠାରୁ ଦୂରେଇ ରଖନ୍ତୁ। ତା'ସହ ଜୀବନଶୈଳୀକୁ ସୁରୁଖୁରୁରେ ଆଗକୁ ଆଗେଇ ନେବା ପାଇଁ ରୁଟିନ୍ ପ୍ରସ୍ତୁତ କରନ୍ତୁ।

## ପରିଚୟ

### ପୃଥିବୀ ବାହାରେ ଜୀବଜଗତ



ସୌରଜଗତ ବାହାରେ ପାଞ୍ଚ ହଜାରରୁ ଅଧିକ ଗ୍ରହ ଆବିଷ୍କୃତ ହେଲାଣି ଏବଂ ସେଥିରେ ବୁଦ୍ଧିମାନ୍ ଜୀବର ଅନ୍ୱେଷଣ କରାଯାଉଛି। ଏଭଳି ବିଷୟକୁ ବେଶ୍ ସୁନ୍ଦର ଭାବରେ ନିକଟରେ ପ୍ରକାଶିତ ବିଜ୍ଞାନ ପୁସ୍ତକରେ ଉପସ୍ଥାପନା କରାଯାଇଛି। 'ପୃଥିବୀ ବାହାରେ ଜୀବଜଗତ' ଶୀର୍ଷକ ଏହି ପୁସ୍ତକର ରଚନା କରିଛନ୍ତି ବିଶିଷ୍ଟ ବିଜ୍ଞାନ ଲେଖକ ଇଂ. ମାୟାଧର ସ୍ୱାଇଁ। ଏଥିରେ ସୌରଜଗତ ବାହାରେ ଥିବା ଗ୍ରହ ଏବଂ ପୃଥିବୀ ବାହାରେ ଜୀବଜଗତର ଅନ୍ୱେଷଣ ସମ୍ବନ୍ଧରେ ବିଶଦ ବିବରଣୀ ପ୍ରଦାନ କରାଯାଇଛି। କଟକସ୍ଥିତ ବିଦ୍ୟାପୁରୀ ଦ୍ୱାରା ପ୍ରକାଶିତ ଏହି ପୁସ୍ତକରେ 'ଅନନ୍ୟ ପୃଥିବୀ', 'ସୌରଜଗତରେ ଜୀବ', 'ବାସଯୋଗ୍ୟ ଗ୍ରହ' ଏବଂ 'ପୃଥିବୀ ବାହାରେ ବୁଦ୍ଧିମାନ ଜୀବର ଅନ୍ୱେଷଣ' ଆଦି ବିଷୟଗୁଡ଼ିକ ପାଠିକା-ପାଠକଙ୍କ ଦ୍ୱାରା ଆଦୃତ ହେବ ବୋଲି ଆଶା କରାଯାଏ। ଉକ୍ତ ସଚିତ୍ର ବିଜ୍ଞାନ ପୁସ୍ତକର ମୂଲ୍ୟ ରହିଛି ୯୦ଟଙ୍କା। ଯୋଗାଯୋଗ: 'ପୃଥିବୀ ବାହାରେ ଜୀବଜଗତ', ବିଦ୍ୟାପୁରୀ, ବାଲୁବଜାର, କଟକ।

# ଔଷଧ : କିଛି କଥା

ଆମେ କୌଣସି ସ୍ୱାସ୍ଥ୍ୟଜନିତ ସମସ୍ୟାର ସମ୍ମୁଖୀନ ହେଲେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ଖାଇଥାଉ। ଯଦି ପରିସ୍ଥିତି ଖରାପ ଥାଏ, ତେବେ ହସପିଟାଲରେ ଆଡମିଶନ ହୋଇ ଚିକିତ୍ସିତ ହେବାକୁ ପଡେ। ଯଦି ଆପଣ ଔଷଧ ଖାଉଛନ୍ତି ତେବେ କେତୋଟି ଦିଗ ପ୍ରତି ନଜର ଦେବା ଆବଶ୍ୟକ। ପ୍ରଥମେ ଡାକ୍ତର ଯେତିକି ଦିନ ପାଇଁ ଔଷଧ ଖାଇବାକୁ କହିଛନ୍ତି ତାହାକୁ ଅନୁସରଣ କରନ୍ତୁ। କିଛି ଦିନ ଔଷଧ ଖାଇବା ପରେ ଯଦି ସୁସ୍ଥ ଲାଗିଲା, ତେବେ ମଧ୍ୟ ଡାକ୍ତର ନିର୍ଦ୍ଧାରଣ କରିଥିବା ଦିନ ପର୍ଯ୍ୟନ୍ତ ଔଷଧ ଖାଆନ୍ତୁ। ମନକୁ ମନ କୌଣସି ଔଷଧ ବନ୍ଦ କରିଦିଅନ୍ତୁ ନାହିଁ। କାରଣ ଏହାଦ୍ୱାରା ଆପଣଙ୍କର ସ୍ୱାସ୍ଥ୍ୟ ସମସ୍ୟା ଗୁରୁତର ହେବାର ଆଶଙ୍କା ରହିଛି। ଔଷଧକୁ ନେଇ ଯଦି ମନରେ କିଛି ସନ୍ଦେହ ରହିଛି ତେବେ ସେ ସମ୍ପର୍କରେ ଡାକ୍ତରଙ୍କ ସହ ଆଲୋଚନା କରନ୍ତୁ। ଯଦି ଡାକ୍ତରଙ୍କ ସହ ପରାମର୍ଶ କରି ଔଷଧ ଖାଇବା ପୂର୍ବରୁ କିଛି ଔଷଧ ଖାଇଛନ୍ତି ତେବେ ସେ ନେଇ ଡାକ୍ତରଙ୍କୁ ସୂଚନା ଦିଅନ୍ତୁ। ଔଷଧ ଖାଇବା ସମୟରେ ଯଦି କିଛି ସମସ୍ୟା ଦେଖାଦେଲା ତେବେ ବିଳମ୍ବ ନ କରି ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।



## ସ୍ୱାସ୍ଥ୍ୟ ସୂଚନା

- ➡ଅଣ୍ଟାଜନିତ କିଛି ସମସ୍ୟା ଥିଲେ ବସିବା ଉଠିବା ସମୟରେ ସାବଧାନତା ଅବଲମ୍ବନ କରନ୍ତୁ। କୌଣସି ସ୍ଥାନରେ ବସିଥିଲେ ହଠାତ୍ ଉଠନ୍ତୁ ନାହିଁ। କୌଣସି ଜିନିଷ ନେବା ଆଣିବା କରିବା ସମୟରେ ସତର୍କତା ଅବଲମ୍ବନ କରନ୍ତୁ।
- ➡ମହୁ ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ। ବିଶେଷ କରି ଏହା ଥଣ୍ଡାରୁ ଆମକୁ ଉପଶମ ଦେଇଥାଏ। ଏହାକୁ ପ୍ରତିଦିନ ସକାଳୁ ଉଷୁମ ପାଣି ସହ ମିଶାଇ ପିଅନ୍ତୁ।
- ➡ଯଦି ଆପଣଙ୍କର କିଛି ସ୍ୱାସ୍ଥ୍ୟଜନିତ ସମସ୍ୟା ରହିଛି, ତେବେ ଖାଦ୍ୟପେୟ ଓ ଜୀବନଶୈଳୀ ପ୍ରତି ଦୃଷ୍ଟି ଦିଅନ୍ତୁ। ଅଭିଜ୍ଞ ଡାକ୍ତରଙ୍କ ସହ ମଧ୍ୟ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ।
- ➡ପ୍ରତିଦିନ ଦାନ୍ତକୁ ଭଲ ଭାବେ ଘଷନ୍ତୁ। ଦିନକୁ ଅତି କମ୍‌ରେ ଦୁଇ ଥର ଯଥା ସକାଳେ ରାତିରେ ଘଷନ୍ତୁ। ମନେରଖନ୍ତୁ ଘଷିବାର ଅବଧି ୨ମିନିଟ୍‌ରୁ କେବେ ବି କମ୍ କରନ୍ତୁ ନାହିଁ।
- ➡ନିଜ ଓଜନକୁ ସବୁବେଳେ ନିୟନ୍ତ୍ରଣରେ ରଖିବାକୁ ଚେଷ୍ଟା କରନ୍ତୁ। ଆଉ ଯଦି ଏଥିପ୍ରତି ଧ୍ୟାନ ନ ଦେବେ ତେବେ ପରୋକ୍ଷରେ ଆପଣ ଅନେକ ରୋଗକୁ ଆମନ୍ତ୍ରଣ କରିବେ।
- ➡ଯେ କୌଣସି କାର୍ଯ୍ୟ କଲାବେଳେ ଖୁସି ମନରେ କରନ୍ତୁ। ଏହା ଆପଣଙ୍କ ଚିତ୍ତକୁ ପ୍ରସନ୍ନ ରଖିବା ସହ ଅଧିକ କାର୍ଯ୍ୟ କରିବା ପାଇଁ ମନରେ ଆଗ୍ରହ ସୃଷ୍ଟି କରିବ। ଚିନ୍ତାଠାରୁ ମଧ୍ୟ ଯେତେ ସମ୍ଭବ ନିଜକୁ ଦୂରାଇ ରଖନ୍ତୁ।



# ପୁନଃଯୌବନ: ସମ୍ଭାବନା ଦିଗରେ ପାଦେ



ପ୍ର. ରମେଶ ଚନ୍ଦ୍ର ପରିଡ଼ା

କୁହାଯାଏ ଯେ, ଆମ ଜୀବନସ୍ରୋତ ନିଃଶବ୍ଦରେ ବହିଚାଲିଥାଏ ମୃତ୍ୟୁ ସିନ୍ଧୁର କରାଳ ଲହରିକୁ ଭେଟିବା ପାଇଁ। ଜନ୍ମପରଠାରୁ ଏ ପ୍ରକ୍ରିୟା ଆରମ୍ଭ ହୋଇଯାଏ ଏବଂ ତାହା ଗତିକରେ ଶୈଶବ, ଯୌବନ, ପୌଢ଼ତ୍ୱ ଏବଂ ବାର୍ଦ୍ଧକ୍ୟ ଅବସ୍ଥା ଦେଇ। ଏହା ଅପ୍ରତ୍ୟାବର୍ତ୍ତୀ। ତେବେ ତାକୁ ପ୍ରତ୍ୟାବର୍ତ୍ତୀ କରିବା ଲାଗି, ବିଶେଷକରି ବାର୍ଦ୍ଧକ୍ୟରୁ ଯୌବନାବସ୍ଥାକୁ ଫେରିବା ପାଇଁ ମଣିଷ ଯୁଗ ଯୁଗ ଧରି ସ୍ୱପ୍ନ ଦେଖିଆସିଛି। ଆମ ପୁରାଣଶାସ୍ତ୍ର ଏଭଳି ବହୁ କାଳ୍ପନିକ କାହାଣୀରେ ପରିପୂର୍ଣ୍ଣ। ଅନ୍ୟପକ୍ଷରେ ପୁରାତନ ଚିକିତ୍ସା ଶାସ୍ତ୍ରରୁ ମଧ୍ୟ ଏଥିପାଇଁ ବିବିଧ ରସାୟନମାନ ପ୍ରସ୍ତୁତି ଲାଗି ବ୍ୟାପକ ଉଦ୍ୟମ ହୋଇଥିବାର ଜଣାପଡ଼େ। ତେବେ ଏ କ୍ଷେତ୍ରରେ ଏକ ସଫଳ ସମ୍ଭାବନା ପାଦଟିଏ ଅଗ୍ରସର ହୋଇଛନ୍ତି ବୈଜ୍ଞାନିକମାନେ। ନିକଟରେ କାଲିଫର୍ନିଆସ୍ଥିତ ସାନଡିଏଗୋର ସାଲ୍‌କ ଇନ୍‌ଷ୍ଟିଚ୍ୟୁଟ୍‌ଠାରେ ଗବେଷଣାରତ କିଛି ବୈଜ୍ଞାନିକ ବୟସ୍କ ମୂଷାମାନଙ୍କଠାରେ ବାର୍ଦ୍ଧକ୍ୟ ପ୍ରକ୍ରିୟାକୁ ପ୍ରତ୍ୟାବର୍ତ୍ତୀ କରିବାରେ କିଛିମାତ୍ରାରେ ସଫଳକାମୀ ହୋଇଛନ୍ତି। ସେମାନେ ଏଥିଲାଗି ନିୟୋଜିତ କରିଛନ୍ତି "ଜୀବକୋଷୀୟ ପୁନଃଯୌବନଦାୟୀ କୌଶଳ" (ସେଲୁଲାର୍ ରିଜୁଭେନେସନ୍ ଟେକ୍ନୋଲୋଜି)। ୟାମାନାକା ଅନୁଲିଖନ କାରକ (ୟାମାନାକା ଟ୍ରାନସ୍‌କ୍ରିପସନ୍ ଫ୍ୟାକ୍ଟର୍ସ) ରୂପେ ଜଣାଶୁଣା ଚାରୋଟି ଅଣୁକୁ ଏଥିରେ ବ୍ୟବହାର କରାଯାଇଛି। ଗବେଷକମାନେ ଏଥିରେ ପ୍ରଦର୍ଶନ କରିପାରିଛନ୍ତି ଯେ, ବୃଦ୍ଧ ମୂଷାମାନଙ୍କ ଜୀବକୋଷଗୁଡ଼ିକୁ ଏହି ପଦ୍ଧତିରେ ଆଂଶିକ ଭାବେ ପୁନଃବିନ୍ୟାସ କରି ଅପେକ୍ଷାକୃତ ଯୁବାବସ୍ଥାକୁ ଫେରାଇ ନିଆଯାଇପାରିବ।

ୟାମାନାକା ଅନୁଲିଖନ କାରକ ଚାରୋଟିକୁ ସୂଚିତ କରାଯାଏ Oct4, Sox2, Klf4 ଏବଂ CMyc ରୂପେ। ଏଗୁଡ଼ିକ ହେଲେ ପ୍ରୋଟିନ୍ ଅନୁଲିଖନକାରୀ କାରକ ଯାହାକି 'ପ୍ରରୋଚିତ ବହୁବିଧ ସାମର୍ଥ୍ୟ ସମ୍ପନ୍ନ କାଣ୍ଡକୋଷିକା' ବା "ଇଣ୍ଡିଉସ୍ ପ୍ଲୁରିପୋଟେଣ୍ଟ ଷ୍ଟେମ୍‌ସେଲ୍" ସୃଷ୍ଟି କରନ୍ତି। ଏହି କାଣ୍ଡକୋଷିକାଗୁଡ଼ିକର ଶରୀରରେ ଯେକୌଣସି ପ୍ରକାର କୋଷିକାକୁ ରୂପାନ୍ତରିତ ହେବାର କ୍ଷମତା ରହିଛି। ଏଗୁଡ଼ିକ ଜିନ୍‌ସ୍ଥିତ ଡିଏନ୍‌ଏର ଆର୍‌ଏନ୍‌ଏକୁ ପ୍ରତିଲିପୀକରଣ ପ୍ରକ୍ରିୟାକୁ ନିୟନ୍ତ୍ରଣ କରନ୍ତି। ଜିନ୍‌ସ୍ଥିତ ଡିଏନ୍‌ଏକୁ ଆଧାର ରୂପେ ବ୍ୟବହାର କରି 'ଆର୍‌ଏନ୍‌ଏ-ପଲିମରେଜ୍' ନାମକ ଏକ ଏଞ୍ଜାଇମ୍ ଆର୍‌ଏନ୍‌ଏ ସଂଶ୍ଳେଷଣକାରୀ ରାସାୟନିକ ପ୍ରକ୍ରିୟାକୁ ଉତ୍‌ପ୍ରେରିତ କରେ।



ପ୍ରଥମେ ୨୦୦୬ ମସିହାରେ ଜାପାନ ବୈଜ୍ଞାନିକ ଡ. ଶିନ୍ୟା ୟାମାନାକା ଆବିଷ୍କାର କରିଥିଲେ ଯେ, ଏହି ଚାରୋଟି ଜିନ୍ ନିୟନ୍ତ୍ରଣକାରୀ ପ୍ରୋଟିନ୍‌କୁ ଜୀବକୋଷରେ ଯୋଗ କଲେ ସେଗୁଡ଼ିକୁ ଭ୍ରୂଣୀୟକାଣ୍ଡକୋଷିକା (ଏମ୍ବ୍ରିଓନିକ୍ ଷ୍ଟେମ୍‌ସେଲ୍) କୁହାଯାଉଥିବା ଏକ ଅପେକ୍ଷାକୃତ କମ୍ ବୟସର ଏବଂ ଅଧିକ ଖାପ୍ ଖୁଆଇପାରିଲା ଭଳି ରୂପକୁ ପୁନଃନିର୍ଦ୍ଦେଶିତ ହେବାକୁ ଅନୁମତି ଦିଏ। ଏହି କାଣ୍ଡକୋଷିକାଗୁଡ଼ିକ ବହୁବିଧ ସାମର୍ଥ୍ୟସମ୍ପନ୍ନ ହୋଇଥିବାରୁ ଶରୀରର ଯେକୌଣସି କୋଷିକାକୁ ରୂପାନ୍ତରିତ ହେବାର ସାମର୍ଥ୍ୟ ରହିଛି। ତାଙ୍କୁ ଏଥିପାଇଁ ୨୦୧୨ ମସିହାରେ ନୋବେଲ ପୁରସ୍କାର ମିଳିଥିଲା।

ଖୁବ୍ ନିକଟରେ (୨୦୧୮) ହୋଇଥିବା ଅନ୍ୟ ଏକ ଅଧ୍ୟୟନରେ ସାଲକ୍ ଇନ୍‌ଷ୍ଟିଚ୍ୟୁଟ୍‌ର ଗବେଷକମାନେ ବୟସ ବଢ଼ିଚାଲିଥିବା ସୁସ୍ଥ ମୂଷାମାନଙ୍କଠାରେ ଜୀବକୋଷୀୟ ପୁନଃ ତାରୁଣ୍ୟ ଲାଭ (ସେଲୁଲାର୍ ରିଜୁଭେନେସନ୍) ପ୍ରକ୍ରିୟାର ଅବସ୍ଥାନ୍ତର ଉପରେ ଦୀର୍ଘଦିନ ଧରି ପରୀକ୍ଷା ଚଳାଇଥିଲେ। ସେମାନେ ଗୋଟିଏ ଦଳ ମୂଷାଙ୍କୁ ୧୫ ମାସ ବୟସର ହେଲାବେଳଠାରୁ ୨୨ ମାସ ହେବାଯାଏ ନିୟମିତ ଭାବେ ୟାମାନାକା କାରକ ଦେଇ ଚାଲିଲେ (ମୂଷାଙ୍କ ଏ ବୟସ ମଣିଷର ୫୦ରୁ ୭୦ବର୍ଷ ସହିତ ସମତୁଲ୍ୟ) ଏବଂ ଅନ୍ୟ ଏକ ଦଳକୁ ୧୨ ମାସରୁ ୨୨ ମାସ (ମଣିଷର ୩୫ବର୍ଷରୁ ୭୦ବର୍ଷ ସମତୁଲ୍ୟ) ତଥା ତୃତୀୟ ଦଳକୁ ୧ ମାସରୁ ୩୦ମାସ (ମଣିଷର ୮୦ ବର୍ଷ ସମତୁଲ୍ୟ) ତାହା ଦେଇ ଚିକିତ୍ସା କରିଥିଲେ। ତତ୍‌ପରେ ସେଗୁଡ଼ିକୁ ଚିକିତ୍ସା ନ ପାଇଥିବା ମୂଷାମାନଙ୍କ ସହିତ ତୁଳନା କରିବାରୁ ଦେଖାଗଲା ଯେ, ବୟସ ବୃଦ୍ଧି ସତ୍ତ୍ୱେ ବ ସେମାନଙ୍କର ରକ୍ତକୋଷିକାରେ କିମ୍ବା ସ୍ନାୟୁମାନଙ୍କରେ କୌଣସି ପରିବର୍ତ୍ତନ ସୂଚନା ମିଳିଲା ନାହିଁ। ପୁନଶ୍ଚ ୟାମାନାକା କାରକ ପ୍ରାପ୍ତ ହେଉଥିବା ଜୀବମାନଙ୍କଠାରେ ସାଧାରଣ ବାର୍ଦ୍ଧକ୍ୟ ପ୍ରକ୍ରିୟାର ବିବିଧ ସୂଚନା ପ୍ରତି ଧ୍ୟାନ ଦେବାରୁ ସେମାନେ ଆବିଷ୍କାର କଲେ ଯେ, ଏଗୁଡ଼ିକ ଯୁବ ମୂଷାଙ୍କ ଅନୁରୂପ। ତାଙ୍କ ବୃକ୍କ (କିଡନୀ), ଚର୍ମ, ଅଧିଜିନୀୟ ବ୍ୟବସ୍ଥାସମୂହ ଯୁବ ମୂଷାଙ୍କ ଅଧିଜିନୀୟ (ଏପିଜେନେଟିକସ) ଢାଞ୍ଚା ସହିତ ଅତି ନିବିଡ଼ ଭାବେ ମେଳ ଖାଉଥିଲା।

ପୁନଃ ପ୍ରୋଗ୍ରାମିଂ (ରିପ୍ରୋଗ୍ରାମିଂ) ହୁଏତ ତନ୍ତୁ ବା ଟିସୁରେ ତନ୍ତୁମୟତା (ଫିବ୍ରୋସିସ୍) ହ୍ରାସ କରୁଥିବ- ତାହା ବୁଝିବା ପାଇଁ ଗବେଷକମାନେ ଚର୍ମରେ ହେଉଥିବା କ୍ଷତ ଉପରେ ଜମା ହେଉଥିବା ତନ୍ତୁଗୁଡ଼ିକୁ ବିଶ୍ଳେଷଣ କଲେ। ସେମାନେ ୟାମାନାକାକାରକ ପ୍ରାପ୍ତ ହେଉଥିବା ବୟସ୍କ ମୂଷାମାନଙ୍କ କ୍ଷତ ଅଞ୍ଚଳରେ କୋଲାଜେନ୍ ଜମା ହେବା ପ୍ରକ୍ରିୟା ବୃଦ୍ଧି ପାଇବା ଦେଖିବାକୁ ପାଇଲାବେଳେ ଆଂଶିକ ଭାବେ ପୁନଃ-ପ୍ରୋଗ୍ରାମିଂ ହୋଇଥିବା ମୂଷାଙ୍କଠାରେ ମଧ୍ୟ ଏହି ଅଞ୍ଚଳରେ ତାହା ବେଶ୍ ପରିମାଣରେ ଦେଖିବାକୁ ପାଇଥିଲେ। ପୁନଶ୍ଚ ୟାମାନାକାରକ ଚିକିତ୍ସିତ ଜୀବମାନଙ୍କ ରକ୍ତରେ ବୟସ ସହିତ ସମ୍ପୃକ୍ତ ଚୟାପଚୟ ଅଣୁଗୁଡ଼ିକର କୌଣସି ପରିବର୍ତ୍ତନ ନ ଆସିବାର ଦେଖାଗଲା।

ଏଠାରେ ସୂଚନାଯୋଗ୍ୟ ଯେ, ମଣିଷଠାରେ ମଧ୍ୟ ଏହି କାରକଗୁଡ଼ିକର କ୍ରିୟାଶିଳତା ସଫଳ ଭାବେ ପରୀକ୍ଷା ହୋଇସାରିଲାଣି। ନିକଟରେ (୨୦୧୮) ଏହି ଉପାୟ ଅବଲମ୍ବନ କରି ୟୁନିଭରସିଟି ଅଫ୍ କେମ୍ବ୍ରିଜ୍‌ର ବୈଜ୍ଞାନିକମାନେ ମଣିଷର ଚର୍ମକୋଷିକାର ବୟସ ୩୦ ବର୍ଷ ପଛକୁ ଫେରାଇ ନେଇପାରିଛନ୍ତି। ସେମାନେ ଏହି ସାଧାରଣ କୋଷିକାକୁ 'ଇଣ୍ଡିଉସ୍ ପ୍ଲୁରିପୋଟେଣ୍ଟ ଷ୍ଟେମସେଲ୍'ରେ ପରିଣତ କରିବାରେ ସଫଳକାମୀ ହୋଇପାରିଛନ୍ତି।



-ଉଷାନିବାସ, ୧୨୪/୨୪୪୫
ଖଣ୍ଡଗିରି ବିହାର, ଭୁବନେଶ୍ୱର
ମୋ: ୯୯୩୭୯୮୫୭୬୭

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୨ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ସୋମବାର, ଏପ୍ରିଲ ୨୫/୨୦୨୨ Sambalpur, Monday, April 25/ 2022

# ମୁମ୍ବାଇର ୮ମ ପରାଜୟ

**ମୁମ୍ବାଇ,୨୪।୪**

ପରାଜୟ ମୁମ୍ବାଇ ଇଣ୍ଡିଆନ୍ସର ପିଛା ଛାଡୁନି। ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ସବୁଠାରୁ ସଫଳ ଦଳ ଏଥର ଲଜ୍ଜାଜନକଭାବେ କ୍ରମାଗତ ୮ମ ପରାଜୟ ବରଣ କରିଛି। ରବିବାର ଅନୁଷ୍ଠିତ ମ୍ୟାଚରେ ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ ୩୬ ରନରେ ମୁମ୍ବାଇକୁ ପରାସ୍ତ କରିଛି। ଅଧିନାୟକ ଲୋକେଶ ରାହୁଲଙ୍କ ଅପରାଜିତ ଶତକ ସହାୟତାରେ ଲକ୍ଷ୍ନୌ ୨୦ ଓଭରରେ ୬ ଉଇକେଟ ହରାଇ ୧୬୮ ରନ୍ କରିଥିଲା।

**ଆଇପିଏଲ୍-୧୫**

**ଆଜିର ମ୍ୟାଚ**

**ପଞ୍ଜାବ କିଙ୍ଗ୍ସ ବନାମ ଚେନ୍ନାଇ ସୁପର କିଙ୍ଗ୍ସ**

**ସ୍ଥାନ: ମୁମ୍ବାଇ**

**ସମୟ: ରାତି ୭ଟା ୩୦**

**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

ଜବାବରେ ମୁମ୍ବାଇ ୨୦ ଓଭରରେ ୮ ଉଇକେଟ ହରାଇ ୧୩୨ ରନ କରିବାକୁ ସକ୍ଷମ ହୋଇଛି। ଏଥିସହ ଦଳର ନକ୍ଆଉଟ ପ୍ରବେଶ ଆଶା ଶେଷ ହୋଇଛି। ଅଧିନାୟକ ରୋହିତ ଶର୍ମା (୩୯) ଓ ତିଳକ ବର୍ମା (୩୮)ଙ୍କୁ ବାଦ୍ ଦେଲେ ଅନ୍ୟ କୌଣସି ବ୍ୟାଟର ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିଲେ। ଲକ୍ଷ୍ନୌ ପକ୍ଷରୁ କୃଣାଲ ପାଣ୍ଡ୍ୟା ସର୍ବାଧିକ ୩ଟି ଉଇକେଟ ନେଇଥିଲେ।

**ରାହୁଲଙ୍କ ଶତକ**

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଲକ୍ଷ୍ନୌ ପକ୍ଷରୁ ଅଧିନାୟକ ଲୋକେଶ ରାହୁଲଙ୍କୁ ଛାଡ଼ିଦେଲେ ଅନ୍ୟ କୌଣସି ବ୍ୟାଟର ଅଧିକ ସମୟ କ୍ରିଜରେ ତିଷ୍ଠିପାରି ନ ଥିଲେ। ରାହୁଲ ୬୨ ବଲ୍‌ରେ ୧୨ ଚୌକା ଓ ୪ ଛକା ସହ ୧୦୩ ରନକରି ଅପରାଜିତ ରହିଥିଲେ। ଚଳିତ ସିଜନରେ ଏହା ତାଙ୍କର ଦ୍ୱିତୀୟ ଓ ଆଇପିଏଲରେ ଚତୁର୍ଥ ଶତକ। ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ଏହାଥିଲା ତାଙ୍କର ତୃତୀୟ ଶତକ। ଆଇପିଏଲ୍‌ରେ କୌଣସି ଗୋଟିଏ ଦଳ ବିପକ୍ଷରେ ୩ ଶତକ ହାସଲ କରିବାରେ ରୋହିତ ପ୍ରଥମ।


ଶତକ ହାସଲ ପରେ ଲୋକେଶ ରାହୁଲ।

**ସଂକ୍ଷିପ୍ତ ସ୍କୋର**

ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ ୨୦ ଓଭରରେ ୧୬୮/୬ (ଲୋକେଶ ରାହୁଲ-୧୦୩*, ମନୀଷ ପାଣ୍ଡେ-୨୨, କିରନ ପୋଲାର୍ଡ-୨/୮, ରିଲେ ମେରିଡିଥ -୨/୪୦, ଡାନିଏଲ୍ ସାମ୍ସ-୧/୪୦, ଯଶପ୍ରୀତ୍ ବୁମ୍‌ରା-୧/୩୧)। ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୧୩୨/୮ (ରୋହିତ ଶର୍ମା-୩୯, ତିଳକ ବର୍ମା-୩୮, କୃଣାଲ ପାଣ୍ଡ୍ୟା-୩/୧୯, ମହସିନ ଖାଁ-୧/୩୭, ରବି ବିଷ୍ଣୋଇ-୧/୨୮, ଆୟୁଷ ବାଦୋନୀ-୧/୬, ଜାସନ ହୋଲ୍ଡର-୧/୩୬)।

**ଆଇପିଏଲ୍ ପଏଣ୍ଟ ଟେବୁଲ**

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନହାର |
|---|---|---|---|---|---|
| ଗୁଜରାଟ ଟାଇଟାନ୍ସ | ୭ | ୬ | ୧ | ୧୨ | +୦.୩୯୬ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୭ | ୫ | ୨ | ୧୦ | +୦.୬୯୧ |
| ରାଜସ୍ଥାନ ରୟାଲ୍ସ | ୭ | ୫ | ୨ | ୧୦ | +୦.୪୩୨ |
| ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ | ୮ | ୫ | ୩ | ୧୦ | +୦.୩୩୪ |
| ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୮ | ୫ | ୩ | ୧୦ | -୦.୪୭୨ |
| ଦିଲ୍ଲୀ କ୍ୟାପିଟାଲ୍ସ | ୭ | ୩ | ୪ | ୬ | +୦.୭୧୫ |
| କୋଲକାତା ନାଇଟ ରାଇଡର୍ସ | ୮ | ୩ | ୫ | ୬ | +୦.୦୮୦ |
| ପଞ୍ଜାବ କିଙ୍ଗ୍ସ | ୭ | ୩ | ୪ | ୬ | -୦.୫୬୨ |
| ଚେନ୍ନାଇ ସୁପର କିଙ୍ଗ୍ସ | ୭ | ୨ | ୫ | ୪ | -୦.୫୩୪ |
| ମୁମ୍ବାଇ ଇଣ୍ଡିଆନ୍ସ | ୮ | ୦ | ୮ | ୦ | -୧.୦୦୦ |

# ଅପରାଜେୟ ସହ କ୍ୱାର୍ଟରରେ ଓଡ଼ିଶା

**ଭୁବନେଶ୍ୱର, ୨୪।୪ (କ୍ରୀଡ଼ା ପ୍ରତିନିଧି)**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆନୁକୂଲ୍ୟରେ ତ୍ରିଭେନ୍ଦ୍ରମଠାରେ ଅନୁଷ୍ଠିତ ସିନିୟର ମହିଳା ଟି୨୦ ଲିଗ୍ କ୍ରିକେଟରେ ଓଡ଼ିଶା ୫ଟି ଯାକ ମ୍ୟାଚ୍ ଜିତି ଅପରାଜେୟ ରହିବା ସହ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଏଲିଟ ଗ୍ରୁପ୍ 'ବି'ରେ ସ୍ଥାନ ପାଇଥିବା ଓଡ଼ିଶା ରବିବାର ଅନୁଷ୍ଠିତ ଅନ୍ତିମ ଲିଗ୍ ମ୍ୟାଚ୍‌ରେ ତାମିଲନାଡୁକୁ ୨ ରନ୍‌ରେ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ୨୦ ଓଭରରେ ୩ ଉଇକେଟ ହରାଇ ୧୩୩ ରନ କରିଥିଲା। ଦଳ ପକ୍ଷରୁ ସରିତା ମେହେର ୫୧ ବଲ୍‌ରୁ ସର୍ବାଧିକ ୬୧ (୮ ଚୌକା, ୧ ଛକା) ଓ ପ୍ରଜ୍ଞା ପାରମିତା ମହାନ୍ତି ୫୧ ବଲ୍‌ରୁ ୫୯(୭ ଚୌକା, ୧ ଛକା) ରନ୍ କରି ଅପରାଜିତ ରହିଥିଲେ। ଅସମାପ୍ତ ୪ର୍ଥ ଉଇକେଟରେ ଏ ଦୁହେଁ ୮୯ ବଲ୍‌ରୁ ୧୧୧ ରନ୍‌ର ଭାଗୀଦାରି ଗଢ଼ିଥିଲେ। ତାମିଲନାଡୁର କେ.ଏନ. ରାମେଶ୍ୱରୀ ୨ଟି ଓ ନିରଞ୍ଜନା ନାଗାରାଜନ ଗୋଟିଏ ଉଇକେଟ ନେଇଥିଲେ। କଡ଼ା ଚ୍ୟାଲେଞ୍ଜ ଦେଇଥିଲେ ହେଁ ତାମିଲନାଡୁ ୨୦ ଓଭରରେ ୮ ଉଇକେଟ ହରାଇ ୧୩୧ ରନ୍ କରିବାକୁ ସକ୍ଷମ ହୋଇଥିଲା।

**ସିନିୟର ମହିଳା ଟି୨୦ ଲିଗ୍**

ଦଳ ପକ୍ଷରୁ ଏସ୍. ଅନୁସା ସର୍ବାଧିକ ୫୫ ରନ୍ କରିଥିଲେ। ଓଡ଼ିଶା ବୋଲରଙ୍କ ମଧ୍ୟରେ ପ୍ରିୟଙ୍କା ପ୍ରିୟଦର୍ଶିନୀ ୪ ଓଭରରେ ୨୪ ରନ୍ ଦେଇ ୪ଟି ଏବଂ ରୋଶନାରା ପରବିନ, ରାମେଶ୍ୱରୀ ନାଏକ ଓ ସୁଶ୍ରୀ ଦିବ୍ୟଦର୍ଶିନୀ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ଓସିଏର ୫ ଲକ୍ଷ ଟଙ୍କା ପୁରସ୍କାର ଘୋଷଣା**

ଲିଗ୍ ପର୍ଯ୍ୟାୟ ଶେଷରେ ଓଡ଼ିଶା ୫ ମ୍ୟାଚ୍‌ରୁ ୫ ବିଜୟ ସହ ୨୦ ପଏଣ୍ଟ ପାଇ ଟେବୁଲର ଶୀର୍ଷସ୍ଥାନ ଅଧିକାର କରିଛି। ଏପରି ଚମକପ୍ରଦ ପ୍ରଦର୍ଶନ ପାଇଁ ଓଡ଼ିଶା କ୍ରିକେଟ ଆସୋସିଏଶନ ପକ୍ଷରୁ ରାଜ୍ୟ ଦଳ ପାଇଁ ୫ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଛି। ପୂର୍ବରୁ ଅନୁଷ୍ଠିତ ୪ ମ୍ୟାଚ୍‌ରେ ଓଡ଼ିଶା ଦଳ ବିହାର, ଛତିଶଗଡ଼, ତ୍ରିପୁରା ଓ ଝାଡ଼ଖଣ୍ଡକୁ ହରାଇ ଦେଇଥିଲା। ଝାଡ଼ଖଣ୍ଡ ୧୬ ଓ ତାମିଲନାଡୁ ୧୨ ପଏଣ୍ଟ ପାଇ ଯଥାକ୍ରମେ ଟେବୁଲର ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ପ୍ରତିଯୋଗିତାର କ୍ୱାର୍ଟର ଫାଇନାଲ ସୁରଟରେ ଅନୁଷ୍ଠିତ ହେବ। ସେଥିରେ ଖେଳିବା ପାଇଁ ଓଡ଼ିଶା ଦଳ ୨୬ ତାରିଖରେ ତ୍ରିଭେନ୍ଦ୍ରମ୍‌ରୁ ସୁରଟ ଯାତ୍ରା କରିବ। କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିବାରୁ ଓଡ଼ିଶା ଦଳକୁ ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରାଙ୍କ ସମେତ ସମସ୍ତ ସଦସ୍ୟ ଅଭିନନ୍ଦନ ଜଣାଇବା ସହ ନକ୍ଆଉଟ ପାଇଁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।


ତାମିଲନାଡୁକୁ ରବିବାର ହରାଇବା ପରେ ଉଲ୍ଲସିତ ଓଡ଼ିଶା ମହିଳା କ୍ରିକେଟ ଦଳ।

# ଓଡ଼ିଶା ପୋଲିସ ପରାସ୍ତ

**ଭୁବନେଶ୍ୱର, ୨୪।୪ (କ୍ରୀଡ଼ା ପ୍ରତିନିଧି):** ଇଣ୍ଡିଆନ ଓମେନ୍ସ ଲିଗ୍ (ଆଇଡବ୍ଲ୍ୟୁଏଲ୍)ରେ ରବିବାର ୭ମ ବାଟାଲିୟନ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ପୋଲିସ ୧-୩ ଗୋଲରେ ଏଆର୍ଏ ଏଫ୍‌ସି ନିକଟରୁ ହାରି ଯାଇଛି। ମ୍ୟାଚଟି ଆରମ୍ଭରୁ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲେ ହେଁ ଅନ୍ତିମ ପର୍ଯ୍ୟାୟରେ ଏଆର୍ଏ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ମ୍ୟାଚର ୮୦ତମ ମିନିଟରେ ପୁନମ ଏକ ଗୋଲ ଦେଇ ଏଆର୍ଏକୁ ଅଗ୍ରଣୀ କରାଇଥିଲେ। ମାତ୍ର ଏହାର ୧ ମିନିଟ ପରେ ଅର୍ଥାତ୍ ୮୧ତମ ମିନିଟରେ ଓଡ଼ିଶା ପୋଲିସର ସୁମନ ପ୍ରଜ୍ଞା ମହାପାତ୍ର ଗୋଲଟି ପରିଶୋଧ କରି ଦେଇଥିଲେ। ତେବେ ୮୩ତମ ମିନିଟରେ କିରନ ଏବଂ ୯୦+୨ ମିନିଟରେ ମଧୁବାଳା ଆଲାୱେ ୨ଟି ଗୋଲ ଦେଇ ଏଆରଏକୁ ବିଜୟୀ କରାଇଥିଲେ। କ୍ୟାପିଟାଲ ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚରେ ଏସ୍ଏସ୍‌ବି ଓମେନ ଫୁଟବଲ କ୍ଲବ ୭-୧ ଗୋଲରେ ମାତା ରୁକ୍ମିଣୀ କ୍ଲବକୁ ହରାଇ ଦେଇଛି। ଶନିବାର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ସ୍ପୋର୍ଟ୍ସ ୦-୧ ଗୋଲରେ କର୍ଣ୍ଣାଟକର କିକ୍‌ଷ୍ଟାର୍ଟ ଏଫ୍‌ସି ନିକଟରୁ ହାରି ଯାଇଥିଲା। ବିଜୟୀ ଦଳ ପକ୍ଷରୁ ଆସେମ ରୋଜା ଦେବୀ ୯୦ତମ ମିନିଟରେ ଏକମାତ୍ର ଗୋଲଟି ଦେଇଥିଲେ।

# ଭର୍ଷ୍ଟାପେନ୍ ଜିତିଲେ ଏମିଲିଆ ରୋମାଗ୍ନା ଗ୍ରାଁ ପ୍ରି

**ଇମୋଲା, ୨୪।୪:** ରେଡ୍‌ବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍ ଏମିଲିଆ ରୋମାଗ୍ନା ଫର୍ମୁଲା ୱାନ ଗ୍ରାଁ ପ୍ରି ମୋଟର ରେସ୍ ଜିତିଛନ୍ତି। ଏହାଦ୍ୱାରା ସେ ତାଙ୍କ ଟାଇଟଲ ଆଶାକୁ ଉଜ୍ଜୀବିତ ରଖିଛନ୍ତି। ଏକ ବଡ଼ ତ୍ରୁଟି ଯୋଗୁ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଚାର୍ଲ୍ସ ଲେକ୍‌ରେକ ତୃତୀୟ ସ୍ଥାନରୁ ଦୂରେଇ ଯାଇଥିଲେ। ଫେରାରି ଡ୍ରାଇଭର ଭର୍ଷ୍ଟାପେନ୍‌ଙ୍କ ଟିମ୍‌ମେଟ୍ ସର୍ଗିଓ ପେରେଜଙ୍କୁ ଅତିକ୍ରମ କରିବା ଲାଗି ଚେଷ୍ଟା କରୁଥିବା ବେଳେ ନିୟନ୍ତ୍ରଣ ହରାଇ ବସିଥିଲେ। ଡ୍ରାଇଭର୍ସ ଷ୍ଟାଣ୍ଡିଂରେ ଲେକରେକ୍ ୮୬ ପଏଣ୍ଟ ସହ ପ୍ରଥମ ସ୍ଥାନରେ ରହିଥିବା ବେଳେ ଭର୍ଷ୍ଟାପେନ୍ ୫୯ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ଏମିଲିଆ ରୋମାଗ୍ନା ଫର୍ମୁଲା ୱାନ୍ ଗ୍ରାଁରେ ଲାଣ୍ଡୋ ନୋରିସ୍ (ମ୍ୟାକ୍‌ଲରେନ), ଜର୍ଜ ରସେଲ (ମର୍ସିଡିଜ୍), ଭାଲଟେରୀ ବୋଟାସ (ଆଲ୍‌ଫା ରୋମିଓ) ଯଥାକ୍ରମେ ୩ୟ, ୪ର୍ଥ ଓ ୫ମ ସ୍ଥାନରେ ରହିଥିଲେ। ସେହିପରି ୟୁକି ଟିସୁନୋଡା (ଆଲ୍‌ଫା ଟାଉରି), ସେବାଷ୍ଟିଆନ ଭେଟେଲ (ଆଷ୍ଟନ ମାର୍ଟିନ), କେଭିନ ମାଗ୍ନସେନ (ହାସ୍) ଓ ଲାନ୍ସ ଷ୍ଟ୍ରୋଲ (ଆଷ୍ଟନ ମାର୍ଟିନ) ପ୍ରମୁଖ ଯଥାକ୍ରମେ ୭ମ, ୮ମ, ୯ମ ଓ ୧୦ମ ସ୍ଥାନ ଅଧିକାର କରିଥିଲେ।





ପୂର୍ବାଞ୍ଚଳ ଆନ୍ତଃବିଶ୍ୱବିଦ୍ୟାଳୟ କ୍ରିକେଟ ଆରମ୍ଭ ପୂର୍ବରୁ ଖେଳାଳିମାନେ ଅତିଥିଙ୍କ ସହ।

# ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ ଆରମ୍ଭ

**ଭୁବନେଶ୍ୱର, ୨୪।୪(କ୍ରୀଡ଼ା ପ୍ରତିନିଧି)**

ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ (ପୁରୁଷ) ଟୁର୍ନାମେଣ୍ଟ ରବିବାର କିଟ୍ ବିଶ୍ୱବିଦ୍ୟାଳୟ ପଡ଼ିଆରେ ଆରମ୍ଭ ହୋଇଛି। ପ୍ରତିଯୋଗିତାରେ ମୋଟ୍ ୫୩ଟି ବିଶ୍ୱବିଦ୍ୟାଳୟ ଦଳ ଅଂଶଗ୍ରହଣ କରିଛନ୍ତି। ମ୍ୟାଚ୍‌ଗୁଡ଼ିକ ଆୟୋଜକ କିଟ୍ ଏବଂ ରେଭେନ୍ସା ଗ୍ରାଉଣ୍ଡରେ ମେ ୭ ପର୍ଯ୍ୟନ୍ତ ଚାଲିବ। ପ୍ରଥମ ଦିବସରେ କିଟ୍ ଷ୍ଟାଡିୟମରେ ୨ଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ୍‌ରେ କୋଲ୍‌କାତାର ଯାଦବପୁର ବିଶ୍ୱବିଦ୍ୟାଳୟ ୧୪ ରନ୍‌ରେ ପାଟଣା ବିଶ୍ୱବିଦ୍ୟାଳୟକୁ ଏବଂ ଦ୍ୱିତୀୟ ମ୍ୟାଚ୍‌ରେ ଭୁବନେଶ୍ୱର ଓୟୁଏଟି ୮ ଉଇକେଟରେ ବିର୍ଲା ଗ୍ଲୋବାଲ ବିଶ୍ୱବିଦ୍ୟାଳୟ (ଭୁବନେଶ୍ୱର)କୁ ପରାସ୍ତ କରିଛି। ସେହିପରି ରେଭେନ୍ସା ପଡ଼ିଆରେ ଅନୁଷ୍ଠିତ ମ୍ୟାଚ୍‌ରେ ରାଞ୍ଚି ବିଶ୍ୱବିଦ୍ୟାଳୟ ୧୦ ଉଇକେଟରେ କୋଲ୍‌କାତାର ୟୁନିଭର୍ସିଟି ଅଫ୍ ଇଞ୍ଜିନିୟରିଂ ଆଣ୍ଡ ମ୍ୟାନେଜ୍‌ମେଣ୍ଟ ଦଳକୁ ହରାଇ ଦେଇଛି। ଉଦ୍‌ଘାଟନୀ ମ୍ୟାଚ୍ ପୂର୍ବରୁ କିଟ୍ ଓ କିସ୍‌ର କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ଓ ସହକାରୀ କ୍ରୀଡ଼ା ନିର୍ଦ୍ଦେଶକ ରଶ୍ମିତା ମହାନ୍ତି ଯାଦବପୁର ଓ ପାଟଣା ବିଶ୍ୱବିଦ୍ୟାଳୟ ଖେଳାଳିଙ୍କ ସହ ପରିଚିତ ହୋଇଥିଲେ।




# ହେଭିୱେଟ୍ ବେଲ୍ଟ ବଜାୟ ରଖିଲେ ଫ୍ୟୁରୀ

**ଲଣ୍ଡନ, ୨୪।୪ (ଏପି):** ଟାଇସନ ଫ୍ୟୁରୀ ତାଙ୍କ ୧୪ ବର୍ଷର ବିବାଦୀୟ ବକ୍ସିଂ କ୍ୟାରିୟରର ଅନ୍ତିମ ମୁକାବିଲାରେ ଡିଲିଆନ ହ୍ୱାଇଟ୍‌ଙ୍କୁ ଧରାଶାୟୀ କରି ଦେଇଛନ୍ତି। ଏହି ଦୁଇ ବକ୍ସରଙ୍କ ମଧ୍ୟରେ ହୋଇଥିବା ୬ ରାଉଣ୍ଡବିଶିଷ୍ଟ ମୁକାବିଲା ଅତ୍ୟନ୍ତ ଭୟଙ୍କର ଥିଲା। ଫ୍ୟୁରୀଙ୍କ ଶକ୍ତିଶାଳୀ ପଞ୍ଚ୍‌ରେ ହ୍ୱାଇଟ୍‌ଙ୍କର ଥୋଡ଼ି ଫାଟି ରକ୍ତାକ୍ତ ହୋଇଯାଇଥିଲା ଏବଂ ଗୋଟିଏ ଦାନ୍ତ ମଧ୍ୟ ଭାଙ୍ଗି ଯାଇଥିଲା। ଇଂଲଣ୍ଡ ନ୍ୟାଶନାଲ ଫୁଟ୍‌ବଲ ଷ୍ଟାଡିୟମରେ ବ୍ରିଟେନର ଦୁଇ ବକ୍ସରଙ୍କ ମଧ୍ୟରେ ୯୪,୦୦୦ ସମର୍ଥକଙ୍କ ଉପସ୍ଥିତିରେ ଏହି ବାଉଟ ଅନୁଷ୍ଠିତ ହୋଇଥିଲା। ୩୩ ବର୍ଷୀୟ ଫ୍ୟୁରୀଙ୍କ ପ୍ରଫେସନାଲ କ୍ୟାରିୟରରେ ୩୩ଟି ଫାଇଟ୍ ମଧ୍ୟରେ ଏହା ଥିଲା ୩୨ତମ ବିଜୟ। ଫ୍ୟୁରୀ ଯଦି ଅବସର ନେଇଯାଆନ୍ତି ତେବେ ଲୁଇସ୍‌ଙ୍କୁ ପଛରେ ପକାଇ ବ୍ରିଟେନର ସର୍ବଶ୍ରେଷ୍ଠ ହେଭିୱେଟ୍ ବକ୍ସର ବିବେଚିତ ହେବେ। ଫ୍ୟୁରୀ ଗତବର୍ଷ ଡେନ୍‌ଟେ ୱାଇଲ୍ଡର ବିପକ୍ଷ ଟ୍ରିଲୋଜି ଫାଇଟ୍ ପରେ ବକ୍ସିଂରୁ ଅବସର ନେବା ଲାଗି ତାଙ୍କ ସ୍ତ୍ରୀଙ୍କୁ ପ୍ରତିଶ୍ରୁତି ନେଇଥିଲେ, କିନ୍ତୁ ଡବ୍ଲ୍ୟୁବିସି ହେଭିୱେଟ୍ ଚାମ୍ପିୟନ ପରବର୍ତ୍ତୀ କାଳରେ ୱେମ୍ବଲିଠାରେ ରେକର୍ଡସଂଖ୍ୟକ ଦର୍ଶକଙ୍କ ସମ୍ମୁଖରେ ହ୍ୱାଇଟ୍‌ଙ୍କ ବିପକ୍ଷରେ ତାଙ୍କ ଟାଇଟଲ ବଜାୟ ରଖିବା ଲାଗି ଇଚ୍ଛା ପ୍ରକାଶ କରିଥିଲେ। ଅନ୍ୟପକ୍ଷରେ ଫ୍ୟୁରୀଙ୍କ ପ୍ରମୋଟର ଫ୍ରାଙ୍କ୍ ୱାରେନ କହିଛନ୍ତି, ତାଙ୍କ ଫାଇଟର ଯାହା ନିଷ୍ପତ୍ତି ନେବେ ସେଥିପ୍ରତି ତାଙ୍କର ସମର୍ଥନ ରହିବ। ଏହା ଯଦି ତାଙ୍କର ଶେଷ ଲଢ଼େଇ ଥାଏ ତାହାଲେ ଠିକ୍ ଅଛି।

# ମୁମ୍ବାଇ ପୂର୍ବତନ କ୍ରିକେଟରଙ୍କ ଅକାଳ ବିୟୋଗ

**ମୁମ୍ବାଇ, ୨୪।୪(ପି.ଟି.):** ମୁମ୍ବାଇର ପୂର୍ବତନ କ୍ରିକେଟ ଖେଳାଳି ରାଜେଶ ବର୍ମାଙ୍କର ରବିବାର ହୃଦ୍‌ଘାତରେ ପରଲୋକ ଘଟିଛି। ତାଙ୍କୁ ୪୦ ବର୍ଷ ବୟସ ହୋଇଥିଲା। ସେ ଜଣେ ଡାହାଣହାତୀ ମିଡିୟମ ପେସ୍ ବୋଲର ଥିଲେ। ରାଜେଶ ଯଦିଓ ମାତ୍ର ୭ଟି ପ୍ରଥମଶ୍ରେଣୀ ମ୍ୟାଚ୍ ଖେଳିଛନ୍ତି, ତଥାପି ସେ ୨୦୦୬-୦୭ରେ ରଣ୍‌ଜୀ ଟ୍ରଫି ଜିତିଥିବା ମୁମ୍ବାଇ ଦଳର ଜଣେ ପ୍ରମୁଖ ସଦସ୍ୟ ଥିଲେ। ସେ ୨୦୦୨-୦୩ ସିଜନରେ ତାଙ୍କ ପ୍ରଥମଶ୍ରେଣୀ ପଦାର୍ପଣ କରିଥିଲେ। ସେ ତାଙ୍କ ଶେଷ ଗେମ୍ ୨୦୦୮ରେ ବ୍ରାବୋର୍ନ ଷ୍ଟାଡିୟମରେ ପଞ୍ଜାବ ବିପକ୍ଷରେ ଖେଳିଥିଲେ। ୭ଟି ଗେମ୍‌ରେ ରାଜେଶ ୨୩ଟି ଉଇକେଟ ନେଇଥିଲେ। ଥରେ ସେ ୫ ଉଇକେଟର ସଫଳତା ହାସଲ କରିପାରିଛନ୍ତି। ତାଙ୍କର ଶ୍ରେଷ୍ଠ ବୋଲିଂ ଫିଗର ୫/୯୭ ରହିଛି।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ଶତପଥୀ

ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ୨୫ ଏପ୍ରିଲ, ୨୦୨୨

## ବାଇକ୍ ମୁହାଁମୁହିଁ ଧକ୍କା: ୩ ଗୁରୁତର

ଦେଓଗାଁ,(ଡି.ଏନ.ଏ.): ଦେଓଗାଁ ଥାନା ବାଞ୍ଜିବାହାଲି ଛକ ନିକଟରେ ଦୁଇ ବାଇକ ମୁହାଁମୁହିଁ ଧକ୍କା ଫଳରେ ୩ଜଣ ଗୁରୁତର ହୋଇଛନ୍ତି। ଦେଓଗାଁ ସିଏଚ୍‌ସିକୁ କରୁଆଁଝର ଗାଁର କାଜଲ ବାରିକ ଭ୍ୟାକସିନ ନେବାପାଇଁ ବାଇକରେ ଯାଉଥିବାବେଳେ ଲଣ୍ଡାପଥର ପଟୁ ଆସୁଥିବା ବିଘ୍ନ ନାଏକଙ୍କ ବାଇକ ସହ ଧକ୍କା ଦେଇଥିଲା। ଦୁଇ ବାଇକ ରାସ୍ତାରେ ଛିଟିକ ପଡିଥିବାବେଳେ ରାସ୍ତାରେ ବାଇକରେ ଝିଅ ସହ ଆସୁଥିବା କରୁଆଁଝର ସାବିନ ଛତ୍ରିଆ ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱ ଗଛରେ ପିଟି ହୋଇଥିଲେ। ସାବିନଙ୍କ ଗୋଡ ଭାଙ୍ଗିଛି। ସାବିନ, କାଜଲ ଓ ବିଘ୍ନଙ୍କୁ ବଲାଙ୍ଗୀର ପଠାଯାଇଛି।



### ସଂକ୍ଷେପରେ

## ଅବକାରୀ ଚଢ଼ାଉ: ୨୧ କିଲୋ ଗଞ୍ଜେଇ, ୧୩ ଲକ୍ଷ ଟଙ୍କା ଜବତ



ଟିଟିଲାଗଡ଼,୨୪।୪(ଡି.ଏନ.ଏ): ଅବକାରୀ ଗୋଇନ୍ଦା ସଂସ୍ଥା ସମ୍ବଲପୁର ପକ୍ଷରୁ ରବିବାର ଅଧୀକ୍ଷକ ବିପ୍ର ମଣ୍ଡଳଙ୍କ ନେତୃତ୍ୱରେ ଟିଟିଲାଗଡ ବ୍ଲକ ଅନ୍ତର୍ଗତ ଇଚଗାଁରେ ଚଢାଉ କରାଯାଇଥିଲା। ଚଢଉ ସମୟରେ ବୈଷ୍ଣବ ସାହୁ ନାମକ ଜଣେ ବ୍ୟକ୍ତିଙ୍କ ଘରୁ ୨୧କିଲୋଗ୍ରାମ ଗଞ୍ଜେଇ ସହ ନଗଦ ୧୩ ଲକ୍ଷ ଟଙ୍କା ଜବତ ହୋଇଛି। ଅଭିଯୁକ୍ତ ସାହୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଚଢାଉ ଦଳରେ ଅବକାରୀ ଇନ୍ସପେକ୍ଟର ସମ୍ବଲପୁର ଶଶିକାନ୍ତ ଦତ୍ତ, ଟିଟିଲାଗଡ ଅବକାରୀ ଅଧିକାରୀ ସତ୍ୟନାରାୟଣ ଦାଶ, କଣ୍ଟାବାଞ୍ଜି ଅବକାରୀ ଅଧିକାରୀ ବିଶ୍ୱନାଥ ପରିଡା ପ୍ରମୁଖ ସାମିଲ ଥିଲେ।

## ୯୪ ଛାତ୍ରୀ ପାଇଲେ ଆତ୍ମ ସୁରକ୍ଷା ତାଲିମ

ଲୋଇସିଂହା,୨୪।୪(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ହରିହର କଲେଜରେ ଚାଲିଥିବା ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସଭାରେ କଲେଜ ଅଧ୍ୟକ୍ଷ ରଘୁନାଥ ସାହୁ ସଭାପତିତ୍ୱ କରିଥିଲେ। ଜିଲା ପରିଷଦ ସଭ୍ୟା ଲିଲିମା ବେହେରା ମୁଖ୍ୟ ଅତିଥି, ସରପଞ୍ଚ ବିଜୁଳି ପଧାନ, ଶିକ୍ଷାବିତ୍ ବ୍ରଜମୋହନ ପଧାନ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲା। ତାଲିମ ନେଇଥିବା ଛାତ୍ରୀଙ୍କୁ ନିଜ ପଡୋଶୀ ଝିଅଙ୍କୁ ତାଲିମ ଦେବାକୁ ପରାମର୍ଶ ଦେଇଥିଲେ। ଗତ ୧୩ ତାରିଖଠାରୁ ଅନୁଷ୍ଠିତ ତାଲିମରେ ଶିବିରରେ କଲେଜର ୯୪ଜଣ ଛାତ୍ରୀ ଆତ୍ମସୁରକ୍ଷା କୌଶଳ ତାମିଲ ନେଇଥିଲେ। ସବନମ୍ ବାନୁ ପ୍ରଶିକ୍ଷଣ ଦେଇଥିଲେ।

## ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ

ଲୋଇସିଂହା,୨୪।୪(ଡି.ଏନ.ଏ): ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ପଥରମୁଣ୍ଡାରେ ଛେଲିଆପାଟ ସେବା ସଂଗଠନ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂଗଠନ ପ୍ରତିଷ୍ଠାତା ବିଚିତ୍ରାନନ୍ଦ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ନରେଶ ସାହୁ ମୁକୁନ୍ଦ ସାହୁ, ଅନ୍ତ ସାହୁ, ଗୀତାଞ୍ଜଳି ତାଣ୍ଡି, ରବିତା ତାଣ୍ଡି, କ୍ଷମାନିଧି ଭୋଇ ପ୍ରମୁଖ ଉତ୍ତମ ସ୍ୱାସ୍ଥ୍ୟ ଗଠନ ଉପରେ ପରାମର୍ଶ ଦେଇଥିଲେ। ପ୍ରତିଦିନ ଶାରୀରିକ ପରିଶ୍ରମ, ଯୋଗ କରିବାକୁ ପରାମର୍ଶ ଦେଇଥିଲେ। ସୁସ୍ଥ ପରିବେଶ ପାଇଁ ଗଛ ଲଗାଇବାକୁ ଆହ୍ୱାନ ଜଣାଇଥିଲେ।

## ଦେଓଗାଁ ବ୍ଲକ: ସ୍ଥାୟୀ ବିଇଓ ନିଯୁକ୍ତି ଦେବାକୁ ଦାବି

ଦେଓଗାଁ,୨୪।୪(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକରେ ଶିକ୍ଷା ଅଧିକାରୀ ନାହାନ୍ତି। ବିଭାଗ ମୁରବୀ ଶୂନ୍ୟ ହୋଇଯିବା ଫଳରେ ବ୍ଲକର ବିଭିନ୍ନ ସ୍କୁଲରେ ବିଭ୍ରାଟ ଦେଖିବାକୁ ମିଳୁଛି। ମାସମାସ ଧରି ଶିକ୍ଷକଙ୍କ ଦରମା ପ୍ରଦାନରେ ଅବହେଳା କରାଯାଉଛି। ଅବସରପ୍ରାପ୍ତ ଶିକ୍ଷକଙ୍କ ପେନସନ ସମ୍ବନ୍ଧୀୟ କାଗଜ ପତ୍ର ଆଗଉ ନଥିବା ଅଭିଯୋଗ ହେଉଛି। ଏଣୁ ବ୍ଲକରେ ଜଣେ ସ୍ଥାୟୀ ବ୍ଲକ ଶିକ୍ଷା ଅଧିକାରୀ ନିଯୁକ୍ତି କରିବା ପାଇଁ ଶିକ୍ଷକ ମହଲରେ ଦାବି ହେଉଛି। ଗତ ୧୮ ତାରିଖ ପଞ୍ଚାୟତ ସମିତି ବୈଠକରେ ବିଧାୟକ ନରସିଂହ ମିଶ୍ରଙ୍କୁ ବ୍ଲକ ଜନପ୍ରତିନିଧିମାନେ ସ୍ଥାୟୀ ବିଇଓ ନିଯୁକ୍ତି ନେଇ ଅବଗତ କରିଥିଲେ। ବିଧାୟକ ଏ ନେଇ ପଦକ୍ଷେପ ନେବା ପାଇଁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ କହିଥିଲେ ସୁଦ୍ଧା କାର୍ଯ୍ୟକାରୀ ହୋଇନାହିଁ। ସଇଁତଳା ବ୍ଲକ ଶିକ୍ଷା ଅଧିକାରୀ ଗୋବର୍ଦ୍ଧନ ଭୋଇଙ୍କୁ ଗୁଡଭେଲା ଓ ଦେଓଗାଁ ଉଭୟ ବ୍ଲକର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ତିନିଟି ବ୍ଲକର ଦାୟିତ୍ୱରେ ଜଣେ ଥିବାରୁ ବ୍ଲକର ସମସ୍ତ ସ୍କୁଲରେ ଉପୁଜୁଥିବା ସମସ୍ୟାର ତ୍ୱରିତ ସମାଧାନ ହୋଇପାରୁନାହିଁ। ଏହାର ପ୍ରଭାବ ଛାତ୍ରଛାତ୍ରୀଙ୍କ ପାଠପଢା ଉପରେ ପଡୁଥିବାରୁ ଅଭିଭାବକ ମହଲରେ ଅସନ୍ତୋଷ ଦାନା ବାନ୍ଧିବାରେ ଲାଗିଛି। ଶିକ୍ଷକ ସଂଘ ସଭାପତି ମୋହନ ଦଲାଇଙ୍କୁ ପଚାରିବାରୁ ସ୍ଥାୟୀ ବିଇଓ ନିଯୁକ୍ତି ନହେଲେ ଆଗକୁ ବିଶୃଙ୍ଖଳିତ ପରିସ୍ଥିତି ସୃଷ୍ଟି ହେବାକୁ ଏଡାଇ ଦିଆଯାଇ ନ ପାରେ ବୋଲି କହିଛନ୍ତି।

# ଜବାଗାଁବାସୀଙ୍କୁ ଝରଣା ପାଣି ଭରସା

ଲାଞ୍ଜିଗଡ,୨୪।୪(ଡି.ଏନ.ଏ.)



ଗ୍ରାମର ମହିଳାମାନେ ଝରଣାରୁ ପାଣି ସଂଗ୍ରହ କରୁଛନ୍ତି।

ଗ୍ରୀଷ୍ମତାପ ଯେତେ ବଢିଚାଲିଛି, ସେହି ଅନୁପାତରେ କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଉପାନ୍ତ ଅଞ୍ଚଳରେ ପାନୀୟ ଜଳସମସ୍ୟା ସେତେ ବଢି ଚାଲିଛି। ବ୍ଲକରେ ଏମିତିବି ଗାଁ ରହିଛି ଯେଉଁଠି ଏବେ ବି କିଛି ଆଦିବାସୀ ପରିବାର ଝରଣା ପାଣି ହିଁ ଭରସା କରନ୍ତି। ଏହି ଗାଁ ହେଉଛି ଲାଞ୍ଜିଗଡ ବ୍ଲକ ଲାଞ୍ଜି ପଞ୍ଚାୟତ ଅନ୍ତର୍ଗତ ଜବାଗାଁ। ସ୍ୱାଧୀନତାର ଦୀର୍ଘବର୍ଷ ପରେ ବି ଜବାଗାଁ ଲୋକେ ଝରଣା ପାଣିରେ ହିଁ ଶୋଷ ମେଣ୍ଟାଉଛନ୍ତି। ଗାଁରେ ୪୫ଟି ପରିବାର ରହୁଥିବା ବେଳେ ୧୯୯୨ରେ ଏକ ନଳକୂଅ ସରକାର ଯୋଗାଇ ଦେଇଥିଲେ। ଏହା ଖୋଲାଯିବାର ମାସେ ପରେ ଖରାପ ହୋଇଗଲା। ଏଯାଏ ତାର ମରାମତି କଥା କେହି ଚିନ୍ତା କରିନାହାନ୍ତି। ଫଳରେ ଲୋକେ ତାଙ୍କ ଚିରାଚରିତ ଜଙ୍ଗଲରେ ଥିବା ଝରଣା ପାଣି ଉପରେ ବର୍ଷ ସାରା ନିର୍ଭର କରୁଛନ୍ତି। ଝରଣା ପାଣିରେ ହିଁ ଲୋକେ ସ୍ନାନ, ଶୌଚ କରୁଥିବା ବେଳେ ସେହି ପାଣିକୁ ହିଁ ପିଉଛନ୍ତି। ଝରଣାର ଦୂଷିତ ପାଣିକୁ ସେମାନେ ବାଧ ହୋଇ ବ୍ୟବହାର କରୁଛନ୍ତି। ପ୍ରତିଦିନ ଗାଁର ମହିଳା ମାନେ ମାଠିଆ, ଗରିଆ ଧରି ନିକଟସ୍ଥ ଜଙ୍ଗଲ ଯାଇ ଝରଣାରୁ ପାଣି ସଂଗ୍ରହ କରିଥାନ୍ତି।

- ନଳକୂଅ ଖନନର ମାସେ ପରେ ଖରାପ
- ଆଜି ଯାଏ ହୋଇନି ମରାମତି, ପାଣି ପାଇଁ ହନ୍ତସନ୍ତ

ଏହା ହେଉଛି ଏମାନଙ୍କ ପାଇଁ ନିତିଦିନିଆ ଜୀବନଯାତ୍ରା। ଏପଟେ ଗ୍ରାମାଞ୍ଚଳରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ସରକାର ବିଭିନ୍ନ ପାଣି ପ୍ରକଳ୍ପ ମାଧ୍ୟମରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ବିଭାଗୀୟ ଉଦାସୀନତା ଯୋଗୁ ତାହା ପୂରଣ ହୋଇପାରୁନି। ଆଗକୁ ତାତି ବଢ଼ିବ ବୋଲି ପାଣିପାଗ ବିଭାଗ ସୂଚାଇ ଥିବା ବେଳେ ଶୁଖିବାକୁ ବସିଲାଣି ଜଳସ୍ରୋତ, ପାନୀୟ ଜଳ କଷ୍ଟ ଭୋଗୁଛନ୍ତି ଉପାନ୍ତ ଅଞ୍ଚଳବାସୀ। ବର୍ତ୍ତମାନ ଗାଁରେ ବିଶୁଦ୍ଧ ପାନୀୟ ଜଳ ଲୋକେ କେମିତି ପାଇବେ ସେ ବିଷୟରେ ଚିନ୍ତା କରିବା ଆବଶ୍ୟକ ରହିଛି ବୋଲି ଅଞ୍ଚଳବାସୀ ମତପ୍ରକାଶ କରିଛନ୍ତି। ଆଗକୁ ଆସୁଥିବା ଉତ୍କଟ ଜଳସମସ୍ୟା ଦୃଷ୍ଟିରେ ରଖି ଜିଲା ଓ ବ୍ଲକ ପ୍ରଶାସନ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି ହେଉଛି।

## ଅଧ୍ୟକ୍ଷ, ଉପାଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧନା

କେସିଙ୍ଗା,୨୪।୪(ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ବୃନ୍ଦାବନ କଲ୍ୟାଣ ମଣ୍ଡପଠାରେ ରବିବାର ପ୍ରାଥମିକ ଶିକ୍ଷକ ସଂଘ ସଭାପତି ସୁରେନ୍ଦ୍ର କୁମାର ଦୋରାଙ୍କ ସଭାପତିତ୍ୱରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ନବନିର୍ବାଚିତ କେସିଙ୍ଗା ପଞ୍ଚାୟତ ସମିତି ଅଧ୍ୟକ୍ଷ ଚନ୍ଦନ ସେନାପତି, ଉପାଧ୍ୟକ୍ଷ୍ୟା ରାଜଲକ୍ଷ୍ମୀ ପଟ୍ଟନାୟକ ଓ କେସିଙ୍ଗା ଏନଏସି ଅଧ୍ୟକ୍ଷ ନୃପରାଜ ଯାଦବ, ଉପାଧ୍ୟକ୍ଷା ସରସତୀ ସାହାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ ଜିଲା ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ଧୀରେନ୍ଦ୍ର ପଟ୍ଟନାୟକ, ରାମପୁର ବ୍ଲକ ସଭାପତି ଅଜିତ ନାୟକ, ଜିଲା ସହସମ୍ପାଦକ ବିରେନ୍ଦ୍ର ବାଗ ଓ ଜିଲା ଉପସଭାପତି ସୁବାସ ଚନ୍ଦ୍ର ପୁରୋହିତ ପ୍ରମୁଖ ଯୋଗଦେଇଥିଲେ। ଗୁରୁ ଶଙ୍କର ମହାନତା ସମ୍ପର୍କରେ ଅଧ୍ୟକ୍ଷ ଦ୍ୱୟ ମନ୍ତ୍ର ଦେଇଥିଲେ। ବିଦ୍ୟାଳୟ ଭିତ୍ତି ଭୂମିଉପରେ ଗୁରୁତ୍ୱ ଦେଇ ଆଗାମୀ ଦିନରେ ବିଶେଷ ଧ୍ୟାନ ଦିଆଯିବ ପ୍ରତିଶ୍ରୁତି ଦେଇଥିଲେ। ଜିଲା ସମ୍ପାଦକ ପଟ୍ଟନାୟକ ବିଦ୍ୟାଳୟ କେତେକ ଅସୁବିଧାଗୁଡ଼ିକୁ ଦୃଷ୍ଟି ଆକର୍ଷଣ କରିଥିଲେ। ବ୍ଲକ ସମ୍ପାଦକ କୁଶ ଚନ୍ଦ୍ର ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ପଟ୍ଟନାୟକ, ମମତା ପଟ୍ଟନାୟକ, ଶୁଭସ୍ମିତା ଦାସ, ସ୍ନେହପାଢ଼ୀ, ସୋଭଲିନ ଦାସ, ପୁଷ୍ପା ମହାରଣା, ମନୋଜ ପ୍ରଧାନ, ପଞ୍ଚୁନାଥ ପଟେଲ, କୈଳାଶ ବିଶି ମଞ୍ଚ ପରିଚାଳନା କରିଥିଲେ। ପ୍ରଭାତ ମହଲା ଧନ୍ୟବାଦ ଅର୍ପଣ କରିଥିଲେ।



ସମ୍ବର୍ଦ୍ଧନା ସଭାରେ ମଞ୍ଚାସୀନ ଅତିଥି।

# ସ୍ୱତନ୍ତ୍ର ଗ୍ରାମସଭାରେ ପଞ୍ଚାୟତ ଉନ୍ନତି ଚିନ୍ତା

ଲୋଇସିଂହା,୨୪।୪(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁର୍ଡା ପଞ୍ଚାୟତ ପରିସରରେ ସ୍ୱତନ୍ତ୍ର ଗ୍ରାମ ସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଆୟୋଜିତ ଅମୃତ ମହୋତ୍ସବ ପାଳନ ଅବସରରେ ଆୟୋଜିତ ଗ୍ରାମସଭାରେ ସରପଞ୍ଚ ସୁଦୀପ କୁମାର ସା ଅଧ୍ୟକ୍ଷତା କରିଥିଲେ। ଗ୍ରାମସଭାରେ ପାନୀୟ ଜଳ, ରାସ୍ତାଘାଟ ଉନ୍ନତୀକରଣ, ପୋଖରୀର ପୁନରୁଦ୍ଧାର, ଚେକଡ୍ୟାମ ନିର୍ମାଣ ସମ୍ପର୍କରେ ଆଲୋଚନା ହୋଇଥିଲା। ଭଙ୍ଗାଘରେ ଦୟନୀୟ ଅବସ୍ଥାରେ ରହୁଥିବା ବୁର୍ଡା କଲୋନୀ ପଡାର ଶାନ୍ତିଲତା ବାରିକଙ୍କ ପାଇଁ ଘର ବ୍ୟବସ୍ଥା କରିବାକୁ ଗ୍ରାମ ସଭାରେ ଦାବି କରାଯାଇଥିଲା। ୭୦ପ୍ରତିଶତ ଭିନ୍ନକ୍ଷମ ଥାଇ ମାଟ୍ରିକ ପଢୁଥିବା ମିତା ବାଗଙ୍କୁ ଭିନ୍ନକ୍ଷମ ଭତ୍ତା ପ୍ରଦାନ ପାଇଁ ତାଙ୍କ ମା' ନିବେଦନ କରିଥିଲେ। ସେହିପରି ମୁରଲୀ ସାହୁ ତାଙ୍କ ଜମି ନିକଟରେ ଏକ ଚେକଡ୍ୟାମ ନିର୍ମାଣ ଦାବି କରିଥିଲେ। ଅପରପକ୍ଷେ ନିର୍ବାଚନ ପୂର୍ବରୁ ପଞ୍ଚମ ରାଜ୍ୟ ଅର୍ଥ କମିଶନ ଯୋଜନାରେ ଦେଢଲକ୍ଷ ଟଙ୍କା ବ୍ୟୟରେ ଏନଏଚ ୨୬ରୁ ରାଧାକୃଷ୍ଣ ମନ୍ଦିର ପର୍ଯ୍ୟନ୍ତ ରାସ୍ତା ଶୋଚନୀୟ ହେବା ନେଇ ଗ୍ରାମସଭାରେ ଲୋକେ ଅସନ୍ତୋଷ ପ୍ରକାଶ କରିଥିଲେ। ପିଇଓ ଲୋକନାଥ ନାଏକ ବୈଠକରେ ଅନୁପସ୍ଥିତ ଥିବା ନେଇ ବୈଠକରେ ପ୍ରଶ୍ନ ଉଠିଥିଲା। । ବୈଠକରେ ଜଳ ମିଶନର ବ୍ଲକ ସଂଯୋଜକ ହୃଷିକେଶ ବାରିକ, ପଞ୍ଚାୟତ ସଂଯୋଜକ ପ୍ରଶାନ୍ତ ସାହୁ, ଦିଲୀପ ଥନାପତି ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ସେହିପରି ଲୋଇସିଂହା ପଞ୍ଚାୟତରେ ସରପଞ୍ଚ ନବ କିଶୋର ନାଏକ, ତଲିଉଡାରରେ ସରପଞ୍ଚ ଦୀପାଞ୍ଜଳି ସାଏ, ଯୋଗୀସର୍ଡାରେ ସରପଞ୍ଚ ବିଜୁଳି ପଧାନ ଓ ବୁଢୀପଦରରେ ସରପଞ୍ଚ ଲକ୍ଷ୍ମୀ ପଧାନଙ୍କ ଅଧ୍ୟକ୍ଷତାରେ ଗ୍ରାମସଭା ଅନୁଷ୍ଠିତ ହୋଇଥିଲା।

## ଠିପି ବନ୍ଦ ମଦ ଦୋକାନୀଙ୍କ ଅବକାରୀ ନିୟମ ଉଲ୍ଲଂଘନ

ଲାଞ୍ଜିଗଡ,୨୪।୪(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଅଞ୍ଚଳରେ ଥିବା ଲାଇସେନ୍ସ ପ୍ରାପ୍ତ ଠିପିବନ୍ଦ ମଦ ଦୋକାନରେ ଗ୍ରାହକଙ୍କଠାରୁ ମୂଲ୍ୟଠାରୁ ଅତ୍ୟଧିକ ଦର ନେଉଛନ୍ତି। ସରକାରଙ୍କ ନିୟମ ଅନୁସାରେ ଦୋକାନ ଆଗରେ ମଦର ଦର ତାଲିକା ବୋର୍ଡ଼ ଲଗାଇବା ନିୟମକୁ ମଦ ବ୍ୟବସାୟୀ ଉଲ୍ଲଂଘନ କରୁଛନ୍ତି। ନିୟମ ଉଲ୍ଲଂଘନକାରୀଙ୍କ ବ୍ୟବସାୟ ପ୍ରତିଷ୍ଠାନ ଉପରେ ଅବକାରୀ ବିଭାଗ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି। ସେହିପରି ଠିପିବନ୍ଦ ମଦ ଦୋକାନରେ ମଦ ପିଇବା ନିୟମ ନ ଥିବାବେଳେ ଦୋକାନ ଆଗରେ ଠିପି ଖୋଲି ମଦ ପିଉଥିବା ଦେଖିବାକୁ ମିଳିଛି। ଠିପିଖୋଲା ମଦ ଦୋକାନ ପାଇଁ ଅଧିକ ଟିକସ ଦେବା ପାଇଁ ନିୟମ ଥିବାବେଳେ ଦୋକାନୀ ଟିକସ ଫାଙ୍କିବା ପାଇଁ ଗ୍ରାହକଙ୍କୁ ପ୍ରୋତ୍ସାହିତ କରୁଛନ୍ତି। ଏ ନେଇ ଅବକାରୀ ଏସଆଇ ସୁଧାଂଶୁ ମୁଣ୍ଡାଙ୍କୁ ପଚାରିବାରୁ ସେ କହିଲେ ମଦ ଦୋକାନ ମ୍ୟାନେଜର ଅଯୋଧ୍ୟାଙ୍କୁ କହିଥିଲି ଅଧିକା ଦର ନ ନେବା ପାଇଁ ଏବଂ ଦୁଇଦିନ ପରେ ଯାଇ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ।

## ରାମଙ୍କ ଶରଣ ପଶିଲେ ବିଭୀଷଣ

ଦେଓଗାଁ, ୨୪।୪(ଡି.ଏନ.ଏ.)

### କଛାରପାଲି ରାମଲୀଳା

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ କଛାରପାଲିରେ ଚାଲିଥିବା ରାମଲୀଳା ମହୋତ୍ସବର ରବିବାର ସନ୍ଧ୍ୟାରେ ରାମଙ୍କ ନିକଟରେ ବିଭୀଷଣ ଶରଣ ପଶିବା ନାଟ୍ୟାଭିନୟ ଅନୁଷ୍ଠିତ ହୋଇଯାଇଛି। ରାବଣ ଭୂମିକାରେ ବରିଷ୍ଠ କଳାକାର ସାଧୁ ଚରଣ ସାହୁଙ୍କ ଅଭିନୟ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ସେପରି ବଡବନ୍ଧରେ ୧୯୭୩ମସିହାରୁ ଆରମ୍ଭ ହୋଇଥିବା ରାମଲୀଳା ଚଳିତ ବର୍ଷ ସୁବର୍ଣ୍ଣ ଜୟନ୍ତୀ ପାଳନ କରିଛି। ଜରାସିଂହା ପଞ୍ଚାୟତର ବରକାନୀରେ ରାମଲୀଳା ଚଳିତ ବର୍ଷ ୫୬ବର୍ଷ ପୂର୍ତ୍ତି କରିଛି। ଏହି ଅବସରରେ ଗଣ୍ଡାରାମ କପାଟଙ୍କ ସଭାପତିତ୍ୱ ଓ ପ୍ରଦୀପ ତ୍ରିପାଠୀଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ପଞ୍ଚାୟତ ସମିତି ଅଧ୍ୟକ୍ଷ ଦୟାନିଧି ଖମାରୀ, ସମ୍ମାନୀତ ଅତିଥିଭାବେ ରାମଚନ୍ଦ୍ର ଶତପଥୀ ଯୋଗଦେଇ ରାମଲୀଳା କଳାକାରଙ୍କୁ ଓ ମାନପତ୍ର ଦେଇ ସମ୍ମାନୀତ କରିଥିଲେ। କାର୍ଯ୍ୟକ୍ରମକୁ କମିଟି ସଭାପତି ନରେନ୍ଦ୍ର ମେହେର, ସମ୍ପାଦକ ପ୍ରଦ୍ୟୁମ୍ନ ମେହେର, କାମେଶ୍ୱର ମେହେର, ଡୋଳାମଣି ମେହେର, ନିଳାଞ୍ଚଳ ମେହେର, ମହାଦେବ ମେହେର, ରମେଶ ମେହେର ପ୍ରମୁଖ ସହଯୋଗ କରିଥିଲେ।



କଛାରପାଲି ରାମଲୀଳାର ଏକ ଦୃଶ୍ୟ।

# ଚାଇଲ୍ଡ ଲାଇନ ପକ୍ଷରୁ ଖୋଲାମଞ୍ଚ କାର୍ଯ୍ୟକ୍ରମ




ଖୋଲାମଞ୍ଚ କାର୍ଯ୍ୟକ୍ରମରେ ଶିଶୁମାନଙ୍କ ସମସ୍ୟା ଉପସ୍ଥାପନ କରାଯାଉଛି।

ନୂଆପଡ଼ା ଅଫିସ,୨୪।୪

ନୂଆପଡା ସଦର ବ୍ଲକ କୋଦୋମେରି ନେତାଜୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରାଙ୍ଗଣରେ ଚାଇଲ୍ଡ ଲାଇନ ମାଧ୍ୟମରେ ଖୋଲାମଞ୍ଚ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ମମତା ପୁଜିଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମରେ ସରପଞ୍ଚ, ଚାଇଡ ଲାଇନର ସଂଯୋଜକ ମୁକେଶ କୁମାର ଜୋଶୀ, ସଦସ୍ୟ ସୁନାଧର ସୁନାନୀ, ଦିନେଶ ସାହୁ, ଭାନୁ ପ୍ରତାପ ମାଝି, ପଞ୍ଚମି ସୁନାନୀ, ପୀତାମ୍ବର ଦଣ୍ଡସେନା, କୁଞ୍ଜ ବିହାରୀ ଯାଦବ, ସନ୍ଧ୍ୟାରାଣି ପଟ୍ଟନାୟକ, ଏସ କୁମାରୀ ଶବର, ମନ୍ଦାକିନୀ ନାଏକ, ହେମଲତା ଯାଦବ ଏବଂ କୋଦୋମେରୀ ଗ୍ରାମର ୧୦ରୁ ୧୮ ବର୍ଷ ମଧ୍ୟରେ ୩୧ଜଣ ଶିଶୁ ଯୋଗଦେଇଥିଲେ। ଶିଶୁ ସମସ୍ୟା ଉପରେ ଉପସ୍ଥାପନ କରିଥିବା ବେଳେ ଚାଇଲ୍ଡ ଲାଇନର ସଂଯୋଜକ ଲକ୍ଷ୍ୟ ଉପରେ ଆଲୋକପାତ କରି ଚାଇଲ୍ଡ ଲାଇନର ଦେୟମୁକ୍ତ ସଂଖ୍ୟା ୧୦୯୮ର ସଚେତନତା କରିଥିଲେ। ଦିଗେଶ୍ୱରୀ ସାହୁ ଖୋଲା ମଞ୍ଚ ପରିଚାଳନା କରିଥିଲେ। ଶିଶୁମାନଙ୍କ ଅଧିକାର ସମ୍ବନ୍ଧିୟ ଖେଳ ମାଧ୍ୟମରେ ଶିଶୁମାନଙ୍କୁ ସଚେତନ କରିଥିଲେ। ଡ୍ରଇଂସିଟ ମାଧ୍ୟମରେ ୪ଟି ଦଳ କରି ଶିଶୁମାନଙ୍କ ସମସ୍ୟା ଉପସ୍ଥାପନ କରିଥିଲେ। ବିଦ୍ୟାଳୟରେ ଇଂଲିଶ ଶିକ୍ଷକ ନ ଥିବାରୁ ପାଠପଢାରେ ବ୍ୟାଘାତ ସୃଷ୍ଟି ହେଉଛି। ବିଧ୍ୟାଳୟରେ ପାଇଖାନା ବ୍ୟାଇବସ୍ଥା, ଅଙ୍ଗନୱାଡି କେନ୍ଦ୍ରରେ ପାନୀୟ ଜଳ ଆଦି ବିଭିନ୍ନ ସମସ୍ୟାର ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ସମସ୍ୟା ସମାଧାନ ପାଇଁ ଜିଲା ଶିକ୍ଷା ଅଧିକାରୀ ଓ ସରପଞ୍ଚଙ୍କୁ ଦାବି ଜଣାଇଛନ୍ତି। ସୁନାଧର ସୁନାନୀ ଧନ୍ୟବାଦ ଅପ୍ରଣ କରିଥିଲେ।

## ଶ୍ରୀ ସତ୍ୟସାଇ ବାବାଙ୍କ ଆରାଧନା ମହୋତ୍ସବ ପାଳିତ

ଜୁନାଗଡ,୨୪।୪(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ତାଳବନ୍ଦପଡା ଭଜନ ମଣ୍ଡଳୀ ପକ୍ଷରୁ ରବିବାର ଶ୍ରୀ ସତ୍ୟସାଇ ବାବାଙ୍କ ଆରାଧନା ମହୋତ୍ସବ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ମଣ୍ଡଳୀ ପକ୍ଷରୁ ନଗର ସଂକୀର୍ତ୍ତନ, ଷୋଡଶପଚାର ପୂଜା, ଅମୃତ କଳସ ବଣ୍ଟନ ଓ ନୂଆବସଷ୍ଟାଣ୍ଡଠାରେ ଲୋକଙ୍କୁ ଥଣ୍ଡା ପାନୀୟ ଜଳ ବିତରଣ କରାଯାଇଥିଲା। ଏଥିରେ ମଣ୍ଡଳୀର ଆବାହକ ଅଇରୀ ଗଞ୍ଜନ ଦଣ୍ଡସେନା, ଏନ୍‌ଏସି ଉପାଧ୍ୟକ୍ଷା ହିମାଦ୍ରୀ ନାଏକ, ଜଶ ସ୍ୱିନୀ ପଣ୍ଡା, ଦମନ୍ତି ସାହୁ, ରାଜ କିଶୋର ସାହୁ, ଦୁର୍ଗାପ୍ରସାଦ ନାଏକ, ଭକ୍ତ ଭାଟି, ବିଜୟ ପୂଝାରୀ, ମୁକେଶ ଭଣ୍ଡାର ଘରିଆ ପ୍ରମୁଖ ସହଯୋଗ କରିଥିଲେ।

## ତଦନ୍ତ ଆରମ୍ଭ କଲା ବନ ବିଭାଗ

ଟିଟିଲାଗଡ଼, ୨୪।୪(ଡି.ଏନ.ଏ.)

### ରତ୍ନପଥର ଖଣିରେ ୨ ଶ୍ରମିକଙ୍କ ମୃତ୍ୟୁ ଘଟଣା

ବଲାଙ୍ଗୀର ଜିଲା ଟିଟିଲାଗଡ ଥାନା ତଥା ମୁରିବାହାଲ ବନାଞ୍ଚଳ ଅନ୍ତର୍ଗତ ସଂରକ୍ଷିତ ଜଙ୍ଗଲରେ ରତ୍ନପଥର ଖନନ ଚାଲିଥିବା ବେଳେ ୨ଜଣ ଶ୍ରମିକଙ୍କ ମୃତ୍ୟୁ ଘଟଣାର ତଦନ୍ତ ଆରମ୍ଭ କରିଛି ବନ ବିଭାଗ। ବଲାଙ୍ଗୀର ବନଖଣ୍ଡ ଅଧିକାରୀ ନୀତିଶ କୁମାରଙ୍କ ନିର୍ଦ୍ଦେଶରେ ରବିବାର ଏସିଏସଫ ଅଜିତ ବିଶି, ବି.ସି.ରାଉଳ ଘଟଣାସ୍ଥଳରେ ତଦନ୍ତ କରିଥିଲେ। ତେବେ ତଦନ୍ତ ସମୟରେ ଗୁଲମି ଏବଂ ଜଇଁତରା ବନପାଳଙ୍କୁ ସାମିଲ କରାଯିବାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ତେବେ ତଦନ୍ତ ସମ୍ପର୍କରେ ଖବରଦାତାମାନେ ପଚାରିବା ବେଳେ ତଦନ୍ତକାରୀ ଦଳ କିଛି ନ କହି ସେଠାରୁ ପଳାଇ ଯାଇଥିଲେ।



ବନ ବିଭାଗ ଅଧିକାରୀ ଘଟଣାସ୍ଥଳରେ ତଦନ୍ତ କରୁଛନ୍ତି।

## ଦରଦାମ୍ ବୃଦ୍ଧି ନେଇ ଏଆଇଏସ୍‌ଏଫ୍‌ର ପ୍ରତିବାଦ

ଭବାନୀପାଟଣା,୨୪।୪(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଭବାନୀପାଟଣା ବ୍ଲକ ଯୁଗସାଏପାଟଣାଠାରେ ରବିବାର ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସ ଅହେତୁକ ଦରଦାମ୍ ବୃଦ୍ଧି ନେଇ ଏଆଇଏସଏଫ୍ କଳାହାଣ୍ଡି ଶାଖା ପକ୍ଷରୁ ପ୍ରତିବାଦ କରାଯାଇଛି। ଦିନକୁ ଦିନ ଉପରୋକ୍ତ ସାମଗ୍ରୀ ଗୁଡିକର ଦରଦାମ୍ ବୃଦ୍ଧିପାଉଥିବାରୁ ସାଧାରଣ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମୋଦି ସରକାର ଲୋକଙ୍କୁ ଆଚ୍ଛା ଦିନର ସପ୍ନ ଦେଖେଇ ଶାସନକୁ ଆସିଥିଲେ। ଏବେ ଆଚ୍ଛାଦିନ ବୁରାଦିନରେ ପରିଣତ ହୋଇଛି। ଏଥିପାଇଁ କେନ୍ଦ୍ର ସରକାରଙ୍କୁ ଦାୟୀ କରି ବର୍ଷିଥିଲେ। ଜିଲା ସଭାପତି ରାଜାରାମ ଡଙ୍ଗରୀଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହିପ୍ରତିବାଦ ସଭାରେ ଜିଲା କମିଟି ସଦସ୍ୟ ଭକ୍ତ ମାଝି, ଶିବା ମାଝି, ଜିଲା ଇନଚାର୍ଯ୍ୟ ସୁରେନ୍ଦ୍ର ମାଝି ପ୍ରମୁଖ ଉପସ୍ଥିତ ଥିଲେ।




ଏଆଇଏସଏଫ୍‌ର ପ୍ରତିବାଦ।

## ଜନବସତି ମୁହାଁ ହରିଣକୁ ଖୋଜୁଛି ବନ ବିଭାଗ

କୋକସରା,୨୪।୪(ଡି.ଏନ.ଏ.)

ଜଙ୍ଗଲ ନଷ୍ଟ ହେବା ଫଳରେ ଖାଦ୍ୟ ଅନ୍ୱେଷଣରେ ଏବେ ବନ୍ୟଜନ୍ତୁ ଜନବସତି ମୁହାଁ ହେଉଛନ୍ତି। ରବିବାର ଏକ ହରିଣ କଳାହାଣ୍ଡି ଜିଲା କୋକସରା ବ୍ଲକ ରେଙ୍ଗାଳପାଲି ପଞ୍ଚାୟତ ପାଣିଗାଁ ନିକଟସ୍ଥ ଚାଷଜମିରେ ବୁଲୁଥିବା କେତେଜଣ ସ୍ଥାନୀୟ ଲୋକ ଦେଖି ବେହେରା ଫରେଷ୍ଟ ସେକ୍ସନ ବନବିଭାଗ କର୍ମଚାରୀଙ୍କୁ ଖବର ଦେଇଥିଲେ। କର୍ମଚାରୀ ପହଞ୍ଚି ହରିଣକୁ ଖୋଜିବାରେ ଲାଗିଛନ୍ତି। ତେବେ ହରିଣର ଗତିବିଧି ନେଇ କୌଣସି ସୂଚନା ମିଳିନାହିଁ। କର୍ମଚାରୀମାନେ ଦିନସାରା ଖୋଜାଖୋଜି କରିଥିଲେ ମଧ ହରିଣର କୌଣସି ପତ୍ତା ମିଳିନାହିଁ। ବନବିଭାଗ ଫରେଷ୍ଟ ଗାର୍ଡ ସୁଧାଂଶୁ ସାହୁଙ୍କ କହିବା ଅନୁସାରେ ହରିଣ ସାହାଜଖୋଲ ଜଙ୍ଗଲରୁ ରାସ୍ତା ଭୁଲି ଆସିଥିବ, ହରିଣର ଗତିବିଧି ଉପରେ ନଜର ରଖାଯାଇଛି ବୋଲି କହିଛନ୍ତି।

## ବିଦ୍ୟୁତ୍ ଶୁଳ୍କ ଅନାଦାୟ: ଗୋନ୍ତିଆଙ୍କ ନାଁରେ ମାମଲା

ଭବାନୀପାଟଣା,୨୪।୪(ସ୍ୱ.ପ୍ର.)

ଓଡ଼ିଶାରେ ଟାଟା ପାୱାର ବିଦ୍ୟୁତ୍ ବିତରଣ ହାତକୁ ନେବା ପରେ ଅନାଦେୟ ବିଦ୍ୟୁତ୍ ବିଲ ଆଦାୟ ଜାରିରଖିଛି। ଏହି ପରିପ୍ରେକ୍ଷୀରେ ଭବାନୀପାଟଣା ପୁରୁଣାପଡା ଗୋନ୍ତିଆ ପ୍ରଦୀପ ପ୍ରଧାନ ଲକ୍ଷ୍ୟାଧିକ ବିଦ୍ୟୁତ୍ ବିଲ ଅନାଦାୟ ନେଇ ତାଙ୍କର ୧୦ରୁ ଉର୍ଦ୍ଧ୍ୱ ଭଡା ଘରର ବିଦ୍ୟୁତ୍ ସରବରାହ କାଟ କରିବା ସହ ତାଙ୍କ ନାମରେ ସ୍ଥାନୀୟ ବିଦ୍ୟୁତ୍ ଥାନାରେ ଟାଟା ପାୱାର ଉପଖଣ୍ଡ ବିଦ୍ୟୁତ୍ ଅଧିକାରୀ (ଏସ୍‌ଡିଓ) ବିନାୟକ ରାଉତ ଏତଲା ଦେଇଛନ୍ତି। ଏଥିସହ ଗୋନ୍ତିଆଙ୍କ ଘରୁ ୧୫ ମିଟର ସର୍ଭିସ ବିଦ୍ୟୁତ୍ ତାର ଜବତ କରାଯାଇଛି। ଏହି ଘଟଣା ନେଇ ଏବେ ଚର୍ଚ୍ଚାର ବିଷୟ ହୋଇଛି। ପ୍ରକାଶ ଯେ, ପ୍ରଦୀପ କୁମାର ପ୍ରଧାନ ନାଁରେ ୧ ଲକ୍ଷ ୮୩ ହଜାର ୧୫ ଟଙ୍କାର ବିଦ୍ୟୁତ୍ ବିଲ ବାକି ରହିଥିବା ଜଣାପଡ଼ିଛି। ତେବେ ଟାଟା ପାୱାର ପକ୍ଷରୁ ବାରମ୍ବାର ତାଙ୍କୁ ନୋଟିସ କରିବା ସତ୍ତ୍ୱେ ମଧ ବିଲ ପୈଠ ନ କରିବାରୁ ଶେଷରେ ଟାଟା ପାୱାର ଅଧିକାରୀ ବାଧ ହୋଇ ଏଭଳି ପଦକ୍ଷେପ ନେଇଥିଲେ। ବିଦ୍ୟୁତ୍ କାଟ କରିବା ସମୟରେ ଏସ୍‌ଡିଓ ବିନାୟକ ରାଉତଙ୍କ ସମେତ କନିଷ୍ଠ ଯନ୍ତ୍ରୀ ସଞ୍ଜୀବ କୁମାର ଜେନା, ଲାଇନମେନ ମନୋଜ ମହାକୁଡ଼ ପ୍ରମୁଖ ଉପସ୍ଥିତ ଥିଲେ।



ବିଦ୍ୟୁତ୍ କାଟ ସମୟରେ ଉପସ୍ଥିତ ଏସ୍‌ଡିଓଙ୍କ ସମେତ କର୍ମଚାରୀ।

## ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ

ଅମରପାଲି,(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଚମ୍ପାମାଲ ପଞ୍ଚାୟତରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ପାନୀୟ ଜଳ, ସ୍ୱଚ୍ଛତା, ବନୀକରଣ ସହିତ ବିଦ୍ୟାଳୟର ଉନ୍ନତି କରିବା ମୂଳଲକ୍ଷ୍ୟ ବୋଲି ଗ୍ରାମ ପଞ୍ଚାୟତ କାର୍ଯ୍ୟନିର୍ବାହୀ ପ୍ରକାଶ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଚମ୍ପାମାଲ ସରପଞ୍ଚ ମହେନ୍ଦ୍ର ଜଗଦଲା, କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ନନ୍ଦ, କିଶୋର ହୋତା, ରାଧେଶ୍ୟାମ ମିଶ୍ରଙ୍କ ସମେତ ଜନସାଧାରଣ ଓ ୱାର୍ଡସଭ୍ୟ ଯୋଗଦେଇଥିଲେ।

# ସଂକ୍ଷେପରେ

## ଯୁବକଙ୍କୁ ହତ୍ୟା କରି ଫିଙ୍ଗି ଦେଇଥିବା ଅଭିଯୋଗ

ଅମରପାଲି,୨୪।୪(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ବଗଛେରା ଅବନ୍ତୀ ନଗରର ସୌମିତ୍ରୀ ଜଗଦଲାଙ୍କୁ ନିଜ ମହୁରିଆପାଲିଠାରେ ଥିବା ଚାଷଜମିରେ ପିଟି ମାରି ଦିଆଯାଇଥିବା ଅଭିଯୋଗ ହୋଇଛି। ମୃତକଙ୍କ ପୁଅ ପଞ୍ଚା ଜଗଦଲା ଏ ନେଇ ଥାନାରେ ଅଭିଯୋଗ କରିଛନ୍ତି। ପଞ୍ଚାଙ୍କ ଅଭିଯୋଗ ଅନୁସାରେ ଶନିବାର ସୌମିତ୍ରୀଙ୍କୁ କୁଡାପଡା ଗ୍ରାମର ଦୁଇଜଣ ବ୍ୟକ୍ତି କୈରାଝୁଲିକୁ ଡାକି ନେଇଥିଲେ। ହେଲେ ସନ୍ଧ୍ୟାରେ ସେ ନିଜ ଘରକୁ ଫେରି ନ ଥିଲେ। ଡାକି ନେଇଥିବା ଦୁଇ ଜଣଙ୍କ ମଧ୍ୟରୁ ଜଣେ ରାତି ୪ଟାରେ ଅବନ୍ତୀ ନଗର ଆସି ତୁମ ବାପା ଆମ ସାଙ୍ଗରେ ଯାଇନାହାନ୍ତି। ନିକଟରେ ଥିବା ସାଲେଝୁଲି ପଡାକୁ ଯାଇ ନିଶା ସେବନ କରି ପାଟିତୁଣ୍ଡ କରୁଥିଲେ ବୋଲି କହିଥିଲେ। ଏଣୁ ସେହି ଦୁଇଜଣ ତାଙ୍କ ବାପାଙ୍କୁ ପିଟି ମାରି ଦେଇଥିବା ଥାନାରେ ଅଭିଯୋଗ କରିଛନ୍ତି। ମାଡ଼ ମାରି ରକ୍ତ ଜୁଡୁବୁଡୁ ଅବସ୍ଥାରେ ଜମିରେ ପକାଇ ଅଧା କିଲୋମିଟର ଦୂରରେ କପଡା କାଢ଼ି ଫିଙ୍ଗି ଦେଇଥିବା କହିଛନ୍ତି। ସୂଚନା ଅନୁସାରେ ସୌମିତ୍ରୀ ଓରଫ କଳାକାହ୍ନୁ ଗୋରୁ ବେପାର କରନ୍ତି। ବେପାର ଉଦ୍ଦେଶ୍ୟରେ ଶନିବାର ସନ୍ଧ୍ୟାରେ ସେ ୨୦ହଜାର ଟଙ୍କା ନେଇ ଘରୁ ବାହାରିଥିଲେ। ଏହି ଖବର ଜାଣି ଦୁଇ ଅଭିଯୁକ୍ତ ତାଙ୍କୁ ପ୍ରବଳ ମଦ ପିଆଇ ମାରି ଦେବା ପରେ ଟଙ୍କା ଲୁଟି ନେଇଥିବା ସେ ଏତଲାରେ ଦର୍ଶାଇଛନ୍ତି। ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଘଟଣାର ତଦନ୍ତ ଚାଲିଥିବା ଥାନା ଭାରାପ୍ରାପ୍ତ ଅଧିକାରୀ ଅଞ୍ଜଳି କୁମାର କହିଛନ୍ତି।

## ଗଞ୍ଜେଇ ଜବତ, ଜଣେ ଗିରଫ

ସୋନପୁର,୨୪।୪(ନି.ପ୍ର.): ସୋନପୁର ଅବକାରୀ ବିଭାଗ ପକ୍ଷରୁ ଗଞ୍ଜେଇ ଚୋରାଚାଲାଣ ସନ୍ଦେହରେ ରବିବାର କୁଞ୍ଜ ଛକଠାରେ ଯାନବାହାନ ତନଖି କରାଯାଇଥିଲା। ବୌଦ୍ଧ ଜିଲା ମନମୁଣ୍ଡା ପଟୁ ଆସୁଥିବା ଏକ ୟାମାହା ଜେଡଆର ସ୍କୁଟି ଓଡି୩୧ଜେ-୩୧୧୫କୁ ତନଖି ସମୟରେ ୮କିଲୋ ଗଞ୍ଜେଇ ମିଳିଥିଲା। ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ଗଞ୍ଜେଇ ଓ ସ୍କୁଟିକୁ ଜବତ କରାଯାଇଛି। ଏହି ଘଟଣାରେ ଉଲୁଣ୍ଡା ଥାନା ଧୁଲଧୁଲା ଅଞ୍ଚଳର ସୁଶାନ୍ତ କୁମାର ସାହୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଅବକାରୀ ଇନ୍ସପେକ୍ଟର ରାଧାକାନ୍ତ ଭୋଇ ଓ ସବଇନ୍ସପେକ୍ଟର ସୁଧୀର କୁମାର ମିଶ୍ରଙ୍କ ନେତୃତ୍ୱରେ ଟିମ୍ ଏହି ଚଢ଼ାଉ କରିଥିଲେ।

## ତପୋବନ ପରିବାର ସଦସ୍ୟଙ୍କ ବୈଠକ

ବରଗଡ଼ ଅଫିସ୍,୨୪।୪: ବରଗଡ଼ ତପୋବନର ବୁଦ୍ଧ ମହଲରେ ଶନିବାର ପରିଚାଳନା ସମିତି ଟ୍ରଷ୍ଟ ସଦସ୍ୟା ଏବଂ ଆଜୀବନ ସଦସ୍ୟଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଛି। ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ପାଇଁ ବୁଦ୍ଧ ମହଲ ବ୍ୟବହାର କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ତପୋବନ ପରିବାର ସହିତ ବିଭିନ୍ନ ବର୍ଗର ଲୋକଙ୍କୁ ଯୋଡ଼ା ଯିବା ପାଇଁ ଆଲୋଚନା ହୋଇଥିଲା। ଅନ୍ୟପଟେ ବୁଦ୍ଧ ମହଲରେ କୌଣସି ରାଜନୈତିକ କାର୍ଯ୍ୟକ୍ରମ କରାଯିବ ନାହିଁ ବୋଲି ମତପ୍ରକାଶ ପାଇଥିଲା। ବୈଠକରେ ସଭାପତି ପ୍ରୀତମ ସିଂ, ସମ୍ପାଦକ ଚନ୍ଦ୍ରଶେଖର ରାଓ, ସଦସ୍ୟ ସି.ଏମ ରାଓ, ତୀର୍ଥବାସୀ ଦେବତା, ଗୌରାଙ୍ଗ ନାୟକ, ରୁଦ୍ରପ୍ରସନ୍ନ ଆଚାର୍ଯ୍ୟ, ସୁଶାନ୍ତ ତ୍ରିପାଠୀ, ଅଶୋକ ମେହେର ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ନାବାଳିକାଙ୍କୁ ବଳାତ୍କାର, ଅଭିଯୁକ୍ତ ଗିରଫ

ଅତାବିରା,୨୪।୪(ଡି.ଏନ.ଏ): ବରଗଡ଼ ଜିଲା ଭେଡ଼େନ ଥାନା ଅଞ୍ଚଳରେ ଜଣେ ନାବାଳିକା(୧୬)ଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ପୀଡ଼ିତାଙ୍କ ପରିବାର ଲୋକେ ଥାନାରେ ଏତଲା ଦେବା ପରେ ପୋଲିସ ଏକ ମାମଲା (ନଂ.୧୨୨/୨୨) ରୁଜୁ କରି ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ବରଗଡ଼ ଡାକ୍ତରଖାନାରେ ପୀଡ଼ିତା ଓ ଅଭିଯୁକ୍ତଙ୍କ ଡାକ୍ତରୀ ମାଇନା କରାଯାଇଥିବା ପୋଲିସ ସୂତ୍ରରୁ ଜଣାପଡ଼ିଛି। ପ୍ରକାଶ ଯେ, ଅଭିଯୁକ୍ତ ଜଣକ ପୀଡ଼ିତାଙ୍କୁ ବଳାତ୍କାର କରିଥିଲେ ଏବଂ ଏହି ଘଟଣାକୁ ଚାପି ଦିଆଯାଇଥିଲା। ୨ଦିନ ତଳେ ପୀଡ଼ିତା ଜଣକ ଶିଶୁକନ୍ୟା ଜନ୍ମ ଦେବା ପରେ ପରିବାର ଲୋକେ ପୋଲିସରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତି କରି ପୋଲିସ ମାମଲା ରୁଜୁ କରି ଶନିବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ତେବେ ଏଥିରେ ଆଉ ଜଣେ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଥିବାରୁ ପୋଲିସ ତାଙ୍କୁ ଧରିବାକୁ ତନାଘନା ଚଳାଇଛି।

# ପୁରୁଣା ପେନ୍‌ସନ ବ୍ୟବସ୍ଥା ସୁରକ୍ଷା ଦେବ

ସୋନପୁର,୨୪।୪ (ନି.ପ୍ର.)



ମିଳିତ କର୍ମଚାରୀ ସଂଘ ବୈଠକରେ ମଞ୍ଚାସୀନ ନେତୃବୃନ୍ଦ।

### ମିଳିତ ଶିକ୍ଷକ, କର୍ମଚାରୀ ସଂଘର ବୈଠକ

ସୁବର୍ଣ୍ଣପୁର ଜିଲା ପ୍ରାଥମିକ ବିଦ୍ୟାଳୟ ମିଳିତ ଶିକ୍ଷକ, କର୍ମଚାରୀ ସଂଘର ଏକ ବୈଠକ ରବିବାର ଏନଜିଓସିସି ହଲରେ ଅନୁଷ୍ଠିତ ହୋଇଯାଇଛି। ସାଧାରଣ ସମ୍ପାଦକ ଦିଲ୍ଲୀପ କୁମାର ମିଶ୍ର, ସଭାପତି ଦାମୋଦର ପଣ୍ଡାଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ଜିଲାର ୨୫ଶିକ୍ଷକ ଓ କର୍ମଚାରୀ ସଂଘ ପ୍ରତିନିଧି ଉପସ୍ଥିତ ଥିଲେ। ବୈଠକରେ ରାଜ୍ୟ ଅମଲା ସଂଘ କାର୍ଯ୍ୟକାରୀ ସଭାପତି ଚିତ୍ତରଞ୍ଜନ ତରାସିଆ, ସଂଘର ପୂର୍ବତନ ଜିଲା ସଭାପତି ଦିଲ୍ଲୀପ ରଥ, ଶିକ୍ଷକ ନେତା ତଥା ଆଇନଜୀବୀ ପ୍ରଦୀପ ପୁରୋହିତ, ବରିଷ୍ଠ ଶିକ୍ଷକ ସଦାନନ୍ଦ ପଣ୍ଡା ଯୋଗଦେଇଥିଲେ। ପୁରୁଣା ପେନସନ ବ୍ୟବସ୍ଥା କର୍ମଚାରୀଙ୍କ ଭବିଷ୍ୟତକୁ ସୁରକ୍ଷା ପ୍ରଦାନ କରିବ ବୋଲି ସଂଘ ନେତୃବୃନ୍ଦ ମତପ୍ରକାଶ କରିଥିଲେ। ଏଥିପାଇଁ ତୃଣମୂଳସ୍ତରରୁ ଜିଲା ସଂଘଗୁଡ଼ିକୁ ମଜଭୁତ କରିବାକୁ ସେମାନେ ଆହ୍ୱାନ ଦେଇଥିଲେ। ରାଜ୍ୟ ସଂଘ ତଥା ଜିଲାସ୍ତରରେ ପୁରୁଣା ପେନସନ ପାଇଁ ଆନ୍ଦୋଳନ କରିବାକୁ ଏକ କୋର କମିଟି ଗଠନ କରଯାଇଥିଲା। ଏହି କମିଟିରେ ଜିଲା ଚୁକ୍ତିଭିତ୍ତିକ ସଂଘର ଚିନ୍ମୟାନନ୍ଦ ପାଢ଼ୀ, ରାଜସ୍ୱ ସଂଘର ନବେନ୍ଦ୍ର ମହାକୁର, ପୋଲିସ ସଂଘର ରଞ୍ଜିତ ପଧାନ, ଗ୍ରାମ୍ୟ କୃଷି କର୍ମଚାରୀ ସଂଘର ସୁଶାନ୍ତ ମଲ୍ଲିକ, ହାଇସ୍କୁଲ ସଂଘର ଲାଲବାବୁ ସେଠୀ ଓ ଓଷ୍ଟାରୁ ଦାମୋଦର ପଣ୍ଡା ମନୋନୀତ ହୋଇଥିଲେ। ବୈଠକରେ ରାଜସ୍ୱ ବିଭାଗର ନିରଞ୍ଜନ ନନ୍ଦ, ଜିଲାପାଳ ଅଫିସ ସଂଘର ଶିବା ଦାସ, କୋଶଳେଶ୍ୱର ପାଣିଗ୍ରାହୀ, କୃଷି କର୍ମଚାରୀ ସଂଘର ଭରତ କୁମାର, ସୁପରଭାଇଜର ସଂଘର ଦିଲୀପ ପାଣିଗ୍ରାହୀ, ଚୁକ୍ତିଭିତ୍ତିକ ଶିକ୍ଷକ ସଂଘର ମଧୁସୂଦନ ମହାକୁର, ଜିତେନ୍ଦ୍ର ପାଢ଼ୀ, ନୂତନ ପେନସନ ସ୍କିମ ସଂଘର ଆଶିଷ ନାଏକ, ପିଷ୍ଟାର କାର୍ତ୍ତିକ ସାହୁ, ପ୍ରାଣୀ ଚିକିତ୍ସା ସଂଘର ସୁନୀଲ ପଣ୍ଡା ଓ ପଞ୍ଚାୟତିରାଜ ବିଭାଗ ସଂଘର ସୁଶୀଲ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଆସନ୍ତା ମେ ୧୫ ତାରିଖରେ ପରବର୍ତ୍ତୀ ବୈଠକ ହେବାକୁ ନିଷ୍ପତ୍ତି ନିଆଯାଇଥିଲା। ସ୍ୱରୂପ ରଞ୍ଜନ ପୂଝାରି ଧନ୍ୟବାଦ ଅର୍ପଣ କରିଥିଲେ।

# ଜେଲ ଗଲେ ଜନସ୍ୱାସ୍ଥ୍ୟ ଅଧିକାରୀ

ବରଗଡ଼ ଅଫିସ୍,୨୪।୪

### ଖାଦ୍ୟ ନିରାପତ୍ତା ଲାଇସେନ୍ସ ପାଇଁ ଲାଞ୍ଚ ଘଟଣା


ଡା. ବୃନ୍ଦାବତୀ ସାହୁ।

ଖାଦ୍ୟ ନିରାପତ୍ତା ଲାଇସେନ୍ସ ପ୍ରଦାନ ପାଇଁ ଲାଞ୍ଚ ନେଉଥିବାବେଳେ ଧରାପଡ଼ିଥିବା ବରଗଡ଼ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବୃନ୍ଦାବତୀ ସାହୁଙ୍କୁ ଶନିବାର ସମ୍ବଲପୁର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଡା. ସାହୁ ଆସନ୍ତା ମେ ୫ତାରିଖ ପର୍ଯ୍ୟନ୍ତ ଜେଲ ହାଜତରେ ରହିବେ ବୋଲି ରବିବାର ଭିଜିଲାନ୍ସ ସୂଚନା ଦେଇଛି। ଡା. ସାହୁଙ୍କ ବିରୋଧରେ ଭିଜିଲାନ୍ସ ଏକ ମାମଲା (ନଂ.୧୭/୨୨) ରୁଜୁ କରିଛି।

ପ୍ରକାଶ ଯେ, ବରଗଡ଼ ଜିଲା ଖାଉପାଲିର ହୃଷି ପ୍ରଧାନ ନୂତନ ହୋଟେଲ ଖୋଲିବାକୁ ଖାଦ୍ୟ ନିରାପତ୍ତା ଲାଇସେନ୍ସ ପାଇଁ ଆବେଦନ କରିଥିଲେ। ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସାହୁ ସେଥିପାଇଁ ୫ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ତଦନୁଯାୟୀ ଆବେଦନକାରୀ ପ୍ରଧାନଙ୍କଠାରୁ ଗତ ୧୯ତାରିଖରେ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସାହୁ ୫ହଜାର ଟଙ୍କା ଲାଞ୍ଚ ଗ୍ରହଣ କରୁଥିବାବେଳେ ଭିଜିଲାନ୍ସ ଧରିଥିଲା। ଗତ ୨୦ତାରିଖରେ ସମ୍ବଲପୁର ନିଆଯିବା ବାଟରେ ଡା. ସାହୁ ଅସୁସ୍ଥତା ଅନୁଭବ କରିଥିଲେ। ଫଳରେ ତାଙ୍କୁ ସମ୍ବଲପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଶନିବାର ଡାକ୍ତରଖାନାରୁ ଡିସଚାର୍ଜ ହେବା ପରେ ତାଙ୍କୁ କୋର୍ଟଚାଲାଣ କରାଯାଇଥିଲା।

# ସ୍ୱାସ୍ଥ୍ୟସେବା ସୁବିଧା ନେଲେ ୫୨୯ ରୋଗୀ

ସରଣ୍ଡା/ଜାମଟିକ୍ରା/ଅତାବିରା, ୨୪।୪(ଡି.ଏନ.ଏ)


ବିକାଶ ଗ୍ରୁପ୍ ଅଧ୍ୟକ୍ଷ ସ୍ୱାସ୍ଥ୍ୟସେବା ଶିବିରକୁ ଉଦ୍‌ଘାଟନ କରୁଛନ୍ତି।

ବରଗଡ଼ ଜିଲା ଅତାବିରା ବ୍ଲକ ପାହାଡଶ୍ରୀଗିଡ଼ା ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟ ଓ ବିକାଶ ମଲ୍ଟି ସ୍ପେଶାଲିଟି ହସ୍ପିଟାଲ ପକ୍ଷରୁ ମିଳିତ ଭାବେ ମହାବିଦ୍ୟାଳୟ ପରିସରରେ ରବିବାର ଏକ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଏହି ଶିବିରକୁ ବିକାଶ ଗ୍ରୁପ୍ ଅଧ୍ୟକ୍ଷ ଡି. ମୁରଲୀକ୍ରିଷ୍ଣା ଓ ଅତାବିରା ବ୍ଲକ ଅଧ୍ୟକ୍ଷା ଗୀତାଞ୍ଜଳି ନାୟକ ଉଦ୍‌ଘାଟନ କରିଥିଲେ। ଶିବିରରେ ବିକାଶ ମଲ୍ଟି ସ୍ପେଶାଲିଟି ହସ୍ପିଟାଲ ପକ୍ଷରୁ ମାଗଣା ଡାକ୍ତରୀ ସେବା ସାଙ୍ଗକୁ ବିଭିନ୍ନ ପରୀକ୍ଷା ସୁବିଧା ଯୋଗାଇ ଦିଆଯାଇଥିଲା। ଏହି ଶିବିରକୁ ଉଦ୍‌ଘାଟନ କରି ବିକାଶ ଗ୍ରୁପ୍ ଅଧ୍ୟକ୍ଷ ଡି. ମୁରଲୀକ୍ରିଷ୍ଣା କହିଥିଲେ, ଏଭଳି ଶିବିର ଆୟୋଜନ ଦ୍ୱାରା ଜନସାଧାରଣ ଅଭିଜ୍ଞ ଡାକ୍ତରଙ୍କୁ ହାତ ପାହାନ୍ତାରେ ପାଇବା ସହ ନିଜର ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବିଭିନ୍ନ ସମସ୍ୟା ଓ ତାର ସମାଧାନର ବାଟ ପାଇପାରିବେ। ବିକାଶ ମଲ୍ଟି ସ୍ପେଶାଲିଟି ହସ୍ପିଟାଲର ଛାତି ଓ ଫୁସ୍‌ଫୁସ୍ ରୋଗ ବିଶେଷଜ୍ଞ ଡାକ୍ତର ଏନ. ଶ୍ରୀନିବାସ, କିଡ୍‌ନୀ ରୋଗ ବିଶେଷଜ୍ଞ ଡାକ୍ତର ସୁଧାଂଶୁ ଶେଖର ଭୋଇ, ଭେଷଜ (ମେଡିଶିନ) ବିଶେଷଜ୍ଞ ଡାକ୍ତର ଅନୀଲ କୁମାର ସାହୁ, ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡାକ୍ତର ବିସ୍ମୟ କୁମାର ଷଡଙ୍ଗୀ, ଅସ୍ଥିଶଲ୍ୟ ବିଶେଷଜ୍ଞ ଡାକ୍ତର ଚନ୍ଦ୍ରକାନ୍ତ ନାୟକ, ଚର୍ମ ରୋଗ ବିଶେଷଜ୍ଞ ଡାକ୍ତର ଇପ୍‌ସିତା ଦେବତା, ଦାନ୍ତ ରୋଗ ବିଶେଷଜ୍ଞ ଡାକ୍ତର ଶ୍ୱେତା ପଟ୍ଟନାୟକ ଓ ପାହାଡଶ୍ରିଗିଡା ସିଏଚ୍‌ସିର ଡାକ୍ତର ଆର. ଏସ. ନବୀନ କୁମାର ପ୍ରମୁଖ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ବିକାଶ ହସ୍ପିଟାଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଡାକ୍ତର ସି.ଏଚ୍ ରବି କୁମାର, ମାର୍କେଟିଂ ମ୍ୟାନେଜର ସବ୍ୟସାଚୀ ରଥ, ଅଧ୍ୟାପକ ଜଗନ୍ନାଥ ପ୍ରଧାନ, ରମାକାନ୍ତ ପ୍ରଧାନ, ବୁଦ୍ଧଦେବ ନନ୍ଦ, କପିଳାସ ଗୁପ୍ତା, ବିନୟ ଶର୍ମା, ମନ୍ନୁ ସାହୁ, ଦୀପକ ମାଝୀ, କେଦାର ମେହେର, ସରୋଜ ବାରିକ, ସରପଞ୍ଚ ଗୀତାଞ୍ଜଳି ପ୍ରଧାନ, ରୋହିଣୀ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ଏହି ଶିବିରରେ ୫୨୯ ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା।

## ୩ ସ୍କୁଲ ଭ୍ୟାନ୍ ଉପରେ ୬୯ ହଜାର ଫାଇନ

ବିନିକା,୨୪।୪(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ଅଞ୍ଚଳରେ ଜିଲା ପରିବହନ ବିଭାଗ ପକ୍ଷରୁ ସ୍କୁଲ ଗାଡି ଗୁଡ଼ିକର କାଗଜପତ୍ର ଓ ଫିଟନେସ ଯାଞ୍ଚ ହୋଇଥିଲା । ଜିଲା ଅତିରିକ୍ତ ପରିବହନ ବିଭାଗ ଅଧିକାରୀ ସୁବାଶିଷ ସାହୁ ରବିବାର ବିନିକାକୁ ସ୍କଲ ଗାଡି ତନଖି କରିବାକୁ ଆସିଥିଲେ। ୩ଟି ସ୍କଲଗାଡିର କାଗଜ ପତ୍ର ଓ ଫିଟନେସ ଯାଞ୍ଚ କରିଥିଲେ। ତ୍ରୁଟି ପାଇବା ପରେ ଗାଡିଗୁଡ଼ିକୁ ଜବତ କରି ଗାଡି ମାଲିକଙ୍କଠାରୁ ୬୯ହଜାର ଟଙ୍କା ଜରିମାନା ଆଦାୟ କରିଛନ୍ତି।

## ତୋଗାଡିଆଙ୍କୁ ବୌଦ୍ଧ ଜିଲା ବୁଦ୍ଧିଜୀବୀ ଫୋରମ ତରଫରୁ ସମ୍ବର୍ଦ୍ଧନା

ବୌଦ୍ଧ,୨୪।୪(ସ୍ୱ.ପ୍ର)

ଅନ୍ତଃ ରାଷ୍ଟ୍ରୀୟ ହିନ୍ଦୁ ପରିଷଦର ଅଧ୍ୟକ୍ଷ ଡ.ପ୍ରବୀଣ ତୋଗାଡିଆ ରବିବାର ବୌଦ୍ଧ ଜିଲା ଗସ୍ତ କରିଥିଲେ। ଅପରାହ୍ନରେ ବୌଦ୍ଧ ସହର ବ୍ରିଜଛକ ସୁବିଧା କେନ୍ଦ୍ରଠାରେ ଜିଲା ବୁଦ୍ଧିଜୀବୀ ଫୋରମ ପକ୍ଷରୁ ସ୍ୱାଗତ କରିବା ସହ ସମ୍ବର୍ଦ୍ଧିତ କରାଯାଇଥିଲା। ଡ. ତୋଗାଡିଆ ପ୍ରକାଶ କରିଥିଲେ ଯେ, ରାମ ମନ୍ଦିର ନିର୍ମାଣ ଆରମ୍ଭ ହେବା ପରେ ଦେଶରେ ହିନ୍ଦୁମାନଙ୍କର ଉତ୍ସାହ, ଉଦ୍ଦୀପନା ଦିନକୁ ଦିନ ବୃଦ୍ଧି ପାଉଛି। ମେ ୨୬ରେ ଜାତୀୟସ୍ତରରେ ଏକ ରୋଜଗାର ଯୋଜନାର ଶୁଭାରମ୍ଭ କରିବା ପାଇଁ ପ୍ରକଳ୍ପ ଶେଷ ପର୍ଯ୍ୟାୟରେ ପହଞ୍ଚିସାରିଥିବା ସୂଚନା ଦିଆଯାଇଥିଲା। ପଶ୍ଚିମ ଓଡିଶାରେ ସମ୍ବଲପୁରୀ ବସ୍ତ୍ରର ଚାହିଦା ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ରହିଥିବାରୁ ଏଥିପ୍ରତି ଗୁରୁତ୍ୱ ଦେବା ପାଇଁ ପ୍ରକାଶ କରିଥିଲେ। ଦେଶର ଏକ ହଜାର ସ୍ଥାନରେ ଏହାର ବଜାର ପାଇଁ ଦୋକାନ ମାଧ୍ୟମରେ ଏବଂ ଅନ୍ ଲାଇନ ମାଧ୍ୟମରେ ବିକ୍ରି କରାଯିବ ବୋଲି କହିଥିଲେ। ରାଜ୍ୟରେ ଗୋ ଚାଲାଣ ଏବଂ ଧର୍ମାନ୍ତୀକରଣକୁ ସମ୍ପୂର୍ଣ୍ଣ ଭାବେ ନିଷେଧ କରିବା ପାଇଁ ରାଜ୍ୟ ସରକାର ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ଏହି କାର୍ଯ୍ୟକ୍ରମରେ ପରିଷଦର ମନୋଜ ସାହୁ, ବୁଦ୍ଧିଜିବୀ ଫୋରମ ତରଫରୁ ଆବାହକ ଗୁରୁପ୍ରସାଦ ଦାଶ, ସୂର୍ଯ୍ୟେନ୍ଦ୍ର କୁମାର ଶତପଥି, କେତନ କୁମାର ଅଗ୍ରୱାଲା ପ୍ରମୁଖ ଯୋଗଦାନ କରିଥିଲେ।

# ବସ୍ ଧକ୍କାରେ କାର୍ ଚୂରମାର

ବରଗଡ଼ ଅଫିସ୍,୨୪।୪

### ଜଣେ ମୃତ, ୩ ଆହତ



ବରଗଡ଼ ସହର ଉପକଣ୍ଠ ହଳଦୀପାଲି ଛକରେ ରବିବାର ଭୋର୍ ସାଢ଼େ ୪ଟାରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ଏକ ଯାତ୍ରୀବାହୀ ବସ୍ ଏବଂ କାର୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ କାର୍‌ର ସମ୍ମୁଖ ଭାଗ ଚୂରମାର ହୋଇଛି। ବସ୍‌ର ସମ୍ମୁଖ ଭାଗ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ଏଥିରେ ଜଣେ କାର୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ବରଗଡ଼ ପୌର ପରିଷଦ ଅନ୍ତର୍ଗତ ୱାର୍ଡ଼ ନଂ.୧୩ର ଭକ୍ତ ଗୁର୍ଲା (୨୮) ବୋଲି ସୂଚନା ମିଳିଛି। ସେହିପରି ଅନ୍ୟ ୩ କାର୍ ଆରୋହୀ ବରଗଡ଼ ପୌର ପରିଷଦ ଅନ୍ତର୍ଗତ ୱାର୍ଡ଼ ନଂ. ୮ର ଲଳିତ ସୁନା(୧୮), ୱାର୍ଡ଼ ନଂ. ୭ର ନୀତିନ ଦାଶ(୩୧) ଏବଂ ଶୁଭମ ସାହୁ(୨୫) ଆହତ ହୋଇଛନ୍ତି। ନୀତିନ ଏବଂ ଶୁଭମଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ବରଗଡ଼ ଟାଉନ ଥାନା ପୋଲିସ ଦୁର୍ଘଟଣାଗ୍ରସ୍ତ ବସ୍ ଓ କାରକୁ ଜବତ କରି ତଦନ୍ତ କରୁଛି।

# ମଞ୍ଚସ୍ଥ ହେଲା ମହୀରାବଣ ବଧ

ବୌଦ୍ଧ,୨୪।୪(ସ୍ୱ.ପ୍ର)

### ବୌଦ୍ଧ ରାମଲୀଳା ଯାତ୍ରା



ବୌଦ୍ଧ ଗଡଜାତର ଗଣପର୍ବ ପ୍ରସିଦ୍ଧ ରାମଲୀଳା ଯାତ୍ରାର ରବିବାର ଚତୁର୍ଦ୍ଦଶ ଦିବସରେ ମଞ୍ଚସ୍ଥ ହୋଇଛି ନାଟକ ମହୀରାବଣ ବଧ। ମହୀରାବଣ ହେଉଛି ପାତାଳିପୁରର ଅଧିଶ୍ୱେର, ମହାମାୟାବୀ, ଏକଛତ୍ର ବାଦୀ ସାମ୍ରାଟ, ତାର ମାୟା ମଧ୍ୟ ଦେବଗଣଙ୍କୁ ଅଗଚୋର । ଅଦଭୁତ ତାର ମାୟାର କୌଶଳ। ମାତାଙ୍କ ପାଖରୁ ଏକଥା ଶୁଣି ରାବଣ ସ୍ମରଣ କରିଛନ୍ତି ମହୀରାବଣକୁ। ମାୟାବିସ୍ତାର କରି ବିଭିଷଣ ରୁପ ନେଇ ଉଠାଇଆଣିଛି ରାମ ସୌମିତ୍ରୀ। ଯେଉଁ ଅଭେଦ୍ୟ ଗଡର ରକ୍ଷାକାରୀ ବୀର ହନୁମାନ ତାଙ୍କୁ ମଧ୍ୟ ଭଣ୍ଡି ଦେଇଛି ପାତାଳଈଶ୍ୱର । ଅଭେଦ୍ୟ ଗଡରେ ଏକ ସୁଡଙ୍ଗ ଥିବା ଜାଣି ପାରିଛନ୍ତି ବିଭିଷଣ ଓ ସୁଗ୍ରୀବ । ଏହି ସୁଡଙ୍ଗ ପାତାଳ ପର୍ଯ୍ୟନ୍ତ ପହଞ୍ଚିଛି । ସନ୍ଦେହ ହେବାରୁ ତାଙ୍କରି ଆଦେଶରେ ବୀର ହନୁମାନ ପାତାଳ ଭୂବନ ଯାଇ ମା କାଳୀଙ୍କ ମନ୍ଦିରରେ ଭେଟିଛି ପ୍ରଭୁ ରାମ ଓ ଲକ୍ଷ୍ମଣଙ୍କୁ। ମାଳ କାଳୀଙ୍କୁ ସନ୍ତୁଷ୍ଟ କରି ତାଙ୍କରି ଖଡଗରେ ମାରିଛି ମହୀରାବଣକୁ। ନାଟକକୁ ନିଖୁଣ ଭାବେ ଅନୁଷ୍ଠାନର କଳାକାରମାନେ ପ୍ରଦର୍ଶିତ କରିଥିଲେ। ନାଟକକୁ ହୃଦାନନ୍ଦ ମେହେର ରଚନା କରିଥିବାବେଳେ ଭବାନିଶଙ୍କର ମହାପାତ୍ର ନିର୍ଦ୍ଦେଶନା ଓ ତୁଷାରକାନ୍ତ ପଟ୍ଟନାୟକ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ମହୀରାବଣ ବଧ ନାଟକ ଦେଖିବାକୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ହଜାର ହଜାର ଦର୍ଶକଙ୍କ ଭିଡ ଲାଗିରହିଥିଲା ।

# ମଦମୁକ୍ତି ବାହିନୀର ପ୍ରଭାତଫେରି କାର୍ଯ୍ୟକ୍ରମ

ବାଡଁଶୁଣୀ,୨୪।୪ (ଡି.ଏନ୍.ଏ.)


'ପ୍ରଭାତଫେରି କାର୍ଯ୍ୟକ୍ରମରେ ସାମିଲ ମଦମୁକ୍ତି ବାହିନୀ ସଦସ୍ୟ।

ମଦମୁକ୍ତି ଯୁବ ବାହିନୀ, ଓଡ଼ିଶା ତରଫରୁ ରବିବାର ବୌଦ୍ଧ ବ୍ଲକ ବାଡଁଶୁଣୀ ଠାରେ 'ପ୍ରଭାତଫେରୀ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରକାରଙ୍କ ମଦ ପ୍ରସାର ନୀତିକୁ ବିରୋଧ କରି ତଥା ଓଡ଼ିଶାରୁ ସମ୍ପୂର୍ଣ୍ଣ ମଦକୁ ବନ୍ଦ କରିବା ପାଇଁ ଲଭ ଅର୍ଗାନାଇଜେଶନ ରିସର୍ଚ୍ଚ ସେଣ୍ଟର, ବାଡଁଶୁଣୀର ସମ୍ପାଦକ ଗୋପାଳ କ୍ରିଷ୍ଣା ଥପାଙ୍କ ନେତୃତ୍ୱରେ ମଦମୁକ୍ତି ଯୁବ ବାହିନୀ ଓଡ଼ିଶା ତରଫରୁ ବୌଦ୍ଧ ବ୍ଲକ ଅନ୍ତର୍ଗତ ବାଡଁସୁନି ଛକ ଏବଂ ଡିମିରିପାଲି ଗ୍ରାମଠାରେ 'ପ୍ରଭାତଫେରି' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଯୁବ ବାହିନୀର ପ୍ରମୁଖ କାର୍ଯ୍ୟକର୍ତ୍ତା ଉମେଶ ନାୟକ, ସୋମନାଥ ସିଂ, ପ୍ରଶାନ୍ତ କର୍ଣ୍ଣ ତଥା ଅନ୍ୟାନ୍ୟ କ୍ରାନ୍ତିକାରୀ ସାଥୀମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ବାଡଁଶୁଣୀ ସ୍ଥିତ ହନୁମାନ ମନ୍ଦିରଠାରୁ ଆରମ୍ଭ ହୋଇ ଛକ ସହ ଡିମିରିପାଲି ଗ୍ରାମରେ 'ପ୍ରଭାତଫେରି' ଶେଷ ହୋଇଥିଲା। ପରେ ଯୁବ ବାହିନୀର ଚିନ୍ତାଧାରା, ଆର୍ଦଶ ଏବଂ ବାହିନୀକୁ ସୁଦୃଢ କରିବା ପାଇଁ ଯୋଜନା ପ୍ରସ୍ତୁତ କରାଯାଇଥିଲା।

# ଛାତ୍ରୀଙ୍କୁ ଆତ୍ମସୁରକ୍ଷା ପ୍ରଶିକ୍ଷଣ

ବରଗଡ଼ ଅଫିସ୍,୨୪।୪

ବରଗଡ଼ ଜିଲା ସରସରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶନିବାର ଆତ୍ମସୁରକ୍ଷା ତାଲିମ ଶିବିର ଉଦଘାଟିତ ହୋଇଛି। କଲେଜ ଅଧ୍ୟକ୍ଷ ଶ୍ରୀମୁଖ ସାହୁ ଏହାକୁ ଉଦ୍‌ଘାଟନ କରିଥିଲେ। ଛାତ୍ରୀମାନେ କିଭଳି ନିଜକୁ ସୁରକ୍ଷିତ ରଖିପାରିବେ ସେ ସମ୍ପର୍କରେ ଅଧ୍ୟକ୍ଷ ସାହୁ ବିଭିନ୍ନ ଉପାଦେୟ ପରାମର୍ଶ ଦେଇଥିଲେ। କ୍ରୀଡ଼ା ଶିକ୍ଷକ ସୁରେନ୍ଦ୍ର କୁମାର ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଛାତ୍ରୀମାନେ ଶାରୀରିକ ଏବଂ ମାନସିକସ୍ତରରେ କିଭଳି ଦକ୍ଷ ହୋଇପାରିବେ, ତାହା ଉପରେ ପ୍ରଶିକ୍ଷିକା ପ୍ରିୟମ୍ବଦା ତ୍ରିପାଠୀ ପ୍ରଶିକ୍ଷଣ ଦେଇଥିଲେ। ଶିବିରରେ ୫୯ଜଣ ଛାତ୍ରୀ ଅଂଶଗ୍ରହଣ କରିଥିଲେ।


ସରସରା କଲେଜରେ ଛାତ୍ରୀମାନେ ଆତ୍ମସୁରକ୍ଷା ପ୍ରଶିକ୍ଷଣ ନେଉଛନ୍ତି।

# ସମୃଦ୍ଧ ହିନ୍ଦୁ ସମାଜ ଗଠନ ଆହ୍ୱାନ

ଅମରପାଲି,୨୪।୪(ଡି.ଏନ.ଏ



ବଡବର୍ଡାକଟାରେ ଅନୁଷ୍ଠିତ ହିନ୍ଦୁ ଚିନ୍ତନ ମହାସଭାରେ ମଞ୍ଚାସୀନ ଅତିଥିମାନେ।

### ହିନ୍ଦୁ ଚିନ୍ତନ ମହାସଭାରେ ପ୍ରବୀଣ ତୋଗାଡିଆଙ୍କ ବକ୍ତବ୍ୟ

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଖଣ୍ଡହତା ପଞ୍ଚାୟତ ବଡବର୍ଡାକଟାଠାରେ ଅନ୍ତରାଷ୍ଟ୍ରୀୟ ହିନ୍ଦୁ ପରିଷଦ ପକ୍ଷରୁ ହିନ୍ଦୁ ଚିନ୍ତନ ମହାସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ଅନ୍ତରାଷ୍ଟ୍ରୀୟ ହିନ୍ଦୁ ପରିଷଦ ଅଧ୍ୟକ୍ଷ ଡାକ୍ତର ପ୍ରବୀଣ ଭାଇ ତୋଗାଡିଆ ଏଥିରେ ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। ସେ ତାଙ୍କ ବକ୍ତ୍ୟରେ ଅଯୋଧ୍ୟାଠାରେ ରାମ ମନ୍ଦିର ନିର୍ମାଣକୁ ସ୍ୱାଗତ କରିବା ସହ ଏକ ସମୃଦ୍ଧ ଓ ସୁରକ୍ଷିତ ହିନ୍ଦୁ ସମାଜ ଗଠନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥଇସହିତ ଗୋହତ୍ୟା ବନ୍ଦ କରିବା, ଗୋଚାରଣ ଭୂଇଁର ସୁରକ୍ଷା, ମାତୃ ସମାଜର ସୁରକ୍ଷା, ବେରୋଜଗାର ଦୂରୀକରଣ, ଧର୍ମାନ୍ତରୀକରଣ ରୋକିବା, ଋଣମୁକ୍ତ କୃଷକ ଓ ଦରବୃଦ୍ଧି ଆଦି ବିଭିନ୍ନ ପ୍ରସଙ୍ଗ ଉପରେ ସେ ମତ ରଖିଥିଲେ। ସଭାରେ ସଞ୍ଜୟ କୁମାର ସାହୁ, ମନୋଜ ସାହୁ, ଟଙ୍କଧର ମେହେର, ହରିନାରାୟଣ ଚୈତନ୍ୟ, ଆନନ୍ଦ ବାବା, ସୁରମଣି ଦାସ, ସଂଗ୍ରାମ କେଶରୀ ଦାଶ, ମୀନକେତନ ମିଶ୍ର, ଭୂଷଣ ପଧାନ, କ୍ଷେତ୍ରବାସୀ ସାହୁ, ଗିରିଧାରୀ ଗୁରୁ ପ୍ରମୁଖ ମଞ୍ଚାସୀନ ଥିଲେ। ହେମନ୍ତ ମେହେର ମଞ୍ଚ ପରିଚାଳନା କରିଥିଲେ। ଅପରାହ୍ନରେ ତୋଗାଡିଆ ପହଞ୍ଚିବା ପରେ ତାଙ୍କୁ ସଭା ମଞ୍ଚକୁ ପାଛୋଟି ନିଆଯାଇଥିଲା । ଏହି ଅବସରରେ ଅନୁଷ୍ଠିତ ଶୋଭାଯାତ୍ରାରେ ଟିଙ୍ଗରାନାଲି ଓ ରିଜୁମୁଣ୍ଡା ସଂକୀର୍ତ୍ତନ ଦଳ ସମେତ ସ୍ଥାନୀୟ ବଜରଙ୍ଗ ଦଳ ଭାଗ ନେଇଥିଲେ। ଏହି ଅବସରରେ ସ୍ୱେଚ୍ଛାସେବୀ ସଂଗଠନ ସିୟା ଏବଂ ବଜରଙ୍ଗ ଦଳକୁ ଉଲ୍ଲେଖନୀୟ ସେବା କାର୍ଯ୍ୟ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା ।